# ଧରିତ୍ରୀ
DHARITRI

ବୁଧବାର, ମେ ୬/୨୦୨୦ (୨୦ ପୃଷ୍ଠା) | Wednesday, May 6/2020

୪୭ଶ ଭାଗ ୧୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଋଷିଙ୍କୁ ମନେପକାଇଲେ ପାକ୍ ଅଭିନେତ୍ରୀ**

ଋଷି କପୁରଙ୍କ ନିଧନକୁ ପାକ୍ ଅଭିନେତ୍ରୀ ଜେବା ବଖ୍‌ତିୟାର ସହଜରେ ଗ୍ରହଣ କରିପାରି ନାହାନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଋଷିଙ୍କୁ ହରାଇବାର ଦୁଃଖ ବର୍ଣ୍ଣନା କରିଛନ୍ତି।

୦୯

୨୦

**ନିୟମ ଭାଙ୍ଗିଲେ ଜୋକୋଭିଚ୍**

ବିଶ୍ୱର ନମ୍ବରୱାନ ଟେନିସ୍ ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିଚ୍ ସ୍ପେନ୍‌ରେ ଲକଡାଉନ୍ ନିୟମ ଭଙ୍ଗ କରିଛନ୍ତି।



# ବିଦେଶରୁ ଫେରିବେ ୨ ଲକ୍ଷ ଭାରତୀୟ

**ନୂଆଦିଲ୍ଲୀ,୫।୫**

କରୋନା ଭାଇରସ୍ ସାରା ବିଶ୍ୱରେ ତାଣ୍ଡବ ରଚିଛି। ଏହାର ମୁକାବିଲା ପାଇଁ ବିଭିନ୍ନ ଦେଶରେ ଜାରି ଲକ୍‌ଡାଉନ୍ ଯୋଗୁ ଲକ୍ଷ ଲକ୍ଷ ଭାରତୀୟ ଫସିରହିଛନ୍ତି। ତେଣୁ ବିଦେଶରେ ଫସିଥିବା ପ୍ରାୟ ୨ ଲକ୍ଷ ଭାରତୀୟଙ୍କୁ ସ୍ୱତନ୍ତ୍ର ବିମାନରେ ସ୍ୱଦେଶକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଆସନ୍ତା ୭ରୁ ୧୩ ତାରିଖ ମଧ୍ୟରେ ୬୪ଟି ସ୍ୱତନ୍ତ୍ର ବିମାନରେ ସେମାନଙ୍କୁ ଅଣାଯିବ ବୋଲି ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ସୂଚନା ଦେଇଛନ୍ତି। ଲଣ୍ଡନରୁ ଫେରିବାକୁ ଥିବା ଯାତ୍ରୀଙ୍କୁ ବିମାନ ଯାତ୍ରା ପାଇଁ ୫୦,୦୦୦ ଟଙ୍କା ଦେବାକୁ ପଡ଼ିବ। ସେହିପରି ଆମେରିକାରୁ ୧ ଲକ୍ଷ ଓ ଦୁବାଇରୁ ଫେରିବାକୁ ଥିବା ଭାରତୀୟଙ୍କୁ ଟିକେଟ ବାବଦକୁ ୧୩,୦୦୦ ଟଙ୍କା ଦେବାକୁ ପଡ଼ିବ। ବିଦେଶରେ ଫସିଥିବା ଭାରତୀୟଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଏହାକୁ କେନ୍ଦ୍ର ସରକାରଙ୍କ ସବୁଠୁ ବଡ଼ ପ୍ରସ୍ତୁତି ବୋଲି କୁହାଯାଉଛି।

**ଆଣିବାକୁ ଯିବ ୬୪ ସ୍ୱତନ୍ତ୍ର ବିମାନ**



କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ବିଦେଶରେ କେତେ ଭାରତୀୟ ଫସିରହିଛନ୍ତି ସେନେଇ ନିର୍ଦ୍ଦିଷ୍ଟ ଭାବେ କହିହେଉ ନାହିଁ। ତେବେ ସରକାରଙ୍କ ପ୍ରାରମ୍ଭିକ ଆକଳନ ଅନୁସାରେ ଏହି ସଂଖ୍ୟା ୨ ଲକ୍ଷରୁ ଊର୍ଦ୍ଧ୍ୱ। ଏହି ପ୍ରୟାସ ସହ ଅନ୍ୟ ରାଜ୍ୟ ଓ ମନ୍ତ୍ରଣାଳୟଗୁଡ଼ିକର ସମ୍ପୃକ୍ତି ପରେ ଫେରିବାକୁ ଥିବା ଭାରତୀୟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହି ଭାରତୀୟମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ୬୪ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୪,୮୦୦ ଭାରତୀୟ ନାଗରିକ ଫେରିବେ। ପ୍ରଥମ ପର୍ଯ୍ୟାୟରେ ଭାରତରୁ ଆମେରିକା, ଫିଲିପାଇନ୍ସ, ସିଙ୍ଗାପୁର, ବାଂଲାଦେଶ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବ୍ରିଟେନ, ସୌଦି ଆରବ, କାତାର, ଓମାନ, ବାହାରିନ୍ ଓ କୁଏଟ୍ ଭଳି ୧୩ଟି ଦେଶରୁ ଭାରତୀୟଙ୍କୁ ଅଣାଯିବ। ସର୍ବାଧିକ ୧୫ଟି ସ୍ୱତନ୍ତ୍ର ବିମାନ କେରଳରୁ ଯିବ। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଏବଂ ☞ପୃଷ୍ଠା-୪

## ଟିକେଟ ଖର୍ଚ୍ଚ କେଉଁଠୁ କେତେ

ବିଦେଶରେ ଫସିଥିବା ଭାରତୀୟମାନେ ସ୍ୱଦେଶକୁ ଫେରିବାକୁ ଚାହିଁଥିଲେ ସେମାନେ ନିଜ ଖର୍ଚ୍ଚରେ ଆସିବେ। ଯାତ୍ରୀମାନଙ୍କୁ ଲଣ୍ଡନରୁ ଦିଲ୍ଲୀ, ମୁମ୍ବାଇ କିମ୍ବା ବେଙ୍ଗାଲୁରୁକୁ ବିମାନରେ ଆସିବା ଲାଗି ଟିକେଟ ଖର୍ଚ୍ଚ ୫୦,୦୦୦ ଟଙ୍କା ଦେବାକୁ ପଡ଼ିବ। ସେହିପରି ଆମେରିକାର ନେୱାର୍କ, ଶିକାଗୋ କିମ୍ବା ସାନ୍ ଫ୍ରାନ୍ସିସ୍କୋରୁ ଫେରିବାକୁ ଥିବା ଭାରତୀୟ ୧ ଲକ୍ଷ ଟଙ୍କା ଦେବେ। ଦୁବାଇ ଓ ଆବୁଧାବିରୁ ପ୍ରତ୍ୟାବର୍ତ୍ତନ ଚାହୁଁଥିବା ଭାରତୀୟ ଏହି ବାବଦକୁ ଯଥାକ୍ରମେ ୧୩,୦୦୦ ଓ ୧୫,୦୦୦ ଟଙ୍କା ଦେଇ ଟିକେଟ କାଟିବେ। ସିଙ୍ଗାପୁରରେ ଥିବା ଭାରତୀୟମାନେ ଜଣପିଛା ଯଥାକ୍ରମେ ୨୦,୦୦୦ ଓ ୧୮,୦୦୦ ଟଙ୍କା ଦେଇ ଦିଲ୍ଲୀ ଓ ବେଙ୍ଗାଲୁରୁ ଫେରିପାରିବେ। ଢାକାରୁ ଦିଲ୍ଲୀକୁ ଫେରିବାକୁ ଥିବା ସ୍ୱତନ୍ତ୍ର ବିମାନର ଟିକେଟ ଖର୍ଚ୍ଚ ୧୨,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଶ୍ରୀନଗରକୁ ଆସିବାକୁ ଚାହୁଁଥିବା ଭାରତୀୟଙ୍କୁ ଯାତ୍ରା ଖର୍ଚ୍ଚ ୧୫,୦୦୦ ଟଙ୍କା ପଡ଼ିବ। କୁଏଟ୍‌ରୁ ଅହମଦାବାଦ ଓ ହାଇଦ୍ରାବାଦକୁ ଆସିବାକୁ ଥିବା ବିମାନର ଟିକେଟ ମୂଲ୍ୟ ଯଥାକ୍ରମେ ୧୪,୦୦୦ ଓ ୨୦,୦୦୦ ଟଙ୍କା ରଖାଯାଇଛି।

## ଜେଇଇ, ଏନ୍‌ଇଇଟି ପାଇଁ ତାରିଖ ଘୋଷଣା

**ହେବନି ସିବିଏସ୍‌ଇ ୧୦ମ ପରୀକ୍ଷା**

- ଜୁଲାଇ ୧୮ରୁ ୨୩ ମଧ୍ୟରେ ଜେଇଇ ମେନ୍
- ଜୁଲାଇ ୨୬ରେ ଏନ୍‌ଇଇଟି

**ଭୁବନେଶ୍ୱର,୫।୫(ବ୍ୟୁରୋ):** ଦେଶରେ ବ୍ୟାପୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜେଇଇ ମେନ୍ ଓ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି ୟୁଜି ୨୦୨୦) ନେଇ ମଙ୍ଗଳବାର ତାରିଖ ଘୋଷଣା କରାଯାଇଛି। ଗତ ଏପ୍ରିଲ୍‌ରେ ଅନୁଷ୍ଠିତ ହେବାକୁ ଥିବା ଜେଇଇ ମେନ୍ ପ୍ରବେଶିକା ପରୀକ୍ଷା ଆସନ୍ତା ଜୁଲାଇ ୧୮ ରୁ ୨୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ସେହିଭଳି ମେ' ୩ରେ ହେବାକୁ ଥିବା ଏନ୍‌ଇଇଟି ପରୀକ୍ଷା ଜୁଲାଇ ୨୬ରେ ହେବ। ଏହାବ୍ୟତୀତ ଜେଇଇ ଆଡ୍‌ଭାନ୍ସ ପରୀକ୍ଷା ଅଗଷ୍ଟ ମାସରେ ଅନୁଷ୍ଠିତ ହେବ। ତେବେ ଜେଇଇ ଆଡ୍‌ଭାନ୍ସ ପାଇଁ ଏପର୍ଯ୍ୟନ୍ତ ତାରିଖ ଘୋଷଣା ହୋଇ ନ ଥିବା ବେଳେ ଖୁବ୍‌ଶୀଘ୍ର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କେନ୍ଦ୍ର ମାନବସମ୍ବଳ ବିକାଶ ☞ପୃଷ୍ଠା-୪

# ସୁରଟରୁ ବସ୍ ନୁହେଁ, ଟ୍ରେନ୍‌ରେ ଫେରିବେ ଶ୍ରମିକ

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ଗୁଜରାଟର ସୁରଟରୁ ଓଡ଼ିଶା ଫେରୁଥିବା ଶ୍ରମିକମାନେ ଆଉ ବସ୍‌ରେ ଆସିବେ ନାହିଁ। ଦୀର୍ଘବାଟ ହୋଇଥିବାରୁ ଫେରିବା ସମୟରେ ଖାଇବା ପିଇବାରେ ଅସୁବିଧା, ଅଂଶୁଘାତ, ଦୁର୍ଘଟଣା ଭଳି ସମସ୍ୟା ଦେଖାଦେଉଛି। ମହିଳା ଓ ଶିଶୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୁରଟ ଫେରନ୍ତାଙ୍କୁ ବସ୍‌ରେ ଆସିବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଶ୍ରମିକମାନେ କେବଳ ଟ୍ରେନ୍‌ରେ ଆସିବେ ବୋଲି ନିଷ୍ପତ୍ତି ହୋଇଛି। ମଙ୍ଗଳବାର କୋଭିଡ୍-୧୯ ସଂକ୍ରମଣ ଓ ଏହାଦ୍ୱାରା ଉପୁଜୁଥିବା ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଜ୍ୟରେ କୋଭିଡ୍ ନମୁନା ପରୀକ୍ଷା ଦିନକୁ ୧୫ ହଜାର ବୃଦ୍ଧି କରାଯିବ। ଗ୍ରୀନ୍ ଜୋନ୍‌ରେ କୃଷି କାର୍ଯ୍ୟ, ଶିଳ୍ପ, ଜୀବନଜୀବିକା ଓ ପରିବହନ ସ୍ୱାଭାବିକ ହେବ। ଶିଳ୍ପସଂସ୍ଥାଗୁଡ଼ିକର ସମସ୍ୟାର ସମାଧାନ ପାଇଁ ଏକ ଆଦର୍ଶ ନୀତି ପ୍ରଣୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡ଼ିକର ଋଣ ସହାୟତା ରାଶି ବୃଦ୍ଧି କରାଯିବ। ମିଶନ ଶକ୍ତି ମହିଳାମାନେ କଠିନ ପରିସ୍ଥିତିରେ ୧ କୋଟିରୁ ଅଧିକ ମିଲ୍ ଯୋଗାଇ ସାରିଲେଣି। ପ୍ରତି ମିଲ୍ ପିଛା ସେମାନଙ୍କୁ ୨ଟଙ୍କା ଲେଖାଏ ପ୍ରୋତ୍ସାହନମୂଳକ ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗଞ୍ଜାମ, କେନ୍ଦ୍ରାପଡ଼ା, ବଲାଙ୍ଗୀର, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଭଳି ଜିଲାରୁ ଅଧିକ ଲୋକ ବାହାର ରାଜ୍ୟରେ କାମ କରୁଛନ୍ତି। ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଆଗାମୀ ଖରିଫ ଋତୁ ପାଇଁ ବିହନ ଓ ଅନ୍ୟାନ୍ୟ କୃଷି ଉପକରଣ ଯେପରି ସୁବିଧାରେ ଚାଷୀମାନେ ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ବୈଠକରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ☞ପୃଷ୍ଠା-୪



**ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍-୧୯ ମୁକାବିଲା ସମୀକ୍ଷା**

- ପ୍ରତି ମିଲ୍ ପ୍ରସ୍ତୁତ ପାଇଁ ଏସ୍‌ଏଚ୍‌ଜିଙ୍କୁ ମିଳିବ ୨ ଟଙ୍କା ପ୍ରୋତ୍ସାହନ ରାଶି
- ଚାଷୀ, ଏସ୍‌ଏଚ୍‌ଜିଙ୍କ ଋଣ ସହାୟତା ରାଶି ବଢ଼ିବ
- ଦୈନିକ ୧୫ ହଜାର କୋଭିଡ୍ ପରୀକ୍ଷା ନିଷ୍ପତ୍ତି

## ଆଉ ୭ ପଜିଟିଭ, ୬ ବାହାର ଫେରନ୍ତା

- ୨ ସୁରଟ, ୪ଜଣଙ୍କ ପଶ୍ଚିମବଙ୍ଗ ଲିଙ୍କ୍
- ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୭୬କୁ ବୃଦ୍ଧି

**ଭୁବନେଶ୍ୱର, (ବ୍ୟୁରୋ)/ ରସୁଲପୁର, ୫।୫(ଡି.ଏନ୍.ଏ.)**

ବାହାର ରାଜ୍ୟ ଫେରନ୍ତାଙ୍କ ପାଇଁ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଦିଲ୍ଲୀ ନିଜାମୁଦ୍ଦିନ, ପଶ୍ଚିମବଙ୍ଗ ପରେ ଏବେ ଗୁଜରାଟ ଫେରନ୍ତା ସରକାରଙ୍କ ଚିନ୍ତା ବଢ଼ାଇଛନ୍ତି। ମଙ୍ଗଳବାର ରାଜ୍ୟରେ ଆଉ ୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟର ୩ଜଣ ବାଲେଶ୍ୱରର ଥିବାବେଳେ କଟକ, ଗଞ୍ଜାମ, ସୁନ୍ଦରଗଡ଼ ଓ ଯାଜପୁର ଜିଲାରେ ଜଣେ ଲେଖାଏ ରହିଛନ୍ତି। କଟକ ଓ ଗଞ୍ଜାମର ନୂଆ ଆକ୍ରାନ୍ତ ଗୁଜରାଟ ସୁରଟ ଫେରନ୍ତା ବୋଲି ଜଣାପଡ଼ିଥିବାବେଳେ ବାଲେଶ୍ୱର, ଯାଜପୁର ଓ ସୁନ୍ଦରଗଡ଼ ଆକ୍ରାନ୍ତଙ୍କ କୋଲକାତା ଲିଙ୍କ୍ ରହିଥିବା ☞ପୃଷ୍ଠା-୪

**ବହୁଦିନ ପରେ କଟକ ଜିଲାରୁ ଆଉଜଣେ ଚିହ୍ନଟ**



ଲକ୍‌ଡାଉନ୍ କୋହଳର ଦ୍ୱିତୀୟ ଦିନରେ କଟକ ରାଣୀହାଟ ଟ୍ରାଫିକ୍ ଛକ ଜନଗହଳିପୂର୍ଣ୍ଣ।

## ଜମ୍ମୁ-କଶ୍ମୀରର ୩ ଫଟୋଜର୍ଣ୍ଣାଲିଷ୍ଟଙ୍କୁ ପୁଲିଜର ପୁରସ୍କାର

**ଜୀବନର ପ୍ରଭାବଶାଳୀ ଚିତ୍ର**



ମୁଖ୍‌ତାର ଖାନ୍, ୟାସିନ ଦାର୍ ଓ ଚନ୍ନି ଆନନ୍ଦ

**ନୂଆଦିଲ୍ଲୀ,୫।୫**

ବିଶ୍ୱରେ ମହାମାରୀ କରୋନା ସଂକ୍ରମିତ କରିଥିବାବେଳେ ଚଳିତବର୍ଷର ପୁଲିଜର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ସୋମବାର ରାତିରେ ଅନ୍‌ଲାଇନ୍‌ରେ ଏହା ଘୋଷଣା କରାଯାଇଛି। ଫଟୋଜର୍ଣ୍ଣାଲିଜମ୍ କ୍ଷେତ୍ରରେ ଜମ୍ମୁ-କଶ୍ମୀରର ୩ ଫଟୋଜର୍ଣ୍ଣାଲିଷ୍ଟଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ସେମାନେ ହେଲେ ଆସୋସିଏଟେଡ୍ ପ୍ରେସ୍ (ଏପି)ରେ କାର୍ଯ୍ୟରତ ମୁଖ୍‌ତାର ଖାନ୍, ୟାସିନ ଦାର୍ ଓ ଚନ୍ନି ଆନନ୍ଦ। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରବର୍ତ୍ତୀ ସ୍ଥିତିକୁ ଏମାନେ ଲୋକଲୋଚନକୁ ଆଣିଥିଲେ। ପୁଲିଜର ପୁରସ୍କାର ପାଇଁ ନାମ ଘୋଷଣା ପରେ ଏମାନଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲାଙ୍କ ସମେତ ଅନେକ ନେତା ପୁଲିଜର ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅଂଶୁଘାତରେ ଚାଷୀ ମୃତ୍ୟୁ ଅଭିଯୋଗ

**ନୟାଗଡ଼ ଅଫିସ/ରଣପୁର,୫।୫(ସ୍ୱ.ପ୍ର.):** ଜମିରେ କାମ କରୁଥିବାବେଳେ ମଙ୍ଗଳବାର ଅଂଶୁଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ରଣପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ବାରିକ(୩୩), ଘର ନୟାଗଡ ଜିଲା ରଣପୁର ବ୍ଲକ ବଜ୍ରକୋଟ ଗାଁରେ। ରଣପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ଅନୁସାରେ ମଙ୍ଗଳବାର ଖରାର ପ୍ରକୋପ ଅଧିକ ଥିଲା। ଜମିରେ ପୂର୍ଣ୍ଣଚନ୍ଦ୍ର ଓ ସାନ ଭାଇ ଘନ କାମ କରୁଥିଲେ। ପରେ ଘନ ଘରକୁ ଚାଲି ଯାଇଥିଲେ ମଧ ପୂର୍ଣ୍ଣଚନ୍ଦ୍ର ଫେରି ନ ଥିଲେ। ପରିବାର ଲୋକେ ଡାକିବାକୁ ଯାଇଥିବାବେଳେ ବିଲରେ ପୂର୍ଣ୍ଣଚନ୍ଦ୍ର ଅଚେତ ହୋଇ ପଡିଥିବା ଦେଖିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଚାଷବାସ କରୁଥିଲେ ହେଁ ଦହିବରା ବିକି ପରିବାର ଚଳାଉଥିଲେ। ତାଙ୍କ ମୃତ୍ୟୁରେ ପରିବାର ବେସାହାରା ହୋଇପଡିଛି।

**ଆଜିର ସମ୍ପାଦକୀୟ**

ଶୁଣିବ ବା କିଏ

# ଜିଲାପାଳଙ୍କ ପଲା ଭାରି

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

**ମଦ କାରବାର**

ରାଜ୍ୟର ମଦ ଦୋକାନ ଖୋଲିବା ନେଇ ଦ୍ୱନ୍ଦ୍ୱ ଏ ପର୍ଯ୍ୟନ୍ତ ଦୂର ହୋଇପାରୁନାହିଁ। ଗତ ୧ ତାରିଖରେ ଦେଶର ସମସ୍ତ ଗ୍ରୀନ ଜୋନ୍ ଅଞ୍ଚଳରେ ମଦ ଦୋକାନ ଖୋଲିବାକୁ କେନ୍ଦ୍ର ସରକାର ଅନୁମତି ଦେଇଥିଲେ। ହେଲେ ଓଡ଼ିଶାରେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଏହା ପଛରେ ଲୁଚି ରହିଥିବା କାରଣ ଦର୍ଶାଇ ଧରିତ୍ରୀରେ ସୋମବାର 'ମଦ ବିକ୍ରି: ଅମଙ୍ଗ କାହିଁକି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏବେ ମଦଦୋକାନ ମାଲିକ ସଂଘ ଦୋକାନ ନ ଖୋଲିବାକୁ ଦାବି କରୁଛନ୍ତି। ଏପରି କି କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ ମଧ୍ୟ ମଦଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ କରି ମଙ୍ଗଳବାର କଟକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ମୌନ ପ୍ରତିବାଦ କରିଥିଲେ। ମଦ ଦୋକାନ ଖୋଲିବ କି ବନ୍ଦ ରହିବ ସେନେଇ ଅବକାରୀ ବିଭାଗ ସଚିବ ଏସ୍.କେ ଲୋହାନୀ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟରେ କୌଣସି ମଦ ଦୋକାନ ନ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟରାଜ୍ୟର ପରିସ୍ଥିତି ତଥା ସାମାଜିକ ଦୂରତ୍ୱ ଆଦିକୁ ସମୀକ୍ଷା କରିବା ପରେ ମଦଦୋକାନ ଖୋଲିବା ନେଇ ନିଷ୍ପତ୍ତି ନିଆଯିବ। ବିଭାଗ ପକ୍ଷରୁ ସବୁଜ ସଙ୍କେତ ମିଳିବା ପରେ ଜିଲାପାଳମାନେ ସେମାନଙ୍କ ଅଞ୍ଚଳରେ କେଉଁ କେଉଁ ମଦଦୋକାନ ଖୋଲିବେ ସେନେଇ ନିଷ୍ପତ୍ତି ନେବେ ବୋଲି ଲୋହାନୀ କହିଛନ୍ତି।

ବିଭାଗୀୟ ସଚିବ ଲୋହାନୀଙ୍କ ଏଭଳି ପ୍ରତିକ୍ରିୟା ପରେ ଏବେ ମଦଦୋକାନ ଖୋଲିବ କି ବନ୍ଦ ରହିବ ସେନେଇ ନିଷ୍ପତ୍ତି ନେବା ଅଧିକାର ଜିଲାପାଳଙ୍କ ହାତକୁ ଚାଲିଯାଇଥିବା ନିଶ୍ଚିତ ହୋଇଯାଇଛି। ଅର୍ଥାତ ଜିଲାର ମଦ ଦୋକାନ ଖୋଲିବ କିମ୍ବା ବନ୍ଦ ରହିବ ଏବଂ ଯଦି ଖୋଲିବ ତା'ହେଲେ କେବେ ଖୋଲିବ ତାହା ଜିଲାପାଳ ନିଷ୍ପତ୍ତି ନେବେ। ପୂର୍ବରୁ ବିଭିନ୍ନ ଜିଲାର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟମାନେ ମଦ ଦୋକାନ ଖୋଲିବା ଓ ବନ୍ଦ ହେବା ନେଇ ନିଷ୍ପତ୍ତି ନେଉଥିଲେ। ଯେହେତୁ ଲକ୍‌ଡାଉନ୍ ସମୟରେ ଦୋକାନ ବନ୍ଦ ଥାଇ ମଧ୍ୟ ଅଧିକାଂଶ ଦୋକାନରୁ ମଦ ଖାଲି ହୋଇଯାଇଛି, ତେଣୁ ସରକାର ଅବକାରୀ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକୁ ବିଶ୍ୱାସକୁ ନେଉନାହାନ୍ତି। ଏଥିପାଇଁ ସରକାର ଜିଲାପାଳଙ୍କୁ କ୍ଷମତା ଦେବା ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଜିଲାପାଳମାନେ ଏବେ ମଦ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦେବା ପୂର୍ବରୁ ତଦନ୍ତ ନିଶ୍ଚିତ କରିବେ। ଆଉ ମଦ ବ୍ୟବସାୟୀମାନେ ନିଜର ଦୋଷ ଦୁର୍ବଳତା ଲୁଚାଇବା ପାଇଁ ଜିଲାପାଳଙ୍କ ସହ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରିବେ। ପୂର୍ବରୁ ଅବକାରୀ ବିଭାଗର ଛୋଟ ବଡ଼ ଅଧିକାରୀଙ୍କୁ ସନ୍ତୁଷ୍ଟ କରିବାକୁ ମଦ ଦୋକାନୀମାନେ ଯେତିକି ଖର୍ଚ୍ଚ କରୁଥିଲେ, ଏବେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଖୁସି କରିବା ପାଇଁ ଖର୍ଚ୍ଚର ପରିମାଣ ବଢ଼ିବ। ଅପରପକ୍ଷେ ବର୍ଦ୍ଧିତ ଖର୍ଚ୍ଚକୁ ଭରଣା କରିବା ପାଇଁ ବ୍ୟବସାୟୀମାନେ ବୋତଲ ଉପରେ ଲେଖାଥିବା ଖାଉଟି ମୂଲ୍ୟଠାରୁ ☞ପୃଷ୍ଠା-୪

# କେତେ କୃତଘ୍ନ ହେବା

**ଭୁବନେଶ୍ୱର, ୫।୫ (ଜିତେନ୍ଦ୍ର କୁମାର ନାୟକ)**

କରୋନା ଭାଇରସ୍ ସଂକ୍ରମଣରୁ ଦେଶକୁ ରକ୍ଷାକରିବା ପାଇଁ ଲକ୍‌ଡାଉନ୍ ଅବଧିକୁ ମେ' ୧୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କିଛିଦିନ ହେବ କୁହାଯାଇଆସୁଛି ଯେ, ଚଳିତ ମାସ ଶେଷ ଆଡ଼କୁ ସଂକ୍ରମଣ ସ୍ତର ବୃଦ୍ଧି ପାଇବ। ମଙ୍ଗଳବାରର କୋଭିଡ୍-୧୯ ସ୍ଥିତି ଦେଖିଲେ ୨୪ ଘଣ୍ଟା ମଧ୍ୟରେ ଭାରତରେ ପାଖାପାଖି ୪ ହଜାର ବ୍ୟକ୍ତିଙ୍କ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୯୫ ଜଣଙ୍କ ମୃତ୍ୟୁ ଘଟିଛି। ତେଣୁ ସରକାରଙ୍କ ତତ୍ପରତା ବୃଦ୍ଧି ପାଇବା ସ୍ୱାଭାବିକ। ଅନ୍ୟପଟେ ଜୀବନ ଓ ଜୀବିକା ଉଭୟକୁ ଗୁରୁତ୍ୱ ଦେବାକୁ ଯାଇ ତାଲାବନ୍ଦ ନିୟମରେ କିଛିଟା କୋହଳ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବିଭିନ୍ନ ରାଜ୍ୟରେ କାମ କରିବାକୁ ଯାଇ ଫସିରହିଥିବା ଶ୍ରମିକମାନଙ୍କୁ ନିଜ ଅଞ୍ଚଳକୁ ଫେରାଇ ଆଣିବା ପାଇଁ ସରକାରଗୁଡ଼ିକ ପଦକ୍ଷେପ ନେଉଛନ୍ତି। ଇତିମଧ୍ୟରେ ଓଡ଼ିଶା ବାହାରେ କାମ କରିବାକୁ ଯାଇଥିବା ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୨୦ ହଜାର ରାଜ୍ୟକୁ ଫେରି ଆସିଲେଣି। ହେଲେ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ଅସ୍ୱାଭାବିକ ବ୍ୟବହାର ଏବେ ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଏହି ପ୍ରବାସୀ ଓଡ଼ିଆଙ୍କ ଚରିତ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଫଳିତ ହେବା ଓ ସେହି ସମ୍ବନ୍ଧୀୟ ଭିଡିଓ ଭାଇରାଲ ହେବା ପରେ ଗାଁଠୁ ସହର ଯାଏ ଲୋକେ କହିବା ଆରମ୍ଭ କଲେଣି କେତେ କୃତଘ୍ନ ଏମାନେ। ରାଜ୍ୟ ସରକାର ଏମାନଙ୍କ ସୁରକ୍ଷା ପାଇଁ ଚିନ୍ତା କରି ପ୍ରଶାସନିକ ସ୍ତରରେ ଯେତେ ବନ୍ଦୋବସ୍ତ କଲେ ମଧ୍ୟ ସେମାନେ ସାମାନ୍ୟତମ କୃତଜ୍ଞତା ପ୍ରଦର୍ଶନ କରୁନାହାନ୍ତି।

ଭଦ୍ରକ ଜିଲା ତିହିଡ଼ି ବ୍ଲକର ଭାଟପଡ଼ା ପଞ୍ଚାୟତ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ କୋଲକାତା ଫେରନ୍ତାଙ୍କ ଟିକ୍‌ଟକ୍ ଭିଡିଓ ଏବେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏମାନେ ହାତରେ ଝାଡୁ, ଥାଳି, ଗିନା ଧରି ଗୀତନାଚରେ ମସ୍‌ଗୁଲ ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି। କରୋନା ଭୂତାଣୁ ସଂକ୍ରମଣରୁ ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସାମାଜିକ ଦୂରତ୍ୱ ବଜାୟ ରଖିବା, ମାସ୍କ ପିନ୍ଧିବା ଓ ହାତ ଧୋଇବା ଉପରେ ଗଣମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ହେଲେ ଏହି ଟିକ୍‌ଟକ୍ ଭିଡିଓ ଦେଖିଲେ କେତେଜଣ ଅମାନିଆ ନିୟମାବଳୀକୁ ମାନିବାକୁ ସାମାନ୍ୟ ଚେଷ୍ଟା କରିନାହାନ୍ତି। ସେହିପରି ଅନ୍ୟ ଏ ଭିଡିଓ ଯାହା ରାଜ୍ୟବାସୀଙ୍କୁ ଚକିତ କରିଛି, ତାହା ଗଞ୍ଜାମ ☞ପୃଷ୍ଠା-୪



ଧରିତ୍ରୀ
DHARITRI
ବୁଧବାର, ୬ ମେ, ୨୦୨୦




କରୋନା ଭୂତାଣୁର ପ୍ରକୋପ ବଢ଼ିଚାଲିଥିବାରୁ ତେଲଙ୍ଗାନାରେ ଏକ ହଜାରରୁ ଉର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। କ୍ରମବର୍ଦ୍ଧିଷ୍ଣୁ ରୋଗୀଙ୍କୁ ନେଇ ଚିନ୍ତା ବଢ଼ିଥିଲାବେଳେ ରାଜ୍ୟ ସରକାର ଲକ୍‌ଡାଉନ୍ ଅବଧିକୁ ମେ ୨୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା ଲାଗି ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।






କରୋନା ଯୋଦ୍ଧାଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ କେରଳର ଏର୍ନାକୁଲମ୍ ଜେନେରାଲ ହସ୍ପିଟାଲ କାନ୍ଥରେ ଚିତ୍ର କରୁଛନ୍ତି ଜଣେ କାର୍ଟୁନିଷ୍ଟ।

## ଆନ୍ଧ୍ରରେ ମହଙ୍ଗା ହେଲା ମଦ

**ନୂଆଦିଲ୍ଲୀ, ୫।୫:** ଲକ୍‌ଡାଉନ୍ ଅବଧି ତୃତୀୟ ଥର ଲାଗି ବଢ଼ିଥିବା ବେଳେ ଆନ୍ଧ୍ରପ୍ରଦେଶରେ ମଦ ଦର ପୁଣି ୫୦% ମହଙ୍ଗା ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ୨୫% ଦର ବୃଦ୍ଧି କରାଯାଇଥିବା ବେଳେ ପୁଣି ଏହାକୁ ବଢ଼ାଯାଇଛି। ଏହା ସତ୍ତ୍ୱେ ଲୋକଙ୍କ ମନରେ ଉତ୍ସାହ କମିନାହିଁ। ବିଭିନ୍ନ ମଦ ଦୋକାନରେ ମଙ୍ଗଳବାର ଲୋକମାନଙ୍କ ଗହଳି ଦେଖିବାକୁ ମିଳିଛି। ଏବେ ରାଜ୍ୟରେ ୩,୪୬୮ ରିଟେଲ କାଉଣ୍ଟର ରହିଛି। ଏଥିମଧ୍ୟରୁ କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ ୫୦୦ ମଦ ଦୋକାନ ଅଛି। ଏସବୁକୁ ରାଜ୍ୟ ଅବକାରୀ ବିଭାଗ ଚଳାଉଛି। ସୋମବାର ମଦ ଦୋକାନ ଖୋଲିବା ମାତ୍ରେ ଅସମ୍ଭବ ଭିଡ଼ ହେବାରୁ ସରକାର ଏହା ଉପରେ ତୁରନ୍ତ ୭୫% ଦରବୃଦ୍ଧି କରିଥିଲେ। ଦିଲ୍ଲୀରେ ମଧ୍ୟ ୭୦% ଦରବୃଦ୍ଧି କରାଯାଇଥିଲା। ଏବେ ସରକାର ପୂର୍ବାହ୍ନ ୧୧ଟାରୁ ରାତି ୮ଟା ମଧ୍ୟରେ ମଦ ଦୋକାନ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଜନଗହଳିକୁ ରୋକିବା ଓ ମଦ ଅପମିଶ୍ରଣ ଉପରେ ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିହାରରୁ ଦିଶୁଛି ଏଭରେଷ୍ଟ ଶୃଙ୍ଗ



କରୋନା ଭାଇରସ୍‌ର ମୁକାବିଲା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଜାରି ରହିଥିବାରୁ ବାୟୁ ପ୍ରଦୂଷଣର ମାତ୍ରା ହ୍ରାସ ପାଇଛି। ଏଥିଯୋଗୁ ବିହାରର ସୀତାମାଢ଼ି ଜିଲା ସିଂହବାହିନୀ ଗ୍ରାମରୁ ନେପାଳରେ ଥିବା ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟ ଦେଖାଯାଉଛି। ଏହି ଗ୍ରାମ ପଞ୍ଚାୟତର ସରପଞ୍ଚ ରିତୁ ଜୟସ୍ୱାଲ ଏହାର ଫଟୋ ଉଠାଇ ଟୁଇଟର୍‌ରେ ଶେୟାର କରିବା ପରେ ଭାଇରାଲ ହୋଇଛି।

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୧୪,୫୪୧ | ୧୧,୪୯୩ | ୨,୪୬୫ | ୫୮୩ |
| ତାମିଲନାଡୁ | ୪,୦୫୮ | ୨,୫୪୦ | ୧,୪୮୫ | ୩୩ |
| ଦିଲ୍ଲୀ | ୫,୧୦୪ | ୩,୫୭୨ | ୧,୪୬୮ | ୬୪ |
| ତେଲଙ୍ଗାନା | ୧,୦୮୫ | ୪୭୧ | ୫୮୫ | ୨୫ |
| କେରଳ | ୫୦୩ | ୩୭ | ୪୬୨ | ୪ |
| ଉତ୍ତରପ୍ରଦେଶ | ୨,୮୮୦ | ୨,୦୨୮ | ୮୦୨ | ୫୦ |
| ଆନ୍ଧ୍ରପ୍ରଦେଶ | ୧,୭୧୭ | ୧,୦୯୪ | ୫୮୯ | ୩୪ |
| ରାଜସ୍ଥାନ | ୩,୧୨୭ | ୧,୫୮୧ | ୧,୪୮୪ | ୮୨ |
| ମଧ୍ୟପ୍ରଦେଶ | ୩,୦୪୯ | ୧,୮୭୩ | ୧,୦୦୦ | ୧୭୬ |
| କର୍ଣାଟକ | ୬୭୩ | ୩୧୩ | ୩୩୧ | ୨୮ |
| ଗୁଜରାଟ | ୬,୨୪୫ | ୪,୪୯୬ | ୧,୩୮୧ | ୩୬୮ |
| ହରିୟାଣା | ୫୪୮ | ୨୮୬ | ୨୫୬ | ୬ |
| ଜମ୍ମୁ-କଶ୍ମୀର | ୭୪୧ | ୪୧୩ | ୩୨୦ | ୮ |
| ପଶ୍ଚିମବଙ୍ଗ | ୧,୩୪୪ | ୯୪୦ | ୨୬୪ | ୧୪୦ |
| ପଞ୍ଜାବ | ୧,୪୫୧ | ୧,୨୯୩ | ୧୩୩ | ୨୫ |
| ଓଡ଼ିଶା | ୧୭୫ | ୧୧୪ | ୬୦ | ୧ |
| ବିହାର | ୫୩୫ | ୩୯୭ | ୧୩୪ | ୪ |
| ଉତ୍ତରାଖଣ୍ଡ | ୬୧ | ୨୧ | ୩୯ | ୧ |
| ଆସାମ | ୪୪ | ୧୦ | ୩୩ | ୧ |
| ଚଣ୍ଡିଗଡ଼ | ୧୧୫ | ୯୩ | ୨୧ | ୧ |
| ଲଦାଖ | ୪୨ | ୨୫ | ୧୭ | - |
| ହିମାଚଳ ପ୍ରଦେଶ | ୪୧ | ୨ | ୩୪ | ୨ |
| ଆଣ୍ଡାମାନ ଓ ନିକୋବର | ୩୩ | ୧ | ୩୨ | - |
| ଛତିଶଗଡ଼ | ୫୮ | ୨୨ | ୩୬ | - |
| ଗୋଆ | ୭ | | ୭ | - |
| ପୁଡୁଚେରୀ | ୯ | ୩ | ୬ | - |
| ଝାଡ଼ଖଣ୍ଡ | ୧୧୯ | ୮୯ | ୨୭ | ୩ |
| ମଣିପୁର | ୨ | | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୨୯ | ୨୭ | ୨ | - |
| ମୋଟ | ୪୮,୩୫୦ | ୩୩,୨୩୬ | ୧୩,୪୬୬ | ୧,୬୪୪ |

https://www.covid19india.org ତଥ୍ୟ ଅନୁଯାୟୀ(ମଙ୍ଗଳବାର ରାତି ୯ଟା ୩୦ ସୁଦ୍ଧା)

# ବିବାଦରେ ପୁଲିଜର ପୁରସ୍କାର

**ନୂଆଦିଲ୍ଲୀ,୫।୫(ଆଇଏଏନ୍‌ଏସ୍)**

ଏକ ବିବାଦୀୟ ଘଟଣାକ୍ରମରେ ପୁଲିଜର ପ୍ରାଇଜ ବୋର୍ଡ କଶ୍ମୀର ଉପରେ ଭାରତର ବୈଧତାକୁ ନେଇ ପ୍ରଶ୍ନ ଉଠାଇଛି। ଏହି ଉପତ୍ୟକାକୁ ସ୍ୱାଧୀନତାରୁ ବଞ୍ଚିତ ଏକ 'ବିବାଦୀୟ ଭୂଖଣ୍ଡ' ଭାବେ ଅଭିହିତ କରିଛି।

ସାମ୍ବାଦିକତା, ସାହିତ୍ୟ ଓ କଳା ଭଳି ୨୧ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିବର୍ଷ ପୁଲିଜର ପୁରସ୍କାର ଦିଆଯାଇଥାଏ। ପୁରସ୍କାର ବାବଦକୁ ୧୫,୦୦୦ ଡଲାର ଓ ମାନପତ୍ର ମଧ୍ୟ ପ୍ରଦାନ କରାଯାଇଥାଏ। ଏହି କ୍ରମରେ ଏଥର ଭ୍ରଷ୍ଟାଚାର, ଆଇନ ପ୍ରବର୍ତ୍ତନ ଓ ଆମେରିକାରେ ବୈଷମ୍ୟବାଦ ଭଳି ପ୍ରସଙ୍ଗ ଉଠାଇଥିବା ନ୍ୟୁଜ୍ ସଂସ୍ଥାଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି ଦି ନ୍ୟୁୟର୍କର, ଦି ୱାଶିଂଟନ ପୋଷ୍ଟ, ଆସୋସିଏଟେଡ୍ ପ୍ରେସ୍, ଦି ଲସ୍ ଏଞ୍ଜେଲସ ଟାଇମ୍ସ, ଦି ୱାଲ୍ଟିମୋର ସନ୍ ଏବଂ ଦି ପାଲେଷ୍ଟାଇନ୍ ହେରାଲ୍ଡ ପ୍ରେସ୍।

ଆମେରିକାଭିତ୍ତିକ ପୁଲିଜର ପ୍ରାଇଜ୍ ୨୦୨୦ ପାଇଁ କଶ୍ମୀରର ମୁଖ୍‌ତାର ଖାନ୍ ଓ ୟାସିନ ଦାର୍ ଏବଂ ଜମ୍ମୁ ନିବାସୀ ଚନ୍ନି ଆନନ୍ଦଙ୍କୁ ଚୟନ କରାଯାଇଛି। ଏହି ୩ ଫଟୋଜର୍ନାଲିଷ୍ଟ ଆସୋସିଏଟେଡ୍ ପ୍ରେସ୍ (ଏପି)ରେ କାର୍ଯ୍ୟରତ। କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। ଏହି ସମୟରେ ଉପତ୍ୟକାରେ କିପରି କଟକଣା ଜାରି କରାଯାଇଥିଲା ଓ କ'ଣ ସବୁ ଘଟିଥିଲା ଏହି ଫଟୋ ଜର୍ନାଲିଷ୍ଟମାନେ ତା'ର ନିଛକ ଛବି କ୍ୟାମେରାରେ କଏଦ୍ କରି ବିଶ୍ୱବାସୀଙ୍କ ସାମ୍ନାରେ ରଖିଥିଲେ। ସେହି ଫଟୋଗୁଡ଼ିକ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଥିଲା। ପୁଲିଜର ବୋର୍ଡ ଉପରୋକ୍ତ ୩ ଫଟୋଜର୍ନାଲିଷ୍ଟଙ୍କୁ ଏହି ପୁରସ୍କାର ପ୍ରଦାନ ସହ କଶ୍ମୀର ଉପରେ ଭାରତୀୟ ସାର୍ବଭୌମତ୍ୱର ବୈଧତାକୁ ନେଇ ପୁଲିଜର ବୋର୍ଡ ପ୍ରଶ୍ନ ଉଠାଇବା ଫଳରେ ବିବାଦ ସୃଷ୍ଟି ହୋଇଛି। ଏହାସହ 'ନ୍ୟୁୟର୍କ ଟାଇମ୍ସ' ପତ୍ରିକାର ନିକୋଲ୍ ହନ୍ନାହ-ଜୋନ୍ସଙ୍କୁ ବେଷ୍ଟ କମେଣ୍ଟାରି ଆୱାର୍ଡ ପ୍ରଦାନ କରାଯିବା ମଧ୍ୟ ବିବାଦ ଘେରକୁ ଟାଣି ହୋଇଯାଇଛି। ନିକୋଲ୍ ନିଜ ମହତ୍ତ୍ୱାକାଂକ୍ଷୀ ପ୍ରବନ୍ଧ 'ଦି ୧୬୧୯ ପ୍ରୋଜେକ୍ଟ'ରେ ଆଫ୍ରିକୀୟ କୃଷ୍ଣକାୟମାନଙ୍କୁ ଦାସ କରାଯିବାର ୪୦୦ତମ ବାର୍ଷିକୀ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଆମେରିକା ପ୍ରତି କୃଷ୍ଣକାୟଙ୍କ ଅବଦାନ ଦେଶର ଇତିହାସକୁ ବଦଳାଇ ଦେଇଥିବାବେଳେ ତାକୁ ସ୍ୱୀକୃତି ନ ଦେବା ଏକ ଐତିହାସିକ ଭୁଲ୍। ଆମେରିକୀୟ ସ୍ୱାଧୀନତାର ବିଚାରଧାରା ପାଇଁ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନିକୋଲ୍ କହିଛନ୍ତି। ପୁରସ୍କାର ଘୋଷଣା ପରେ ସେ ଏହାକୁ ନିଜ ଜୀବନର ସର୍ବୋତ୍କୃଷ୍ଟ କୃତି ଭାବେ ଅଭିହିତ କରିଛନ୍ତି। ତେବେ ତାଙ୍କର ଏହି ପ୍ରୋଜେକ୍ଟକୁ କଞ୍ଜରଭେଟିଭ୍‌ଙ୍କ ସମେତ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ପୂର୍ବତନ ସ୍ପିକର ଏହାକୁ ଏକ ପ୍ରୋପାଗାଣ୍ଡା ବୋଲି କହିଛନ୍ତି। ସେହିପରି ଆମେରିକାକୁ ଅବୈଧ ଓ ବିଭାଜନ କରି ନାଗରିକଙ୍କ ମନୋବଳକୁ ଦୁର୍ବଳ କରିବା ଏହି ପ୍ରୋଜେକ୍ଟର ଉଦ୍ଦେଶ୍ୟ ବୋଲି ଅନ୍ୟ ଜଣେ ସମାଲୋଚକ ଟୁଇଟ୍ କରିଛନ୍ତି।

### କଶ୍ମୀରକୁ ନେଇ ଭାରତର ବୈଧତା ଉପରେ ପ୍ରଶ୍ନ







ନିକୋଲ୍ ହନ୍ନାହ-ଜୋନ୍ସଙ୍କୁ ବେଷ୍ଟ କମେଣ୍ଟାରି ଆୱାର୍ଡ

## ଅଧୀର ରଞ୍ଜନ ଚୌଧୁରୀ ପିଏସି ଅଧ୍ୟକ୍ଷ



**ନୂଆଦିଲ୍ଲୀ,୫।୫:** କଂଗ୍ରେସର ଲୋକ ସଭା ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କୁ ପାର୍ଲାମେଣ୍ଟାରୀ ପବ୍ଲିକ୍ ଆକାଉଣ୍ଟ କମିଟି(ପିଏସି) ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେ ଏହି ପଦବୀରେ ୨୦୨୧ ଏପ୍ରିଲ୍ ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। କମିଟିର କାର୍ଯ୍ୟକାଳ ୨୦୨୦ ମେ ୧ରୁ ଆରମ୍ଭ ହୋଇଛି। ଏହି କମିଟିରେ ୨୦ ଜଣ ସଦସ୍ୟ ରହିଛନ୍ତି। ସେଥିମଧ୍ୟରେ ଲୋକ ସଭାର ୧୫ ଏବଂ ରାଜ୍ୟ ସଭାର ୫ ଜଣ ସଦସ୍ୟ ରହିଛନ୍ତି। ପିଏସିରେ ଏନ୍‌ଡିଏ ମେଣ୍ଟର ୧୪ ଜଣ ସଦସ୍ୟ ରହିଛନ୍ତି। ସେଥିମଧ୍ୟରେ ଭାଜପାର ୧୨ ଜଣ ସଦସ୍ୟ ଅଛନ୍ତି। ରାଜ୍ୟ ସଭାର ୫ ସଦସ୍ୟଙ୍କ ମଧ୍ୟରେ ଭାଜପାର ୩, ତୃଣମୂଳ କଂଗ୍ରେସର ଜଣେ, ଶିରୋମଣି ଅକାଳୀ ଦଳର ଜଣେ ରହିଛନ୍ତି। ସେହିପରି ଲୋକସଭାର ୧୫ ଜଣ ସଦସ୍ୟଙ୍କ ମଧ୍ୟରେ ଭାଜପାର ୯ ଜଣ, ଡିଏମ୍‌କେର ଜଣେ, କଂଗ୍ରେସର ଜଣେ, ବିଜେଡିର ଜଣେ, ଶିବସେନାର ଜଣେ, ୱାଇଏସ୍‌ଆର୍ କଂଗ୍ରେସର ଜଣେ ଏବଂ ଜେଡିୟୁର ଜଣେ ସଦସ୍ୟ ରହିଛନ୍ତି। ସୂଚନାଯୋଗ୍ୟ, ପିଏସି ସରକାରୀ ଖର୍ଚ୍ଚର ଯାଞ୍ଚ କରିଥାଏ।




ରାଜସ୍ଥାନର କୋଟାରୁ ବିହାରସ୍ଥିତ ଦାନାପୁର ଜଙ୍କଶନରେ ଟ୍ରେନ୍ ପହଞ୍ଚିବା ପରେ ଛାତ୍ରୀମାନେ ଓହ୍ଲାଉଛନ୍ତି।

## ଇଟାଲୀକୁ ଟପିଲା ବ୍ରିଟେନ

- ଆମେରିକାରେ ୭୧ ହଜାର ମୃତ
- ବିଶ୍ୱରେ ଗଲାଣି ୨.୫୫ ଲକ୍ଷରୁ ଉର୍ଦ୍ଧ୍ୱ ଜୀବନ
- ୩୬.୮୭ ଲକ୍ଷକୁ ବଢ଼ିଲା ସଂକ୍ରମିତଙ୍କ ସଂଖ୍ୟା

**ୱାଶିଂଟନ/ଲଣ୍ଡନ/ରୋମ୍, ୫।୫**

ମହାମାରୀ କରୋନା ଉଗ୍ରରୂପ ନେବାରେ ଲାଗିଛି। ୨୧୨ ଦେଶର ୩୬.୮୭ ଲକ୍ଷ ଜଣ ଏହା ଜାଲରେ ପଡ଼ିଥିବାବେଳେ ୨.୫୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଭୂତାଣୁ ଆକ୍ରାନ୍ତରେ ଗଲାଣି। ମଙ୍ଗଳବାର ୪୪,୫୦୦ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୨,୯୦୦ ଲୋକଙ୍କ ପ୍ରାଣହାନି ଘଟିଛି। ଆମେରିକା ଓ ବ୍ରିଟେନରେ ସ୍ଥିତି ଗମ୍ଭୀର ଥିବାବେଳେ ୟୁରୋପୀୟ ଦେଶରେ ଭୟର ବାତାବରଣ ସୃଷ୍ଟିହୋଇଛି। ବ୍ରିଟେନର ମୋଟ ମୃତ୍ୟୁସଂଖ୍ୟା ମଙ୍ଗଳବାର ଇଟାଲୀ, ସ୍ପେନ୍ ମୃତ୍ୟୁସଂଖ୍ୟାକୁ ଟପିଛି। ଇଟାଲୀରେ ୨,୧୩ ଲକ୍ଷ ସଂକ୍ରମିତ ଥିବାବେଳେ ମୃତ୍ୟୁସଂଖ୍ୟା ୨୯,୩୧୫କୁ ବୃଦ୍ଧିପାଇଛି। ସେହିଭଳି ସ୍ପେନ୍‌ରେ ୨.୫୦ ଲକ୍ଷ ସଂକ୍ରମିତ ରହିଥିବା ବେଳେ ୨୫,୬୧୩ ପ୍ରାଣ ହରାଇଛନ୍ତି। ଫ୍ରାନ୍ସରେ ୨୫,୨୧୦ ପ୍ରାଣ ହରାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧.୬୯ ଲକ୍ଷ ଟପିଛି। କିନ୍ତୁ ବ୍ରିଟେନରେ ଏବେ ମୃତ୍ୟୁସଂଖ୍ୟା ୨୯, ୪୨୭କୁ ବୃଦ୍ଧିପାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୧.୯୫ ଲକ୍ଷକୁ ବୃଦ୍ଧିପାଇଛି। ଆମେରିକାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷରୁ ଅଧିକ ରହିଥିବା ବେଳେ ମୃତ୍ୟୁସଂଖ୍ୟା ୭୦,୭୩୦କୁ ବୃଦ୍ଧିପାଇଛି।

## ଆଉ ୩ ମାସ ଅଟକ ରହିବେ ମେହବୁବା



**ନୂଆଦିଲ୍ଲୀ, ୫।୫:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କୁ ପିଏସ୍‌ଏ ଅନୁଯାୟୀ ଅଟକ ରଖାଯାଇଥିବା ବେଳେ ମଙ୍ଗଳବାର ଏହାକୁ ଆଉ ୩ ମାସ ବୃଦ୍ଧି କରାଯାଇଛି। ଶ୍ରୀନଗର ଜିଲା ମାଜିଷ୍ଟ୍ରେଟ ମଙ୍ଗଳବାର ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପଦକ୍ଷେପକୁ ଜମ୍ମୁ-କଶ୍ମୀରର ଏନ୍‌ସି ନେତା ଓମାର ଅବ୍‌ଦୁଲ୍ଲା ସମାଲୋଚନା କରିଛନ୍ତି। ସ୍ଥିତି ସାମାନ୍ୟ ଥିବାବେଳେ ମୋଦି ସରକାର ଜାଣିଶୁଣି ଜମ୍ମୁ-କଶ୍ମୀରକୁ ଦଶନ୍ଧି ତଳକୁ ନେବା ଲାଗି ପ୍ରୟାସ କରୁଛନ୍ତି ବୋଲି ଓମାର ପ୍ରକାଶ କରିଛନ୍ତି।

# କରୋନାକୁ ପ୍ରଭାବହୀନ କରିବ ବିକଶିତ ଆଣ୍ଟିବଡି

**ଜେରୁସଲମ୍, ୫।୫:** କରୋନା ଭୂତାଣୁ ବିଶ୍ୱବାସୀଙ୍କୁ ଆତଙ୍କିତ କରିପକାଇଛି। ଲକ୍ଷ ଲକ୍ଷ ଲୋକ ଏଥିରେ ଆକ୍ରାନ୍ତ ହୋଇଥିବା ବେଳେ ୨୧୨ ଦେଶର ସହସ୍ରାଧିକ ଲୋକ ଏଥିରେ ପ୍ରାଣ ହରାଇଲେଣି। ଏପର୍ଯ୍ୟନ୍ତ ଏହାର ସଫଳ ଔଷଧ ବାହାରି ନ ଥିବାବେଳେ କରୋନା ଭୂତାଣୁର ପ୍ରକୋପକୁ ପ୍ରଭାବହୀନ କରିପାରୁଥିବା ଆଣ୍ଟିବଡି ବିକଶିତ କରିବାରେ ସମର୍ଥ ହୋଇଥିବା ଇସ୍ରାଏଲ ପକ୍ଷରୁ ଦାବି କରାଯାଇଛି। ଦେଶର ମୁଖ୍ୟ ବାୟୋଲୋଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟରତ ଦେଶର ବୈଜ୍ଞାନିକମାନଙ୍କୁ ଏନେଇ ବିଶେଷ ସଫଳତା ମିଳିଥିବା ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ନଫ୍‌ତାଲି ବେନେଟ୍ଟ ପ୍ରକାଶ କରିଛନ୍ତି। ସଫଳତାର ସହ ଏହି କାର୍ଯ୍ୟ ସମ୍ପନ୍ନ କରାଯାଇଥିଲେ ହେଁ ସ୍ୱୀକୃତି ମିଳିବା ପରେ ଅଧିକରୁ ଅଧିକ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି।

ଇସ୍ରାଏଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ବାୟୋଲୋଜିକାଲ ରିସର୍ଚ୍ଚ (ଆଇଆଇଆର୍‌ବି) ଲାବ୍‌କୁ ଯାଇ ବେନେଟ୍ଟ ଏସବୁ ଦେଖିଥିବା କହିଛନ୍ତି। ପିଏମ୍‌ଓ କାର୍ଯ୍ୟାଳୟ ଦ୍ୱାରା ଏସବୁ କାର୍ଯ୍ୟ ପରିଚାଳନା କରାଯାଉଛି। ଏହି ବିକଶିତ ଆଣ୍ଟିବଡି ରୋଗୀଙ୍କ ଶରୀରର କୋଷ ମାଧ୍ୟମରେ ଭୂତାଣୁକୁ ପ୍ରଭାବହୀନ କରିବାରେ ସମର୍ଥ ହୋଇପାରିବ ବୋଲି ଦାବି କରାଯାଇଛି। ପେଟେଣ୍ଟ ମିଳିବା ପରେ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଅଧିକରୁ ଅଧିକ ଆଣ୍ଟିବଡି ପ୍ରସ୍ତୁତ କରାଯାଇ ଅନ୍ତର୍ଜାତୀୟ ସ୍ତରରେ କମ୍ପାନୀଗୁଡ଼ିକୁ ଏହାର ଉତ୍ପାଦନ ଓ ବିକ୍ରି ଲାଗି କୁହାଯିବ ବୋଲି ଦର୍ଶାଯାଇଛି। ଇନ୍‌ଷ୍ଟିଚ୍ୟୁଟ୍‌ର ଏଭଳି ସଫଳତା ଲାଗି ଆମେ ଗର୍ବିତ ଓ କର୍ମଚାରୀଙ୍କ ଉଦ୍ୟମ, ଉତ୍ସର୍ଗୀକୃତ ମନୋଭାବ ସମସ୍ତଙ୍କୁ ଅନୁପ୍ରାଣିତ କରିବ ବୋଲି ବେନେଟ୍ଟ ମତବ୍ୟକ୍ତ କରିଛନ୍ତି। ପ୍ରକାଶଥାଉ କି, ଗତ ମାର୍ଚ୍ଚରେ ଇସ୍ରାଏଲର ଏକ ଦୈନିକ ଖବରକାଗଜ ପକ୍ଷରୁ ଏଭଳି ବିକଶିତ ଆଣ୍ଟିବଡି ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଥିଲା।

ବିକଶିତ ଆଣ୍ଟିବଡିର ପ୍ରସ୍ତୁତି ଶେଷ ହୋଇଥିଲେ ହେଁ ମଣିଷ ଶରୀରରେ ଏହାର ବ୍ୟବହାର କରାଯାଇଛି କି ନାହିଁ, ସେ ସମ୍ପର୍କରେ ବିବୃତିରେ କିଛି ସ୍ପଷ୍ଟ କରାଯାଇନାହିଁ। ଇସ୍ରାଏଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ବାୟୋଲୋଜିକାଲ ରିସର୍ଚ୍ଚ ୧୯୫୨ରେ ପ୍ରତିଷ୍ଠା କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହାର ପରିଚାଳନା ଦାୟିତ୍ୱ ବୁଝୁଥିବା ବେଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ସହ ଏହାର ଯୋଗାଯୋଗ ରହିଆସିଛି। ଗତ ଫେବୃୟାରୀ ୧ରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହି ଇନ୍‌ଷ୍ଟିଚ୍ୟୁଟ୍‌କୁ କୋଭିଡ୍-୧୯ର ସଫଳ ଔଷଧ ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ୫୦ରୁ ଉର୍ଦ୍ଧ୍ୱ ଅଭିଜ୍ଞ ବୈଜ୍ଞାନିକ ଓ କେତେଜଣ ଗବେଷକମାନେ ପ୍ରୟାସ ଜାରି ରଖିଛନ୍ତି। ଜାପାନ, ଇଟାଲୀ ଓ ଅନ୍ୟ କେତେକ ଦେଶରୁ ଭାଇରସ୍ ସାମ୍ପଲ ଅଣାଯାଇ ସେଗୁଡ଼ିକର କ୍ଲିନିକାଲ ଟେଷ୍ଟ କରାଯିବ ସହ ସାଇଡ୍ ଇଫେକ୍ଟର ପରୀକ୍ଷା କରାଯାଇଥିଲା। ପଶୁ ଓ ମଣିଷଙ୍କଠାରେ ଭୂତାଣୁର ପ୍ରଭାବ ଅନୁଧ୍ୟାନ କରାଯାଇଥିଲା। ଶେଷରେ ବିକଶିତ ଆଣ୍ଟିବଡି କରୋନା ଆକ୍ରାନ୍ତଙ୍କ ଶରୀରରେ ଥିବା ଭୂତାଣୁ ପ୍ରକୋପକୁ ପ୍ରଭାବହୀନ କରିବାରେ ସମର୍ଥ ହୋଇଥିବା ଇସ୍ରାଏଲ ଦର୍ଶାଇଛି। ପୂର୍ବରୁ ବହୁ କମ୍ପାନୀ କୋଭିଡ୍-୧୯ର ସଫଳ ଚିକିତ୍ସା ଲାଗି ଔଷଧ ବାହାର କରିଥିବା ଦାବି କରିଆସିଥିଲେ ହେଁ ସେଗୁଡ଼ିକର କୌଣସି ପ୍ରମାଣ ନ ଥିଲା। ପ୍ରକାଶଥାଉ କି, ଏପର୍ଯ୍ୟନ୍ତ ଚାଇନାରୁ ଆସିଥିବା କରୋନା ଭୂତାଣୁ ବିଶ୍ୱରେ ୨.୫ ଲକ୍ଷ ଲୋକଙ୍କ ଜୀବନ ନେଇସାରିଥିବା ବେଳେ ୩୬ ଲକ୍ଷ ଲୋକଙ୍କୁ ସଂକ୍ରମିତ କରି ଆତଙ୍କର ବାତାବରଣ ସୃଷ୍ଟିକରିଛି।

### ଇସ୍ରାଏଲ ବୈଜ୍ଞାନିକଙ୍କୁ ମିଳିଛି ସଫଳତା





# ଭୂତଳ ଜଳ ବି ଜହର

## ଯାଜପୁର ଜିଲା

■ ୭୪୨ ଜନବସତିର ଭୂତଳ ଜଳ ଆଇରନ୍‌ଯୁକ୍ତ

**ଯାଜପୁର ଅଫିସ,୫।୫**

ଯାଜପୁର ଜିଲାରେ କେବଳ ନଦୀଜଳ କିମ୍ବା ଭୂପୃଷ୍ଠ ଜଳ ନୁହେଁ ଭୂତଳ ଜଳ ମଧ୍ୟ ବିଷାକ୍ତ। ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ସୁକିନ୍ଦା ଖଣି ଅଞ୍ଚଳର କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଦା ନିକଟରୁ ସଂଗୃହୀତ ଭୂତଳ ଜଳରେ ଆଇରନ୍ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫସି) ଅଂଶ ଆବଶ୍ୟକତାଠାରୁ ବହୁ ଅଧିକ ରହିଥିବା ଜଣାପଡ଼ିଥିଲା। ଏହାପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସଦସ୍ୟ ସଚିବ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ-ଚିଫ୍‌ଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ୨୦୧୯-୨୦ରେ ହୋଇଥିବା ପରୀକ୍ଷା ରିପୋର୍ଟରେ ୭୪୪ ବସତି ଅଞ୍ଚଳରୁ ୭୪୨ଟିର ଭୂତଳ ଜଳରେ ଆଇରନ୍ ଅଂଶ ଅଧିକ ରହିଛି। ଭୂତଳ ଜଳରେ ଅଧିକ ଆଇରନ୍ ସହ ଅନ୍ୟାନ୍ୟ ବିଷାକ୍ତ ବସ୍ତୁ ରହିଥିବା ପ୍ରମାଣିତ ହୋଇଥିଲେ ହେଁ ପ୍ରଶାସନସ୍ତରରେ ଉପଯୁକ୍ତ ଭାବେ ପ୍ରତିକାର ବ୍ୟବସ୍ଥା ହେଉ ନ ଥିବାରୁ ସଂପୃକ୍ତ ଜନବସତି ଅଞ୍ଚଳରେ ବିଭିନ୍ନ ଜଳବାହିତ ରୋଗ ସଂକ୍ରମଣ ବ୍ୟାପୁଥିବା କୁହାଯାଉଛି।



ଶିଳ୍ପାଞ୍ଚଳର ପ୍ରଦୂଷିତ ପାଣି।

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ଜଳର ଶୁଦ୍ଧତା ସମ୍ପର୍କରେ ହୋଇଥିବା ବାର୍ଷିକ ଡାଟା ଅପଡେଶନ (ୱାଇଡିୟୁ) ରିପୋର୍ଟ ଅନୁଯାୟୀ ଯାଜପୁର ଜିଲାରେ ୧୬,୩୩୦ ଜଳଉତ୍ସ ରହିଛି। ୨୦୧୯-୨୦ ବର୍ଷରେ ୫,୮୬୯ ଜଳଉତ୍ସର ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୭୪୪ ଜନବସତିର ଜଳଉତ୍ସ ପ୍ରଦୂଷିତ ବୋଲି ପରୀକ୍ଷା ରିପୋର୍ଟରେ ଦର୍ଶାଯାଇଛି। ଏଥିମଧ୍ୟରୁ ୭୪୨ ଜନବସତିର ଜଳଉତ୍ସରେ ଅଧିକ ମାତ୍ରାର ଆଇରନ୍ ସହ ଫ୍ଲୋରାଇଡ୍-୧ ଓ ସଲିନିଟି(ଲବଣତା)-୧ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ୯୯.୭୩ ପ୍ରତିଶତ ଜନବସତିର ଭୂତଳ ଜଳ ପ୍ରଦୂଷିତ ଓ ବିପଜ୍ଜନକ। ଏହି ମର୍ମରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ରସଂଖ୍ୟା ୨୮୮୭/୨।୪।୨୦୨୦ରେ ପ୍ରଦୂଷିତ ଜନବସତିରେ ପାଇପ୍ ଜଳ ଯୋଗାଣ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ଜଣାଇବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ସୁକିନ୍ଦା ଖଣି ଅଞ୍ଚଳରେ ହଜାର ହଜାର ମେଟ୍ରିକ ଟନ୍ କ୍ରୋମାଇଟ୍ ଗଚ୍ଛିତ ରହିଛି। ଏହି ପ୍ରାକୃତିକ ସମ୍ପଦକୁ ବିଭିନ୍ନ ଖଣି ସଂସ୍ଥା ଗତ ୭ ଦଶନ୍ଧି ହେଲା ଲୁଟ୍ କରି ଆସୁଛନ୍ତି। ଏହାସହ ଖଣି ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବହୁ ଶିଳ୍ପ କାରଖାନା ଗଢି ଉଠିଛି। କିନ୍ତୁ ବାୟୁ ଓ ଜଳ ପ୍ରଦୂଷଣକୁ ନେଇ ବହୁ ଖଣି ସଂସ୍ଥା କାହାରି ବୋଲ ମାନୁନାହାନ୍ତି। ଫଳରେ ଭୂପୃଷ୍ଠ ଜଳ ସହିତ ଭୂତଳ ଜଳ ମଧ୍ୟ ଜହର ହେବାରେ ଲାଗିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରି ଆସୁଛନ୍ତି। ଆରଡବ୍ଲ୍ୟୁଏସ୍‌ଏସ୍ ବ୍ୟତୀତ ୨୦୧୮ ଏପ୍ରିଲ ଓ ଅକ୍ଟୋବରରେ ଏସ୍‌ପିସିବି ପକ୍ଷରୁ ଭୂତଳ ଜଳ ନମୁନା ପରୀକ୍ଷା ହୋଇଥିଲା। ଏଥିରେ ଯାଜପୁର ଜିଲାର ଖଣି ଅଞ୍ଚଳ ସାରୁଆବିଲ ଓ କମର୍ଦ୍ଦା ନିକଟସ୍ଥ ଭୂତଳ ଜଳରେ ଆଇରନ୍ ଅଂଶ ବେଶି ରହିଥିବା ଜଣାପଡ଼ିଥିଲା। ପରୀକ୍ଷା ରିପୋର୍ଟ ଅନୁସାରେ ସାରୁଆବିଲ ଖଣି ଅଞ୍ଚଳର ଭୂତଳ ଜଳରେ ପ୍ରତି ଲିଟରରେ ୨.୬୨୧ ମିଲିଗ୍ରାମ ଆଇରନ୍ ଅଂଶ ରହିଥିଲା। ସେହିପରି କମର୍ଦ୍ଦା ଅଞ୍ଚଳର ଭୂତଳ ଜଳରେ ଲିଟର ପିଛା ୫.୩୨୪ ମିଲିଗ୍ରାମ ଆଇରନ୍ ଅଂଶ ମିଳିଥିଲା। ଏହି କାରଣରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ପାଇଁ ଭୂତଳ ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗକୁ ଏସ୍‌ପିସିବିର ସଦସ୍ୟ ସଚିବ ସୂଚିତ କରିଥିଲେ। ଏଥିସହିତ ଟିସ୍କୋ ଓ କାଳିଆପାଣି ଖଣି ଅଞ୍ଚଳର ଭୂତଳ ଜଳରେ ଟୋଟାଲ କୋଲିଫର୍ମ ଓ ଫେକାଲ କୋଲିଫର୍ମ ରହିଥିବା ଯୋଗୁ ଜିଲାର ସୁକିନ୍ଦା, ଦାନଗଦି, କୋରେଇ, ଧର୍ମଶାଳା ବ୍ଲକ ଅଞ୍ଚଳରେ କିଡ୍‌ନୀ ରୋଗୀ ସଂଖ୍ୟା ବୃଦ୍ଧିପାଉଛି ବୋଲି ଅଭିଯୋଗ ହେଉଛି। ଖଣି ଓ ଶିଳ୍ପାଞ୍ଚଳରେ ବୋହିଯାଉଥିବା ବର୍ଷା ପାଣିର ଉପଯୁକ୍ତ ପରିଚାଳନା ହୋଇ ପାରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସନ୍ଦେହ କରାଯାଉଛି।

> "ସୁକିନ୍ଦା ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଇରନ୍‌ଯୁକ୍ତ ଜଳ ବାହାରୁଥିବା ଜନବସତିର ସମସ୍ୟା ସମାଧାନ ହୋଇପାରିବ। ବର୍ତ୍ତମାନ ଏହାର ନିରାକରଣ ପାଇଁ ଆଇରନ୍ ରିମୁଭାଲ ପ୍ଲାଣ୍ଟ ପ୍ରତିଷ୍ଠା କରି ଜଳଯୋଗାଣ କରାଯାଉଛି। ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଖଣି ଅଞ୍ଚଳର ଘରକୁ ଘର ଜଳଯୋଗାଣ ହେବ।
>
> -ଅମିୟ କୁମାର ପରିଜା, ନିର୍ବାହୀ ଯନ୍ତ୍ରୀ, ଆରଡବ୍ଲ୍ୟୁଏସ୍‌ଏସ୍, ଯାଜପୁର

# ଶିଶୁକନ୍ୟା ସହ ମା' ଜୀବନ୍ତ ଦଗ୍ଧ

■ ବର୍ତ୍ତିଲେ ୬ ବର୍ଷର ପୁଅ

**ନୟାଗଡ଼ ଅଫିସ/ ରଣପୁର,୫।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନାର ଗୋପାଳପୁର ଗୋପୀନାଥ ସାହିରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଶିଶୁକନ୍ୟା ସହ ମା' ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତକ ହେଲେ ଗୋପାଳ ବେହେରାଙ୍କ ସ୍ତ୍ରୀ ମମତା (୨୪) ଓ ଦେଢ଼ବର୍ଷର ଝିଅ ଲିଲି। ଅନ୍ୟପକ୍ଷେ ୬ବର୍ଷର ପୁଅ ସୂର୍ଯ୍ୟକାନ୍ତ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପାରିବାରିକ ବିବାଦକୁ ନେଇ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଏଭଳିସ୍ଥଳେ ଶାଶୁଘର ପକ୍ଷରୁ ତରବରିଆ ଭାବେ ମା' ଓ ଝିଅର ମୃତଦେହ ଗାଁ ଶ୍ମଶାନରେ ଦାହ କରାଯିବା ପରେ ଘଟଣା ସନ୍ଦେହଘେରକୁ ଟାଣିହୋଇଯାଇଛି। ଘରେ ମୃତଦେହ ପଡିଥିବାବେଳେ ପୁଅର ଚିକିତ୍ସା ପାଇଁ ବାପା ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କିଛି ନ କହି ଏଡାଇ ଯାଇଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷେ ମା'ଝିଅଙ୍କ ମୃତଦେହ ପ୍ରାୟ ୩ଘଣ୍ଟା ଧରି ଘରେ ପଡିରହିଥିଲେ ମଧ୍ୟ ରଣପୁର ପୋଲିସ ଜାଣି ନ ପାରିବା ସନ୍ଦେହ ସୃଷ୍ଟି କରିଛି। ଏ ନେଇ ଶରଣକୁଳ ଏସ୍‌ଡିପିଓ ଏସ୍. ଟପୋଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ପୋଲିସ ଘଟଣାସ୍ଥଳକୁ ଯାଇ ନ ଥିବା ନେଇ ଯେଉଁ ଅଭିଯୋଗ ହେଉଛି ତାହା ଠିକ୍ ନୁହେଁ। ମା'ଝିଅଙ୍କ ମୃତ୍ୟୁ ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ହେଲେ ସେତେବେଳକୁ ମୃତଦେହ ପୋଡା ସରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବ। ଅନ୍ୟପକ୍ଷେ ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ଶାଶୁଘର କିମ୍ବା ବାପଘର ପକ୍ଷରୁ ଅଭିଯୋଗ ନ ଥିବା ସେ କହିଛନ୍ତି।

# '୫୦ ପ୍ରତିଶତ ଯାତ୍ରୀରେ ବସ୍ ଚାଲିବା ଅସମ୍ଭବ'

**ଭୁବନେଶ୍ୱର, ୫।୫(ବ୍ୟୁରୋ):** ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଗ୍ରୀନ ଜୋନ୍‌ରେ ଯାତ୍ରୀବାହୀ ବସ୍ ନିଜ ସିଟ୍ କ୍ଷମତା ତୁଳନାରେ ୫୦ପ୍ରତିଶତ ଯାତ୍ରୀଙ୍କୁ ଧରି ପ୍ରଚଳନ କରିପାରିବ ବୋଲି ସୋମବାର କହିଥିଲେ। ରାଜ୍ୟ ବସ୍ ମାଲିକ ସଂଘ ଏହାକୁ ବିରୋଧ କରି ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ନିୟମରେ ବସ୍ ଚାଲିପାରିବ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଯାତ୍ରୀ ପରିବହନ ଅତ୍ୟାବଶ୍ୟକ ସେବା। ତେଣୁ ବସ୍ ଚଳାଳକଙ୍କୁ ବୀମାଭୁକ୍ତ କରାଯାଉ। ୫୦ପ୍ରତିଶତ ଯାତ୍ରୀଙ୍କୁ ଧରି ଗାଡି ଚାଲିପାରିବ ନାହିଁ, ଏମିତିରେ ଖର୍ଚ୍ଚ ଉଠିବ ନାହିଁ। ବସ୍ ଯାତ୍ରୀଙ୍କୁ ଯେ କରୋନା ହୋଇନାହିଁ ସେକଥା ମଧ୍ୟ କହିହେବନି। ଟ୍ରେନ୍ ଭଳି ବସ୍‌ରେ ଯାତ୍ରୀଙ୍କୁ ନେବା ଆଗରୁ ପରୀକ୍ଷା କରାଯିବା ଆବଶ୍ୟକ। ସରକାର ସଂଘ ପକ୍ଷରୁ କରାଯାଇଥିବା ଦାବିକୁ ବିଚାର ଏବଂ ସହଯୋଗ କଲେ ଆଗକୁ ଚିନ୍ତା କରାଯିବ। ସବୁ ବସ୍ ସଂଘ ସହ ଆଲୋଚନା ହେବାପରେ ନିଷ୍ପତ୍ତି ନିଆଯିବ। ଅନ୍ୟପଟେ ସଂଘ ପକ୍ଷରୁ ଆହୁରି କେତେଗୁଡିଏ ଦାବି ରଖାଯାଇଛି। ସେଥିମଧ୍ୟରେ ବୀମା ଅବଧି ୬ ମାସ ବୃଦ୍ଧି, ବ୍ୟାଙ୍କ ଋଣର ସୁଧ ୬ ମାସ ଛାଡ, ଡିଜେଲ ଉପରୁ ଭ୍ୟାଟ୍ ଓ ସେସ୍ ଛାଡ, ଟୋଲ ଗେଟ୍ ଶୁଳ୍କ ଛାଡ, ରାଜ୍ୟ ସରକାରଙ୍କ ପକ୍ଷରୁ ୬ ମାସ ପାଇଁ ଟିକସ ଛାଡ ପ୍ରମୁଖ ଅନ୍ତର୍ଭୁକ୍ତ। ଏନେଇ ସୋମବାର ସରକାରଙ୍କ ପକ୍ଷରୁ ବସିଥିବା ବୈଠକରେ ଆଲୋଚନା କରାଯିବାପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଫାଇଲ ପଠାଯାଇଥିବା କହିଥିଲେ।

# ଆଜିଠାରୁ ରବି ଧାନ ସଂଗ୍ରହ

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧ ଲକ୍ଷ ପୋଖରୀ ଖୋଳାଯିବ

■ ଲକ୍‌ଡାଉନ ନିୟମ ଉଲ୍ଲଂଘନ ପାଇଁ ୪୭ ହଜାର ଗାଡ଼ି ଜବତ

■ ୬୫୦୦ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ରାଜ୍ୟରେ ରବି ଧାନ ଅମଳ ୪୦ ପ୍ରତିଶତ ଶେଷ ହୋଇଛି। ବୁଧବାରଠାରୁ ରାଜ୍ୟର ୧୭ଟି ଜିଲାରେ ରବି ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ। ମୁଗ, ବିରି, କୋଳଥ,ଚଣା ଆଦି ଡାଲିଜାତୀୟ ଏବଂ ତୈଳବୀଜ ଫସଲ କ୍ରୟ ପ୍ରକ୍ରିୟା ମଧ୍ୟ ଚଳିତ ମାସ ୭ ତାରିଖରୁ ଆରମ୍ଭ କରାଯିବ। ମଙ୍ଗଳବାର ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ସହ କୋଭିଡ୍-୧୯ ସଂକ୍ରମଣ ଓ ତଜ୍ଜନିତ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ସମୀକ୍ଷା କଲାବେଳେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଖରିଫ ଋତୁରେ ଅଣଧାନ ଚାଷ ଉପରେ ଗୁରୁତ୍ୱ ଦେବା ନେଇ ବୈଠକରେ ଆଲୋଚନା ହୋଇଛି। କୃଷିକ୍ଷେତ୍ର ପାଇଁ ଶ୍ରମିକ ସମସ୍ୟା ନାହିଁ ବୋଲି ବୈଠକରେ ସୂଚନା ଦିଆଯାଇଛି। ସେହିପରି ଚଳିତବର୍ଷ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୧ ଲକ୍ଷ ପୋଖରୀ ଖୋଳାଯିବ। କରୋନା ଯୋଗୁ କାମଧନ୍ଦା ହରାଇଥିବା ଗ୍ରାମାଞ୍ଚଳର ଶ୍ରମିକମାନେ ଏହି କାର୍ଯ୍ୟରେ ନିୟୋଜିତ ହେବେ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକର ସମସ୍ୟା ସମ୍ପର୍କରେ ସରକାର ଚାମ୍ବର ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଏବଂ ବ୍ୟାଙ୍କଗୁଡ଼ିକ ସହିତ ଖୁବ୍‌ଶୀଘ୍ର ଆଲୋଚନା କରିବେ। ଏଥିସହିତ ଜାପାନ, କୋରିଆ ଏବଂ ଆମେରିକାରୁ ଯେପରି ଅଧିକ ପୁଞ୍ଜି ରାଜ୍ୟକୁ ଆସିପାରିବ ସେଥିପାଇଁ କଥାବାର୍ତ୍ତା ଆରମ୍ଭ ହୋଇଥିବା ବୈଠକରେ ସୂଚନା ଦିଆଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଘରୋଇ ହିଂସା ରୋକିବାକୁ ପୋଲିସ ୫୬୪୯ଜଣଙ୍କ ସହ ଯୋଗାଯୋଗ କରିଛନ୍ତି। ସେଥିରୁ ମାତ୍ର ୧ ପ୍ରତିଶତ ଅଭିଯୋଗ ଆସିଥିଲା। ସେସବୁର ସମାଧାନ କରାଯାଇଛି। ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ୬୫୦୦ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ୪୭ ହଜାର ଗାଡ଼ି ଜବତ କରି ଫେରାଇ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

# ଅଣକରୋନା ରୋଗୀଙ୍କ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର, ୫।୫(ବ୍ୟୁରୋ): କରୋନା ମୁକାବିଲା ଲାଗି ରାଜ୍ୟ ସରକାର ଉତ୍ତମ ପଦକ୍ଷେପ ନେଉଥିଲେ ମଧ୍ୟ ଅଣକରୋନା ରୋଗୀଙ୍କ କ୍ଷେତ୍ରରେ ଧ୍ୟାନଦେବାର ଆବଶ୍ୟକତା ରହିଛି ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ପ୍ରଦୀପ୍ତ କହିଛନ୍ତି, ରାଜ୍ୟର ପ୍ରାୟ ସବୁ ଡାକ୍ତର କରୋନା ଚିକିତ୍ସାରେ ନିୟୋଜିତ ଥିବାରୁ ଅଣକରୋନା ରୋଗୀ ଠିକ୍ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନେ ନିକଟସ୍ଥ ସରକାରୀ ଏବଂ ଘରୋଇ ଡାକ୍ତରଖାନାକୁ ଗଲେ ପ୍ରଥମେ କୋଭିଡ୍-୧୯ ପରୀକ୍ଷା କରିବାକୁ କୁହାଯାଉଛି। ବିଶେଷଭାବେ ହୃଦ୍‌ରୋଗୀ, ଦୁର୍ଘଟଣାଜନିତ ଆଘାତପ୍ରାପ୍ତ, ସାଧାରଣ ଜ୍ୱରରେ ଆକ୍ରାନ୍ତ ଠିକ୍ ଚିକିତ୍ସା ନ ପାଇ ହନ୍ତସନ୍ତ ହେଉଛନ୍ତି। ଗ୍ରାମାଞ୍ଚଳରେ କରୋନା ପରୀକ୍ଷା ଲାଗି ସେଭଳି କୌଣସି ସୁବିଧା ସୁଯୋଗ ନାହିଁ। ଏଭଳି କ୍ଷେତ୍ରରେ ଗ୍ରାମାଞ୍ଚଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଅଣକୋଭିଡ୍ ରୋଗୀ ନ୍ୟାୟ ପାଉନାହାନ୍ତି। ଠିକ୍ ଚିକିତ୍ସା ଅଭାବରୁ ବହୁ ରୋଗୀ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଲାଣି। ହୃଦ୍‌ରୋଗର ଚିକିତ୍ସା ଚିକିତ୍ସା ଜରୁରୀ, ହେଲେ ଏସ୍‌ସିବି ମେଡିକାଲ କଲେଜର ଏହି ବିଭାଗର ଡାକ୍ତରମାନେ କରୋନା ଚିକିତ୍ସାରେ ବ୍ୟସ୍ତ ରହିଛନ୍ତି। ତେଣୁ ହୃଦ୍‌ରୋଗ ଚିକିତ୍ସା ସକାଶେ ଏଠାକୁ ଆସୁଥିବା ବହୁ ରୋଗୀ ଅସୁବିଧାର ଭୋଗୁଛନ୍ତି। ବହୁ ଗରିବ ରୋଗୀ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇ ନିଜର ଆସବାବପତ୍ର ବିକ୍ରି କରିବାକୁ ବାଧ ହେଉଛନ୍ତି। ତେଣୁ ଏଥିପ୍ରତି ଗୁରୁତ୍ୱ ଦେବାକୁ ବିରୋଧୀ ଦଳ ନେତା ଅନୁରୋଧ କରିଛନ୍ତି।

# ରଥ ନିର୍ମାଣ ଲାଗି ଆସିଲାନି ନିର୍ଦ୍ଦେଶ

■ ଅପେକ୍ଷା କରି ଫେରିଗଲେ ମହାରଣା ସେବକ

■ ରଥଯାତ୍ରା ବନ୍ଦ ନେଇ ବଢ଼ିଲା ସମ୍ଭାବନା

**ପୁରୀ ଅଫିସ,୫।୫**

ଚଳିତ ବର୍ଷ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ତିନିରଥ ଗଢ଼ିବା ନେଇ ସଂଶୟ ଦେଖାଦେଇଛି। ମଙ୍ଗଳବାର ଦିନତମାମ୍‌ର ଘଟଣା ଚିତ୍ର ସମସ୍ତଙ୍କ ମନରେ ଏଭଳି ଭାବିବାକୁ ସୁଯୋଗ ସୃଷ୍ଟି କରିଛି। ସୋମବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ପରେ ମଙ୍ଗଳବାର ସକାଳୁ ମହାରଣା ସେବକମାନେ ରଥଖଳାରେ ପହଞ୍ଚିଥିଲେ। ରଥ ନିର୍ମାଣ ଲାଗି ଆବଶ୍ୟକ ସରଞ୍ଜାମ ସହ ସେମାନେ ପ୍ରସ୍ତୁତ ମଧ୍ୟ ରହିଥିଲେ। କେବଳ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ। ସନ୍ଧ୍ୟା ହେଲା ସିନା ହେଲେ ରଥ ନିର୍ମାଣ ନେଇ କୌଣସି ନିର୍ଦ୍ଦେଶ ଆସିଲାନି। ଶେଷରେ ରଥଖଳାରୁ ଫେରିଗଲେ ମହାରଣା ସେବକ ଓ ଭୋଇ ସେବକ। ଶ୍ରୀମନ୍ଦିରର ପ୍ରଶାସନର ଏଭଳି ବିଳମ୍ବିତ ନିଷ୍ପତ୍ତି ରଥଯାତ୍ରା ବନ୍ଦ ସମ୍ଭାବନାକୁ ବଢ଼ାଇ ଦେଇଛି ବୋଲି ଭକ୍ତଙ୍କ ମହଲରେ ଚର୍ଚ୍ଚା ହେଉଛି।

ରଥ ନିର୍ମାଣ ସଂକ୍ରାନ୍ତରେ ଆଲୋଚନା ଲାଗି ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିଥିଲା। ଏଥିରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍‌କୁ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଥିଲା।



ରଥଖଳାରେ ମହାରଣାମାନେ ରଥ ନିର୍ମାଣ ପାଇଁ ପ୍ରଶାସନର ନିର୍ଦ୍ଦେଶକୁ ଅପେକ୍ଷା କରି ବସିଛନ୍ତି।

ଶେଷରେ ରଥ ନିର୍ମାଣ ଆରମ୍ଭ କରିବା ନେଇ ସମସ୍ତେ ସହମତି ହେବା ପରେ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ ତିନି ରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର, କୃଷ୍ଣଚନ୍ଦ୍ର ମହାରଣା, ନରସିଂହ ମହାପାତ୍ର ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କୁ ଡାକି ଆଲୋଚନା କରିଥିଲା। ରଥ ନିର୍ମାଣ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଥିଲା। ସରକାରଙ୍କଠାରୁ ଅନୁମତି ମିଳିବା ମାତ୍ରେ କାମ ଆରମ୍ଭ ହେବ ବୋଲି ସେମାନଙ୍କୁ କୁହାଯାଇଥିଲା। ତେଣୁ ମଙ୍ଗଳବାର ସକାଳୁ ମୁହଁରେ ମାସ୍କ ବାନ୍ଧି ଆବଶ୍ୟକ ସରଞ୍ଜାମ ସହ ରଥଖଳାରେ ପହଞ୍ଚିଥିଲେ ମହାରଣା ସେବକ। ରଥଖଳାରେ ଅପେକ୍ଷା କରିଥିଲେ ପ୍ରଶାସନର ନିର୍ଦ୍ଦେଶକୁ। ମଝିରେ ମଝିରେ ମୁଖ୍ୟ ମହାରଣାମାନେ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଯାଉଥିଲେ। କିନ୍ତୁ କୌଣସି ନିର୍ଦ୍ଦେଶ ଆସିଲା ନାହିଁ। ଶେଷରେ ସନ୍ଧ୍ୟାରେ ମୁଖ୍ୟ ମହାରଣା ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ନୀତି ପ୍ରଶାସକଙ୍କୁ ସାକ୍ଷାତ କରିଥିଲେ। ମାତ୍ର କୌଣସି ଅନୁମତି ଆସି ନ ଥିବା ଶୁଣି ମହାରଣା ସେବକମାନେ ନିଜ ନିଜ ଘରକୁ ଫେରିଯାଇଥିଲେ।

ଏ ସମ୍ପର୍କରେ ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ପରେ ରଥ ନିର୍ମାଣ କରିବା ପାଇଁ ଆସିଥିଲୁ। ରାଜ୍ୟ ସରକାରଙ୍କଠାରୁ ଅନୁମତି ମିଳିବା ପରେ ମନ୍ଦିର ପ୍ରଶାସନ ନିର୍ଦ୍ଦେଶ ପାଇ କାମ ଆରମ୍ଭ କରିଥାନ୍ତୁ। ରଥଖଳାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ମହାରଣା ସେବକ ଅପେକ୍ଷା କରି ରହିଲେ। ହେଲେ କୌଣସି ନିର୍ଦ୍ଦେଶ ଆସିଲା ନାହିଁ ବୋଲି ମହାପାତ୍ର କହିଛନ୍ତି। ବୁଧବାର ରଥ ଖଳାକୁ ଆସିବେ କି ପ୍ରଶ୍ନରେ ସେ କହିଥିଲେ, ମଙ୍ଗଳବାର ଦିନତମାମ୍ ବସି ବସି ଫେରିଲୁ, ପୁଣି ଯିବୁ କେମିତି ବୋଲି ପାଲଟା ପ୍ରଶ୍ନ କରିଥିଲେ? ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ଅନୁମତି ମିଳିଲେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ଜୁନ୍ ୨୩ରେ ରଥଯାତ୍ରା। ଏଥିଲାଗି ଗତମାସ ୨୬ ତାରିଖ ଅକ୍ଷୟ ତୃତୀୟାରେ ଶ୍ରୀମନ୍ଦିର ପରିସରରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। ହେଲେ ଲକ୍‌ଡାଉନ କଟକଣା ଯୋଗୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଇତିମଧ୍ୟରେ ୯ଦିନ ଗଡ଼ିଗଲାଣି। ଆଉ ମାତ୍ର ୪୪ଦିନ ଥିବାବେଳେ ଏ ପର୍ଯ୍ୟନ୍ତ ରଥ ନିର୍ମାଣ ଆରମ୍ଭ ହେଲା ନାହିଁ। ତେଣୁ ଏ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ ହେବା ନେଇ ସମ୍ଭାବନା ବଢୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ନବଜାତକକୁ ସ୍ୱାଗତକଲେ ଏଲନ୍ ମସ୍କ, ଗର୍ଲଫ୍ରେଣ୍ଡ ଗ୍ରାଇମ୍ସ




ନୂଆଦିଲ୍ଲୀ,୫।୫: ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ ଏବଂ ଗର୍ଲଫ୍ରେଣ୍ଡ ଗ୍ରାଇମ୍ସ ସେମାନଙ୍କ ପ୍ରଥମ ସନ୍ତାନକୁ ସ୍ୱାଗତ କରିଛନ୍ତି। ୩୨ ବର୍ଷୀୟା ଗ୍ରାଇମ୍ସଙ୍କ ପ୍ରକୃତ ନାମ କ୍ଲେୟାର ବାଉଚର। ଗର୍ଭବତୀ ଥିବା ଖବରକୁ ଗ୍ରାଇମ୍ସ ଚଳିତ ବର୍ଷ ଜାନୁୟାରୀରେ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ଏଲନ୍ ମସ୍କ(୪୮) ମ୍ୟୁଜିସିଆନ ଗ୍ରାଇମ୍ସଙ୍କୁ ୨୦୧୮ରୁ ଡେଟ୍ କରୁଛନ୍ତି। ନବଜାତକ ସମ୍ପର୍କରେ ମସ୍କ ତାଙ୍କ ଟୁଇଟର ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି। ଗ୍ରାଇମ୍ସଙ୍କ ଏହା ପ୍ରଥମ ସନ୍ତାନ ହୋଇଥିବା ବେଳେ ମସ୍କଙ୍କର ୫ ପୁତ୍ର ସନ୍ତାନ ରହିଛନ୍ତି। ବର୍ତ୍ତମାନ ଯାଏ ମସ୍କଙ୍କର ୩ଥର ଛାଡ଼ପତ୍ର ହୋଇଛି। ଗତ ସପ୍ତାହରେ ବେପରୁଆ ଟୁଇଟ ଯୋଗୁ ସେ କାମ କରୁଥିବା କମ୍ପାନୀକୁ ବୃହତ୍ ପରିମାଣର କ୍ଷତି ହୋଇଥିଲା। ଟେସ୍‌ଲାର ଶେୟାର ମୂଲ୍ୟ ମାତ୍ରାଧିକ ରହିଥିବା କହି ସେ ବିବାଦ ଘେରକୁ ଚାଲି ଆସିଥିଲା। ଏହା ପୂର୍ବରୁ ସେ ବିବାଦୀୟ ହୋଇ ରହିଛନ୍ତି। ଟେସ୍‌ଲା ସମ୍ପୂର୍ଣ୍ଣ ଘରୋଇ କମ୍ପାନୀ ହେବା ନେଇ ଅନ୍ୟ ଏକ ଟୁଇଟ କରି ସେ ଅଧିକ ବିବାଦୀୟ ହୋଇ ପଡ଼ିଥିଲେ। ଫଳରେ ତାଙ୍କୁ କମ୍ପାନୀରୁ ବାଦ୍ ଦେବା ଲାଗି ମଧ୍ୟ କଥା ଉଠିଥିଲା।

# ବ୍ୟବସ୍ଥା ନ କରି ସହଯୋଗ ଲୋଡ଼ିଲେ

**ନୂଆଦିଲ୍ଲୀ, ୫।୫**

କରୋନା ସଂକ୍ରମଣ ଯୋଗୁ ଦେଶରେ ଲକ୍‌ଡାଉନ ଘୋଷଣା ପରେ ଗ୍ରାମାଞ୍ଚଳକୁ ଯୋଗାଯୋଗ କରୁଥିବା ଜାତୀୟ ରାଜପଥଗୁଡ଼ିକରେ ହଜାର ହଜାର ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ସମ୍ଭବତଃ ଏପରି ଗହଳି ୭୩ବର୍ଷ ତଳେ ଦେଶ ବିଭାଜନ ସମୟରେ ମଧ୍ୟ ଦେଖିବାକୁ ମିଳି ନ ଥିଲା। ହଜାର ହଜାର ପ୍ରବାସୀ ଶ୍ରମିକ କାମଧନ୍ଦା ନ ପାଇ ଚାଲି ଚାଲି ସେମାନଙ୍କ ଭିଟାମାଟିକୁ ଫେରୁଛନ୍ତି। କରୋନା ମହାମାରୀରୁ ଲୋକଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଗତ ମାର୍ଚ୍ଚ ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ୨୧ଦିନିଆ ଲକ୍‌ଡାଉନ ଘୋଷଣା କରିଥିଲେ। ସଙ୍ଗେ ସଙ୍ଗେ ସମସ୍ତ ରାଜ୍ୟର ସୀମାକୁ ସିଲ୍ କରିଦିଆଗଲା। ରେଳ, ବସ୍ ଓ ବିମାନ ଚଳାଚଳକୁ ମଧ୍ୟ ବନ୍ଦ କରିଦିଆ ଯାଇଥିଲା। ହଠାତ୍ ଲକ୍‌ଡାଉନ ଘୋଷଣା କରାଯାଇଥିବାରୁ ଲୋକମାନେ ନିଜ ଗ୍ରାମକୁ ଫେରିବାକୁ ବସ୍ କି ଟ୍ରେନ୍ ସୁବିଧା ପାଇପାରି ନ ଥିଲେ। ଫଳରେ ଗ୍ରାମାଞ୍ଚଳରୁ ଆସି ସହରାଞ୍ଚଳରେ ରହି ଜୀବିକା ଉପାର୍ଜନ କରୁଥିବା ପ୍ରାୟ ୧୨କୋଟି ଲୋକ ନିଜ ଭିଟାମାଟିକୁ ଫେରି ପାରି ନ ଥିଲେ। ରାତାରାତି ସେମାନଙ୍କ ଚାକିରି ଚାଲିଗଲା, ସେମାନଙ୍କୁ କୌଣସି ସାମାଜିକ ସହାୟତା ମିଳିଲା ନାହିଁ, ଭୋକ ଓପାସରେ ଦିନ କାଟିଲେ। ପରିସ୍ଥିତି କରୋନା ମହାମାରୀ ବିପଦଠାରୁ ବଳିଗଲା। ତେଣୁ ସେମାନେ ଜୀବନକୁ ବାଜି ଲଗାଇ ହଜାର ହଜାର କିଲୋମିଟର ଦୂର ନିଜ ଭିଟାମାଟିକୁ ଚାଲି ଚାଲି ଫେରିବାକୁ ବାଧ୍ୟ ହେଲେ।

ଭିଟାମାଟିକୁ ଚାଲି ଚାଲି ଫେରୁଥିବା ୧୨ଲକ୍ଷ ୫୦ହଜାର ଲୋକଙ୍କୁ ବିଭିନ୍ନ କ୍ୟାମ୍ପ ଓ ଆଶ୍ରୟ ଗୃହରେ ରଖାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରି କି ଲକ୍‌ଡାଉନ ଘୋଷଣାର କିଛି ଦିନ ମଧ୍ୟରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୧.୭ଲକ୍ଷ କୋଟି ଟଙ୍କାର ରିଲିଫ୍(ଖାଦ୍ୟ, ଚାଉଳ, ରନ୍ଧନ ଗ୍ୟାସ ଇତ୍ୟାଦି)ସହାୟତା ଘୋଷଣା କରାଯାଇଥିଲା। ହେଲେ ଏହା ଲୋକଙ୍କ ପାଖରେ କିପରି ଠିକ୍‌ରେ ପହଞ୍ଚି ପାରିବ ସେନେଇ କୌଣସି ରୋଡ ମ୍ୟାପ କରାଗଲା ନାହିଁ। ଏଭଳି ସ୍ଥିତିରେ ବିଭିନ୍ନ ସ୍ଥାନରେ ଫସି ରହିଥିବା ପ୍ରବାସୀଙ୍କୁ ବିଭିନ୍ନ ଏନ୍‌ଜିଓ ଓ ସାମାଜିକ ସଂସ୍ଥା ସହଯୋଗ ଜାରି ରଖିଛନ୍ତି ବୋଲି ଦିଲ୍ଲୀର ଦାତବ୍ୟ ଅନୁଷ୍ଠାନ 'ଗୁଞ୍ଜ'ର ପ୍ରତିଷ୍ଠାତା ଅଂଶୁ ଗୁପ୍ତା କହିଛନ୍ତି। ତାଙ୍କ କହିବାହେଲା ଲକ୍‌ଡାଉନ ସମୟରେ ବହୁ ପ୍ରବାସୀ ସେମାନଙ୍କ ଗ୍ରାମରେ ପହଞ୍ଚିଥିବାବେଳେ ଅନେକ ସହରାଞ୍ଚଳରେ ଅଟକି ରହିଛନ୍ତି। ଏପରି କି ଲକ୍ଷଲକ୍ଷ ଗରିବ ଲୋକ ଯେଉଁମାନେ ଗ୍ରାମାଞ୍ଚଳରେ ବାସ କରୁଛନ୍ତି ସେମାନେ ମଧ୍ୟ ଏବେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଛନ୍ତି। କୌଣସି ବିଧିବଦ୍ଧ ଯୋଜନା କିମ୍ବା ବ୍ୟବସ୍ଥା ନ କରି ସରକାର ଲକ୍‌ଡାଉନ ଘୋଷଣା କରିଥିଲେ। ଯାହାକି ଅନେକେଙ୍କୁ ଅସୁବିଧାରେ ପକାଇଛି। ଏଭଳି ସ୍ଥିତିରେ ସରକାରଙ୍କ ପକ୍ଷରୁ ସହାୟତା ଦିଆଯାଉଥିବାବେଳେ ଭାରତୀୟ ନାଗରିକ ସମାଜ(ସିଭିଲ ସୋସାଇଟି) ମଧ୍ୟ ଲୋକଙ୍କୁ ସେବା ଯୋଗାଇଦେବାକୁ ଆଗେଇ ଆସିଛି। ୯୨ସହଯୋଗୀ ଏନ୍‌ଜିଓ ସହଯୋଗରେ ଗୁପ୍ତା ତାଙ୍କର ଦାତବ୍ୟ ସଂସ୍ଥା ମାଧ୍ୟମରେ ୧୮ଟି ରାଜ୍ୟରେ ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି। ଏହି ସଂଗଠନର କ୍ଷେତ୍ରୀୟ ସ୍ତରରେ କାର୍ଯ୍ୟ କରୁଥିବା ସଦସ୍ୟମାନେ ଇତିମଧ୍ୟରେ ୧୭,୭୦୦ ପରିବାରକୁ ୧୬,୬୦୦କିଲୋ ଚାଉଳ, ଅଟା, ମସୁର ଡାଲି, ଆଳୁ ଏବଂ ତେଲ ପ୍ରଦାନ କରିଛନ୍ତି। ଏପରି କି ସମୂହ ରୋଷେଇ ମାଧ୍ୟମରେ ୭୭,୮୦୦ ଖାଦ୍ୟ ପୁଡ଼ିଆ ପ୍ରଦାନ କରାଯିବା ସହ ୪୨,୮୦୦ ମାସ୍କ ଓ ୨୪,୯୦୦ ସାନିଟାରି ପ୍ୟାଡ ଯୋଗାଇ ଦିଆଯାଇଛି ବୋଲି କୁହାଯାଇଛି। କେବଳ ଏହି ସଂଗଠନ ନୁହେଁ,ବିଭିନ୍ନ ରାଜ୍ୟରେ ବହୁ ସାମାଜିକ ଅନୁଷ୍ଠାନ ପକ୍ଷରୁ ଲୋକମାନଙ୍କୁ ସହଯୋଗର ହାତ ବଢ଼ାଇ ଦିଆଯାଉଛି। ସରକାରଙ୍କ ସହ ସାମିଲ ହୋଇ ସାମାଜିକ ସଂଗଠନଗୁଡ଼ିକ ଗରିବଙ୍କ ମୁହଁରେ ହସ ଫୁଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛନ୍ତି। ଏପରି କି ସରକାର ମଧ୍ୟ ସାମାଜିକ ସଂଗଠନଗୁଡ଼ିକୁ ଗରିବଙ୍କୁ ସହଯୋଗର ହାତ ବଢ଼ାଇବାକୁ ନିବେଦନ କରିଛନ୍ତି। ତେବେ ଇତିମଧ୍ୟରେ କେତେକ ଏନ୍‌ଜିଓର ଲାଇସେନ୍ସ ରଦ୍ଦ ହୋଇଯାଇଥିବାରୁ ଗରିବଙ୍କୁ ଅଧିକରୁ ଅଧିକ ସହଯୋଗ ମିଳି ପାରୁ ନ ଥିବା ଗୁଞ୍ଜର ପ୍ରତିଷ୍ଠାତା ଗୁପ୍ତା କହିଛନ୍ତି।

## ସରକାରଙ୍କ ଲକ୍‌ଡାଉନ କଟକଣା



ଦୁର୍ଦ୍ଦିନରେ ଦାଦନ ଶ୍ରମିକ

## ଲାଇସେନ୍ସ ରଦ୍ଦ ପରେ ମନେ ପଡୁଛି

ବିଦେଶୀ ସହାୟତା ନିୟାମକ ଆଇନ ବା ଫରେନ କଣ୍ଟ୍ରିବ୍ୟୁଶନ ରେଗୁଲେଟୋରୀ ଆକ୍ଟ ଅନୁସାରେ ଭାରତରେ ଥିବା ଏନ୍‌ଜିଓଗୁଡ଼ିକ ବିଦେଶୀ ପାଣ୍ଠି ଯେପରି ଗ୍ରହଣ କରି ନ ପାରିବେ ସେଥିପାଇଁ ୨୦୧୪ରୁ ୨୦୨୦ ମଧ୍ୟରେ କେନ୍ଦ୍ର ସରକାର ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଏନ୍‌ଜିଓଙ୍କ ଲାଇସେନ୍ସକୁ ରଦ୍ଦ କରିଛନ୍ତି। ବିଶେଷକରି ମାନବାଧିକାର ଦିଗରେ କାର୍ଯ୍ୟ କରୁଥିବା ଅନେକ ଏନ୍‌ଜିଓ ଏହାଦ୍ୱାରା ବିଶେଷମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଅନେକ ଏନ୍‌ଜିଓ ଉଭାନ ହୋଇଯାଇଥିବାବେଳେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ ହୋଇଗଲା। ଏପରି କି ବିଭିନ୍ନ ଏନ୍‌ଜିଓରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଭାଗ୍ୟ ମଧ୍ୟ ଅନ୍ଧକାରକୁ ଠେଲି ହୋଇଯାଇଛି। ଲୋକମାନଙ୍କ ପାଇଁ ସେମାନଙ୍କ କାର୍ଯ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପ୍ରତି କରୋନା ଭାଇରସ ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ୯୨ହଜାର ଏନ୍‌ଜିଓକୁ ସରକାରଙ୍କୁ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

ଚେତନାକୁ ବ୍ୟାପକ କରିବା ଦ୍ୱାରା ଯଥାର୍ଥ ବିଶ୍ରାମ ମିଳେ। ବିଶ୍ୱ ପରି ବିରାଟ ଓ ବିପୁଳ ହୁଅ। ତୁମେ ସର୍ବଦା ହିଁ ବିଶ୍ରାମରେ ରହିପାରିବ। -ଶ୍ରୀମା

# ଶୁଣିବ ବା କିଏ

ଭାରତର ବିଭିନ୍ନ ରାଜ୍ୟର ବାସିନ୍ଦା ଯେଉଁମାନେ ବାହାରେ କାମ କରୁଥିଲେ, ଏତେ ଡେରିରେ ସେମାନଙ୍କୁ ଏବେ ଫେରାଇଲା ବେଳକୁ ନାହିଁ ନ ଥିବା ଅସୁବିଧା ଦେଖାଦେଲାଣି। ଯେତେବେଳେ ଜନତା କର୍ଫ୍ୟୁ ଘୋଷଣା କରାଗଲା, ସେତେବେଳେ ଡ୍ରାମା ପରିବର୍ତ୍ତେ ଯଦି ବାସ୍ତବ ଦିଗକୁ ଦେଖାଯାଇ ମାର୍ଚ୍ଚ ୨୪ ତାରିଖରେ ସମ୍ପୂର୍ଣ୍ଣ ଲକ୍‌ଡାଉନ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇ ଥାଆନ୍ତା, ତେବେ ଏହି ପ୍ରବାସୀ ଶ୍ରମିକ ନିଜ ଘରକୁ ସୁରୁଖୁରୁରେ ଫେରିପାରିଥାଆନ୍ତେ। ମନେରଖିବାକୁ ହେବ ଯେ, ସେତେବେଳେ ଏହି ଗରିବଙ୍କ ମଧ୍ୟରେ କରୋନା ଭାଇରସ ପ୍ରବେଶ ହୋଇ ନ ଥିଲା। ଯେହେତୁ ଏହି ରୋଗ ବିଦେଶରେ ଜନ୍ମିତ ସେଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ମାଗଣାରେ ବିମାନ ଯୋଗେ ବୁହାହୋଇ ଆସିଥିବା ପ୍ରବାସୀ ଭାରତୀୟଙ୍କ ଜରିଆରେ ସଂକ୍ରମଣ ପ୍ରବେଶ କଲା। କ୍ୱାରାଣ୍ଟାଇନ୍ କଥା ଯେତେ କୁହାଗଲେ ମଧ୍ୟ ସଂକ୍ରମଣକୁ ରୋକିବା ସମ୍ଭବପର ହେଲା ନାହିଁ। ପୂର୍ବଭଳି ଏବେ ଆଉ ଏକ ତ୍ରୁଟିପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରାଯାଉଛି। କେନ୍ଦ୍ର ସରକାର ପୁନର୍ବାର ବିଦେଶରେ ଥିବା ପ୍ରାୟ ୨ ଲକ୍ଷ ଭାରତୀୟଙ୍କୁ ବିମାନ ଯୋଗେ ଆଣିବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏହାର ଅର୍ଥ ହେଲା ଆହୁରି ଥରେ ରୋଗକୁ ନିମନ୍ତ୍ରଣ କରି ଅଣାଯାଉଛି। କେତେକ ଧନୀ ଲୋକଙ୍କ ସନ୍ତାନ ଓ ସମ୍ପର୍କୀୟ ବିଦେଶରେ ଦୀର୍ଘକାଳ ରହିଯାଇଥିବାରୁ ସେମାନଙ୍କୁ ଫେରାଇ ଆଣିବା ଲାଗି ସରକାର ବ୍ୟଗ୍ରତା ପ୍ରକାଶ କରୁଛନ୍ତି। ଏମାନଙ୍କ ସହିତ ବିଭିନ୍ନ ଦେଶରେ ଥିବା ଅନ୍ୟ ସାଧାରଣ ଭାରତୀୟ ଆସିବାର ସୁଯୋଗ ପାଇଯିବେ। ସେମାନଙ୍କୁ ବିଦେଶୀ ବାସସ୍ଥାନରେ ରହିବା ପାଇଁ କୁହାଯାଇ ପାରିଥାଆନ୍ତା। ସେହି ଦେଶଗୁଡ଼ିକରେ ଥିବା ଭାରତୀୟ ଦୂତାବାସରେ ପଞ୍ଜୀକରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ସେମାନଙ୍କୁ ଖାଦ୍ୟ ଓ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଇପାରିଥାଆନ୍ତା। କୌତୂହଳର ବିଷୟ ହେଲା, ସେଭଳି ପ୍ରତିଷେଧକ ବ୍ୟବସ୍ଥା କରିବା ପରିବର୍ତ୍ତେ ଆମ ସରକାର ସଂକ୍ରମଣ ସନ୍ଦେହରେ ଥିବା ବ୍ୟକ୍ତିମାନଙ୍କୁ ଯଥେଷ୍ଟ ପୂର୍ବରୁ ମାଗଣାରେ ଉଡ଼ାଜାହାଜରେ ଘରକୁ ଫେରାଇ ଆଣିଲେ। ସେଥିରୁ ସଂକ୍ରମଣ ବଢ଼ିଲା। ଏବେ ଶ୍ରମିକ ଶ୍ରେଣୀକୁ ରେଳ ଭଡ଼ା ଦେବା ପାଇଁ ବାଧ କରାଯାଉଛି। ଯେତେବେଳେ କଂଗ୍ରେସର ସୋନିଆ ଗାନ୍ଧୀ ଘୋଷଣା କରିଦେଲେ ଯେ ତାଙ୍କ ଦଳ ସମସ୍ତ ଶ୍ରମିକଙ୍କ ରେଳ ଭଡ଼ା ବହନ କରିବ, ସେତେବେଳେ କେନ୍ଦ୍ର ସରକାର ବାଉଳା ହୋଇ ରେଲୱେ ଓ ରାଜ୍ୟ ସରକାର ଏ ଖର୍ଚ୍ଚ ଦେବେ ବୋଲି କହିଲେଣି। ଏଭଳି ସଙ୍କଟପୂର୍ଣ୍ଣ ସମୟରେ ନିଜାମୁଦ୍ଦିନ ମର୍କଜରେ ଯୋଗଦେବା ପାଇଁ ବିଦେଶୀ ମୁସଲମାନ ମୁଲ୍ଲାମାନଙ୍କୁ ଭାରତ ପ୍ରବେଶ ପାଇଁ କିଏ ଭିଜା ଅନୁମତି ଦେଲା, ତାହା ସ୍ୱୀକାର କରିବାକୁ ସରକାରର ମନୋବଳ ନାହିଁ। ସେଠାରେ ଯେତେବେଳେ ସଂକ୍ରମଣ ହେଲା ସେତେବେଳେ ଏହାକୁ ମୁସଲମାନ–ହିନ୍ଦୁ ରଙ୍ଗ ଦେବା ପାଇଁ ଚେଷ୍ଟା କରାଗଲା। କିନ୍ତୁ ପୁନର୍ବାର ସରକାର ଭୁଲିଗଲେ ଯେ ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ନିଜେ ରାତ୍ରିଅଧରେ ଯାଇ ନିଜାମୁଦ୍ଦିନ ମର୍କଜରେ ମୁଲ୍ଲା ଓ ମୌଲବୀମାନଙ୍କୁ ସେହି ସ୍ଥାନ ଛାଡ଼ି ତତ୍‌କ୍ଷଣାତ୍ ପଳାଇଯିବାକୁ ଉପଦେଶ କାହିଁକି ଦେଲେ। ଉଲ୍ଲେଖଯୋଗ୍ୟ ଯେ, ଇଣ୍ଡୋନେସିଆ ଓ ମାଲେସିଆରୁ ଆସିଥିବା ମୌଲବୀମାନେ ନିଜ ଦେଶରେ ସଂକ୍ରମିତ ହୋଇଥିଲେ। ସେମାନଙ୍କୁ ଭିଜା ଦିଆଯିବା ସମୟରେ ଭାରତୀୟ ଦୂତାବାସ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ଉଚିତ ଥିଲା। ସାଧାରଣରେ ତାହା କରାଯାଏ ମଧ୍ୟ। କିନ୍ତୁ ବାସ୍ତବ ବିପଦ ସମୟରେ ସବୁ ଅସ୍ୱାଭାବିକ ପଦକ୍ଷେପ ଗ୍ରହଣ କରିବା ପଛରେ କେଉଁ ପ୍ରକାର ଉଦ୍ଦେଶ୍ୟ ରହିଛି, ତାହା ଏବେ ଅନୁସନ୍ଧାନସାପେକ୍ଷ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୨୦୧୪ ମସିହାରେ ଯେତେବେଳେ ପଶ୍ଚିମ ଆଫ୍ରିକାରେ ମାରାତ୍ମକ ଇବୋଲା ରୋଗ ବ୍ୟାପିଲା ସେତେବେଳେ ଭାରତ ସମେତ ଅନ୍ୟ ସବୁ ଦେଶ ସେଠାକୁ ଉଡ଼ାଜାହାଜ ପଠାଇବା ଓ ଲୋକ ବୋହିଆଣିବା ବନ୍ଦ କରିଦେଲେ। ଫଳରେ ସମଗ୍ର ପୃଥିବୀରେ କଣ୍ଟେନ୍‌ମେଣ୍ଟ ବା ଲକ୍‌ଡାଉନ୍ ପରିବର୍ତ୍ତେ ସେହି ସୀମିତ ଅଞ୍ଚଳରେ ଲକ୍‌ଡାଉନ୍ କରାଯାଇ ରୋଗର ସମାପ୍ତି କରିଦିଆଗଲା। ଏତେ ନିକଟ ଅତୀତରେ ପାଇଥିବା ଶିକ୍ଷାରୁ ଭାରତ ସରକାର କିଛି ଶିଖିଲେ ନାହିଁ। ସେଥିପାଇଁ ଏବେ ସମଗ୍ର ଦେଶବାସୀ ଅଯଥାରେ କଷ୍ଟ ଭୋଗୁଛନ୍ତି। ଫେବୃୟାରୀ ୧୧ରେ ଏଇ ସ୍ତମ୍ଭରେ 'କାହିଁକି ଦେଖେଇ ହେଉଛେ' ଶୀର୍ଷକ ଏକ ଲେଖା ପ୍ରକାଶ କରିଥିଲୁ। ସେଥିରେ ଦର୍ଶାଇଥିଲୁ ଯେ, କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଯେତେବେଳେ ଅନ୍ୟ ଦେଶଗୁଡ଼ିକ ଚାଇନା ସହ ଦ୍ରବ୍ୟ ଆମଦାନୀ କିମ୍ବା ରପ୍ତାନି କରିବାକୁ ଅମଙ୍ଗ ହେଲେଣି, ସେଭଳି ସ୍ଥଳେ ଭାରତୀୟ ନେତୃତ୍ୱ ଚାଇନାକୁ ସମବେଦନା ଜଣାଇବାକୁ ଯାଇ ଡାକ୍ତରୀ ଦଳ ପଠାଇବାକୁ ନିଷ୍ପତ୍ତି ନେଇଥିଲା। ସେହି ଦୃଷ୍ଟିରୁ ଦେଖିଲେ, ସଂକ୍ରମିତ ଦେଶଗୁଡ଼ିକରୁ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଠିକ୍ ନୁହେଁ ବୋଲି ଅନେକବାର ମତ ଦେଇଛୁ। ଲକ୍‌ଡାଉନ୍ କରିବା ପୂର୍ବରୁ ସରକାର ଏଭଳି ବାସ୍ତବ ଦିଗଗୁଡ଼ିକୁ ଧ୍ୟାନ ଦେଇଥିଲେ ଦେଶ ନିରାପଦରେ ଥାଆନ୍ତା। କିନ୍ତୁ ଶୁଣିବ ବା କିଏ ।

## ୨୫ ବର୍ଷ ତଳର ଧରିତ୍ରୀ

୬ ମେ ୧୯୯୫

- ବାଂଲାଦେଶର ପାତୁଆଖାଲି ଜିଲାର ପାଇରା ନଦୀରେ ନୌକା ବୁଡ଼ି ୬ ମୃତ।
- ମାଲେସିଆରେ ଭାରତୀୟ ଫିଲ୍ମ 'ବମ୍ବେ'ର ପ୍ରଦର୍ଶନକୁ ନିଷିଦ୍ଧ ଘୋଷଣା।
- ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଲୁ ୱିସ୍ ପ୍ରେଷ୍ଟନ୍‌ଙ୍କ ୬୮ ବର୍ଷ ବୟସରେ ପରଲୋକ।
- କସିଙ୍ଗାପୁରରେ ଏମ୍ ଟିଭି ପକ୍ଷରୁ ନୂତନ ଅନ୍ତର୍ଜାତୀୟ ନେଟ୍‌ୱର୍କ ଏମ୍ ଟିଭି ଏସିଆ ଚ୍ୟାନେଲ ଆରମ୍ଭ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 0 | | | E | | | | 4 |
| 4 | | 8 | 1 | | A | B | | D | | | | 3 | | |
| | | B | | 7 | | 6 | | | D | | | 5 | | 2 |
| | A | | | | | | | | 6 | 8 | | D | | |
| | C | | | 9 | | 2 | | | | | | | | |
| | | | | | | | E | 7 | C | 4 | | | | |
| | 7 | 1 | 0 | C | | A | B | | 9 | | 2 | | 8 | |
| | | 6 | | D | B | | | | 1 | | | | | |
| | B | A | | | 3 | | | | E | | 7 | | 1 | |
| | | E | A | | 2 | | | 0 | | | 8 | C | | |
| | | 7 | D | | | | 5 | | | 3 | C | | | |
| | | | B | 0 | | | 4 | 8 | | | | | 9 | 3 |
| D | | | | 4 | C | 9 | 1 | | A | | 0 | | | 5 |
| | 8 | 0 | | | | D | 6 | 2 | | | B | | | |
| 5 | | | | E | 1 | | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 2 | 7 | D | 3 | 8 | E | 1 | 6 | 4 | C | 5 | 0 | B | 9 |
| C | E | D | 5 | B | 4 | 2 | A | 3 | 0 | 9 | 7 | 6 | 8 | 1 |
| 5 | 0 | 1 | E | 9 | A | B | D | C | 8 | 2 | 6 | 3 | 7 | 4 |
| 9 | 4 | 3 | 0 | 6 | C | 8 | 5 | 7 | B | 1 | A | D | E | 2 |
| 8 | 6 | B | 1 | 2 | 7 | 0 | 9 | 4 | D | E | 3 | C | 5 | A |
| E | 5 | A | 3 | D | 1 | C | 7 | 9 | 2 | 8 | 4 | B | 6 | 0 |
| 7 | 1 | 2 | C | 5 | 0 | A | B | 8 | 9 | 6 | D | E | 4 | 3 |
| 4 | 3 | 0 | 6 | 8 | 2 | D | E | 5 | 1 | A | B | 9 | C | 7 |
| 6 | 8 | 9 | B | 7 | E | 4 | 2 | 1 | C | 3 | 0 | 5 | A | D |
| D | B | C | A | 4 | 9 | 3 | 6 | 0 | 5 | 7 | E | 1 | 2 | 8 |
| 1 | 9 | 5 | 4 | E | 6 | 7 | 0 | D | A | B | 2 | 8 | 3 | C |
| 0 | C | 6 | 8 | A | D | 5 | 3 | 2 | E | 4 | 9 | 7 | 1 | B |
| 2 | 7 | 8 | 9 | C | 5 | 6 | 4 | B | 3 | 0 | 1 | A | D | E |
| 3 | A | 4 | 7 | 0 | B | 1 | 8 | E | 6 | D | C | 2 | 9 | 5 |
| B | D | E | 2 | 1 | 3 | 9 | C | A | 7 | 5 | 8 | 4 | 0 | 6 |

ଗତକାଲିର ଉତ୍ତର

# କୃଷି ଓ କୃଷକକୁ ମୁକ୍ତ କର



ନଟବର ଖୁଣ୍ଟିଆ

କରୋନା ଭୂତାଣୁ ଚାଇନାର ଉହାନ ସହରରୁ ଗତବର୍ଷ ଡିସେମ୍ବରରେ ଜନ୍ମନେଇ ଆଜି ସାରା ବିଶ୍ୱରେ ତା'ର କାୟାବିସ୍ତାର କରି ବିଶ୍ୱରେ କୋକୁଆ ଭୟ ସୃଷ୍ଟି କରିଛି। ଚାଇନାଠାରୁ ଆରମ୍ଭ କରି ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ପରି ସମସ୍ତ ବିତ୍ତଶାଳୀ ଦେଶ କରୋନା ନିକଟରେ ପରାହତ। ଉପରୋକ୍ତ ବିଶ୍ୱ ସ୍ଥିତିକୁ ବିଚାର କଲେ ଭାରତ ପରି ଏକ ବିକାଶଶୀଳ ଦେଶବାସୀଙ୍କ ମନରେ ନିରାଶା ଓ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ। ଅନ୍ୟ ଅର୍ଥରେ କହିବାକୁ ଗଲେ 'ଶିଳ ଶିଳପୁଆ ଗଗନେ ଉଡୁଛି, ସିମିଳିତୁଳା କହୁଛି ମତେରଖ।' ଆମର ଲୋକ ସଂଖ୍ୟା ଚାଇନା ପରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ। ୧୩୦ କୋଟି ଲୋକଙ୍କୁ ଆଧୁନିକ ଚିକିତ୍ସା ପ୍ରଣାଳୀରେ କରୋନାଠାରୁ ବର୍ତ୍ତାଇ ରଖିବା ନିଶ୍ଚିତ ଭାବେ କାଠିକର ପାଠ। କରୋନା ପାଇଁ କୌଣସି ଔଷଧ ବାହାରି ନାହିଁ ନା ପ୍ରତିଷେଧକ ଟିକା ମଧ୍ୟ ବାହାରି ନାହିଁ। ଗୋଟିଏ ଶ୍ରେଷ୍ଠ ଉପାୟ ହେଲା ଯେହେତୁ କରୋନା ଏକ ସଂକ୍ରାମକ ରୋଗ–ଜଣଙ୍କଠାରୁ ଅନ୍ୟ ଜଣଙ୍କ ଶରୀରରେ ପ୍ରବେଶ ନ କରାଇଦେବା ପାଇଁ ସମସ୍ତ ଉପାୟ ଅବଲମ୍ବନ କରିବା, ଯାହାକୁ ଏବେ ଲୋକପ୍ରିୟ ଭାବରେ କୁହାଯାଉଛି ପରସ୍ପରଠାରୁ ସାମାଜିକ ଦୂରତ୍ୱ ରକ୍ଷା କରିବା। ଏହା ଏକ ସହଜ ସାଧ୍ୟ କଥା ନୁହେଁ, କିନ୍ତୁ ଏହାଠାରୁ ଆମ ପାଇଁ ଆଉ ସୁବିଧାଜନକ ବିକଳ୍ପ ନାହିଁ।

ଲକ୍‌ଡାଉନ୍‌ରେ ଗମନାଗମନ ରେଳ ପରିବହନ ସେବାଠାରୁ ଆରମ୍ଭ କରି ସ୍ଥଳପଥରେ ବସ୍‌ସେବା, ଆକାଶ ପଥରେ ଉଡ଼ାଜାହାଜ ସେବା ବନ୍ଦ କରିଦିଆଯାଇଛି। ହାଟ ବଜାରକୁ ନିୟନ୍ତ୍ରିତ ଭାବରେ ଖୋଲାଯାଇ ସାମାଜିକ ଦୂରତ୍ୱକୁ ଧ୍ୟାନରେ ରଖି ପରିଚାଳନା କରାଯାଉଛି। ଅନେକ ଶିଳ୍ପକୁ ବନ୍ଦ କରି ଦିଆଯାଇଛି। ଡାକ୍ତରୀସେବା, ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ସେବା ଓ ପରିଚାଳନା ପାଇଁ ଉଚ୍ଚ ପ୍ରଶାସନିକ ସେବାକୁ ଚାଲୁ ରଖାଯାଇଛି। ଏହା ଫଳରେ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ହ୍ରାସ ପାଇଛି। ଖଟିଖିଆ, ଦିନ ମଜୁରିଆମାନେ ମଜୁରି ପାଉନାହାନ୍ତି। ସେମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନ ମାଧ୍ୟମରେ ମାସକୁ ମାଗଣାରେ ୫ କିଲୋ ମୁଣ୍ଡପିଛା ଖାଦ୍ୟଶସ୍ୟ ଓ ଏକ କିଲୋ ଖାଇବା ତେଲ ପରିବାର ପିଛା ଦେବାର ବ୍ୟବସ୍ଥା ହୋଇଛି। ଧନ ଜନ ଯୋଜନା ମାଧ୍ୟମରେ ଯେଉଁ ବ୍ୟାଙ୍କ ଆକାଉଣ୍ଟ ଖୋଲା ହୋଇଥିଲା– ମହିଳାମାନଙ୍କ ନାମରେ ଯେଉଁସବୁ ଆକାଉଣ୍ଟ ଥିଲା ସେଥିରେ ୫୦୦ ଟଙ୍କା କରି ଜମା କରାଯାଇଛି ସରକାରଙ୍କ ପକ୍ଷରୁ। ପିଏମ୍ କିଷାନ ଯୋଜନା ମାଧ୍ୟମରେ ଚିହ୍ନିତ ଚାଷୀମାନଙ୍କୁ ୨ ହଜାର ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ଦେବାର ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ରାଜ୍ୟ ସରକାର ମଧ୍ୟ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସାହାଯ୍ୟ ଦେବା ଆରମ୍ଭ କଲେଣି। ଏସବୁ ସତ୍ତ୍ୱେ ସମସ୍ତ ଗରିବ ଲୋକଙ୍କ ପାଖରେ ସାହାଯ୍ୟ ପହଞ୍ଚି ପାରୁନାହିଁ। ସମସ୍ତ ଗରିବ ଲୋକଙ୍କର ପଡିକାର୍ଡ ନାହିଁ ନା ଜନଧନ ଆକାଉଣ୍ଟ ନାହିଁ ଅବା ସମସ୍ତ ନିର୍ମାଣ ଶ୍ରମିକମାନେ ସେମାନଙ୍କ ନାମ ପଞ୍ଜୀକରଣ କରିନାହାନ୍ତି। ଅନେକ ଗରିବ ଲୋକ ସାହାଯ୍ୟରୁ ବଞ୍ଚିତ ହୋଇ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଆମ ଅର୍ଥନୀତି ଠପ୍ ହେବାକୁ ବସିଲାଣି। ଆଇଏମ୍‌ଏଫ୍ କହିଲାଣି, ଭାରତର ଅଭିବୃଦ୍ଧି ମାତ୍ର ୧.୯ ପ୍ରତିଶତ ହେବ। କିନ୍ତୁ ଯାହା ପରିସ୍ଥିତି ସୃଷ୍ଟି ହେଲାଣି ସେହି ୧.୯ ପ୍ରତିଶତ ଅଭିବୃଦ୍ଧି ଆହୁରି ତଳକୁ ଖସିବା ବିଚିତ୍ର କଥା ନୁହେଁ।

ସମସ୍ତେ ଅନୁଭବ କରୁଛନ୍ତି, ଅର୍ଥନୀତି ତୁଳନାରେ ଜୀବନ ଆଗ– ତେଣୁ ଜୀବନ ରକ୍ଷା କରିବା ପାଇଁ ଲକ୍‌ଡାଉନ୍ ଅପରିହାର୍ଯ୍ୟ ବୋଲି ଅନେକେ ଏହାକୁ ସମର୍ଥନ କରୁଛନ୍ତି। ମଣିଷ ବଞ୍ଚି ରହିଲେ ପୁନଶ୍ଚ ଅର୍ଥନୀତିକୁ ସଜାଡ଼ିନେବ ବୋଲି ଆଶା କରୁଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି, କେତେଦିନ ଲକ୍‌ଡାଉନ୍ ମଧ୍ୟରେ ଗୃହବନ୍ଦୀ ହୋଇ ରହି ଅପେକ୍ଷା କରିବା। କେବେ କରୋନା ଭୂତାଣୁ ଦୂରେଇଯିବ। ବଞ୍ଚି ରହିବା ପାଇଁ ମଣିଷର ବିଭିନ୍ନ ସର୍ବନିମ୍ନ ଆବଶ୍ୟକତା ମଧ୍ୟରୁ ଖାଦ୍ୟ ହେଲା ସର୍ବପ୍ରଥମ। ଖାଦ୍ୟ ବିନା ମଣିଷ ବଞ୍ଚିପାରିବ ନାହିଁ। ଖାଦ୍ୟ ଅଭାବ ପଡ଼ିଲେ ମଣିଷ କିପରି ପୋକମାଛି ପରି ମୃତ୍ୟୁବରଣ କରେ ତାହା ୧୮୬୬ର ନଅଙ୍କ ଦୁର୍ଭିକ୍ଷର ଚିତ୍ରକୁ ସ୍ମରଣ କଲେ ଲୋମ ଟାଙ୍କୁରି ଉଠେ। ଭାରତ ପରି ବିପୁଳ ସଂଖ୍ୟା ଥିବା ଦେଶ ବିଦେଶରୁ ଖାଦ୍ୟ ଆମଦାନୀ କରି ତା'ର ଦେଶବାସୀଙ୍କୁ ଖାଦ୍ୟ ଯୋଗାଇ ପାରିବ ନାହିଁ। କରୋନା ଯୋଗୁ ସାରା ବିଶ୍ୱରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ପ୍ରତ୍ୟେକ ଦେଶରେ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବ। କେତେକ ବିଶ୍ୱ ସଂଗଠନ ଓ ବିଶେଷଜ୍ଞ କହିଲେଣି କରୋନାର ପ୍ରଭାବ ପରବର୍ତ୍ତୀ ସମୟରେ ସାରା ବିଶ୍ୱରେ ଖାଦ୍ୟାଭାବ ପରି ଏପରି କ୍ଷୁଧା ସୃଷ୍ଟି କରିବ ଯେ, କେତେକ ଦେଶରେ ଲୋକେ ଖାଇବାକୁ ନ ପାଇ ମୃତ୍ୟୁବରଣ କରିବେ। ତେଣୁ କରୋନାର ପ୍ରାଦୁର୍ଭାବ ମଧ୍ୟରେ ଆମକୁ ଖାଦ୍ୟ ଉତ୍ପାଦନ କରିବାକୁ ହେବ। ଆଜି ଆମ ଖାଦ୍ୟ ଭଣ୍ଡାରରେ ଖାଦ୍ୟ ସାଇତା ହୋଇଥିବାରୁ ସରକାର ସାଙ୍ଗେ ସାଙ୍ଗେ ମୁଣ୍ଡପିଛା ୫ କିଲୋ କରି ଖାଦ୍ୟଶସ୍ୟ ପଡିକାର୍ଡଧାରୀମାନଙ୍କୁ ଦେଇଦେଲେ। ଲକ୍‌ଡାଉନ୍ ଯୋଗୁ ଖାଦ୍ୟଶସ୍ୟ ଅମଳ ଓ ଉତ୍ପାଦନ ପ୍ରକ୍ରିୟାକୁ ବାଧାଦେଲେ ଆଗାମୀ ଦିନରେ ଖାଦ୍ୟ ସମସ୍ୟା ସୃଷ୍ଟି ହେବା ଅନିବାର୍ଯ୍ୟ। କୃଷି ଉତ୍ପାଦନ ଋତୁ ଅନୁସାରେ ହୁଏ। ଆମ ଦେଶରେ ଖାଦ୍ୟ ଶସ୍ୟର ଉତ୍ପାଦନ ମୁଖ୍ୟତଃ ଖରିଫ୍ ଋତୁରେ ହୁଏ। ବର୍ତ୍ତମାନ ରବି ଋତୁର ଫସଲ ଅମଳ ସମୟ ଓ ଖରିଫ୍ ଋତୁରେ ଚାଷ କରିବା ପାଇଁ ପ୍ରସ୍ତୁତ ହେବାର ସମୟ। ଏବେ ଚାଷୀ ତା' କ୍ଷେତକୁ ନ ଗଲେ ଚାଷୀକୁଳ କେବଳ ଭାସିଯିବ ନାହିଁ, ଦେଶରେ ଖାଦ୍ୟଶସ୍ୟର ଅଭାବ ପଡିବାର ଆଶଙ୍କା ବୃଦ୍ଧି ପାଇବ। ଅର୍ଥାତ୍ କିଛି ପରିମାଣରେ ବିପଦକୁ ବରଣ କରି ଆମକୁ କୃଷି କାର୍ଯ୍ୟକୁ ଚଳାଇ ରଖିବାକୁ ହେବ। ସୁତରାଂ ସୀମିତ ପରିମାଣରେ ଲକ୍‌ଡାଉନ୍‌କୁ କୋହଳ କରି ଚାଷୀ ଯେପରି ରବି ଫସଲ ଅମଳ କରି ବିକ୍ରି କରିପାରିବ ଏବଂ ଆଗାମୀ ଖରିଫ୍ ଚାଷ ପାଇଁ ସମସ୍ତ ପ୍ରାରମ୍ଭିକ ପ୍ରସ୍ତୁତି କରିବ ସେଥିପାଇଁ ବ୍ୟବସ୍ଥା ଆବଶ୍ୟକ। ଏକଥା ଉପଲବ୍ଧି କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷିକାର୍ଯ୍ୟ ପାଇଁ ଲକ୍‌ଡାଉନ୍ ବ୍ୟବସ୍ଥା କୋହଳ କରିବାର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କୃଷି ଓ କୃଷକକୁ କରୋନା ଭୂତାଣୁର ଚକ୍ରବ୍ୟୂହରେ ମୁକ୍ତ ରଖିବା ପାଇଁ ନିମ୍ନୋକ୍ତ ପ୍ରସ୍ତାବଗୁଡ଼ିକୁ ବିଚାରକୁ ନିଆଯାଇପାରେ।

- ବର୍ତ୍ତମାନ ରବି ଋତୁ ଚାଷ ହୋଇଥିବା ବିଭିନ୍ନ ପନିପରିବାକୁ ଚାଷୀମାନେ କିପରି ଅମଳ କରି ମଣ୍ଡି ଅବା ପାଇକାରୀ ବଜାରରେ ପହଞ୍ଚାଇପାରିବେ ସେଥିପାଇଁ ରାଜ୍ୟ କୃଷି ବିଭାଗ, ସମବାୟ ବିଭାଗ ଓ ଯୋଗାଣ ବିଭାଗର ଜିଲା କର୍ମକର୍ତ୍ତାମାନେ ଏକ ଟିମ୍ ଗଠନ କରି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଅନ୍ତୁ।
- ବର୍ତ୍ତମାନ ରବି ଧାନ ଅମଳର ସମୟ। ଧାନ ଅମଳ ପରେ ଚାଷୀମାନେ ଧାନବସ୍ତା ନେଇ ପୂର୍ବପରି ଦିନ ଦିନ ଧରି ମଣ୍ଡିସ୍ଥାନରେ ଭିଡ଼ ନ ଜମାଇ ପ୍ରତି ଗାଁରେ ମଣ୍ଡି କର୍ତ୍ତୃପକ୍ଷ ପହଞ୍ଚି ଧାନ ସଂଗ୍ରହ କରନ୍ତୁ।
- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଦୀର୍ଘମିଆଦୀ ସମ୍ପତ୍ତି ସୃଷ୍ଟି କରିବା ପାଇଁ ଉଦ୍ୟମ କଲେ ସାମାଜିକ ଦୂରତା ରକ୍ଷା କରିବା ସମ୍ଭବ ହେବ ନାହିଁ। ଅନ୍ତତଃ ତିନି ମାସ ପାଇଁ ଏହି ନୀତିରେ କୋହଳ କରି ଏହି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ଶ୍ରମିକମାନେ ଚାଷ ଜମିରେ କାମ କରି ଚାଷୀଙ୍କୁ ସାହାଯ୍ୟ କରନ୍ତୁ। ସେମାନଙ୍କୁ ଜାତୀୟ ଗ୍ରାମୀଣ ନିଯୁକ୍ତି ପାଣ୍ଠିରୁ ମଜୁରି ଦିଆଯାଉ। ଏହା ଫଳରେ ଚାଷୀ କାମ ତ୍ୱରାନ୍ୱିତ ହେବ, ଶ୍ରମିକ ମଜୁରି ପାଇବ।
- ରବି ଧାନ ଅମଳକୁ ତ୍ୱରାନ୍ୱିତ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ଥ୍ରେସର ଓ ହାରଭେଷ୍ଟର କିପରି ଗାଁରେ ପହଞ୍ଚିବ ଏବଂ ଉଚିତ୍ ଭଡ଼ା ନେବେ ତାହାକୁ ସରକାର ନିଶ୍ଚିତ କରନ୍ତୁ।
- ଖରିଫ୍ ଚାଷ ପାଇଁ ଜମି ପ୍ରସ୍ତୁତ କରିବାକୁ ଟ୍ରାକ୍ଟର ଓ ପାୱାର ଟିଲର ଯଥେଷ୍ଟ ସଂଖ୍ୟାରେ ଗାଁରେ ପହଞ୍ଚାଇବାର ବ୍ୟବସ୍ଥା କରିବା ସଂଗେ ସଂଗେ ସେମାନେ ଯେପରି ଅଧିକ ଭଡ଼ା ଦାବି ନ କରନ୍ତି ସେଥିପ୍ରତି ସମ୍ପୃକ୍ତ ଟିମ୍ ଦୃଷ୍ଟି ଦେଉ।
- ଖରିଫ ଚାଷ ପାଇଁ କୃଷି ଋଣର ଆଗୁଆ ବ୍ୟବସ୍ଥା ହେବା ସହିତ ଆବଶ୍ୟକ ବିହନ, ସାର, ରୋଗମରା ଔଷଧ ଚାଷୀ ପାଖରେ ଯଥା ସମୟରେ କିପରି ପହଞ୍ଚିବ ତା'ର ବ୍ୟବସ୍ଥା ହେଉ।
- ୨୦୧୯–୨୦ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିବା କାଳିଆ ଯୋଜନାର କିସ୍ତି ଯଥାଶୀଘ୍ର ରାଜ୍ୟ ସରକାର ଖରିଫ୍ ଚାଷ ପୂର୍ବରୁ ଚାଷୀମାନଙ୍କୁ ଦିଅନ୍ତୁ। ସେଥିପାଇଁ ତ ବଜେଟ୍‌ରେ ବ୍ୟବସ୍ଥା ହୋଇଛି ୨୦୨୦–୨୧ ଆର୍ଥିକ ବର୍ଷ ପାଇଁ। କେନ୍ଦ୍ର ସରକାର ତ ପିଏମ୍ କିଷାନ ଯୋଜନା ମାଧ୍ୟମରେ ୨ ହଜାର ଟଙ୍କା ପଠାଇ ସାରିଲେଣି।
- ଭାଗଚାଷୀମାନେ ଉଭୟ ପିଏମ୍ କିଷାନ ଓ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନାହାନ୍ତି। ସେମାନେ ଏହିପରି ଆପତ୍ତିକାଳୀନ ସ୍ଥିତିରେ କିପରି ଆର୍ଥିକ ସାହାଯ୍ୟ ପାଇବେ ତା'ର ଜରୁରୀ ବ୍ୟବସ୍ଥା ହେଉ।
- ଚାଷ କଲାବେଳେ ଯଥା ସମ୍ଭବ କିପରି ସାମାଜିକ ଦୂରତ୍ୱ ପାଳନ କରିବେ ସେଥିପାଇଁ ଗ୍ରାମର ୱାର୍ଡମେମ୍ବରମାନଙ୍କୁ ନେଇ ସ୍ୱେଚ୍ଛାସେବୀ ଦଳ ଗଠନ କରାଯାଉ। ମାସ୍କ ବ୍ୟବହାର କରିବାକୁ ନିଶ୍ଚିତ କରାଯାଉ।

କୃଷି ଓ କୃଷକକୁ କରୋନାର ଚକ୍ରବ୍ୟୂହରୁ ସତର୍କତାର ସହ ବାହାର କରି ଆଣିଲେ ଆଗାମୀ ଦିନରେ ଖାଦ୍ୟ ସଙ୍କଟ ସମ୍ଭାବନାକୁ ଟାଳିଦେଇ ପାରିବା, ଭାରତ ଜିତିବ, କରୋନା ହାରିବ।

ଏ–୫୦୨, ମୋତିବ୍ଲକ, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର, ଭୁବନେଶ୍ୱର,
ମୋ–୯୯୩୭୯୫୧୨୬୨

## ଏଇ ଭାରତରେ

ଜଣେ ରାଜସ୍ୱ ସେବା ଅଧିକାରୀ ପ୍ରକୃତିକୁ କେତେ ଭଲ ପାଆନ୍ତି ତାହା ତାଙ୍କ କାର୍ଯ୍ୟରୁ ସ୍ପଷ୍ଟ ହୋଇଛି। ୧୯୮୬ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ପତଞ୍ଜଳି ଝା ନିଜସ୍ୱ ଉଦ୍ୟମରେ ଗତ ୨୦ ବର୍ଷ ମଧ୍ୟରେ ୧୦୦ ଏକର ଫୁଡ୍ ଫରେଷ୍ଟ ବା ଖାଦ୍ୟ ଯୋଗାଉଥିବା ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ଏହି ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳ, ପରିବା ଉତ୍ପାଦନ ହେଉଛି। ବହୁ କିସମର ଔଷଧୀୟ ବୃକ୍ଷ ବି ରହିଛି ଏହି ଜଙ୍ଗଲରେ। ୧୦୦ ଏକର ମଧ୍ୟରୁ ମଧ୍ୟପ୍ରଦେଶର ଖଲ୍‌ଘାଟରେ ୬୦ ଏକର ଓ ବିହାରର ପୂର୍ଣ୍ଣିଆରେ ୪୦ ଏକରର ଜଙ୍ଗଲ ରହିଛି। ପୈତୃକ ଗାଁ ଖଲ୍‌ଘାଟରେ ତାଙ୍କର ୧୦ ଏକର ଜମି ଥିଲା । ୨୦ ବର୍ଷ ତଳେ ସେ ଅନ୍ୟ ୫ ଜଣ କୃଷକଙ୍କ ସହ ମିଶି ମୋଟ ୬୦ ଏକର ଜମି କିଣି ସେଥିରେ ବୃକ୍ଷରୋପଣ କରିଥିଲେ । ଏହି ଜଙ୍ଗଲ ନର୍ମଦା ନଦୀ କୂଳରେ ଶୋଭା ପାଉଛି। ଜଙ୍ଗଲରେ ସଜନା ଗଛ ସହ ବିଭିନ୍ନ ପ୍ରକାର ଲେମ୍ବୁ ଗଛ, ଆମ୍ବ, କଦଳୀ, ଲିଚୁ, ହଳଦୀ, କନ୍ଦମୂଳ, ମାଟିଆଳୁ ଲଗାଇଛନ୍ତି। ଲଙ୍କା ଓ ଘିକୁଆଁରୀ ଚାଷ ମଧ୍ୟ କରାଯାଉଛି। ଜଙ୍ଗଲରେ ମହୁଚାଷ ମଧ୍ୟ କରାଯାଉଛି। ମହୁଚାଷକୁ ବ୍ୟାପକ କରିବା ପାଇଁ ସେ 'ବିଜ୍ ଆଣ୍ଡ ବ୍ରିଜ୍' ସ୍ଲୋଗାନ୍ ଦେଇଛନ୍ତି। ଚାଷ କାର୍ଯ୍ୟରେ ମହିଳାମାନଙ୍କୁ ବି ନିଯୁକ୍ତି ଦେଇଛନ୍ତି। ଝା ଏବେ କର୍ଣ୍ଣାଟକ ଓ ଗୋଆର ଆୟକର (ତଦନ୍ତ) ମହା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ରହୁଛନ୍ତି ବେଙ୍ଗାଲୁରୁରେ। ତଥାପି ସେ ଜଙ୍ଗଲକୁ ବୁଲିବାକୁ ଆସୁଛନ୍ତି। ତାଙ୍କ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଖଲ୍‌ଘାଟ ଓ ତା' ଆଖପାଖ ଅଞ୍ଚଳରେ ପାଖାପାଖି ୪, ୦୦୦ ଏକର ଜମିରେ ଲୋକେ ଜଙ୍ଗଲ ସୃଷ୍ଟି କରିବା ଆରମ୍ଭ କରିଦେଇଛନ୍ତି। ଜଙ୍ଗଲରୁ ଲାଭ ମିଳିବା ସହ ପରିବେଶ ସୁରକ୍ଷା ବି ହୋଇପାରୁଛି ବୋଲି କହନ୍ତି ପତଞ୍ଜଳି।

# ଗାଁ ମହମହ ବାସୁଛି



ସଂଗ୍ରାମ କେଶରୀ ପ୍ରୁଷ୍ଟି

ଅଧରାତିରେ ଦାଣ୍ଡ ଦରଜାରେ ଠକ୍‌ଠକ୍ ଶବ୍ଦ ପରିବାର ଲୋକଙ୍କ ନିଦ ଭାଙ୍ଗିଦେଲା। ନିଶାର୍ଦ୍ଧ କରୋନା ରାତିରେ ଖେଳିଗଲା ଏକ ଅଜଣା ଆତଙ୍କ। ଏତେ ରାତିରେ କିଏ ଆଉ ହୋଇପାରେ! ଚୋର ତସ୍କର ନା ଭୂତପ୍ରେତ? ଧେତ୍, ସେସବୁ ମିଛକଥା। ମନକୁ ଟାଣକରି ସତର୍କତାର ସହିତ କବାଟ ଖୋଲିବାକୁ ଯିଏ ଆଗଭର ହେଲେ, ସେଥିଲେ ପରିବାରର ମୁଖିଆ– ବାପା। ଧଡ଼୍‌କିନା କବାଟ ଖୋଲୁଖୋଲୁ ସେ ଯାହାକୁ ଦେଖି ଥମ୍ ହୋଇ ରହିଗଲେ ସେ ଥିଲା ପୁଅ। ସୁଦୂର ଗୁଜରାଟର ସୁରଟରେ ଯାଇ ସେ କାମ କରୁଥିଲା। ଗାଁ ଭୂଇଁର ମୋହମାୟା ତୁଟାଇ ଅଧିକ ରୋଜଗାର ଆଶାରେ ସେଠାକୁ ସେ ଧାଇଁଥିଲା। ବେଶ୍‌କିଛି ରୋଜଗାର କରୁଥିଲା ମଧ୍ୟ। ତା'ପରଠୁ ଗାଁ ପ୍ରତି ମୋହ ତୁଟାଇ ଦେଇଥିଲା। ଗାଁ ମଣିଷଙ୍କୁ ଦେଖିଲେ ନାକ ଟେକୁଥିଲା। ସହଜରେ ଗାଁକୁ ଆସୁ ନ ଥିଲା। ଏଥର କିନ୍ତୁ ଇଚ୍ଛା ଥାଉ ବା ନ ଥାଉ ଆଜି ଫେରିଆସିଛି ଗାଁକୁ। କରୋନା କାରଣରୁ ସେଠାରେ ବନ୍ଦ ହୋଇଯାଇଛି ତା' କମ୍ପାନୀ। ଏଣୁ ପେଟବିକଳରେ ସେ ଧାଇଁଆସିଛି ଗାଁକୁ।

ଘର ବାହାରେ ଛିଡ଼ାହୋଇ ଘରର ପୁଅ ଝାପ୍‌ସା ଆଲୁଅରେ ଦେଖୁଥିଲା, ଦରଜା ସେପଟେ ଛିଡ଼ା ହୋଇଥିବା ତା' ବାପା–ମାଆ, ଭାଇ–ଭଉଣୀ ଓ ପ୍ରାଣପ୍ରିୟା ପତ୍ନୀକୁ। ସମସ୍ତଙ୍କ ମୁହଁରେ ଉକୁଟି ଉଠୁଥିଲା ହସ। ମନରେ ସନ୍ତୋଷ। ଭାବରେ ବିଶ୍ୱାସ। ତା' ଉପସ୍ଥିତି ଯେମିତି ଏ ଘର ପାଇଁ ପାଲଟି ଯାଇଥିଲା ବୈକୁଣ୍ଠ।

ବାହାରେ ଅନେକ ସମୟ ଛିଡ଼ାହେବା ମଧ୍ୟରେ କେମିତି ଏକ ଅସହାୟ, ପରିସ୍ଥିତିର ସାମ୍ନା କରୁଥିଲା ଯୁବକ ଜଣକ। ସମସ୍ତେ ତା' ଉପରେ ଅଜସ୍ର ଭଲପାଇବା ଅଜାଡ଼ି ଦେଇଥିଲେ ସତ, କିନ୍ତୁ କେହି ଜଣେ ତାକୁ ଆଦରରେ ଭିତରକୁ ସଙ୍ଖୋଳି ନେଉ ନ ଥିଲେ। ଅଗତ୍ୟା ସେ ବାଧହୋଇ ନିଜ ବ୍ୟାଗ୍ ଖଣ୍ଡିକ ଧରି ଘର ଭିତରକୁ ପାଦ ବଢ଼ାଇବାକୁ ଉପକ୍ରମ କଲା।

'ଟିକେ ରହିଯା'ରେ ପୁଅ।' –ବାପାଙ୍କ ଏ ଗୁରୁଗମ୍ଭୀର ସ୍ୱର ତା' ପାଦଦୁଇଟିକୁ ଅଟକାଇ ଦେଲା। ସେ ବଲବଲ କରି ଚାହିଁରହିଲା ବାପାଙ୍କ ମୁହଁକୁ। ବାପା ବୁଝାଇବାକୁ ଲାଗିଲେ, ଦେଖ୍ ପୁଅ। ତୁ ବାହାରୁ ଆସିଛୁ। ସରକାରଙ୍କ ନିର୍ଦ୍ଦେଶ ତୁ ଅବଶ୍ୟ ଜାଣିଥିବୁ। ସୁତରାଂ ତୋତେ ଆମ ଗ୍ରାମପଞ୍ଚାୟତର କ୍ୱାରାଣ୍ଟାଇନ ଗୃହରେ ଚଉଦଦିନ ଅବଶ୍ୟ ରହିବାକୁ ହେବ। ତୋ ସ୍ୱାବ୍ ନମୁନା ପରୀକ୍ଷା କରାଯିବ। ରିପୋର୍ଟ ନେଗେଟିଭ୍ ଆସିଲାପରେ ଯାଇ ତୁ ଘରେ ପଶିବୁ। ତା' ଆଗରୁ କେବେ ବି ନୁହେଁ।

ବାପାଙ୍କ ଏ ନିର୍ମମ ଅଥଚ କଠୋର ଆଦେଶ ଶୁଣି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥିଲା ପୁଅ। ସେ ବଡ଼ ବିକଳଭାବରେ ଚାହିଁରହିଥିଲା ଆତ୍ମୀୟସ୍ୱଜନଙ୍କ ମୁହଁକୁ। ହେଲେ ସମସ୍ତେ ମୁହଁ ତଳକୁ ପୋତି ଘରର ମୁରବିଙ୍କ କଥାକୁ ସମ୍ମତି ଜଣାଉଥିଲେ ଯେମିତି। ମାଆ ଏଥର ମୁହଁ ଖୋଲିଲେ– "ଧନରେ, ଏବେ ସରପଞ୍ଚଙ୍କୁ ଡାକିବା। ସେ ତୋ ନାଁ ପଞ୍ଜୀକରଣ କରାଇବେ। ତା'ପରେ ତୋତେ ଗାଁ ସ୍କୁଲରେ ଖୋଲିଥିବା କ୍ୱାରାଣ୍ଟାଇନ୍ ଗୃହରେ ରଖିବେ। ଏଇ ଦିନ କେଇଟାର କଥା। ଏମିତି ସେମିତି କଟାଇଦେଲେ ଗଲା।" ପୁଅର ଆଉ କହିବାର ଚାରା କିଛି ନ ଥିଲା। ଅଗତ୍ୟା ସେ ନୀରବରେ ମୁହଁ ପୋତି ଧୀରେ ଧୀରେ ସ୍କୁଲ ଆଡକୁ ପାଦ ବଢ଼ାଉଥିଲା।

ଏ ଘଟଣା ପରିପ୍ରେକ୍ଷୀରେ ଯେଉଁ କଠୋର ସତ୍ୟ ସାମ୍ନାକୁ ଆସୁଛି ତାହା ହେଲା, ଏକ ଗ୍ରାମୀଣ ପରିବେଶ ମଧ୍ୟରେ ଥିବା ଏକ ପରିବାରର କରୋନା ପରିସ୍ଥିତିରେ ଏଭଳି ଏକ ସଚେତନଧର୍ମୀ କାର୍ଯ୍ୟ। ଯା'ର ଅନ୍ତର୍ନିହିତ ଉଦ୍ଦେଶ୍ୟ ଥିଲା, ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚାଇବା। ସାଂପ୍ରତିକ ପରିସ୍ଥିତିରେ ଖାଲି ଏଇ ଗୋଟିଏ ପରିବାର ନୁହେଁ, ବରଂ ପ୍ରତ୍ୟେକଟି ଗାଁ ଜାରିରଖିଛନ୍ତି ସେମାନଙ୍କ ସଚେତନତା କାର୍ଯ୍ୟକ୍ରମ।

କରୋନାକୁ ଡରିବା ନାହିଁ, ତା'ର ମୁକାବିଲା କରିବା। ବଞ୍ଚିବା ଶିଖିବା ଓ ଶିଖେଇବା। ଏପରି ଏକ ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଆଜିର ଏ ମଣିଷ ତା' ଅବସ୍ଥିତି ପାଇଁ ଜାରିରଖିଛି ଲଢ଼େଇ। କରୋନାର ମୁକାବିଲା ପାଇଁ ସତେଯେମିତି ପ୍ରତିଶ୍ରୁତିବଦ୍ଧ ଗାଁ ମଣିଷ। ପୂର୍ବରୁ ଚଳଚଞ୍ଚଳ ଲାଗୁଥିବା ଗାଁ ଏବେ ଲକ୍‌ଡାଉନ୍ ପ୍ରଭାବରେ ଖାଁ ଖାଁ ଲାଗୁଛି। ଗାଁକୁ ସଂଯୋଗ କରୁଥିବା ପ୍ରତ୍ୟେକଟି ସଡ଼କପଥ ଏବେ ଗାଁ ଲୋକଙ୍କ କବ୍‌ଜାରେ। ସେଠାରେ କାଠ ବାଉଁଶ ଦ୍ୱାରା ରାସ୍ତା ଅବରୋଧ କରି ସଂକଳ୍ପ ନେଇଛନ୍ତି ଯେ, ବିନା କାରଣରେ କେହି ଗାଁ ବାହାରକୁ ଯିବେନାହିଁ କି ବାହାର ଲୋକ ଗାଁ ଭିତରକୁ ଆସିବେ ନାହିଁ। ବାହାରେ ରହୁଥିବା ଗାଁ ଲୋକ ଗାଁ ମାଟିରେ ପାଦଦେବା ମାତ୍ରକେ ତୁରନ୍ତ ସରପଞ୍ଚଙ୍କ ପାଖକୁ ଖବର ଯିବା ହିଁ ଥୟ।

କରୋନାର ଏକ ଅଦୃଶ୍ୟ ଶକ୍ତି ଗାଁ ଲୋକଙ୍କୁ ଏକତାର ବନ୍ଧନରେ ବାନ୍ଧିରଖିପାରିଛି। ଏବେ ଏଠି ନାହିଁ କଳୁଷିତ ରାଜନୀତିର ତର୍ଜମା, ରିଲିଫ୍‌କୁ ନେଇ କେନ୍ଦ୍ର–ରାଜ୍ୟର ଭେଦଭାବ। ଦାଣ୍ଡପିଣ୍ଡାରେ ଜମୁନାହିଁ ତାସ୍‌ମାଡ଼ର ଆସର କି ପୋଖରୀରେ ଗଣସ୍ନାନ। ଘରୁ ଗୋଡ଼ କାଢ଼ିଲେ ହିଁ ମୁହଁରେ ମାସ୍କ। କିଛି ଜାଣି ନ ଥିବା ଗାଁର ସତୁରି–ଅଶୀ ବୟସର ବୁଢ଼ୀବୁଢ଼ାମାନେ ମଧ୍ୟ ଲୁଗାକାନି ବା ଗାମୁଛାରେ ମୁହଁ ଘୋଡ଼ାଇବାକୁ ଶ୍ରେୟସ୍କର ମଣୁଛନ୍ତି। ଲକ୍‌ଡାଉନ୍ ପୂର୍ବରୁ ଦୂରରାଇଜରୁ ଭିଟାମାଟିକୁ ଫେରିଆସିଥିବା ମଣିଷମାନେ ମାରୁଛନ୍ତି ଶାନ୍ତିର ନିଃଶ୍ୱାସ। ଏତେବେଳକୁ ସେମାନେ ବାହାରେ ଥିଲେ କି ଦଶା ଯେ ଭୋଗୁଥାନ୍ତେ– ଏକଥା ଭାବି ଶିହରି ଉଠୁଛନ୍ତି କେବେ କେବେ।

କରୋନା ତାଣ୍ଡବକୁ ଦମନ କରିବାକୁ ଯାଉ ଗାଁ ମଣିଷଙ୍କ ତତ୍ପରତା, ନିଷ୍ଠା, ପ୍ରତିଶ୍ରୁତିବଦ୍ଧତା ଆଗରେ ହାର୍ ମାନିଛି ଧର୍ମ, ପରମ୍ପରା ଓ ବିଶ୍ୱାସ। ସୁତରାଂ ଏ ବର୍ଷ ଗାଁ ଦାଣ୍ଡରେ ଦେଖିବାକୁ ମିଳିଲାନି ଦଣ୍ଡନାଚ। ଏଠି ଶୁଦ୍ଧିକ୍ରିୟା ହେଉଛି, ହେଲେ ଆତ୍ମୀୟସ୍ୱଜନଙ୍କ ଭିଡ଼ ନାହିଁ। ଜନ୍ମଦିନ ପାଳନ ହେଉଛି ସତ ତାହା ପୁଣି ଭିନ୍ନ ଢଙ୍ଗରେ। କେକ୍, ସ୍ୱାଦିଷ୍ଟ ଖାଦ୍ୟ ପଇସାରେ ଅସହାୟ, ଗରିବଙ୍କୁ ଖାଇବାକୁ ଦେବାକୁ କର୍ତ୍ତା ଶ୍ରେଷ୍ଠ ମଣୁଛନ୍ତି। ସବୁଠି ସଙ୍ଗରୋଧ ଓ ସାମାଜିକ ଦୂରତା ରକ୍ଷାର ବାର୍ତ୍ତା।

ନିଶାମୁକ୍ତ ଗାଁ ଏବେ ଝଗଡ଼ାମୁକ୍ତ। ଅସଭ୍ୟ ଭାଷା ଓ କଳିକଜିଆଠାରୁ ସମସ୍ତେ ଏବେ ବହୁ ଦୂରରେ। ସବୁଠୁ ଶାନ୍ତ ଓ ସୁନ୍ଦର ଏବେ ଗାଁ। ଆତ୍ମୀୟତାର ଭାବରେ ବନ୍ଧା ଏହାର ମଣିଷମାନେ। ଗାଡ଼ିମୋଟରର ଶବ୍ଦ ଓ ଧୂଆଁ ତାକୁ ଆକ୍ରାମାକ୍ରା କରିପାରୁନି। ଘର ଭିତରେ ବନ୍ଦୀ ମଣିଷମାନେ ଘରର ଯାବତୀୟ କାର୍ଯ୍ୟରେ ନିଜକୁ ନିୟୋଜିତ ରଖି ଲାଭକରୁଛନ୍ତି ପରମ ଆଶ୍ୱସ୍ତି। ଘରଚଟିଆର କିଚିରିମିଚିରି ଶବ୍ଦ, କୋଇଲିର କୁହୁ କୁହୁ ତାନ, ମହୁଲ ଫୁଲର ମହମହ ସୁଗନ୍ଧ ସାଙ୍ଗକୁ ଗାଁ ବାହୁଡ଼ା ମଣିଷଙ୍କ ଗାଁ ପ୍ରତି ଗଭୀର ଆତ୍ମୀୟତା ଭିତରେ ସତେଯେମିତି ଗାଁ ମହମହ ବାସୁଛି।

ଶିକ୍ଷକ, କିଶୋରନଗର ହାଇସ୍କୁଲ,
ରାଜକିଶୋରନଗର, ଅନୁଗୋଳ
ମୋ: ୯୪୩୭୫୪୭୧୪୬
ଇମେଲ୍:sangramprusty2012@gmail.com

## ଚିରନ୍ତନୀ

କୁଞ୍ଚିତ ତବ କକ୍ଷବାସରୁ
ଫୁଟିଦିଶୁ ଯଉବନ
ସ୍କନ୍ଧୁ କନକ ହାର ଝୁଲିପଡୁ
ଫଣୀ ସମ ସଚେତନ!
(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମାଲୋଚନାର ମହତ୍ତ୍ୱ

ମହାଶୟ,

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାମଗ୍ରିକ ବିକାଶ ପାଇଁ ଶତାଧିକ ଜନକଲ୍ୟାଣକାରୀ ଯୋଜନା କରୁଛନ୍ତି। ବହୁ କ୍ଷେତ୍ରରେ ପ୍ରଗତି ହାସଲ ହୋଇଛି। ଏହା ସତ୍ତ୍ୱେ ଉଭୟ କ୍ଷେତ୍ରରେ ଜନସାଧାରଣଙ୍କ ଆଶାନୁରୂପ ପ୍ରଗତି ହାସଲ ହୋଇପାରି ନାହିଁ ବୋଲି ମୁକ୍ତ କଣ୍ଠରେ କୁହାଯାଇପାରେ। ଏବେ ମଧ୍ୟ ସମଗ୍ର ଦେଶରେ ଆର୍ଥିକ ମାନ୍ଦାବସ୍ଥା, ଦାରିଦ୍ର୍ୟ, ବେକାରି, କ୍ଷୁଧା, ଅପପୁଷ୍ଟି, ଲୋକଙ୍କ କ୍ରୟଶକ୍ତି ହ୍ରାସ, ଆର୍ଥିକ ଅସମାନତା, ଅଶିକ୍ଷା, ନାରୀ ନିର୍ଯାତନା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଅବକ୍ଷୟ ପରି ବହୁ ସମସ୍ୟା ଉତ୍କଟ ଆକାର ଧାରଣ କରିଛି। ଏସବୁର ସମାଧାନ ପାଇଁ ଅନେକ କିଛି କରିବାକୁ ହେବ। ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସ୍ଥିର ଓ ଦୃଢ ସରକାର ଥିବା ସତ୍ତ୍ୱେ ଆଶାନୁରୂପ ସାମଗ୍ରିକ ବିକାଶ ନ ହୋଇପାରିବାର ମୁଖ୍ୟ ବାଧକ ହେଉଛି ଦୃଢ ବିରୋଧୀ ଦଳ ଓ ସରକାରଙ୍କ ବିରୋଧରେ ସମାଲୋଚନାର ଅଭାବ। ଗଣତନ୍ତ୍ରରେ ସମାଲୋଚନାର ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ। ଗଣତନ୍ତ୍ରରେ ସମାଲୋଚନା ଅମ୍ଳଜାନ ପରି କାର୍ଯ୍ୟ କରେ। ଏହା ସରକାରଙ୍କୁ ଶକ୍ତି ଯୋଗାଏ ଭଲ କାର୍ଯ୍ୟ କରିବା ପାଇଁ। ସମାଲୋଚନା ସର୍ବଦା ନିରପେକ୍ଷ, ଶାଣିତ ଓ ସକାରାତ୍ମକ ହେବା ଉଚିତ। ରାଜନୈତିକ ଉଦ୍ଦେଶ୍ୟରେ କଥା କଥାରେ ସମାଲୋଚନା ନ କରି ଭଲ କାମକୁ ପ୍ରଶଂସା ଓ ଜନବିରୋଧୀ କାର୍ଯ୍ୟର ସମାଲୋଚନା ହେବା ଉଚିତ। ସରକାର ମଧ୍ୟ ପ୍ରତିକ୍ରିୟାଶୀଳ ନ ହୋଇ ଏହାକୁ ସହ୍ୟ କରି ବା ତ୍ରୁଟି ସୁଧାରିନେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି,
ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅମରେନ୍ଦ୍ର ମିଶ୍ର ନାଲ୍‌କୋର ନୂତନ ପ୍ରଶାସନ ବିଭାଗ ମହାପ୍ରବନ୍ଧକ



ଦାମନଯୋଡି,୫।୫(ଡି.ଏନ୍.ଏ.): କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ନାଲ୍‌କୋର ଖଣି ଓ ପରିଶୋଧନ ପ୍ରକଳ୍ପ,ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ଭାରପ୍ରାପ୍ତ ନୂତନ ମହାପ୍ରବନ୍ଧକ ରୂପେ ଅମରେନ୍ଦ୍ର କୁମାର ମିଶ୍ର ୪ତାରିଖରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଫେବୃୟାରୀ ୨୦୧୯ରୁ ଡିଜିଏମ୍ ଦାୟିତ୍ୱରେ ଥିଲେ। ଏଠାରେ ଥିବା ମହାପ୍ରବନ୍ଧକ ରବିନାରାୟଣ ଉପାଧ୍ୟାୟ ଏପ୍ରିଲ ଶେଷରେ ଅବସର ଗ୍ରହଣ କରିବା ପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା। ନୂତନ ମହାପ୍ରବନ୍ଧକ ମିଶ୍ର ୧୯୯୪ରେ ନାଲ୍‌କୋର ଅନୁଗୋଳ ପ୍ରକଳ୍ପରେ ଗ୍ରାଜୁଏଟ୍ ଇଞ୍ଜିନିୟର ଟ୍ରେନି (ଜିଇଟି) ରୂପେ ଯୋଗ ଦେଇଥିଲେ। ସେଠାରେ ବିଭିନ୍ନ ପଦପଦବୀରେ ୨୦ ବର୍ଷ କାର୍ଯ୍ୟକରି ୨୦୧୩ରେ ଏସ୍ ଆଣ୍ଡ ପି ପ୍ରକଳ୍ପରେ ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ବରିଷ୍ଠ ପ୍ରବନ୍ଧକ ପଦକୁ ଉନ୍ନୀତ ହୋଇଥିଲେ। ମିଶ୍ର ରାଉରକେଲା ଏନ୍‌ଆଇଟିରୁ ୧୯୯୨ରେ ଏପ୍ଲାଏଡ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଷ୍ଟ୍ରୁମେଣ୍ଟରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ। ପରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଫାଇନାନ୍ସରେ ଏମ୍‌ବିଏ ଏବଂ ମ୍ୟାନେଜମେଣ୍ଟରେ ସେହି ବିଶ୍ୱ ବିଦ୍ୟାଳୟରୁ ପିଜି ଡିପ୍ଲୋମା କରିଥିଲେ।

### ଗଛରେ ଧକ୍କାହେଲା ଆମ୍ବୁଲାନ୍ସ



ଭାପୁର,୫।୫(ଡି.ଏନ୍.ଏ.): ସୋମବାର ବିଳମ୍ବିତ ରାତିରେ ଏକ ୧୦୮ ଆମ୍ବୁଲାନ୍ସ ଖଣ୍ଡପଡା ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଛରେ ପିଟିହୋଇ ଯାଇଥିଲା। ଏଥିରେ ଚାଳକଙ୍କ କୌଣସି କ୍ଷତି ହୋଇ ନ ଥିଲେ ମଧ ଗାଡିର ସମ୍ମୁଖଭାଗ ଭାଙ୍ଗିରୁଜି ଯାଇଛି। ଓଡି୦୨ବିଜେ-୧୪୫୬ନଂ. ବିଶିଷ୍ଟ ଆମ୍ବୁଲାନ୍ସ କଟକରେ ରୋଗୀଙ୍କୁ ଛାଡି ଖଣ୍ଡପଡା ଫେରୁଥିଲା। ଭାପୁର-ଖଣ୍ଡପଡା ପୂର୍ତ୍ତ ବିଭାଗ ରାସ୍ତା ଉପରେ ବାଲି, ଗୋଡି ଓ ପଥର ଗଦା ହୋଇଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଥାଏ। ବିଳମ୍ବିତ ରାତିରେ ଆମ୍ବୁଲାନ୍ସ ଉକ୍ତ ରାସ୍ତାରେ ଆସୁଥିବାବେଳେ ଚାଳକଙ୍କ ଅସାବଧାନତା ଯୋଗୁ ଗାଡିଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ମଙ୍ଗଳବାର ଫତେଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ବାଲି, ପଥର ଗଦା କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲା।

# ରକ୍ତ ଅଭାବରୁ ଆଖି ବୁଜିଲେ ମହିଳା

- ମା'ଛେଉଣ୍ଡ ହେଲେ ୪ ନିଷ୍ପାପ ଶିଶୁ
- ଲକ୍‌ଡାଉନ ଯୋଗୁ ଘରକୁ ଫେରି ପାରି ନ ଥିଲେ

ଝାରସୁଗୁଡ଼ା ଅଫିସ,୫।୫

ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଜଣେ ମହିଳାଙ୍କ ରକ୍ତ ଅଭାବରୁ ମୃତ୍ୟୁ ଘଟିଛି। ଏଥିଯୋଗୁ ସଂପୃକ୍ତା ମହିଳାଙ୍କ ୪ ଶିଶୁଙ୍କୁ ସ୍ୱାମୀ ଏକାକୀ ସମ୍ଭାଳି ନ ପାରିବାରୁ ଚାଇଲ୍ଡ ଲାଇନ ସେମାନଙ୍କୁ ଉଦ୍ଧାର କରି ଥଇଥାନ କରିଛି। ଏହି ଦୁଃଖଦ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ମୁତାବକ, ଉତ୍ତର ପ୍ରଦେଶର ସୁନୀଲ ପାଣ୍ଡେ ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଅଞ୍ଚଳରେ ଗତ ୩ ବର୍ଷ ହେବ ପରିବାର ସହ ରହୁଥିଲେ। ସ୍ଥାନୀୟ ଅଞ୍ଚଳରେ ସେ ଶ୍ରମିକ ଭାବେ କାମକରି ପରିବାର ଚଳାଉଥିଲେ। ତାଙ୍କର ପୂର୍ବରୁ ଜଣେ ଝିଅ,୨ପୁଅ ଥିଲେ। ଗତ ମାର୍ଚ୍ଚ ୧୧ରେ ସୁନୀଲଙ୍କ ସ୍ତ୍ରୀ ଆଉ ଏକ କନ୍ୟାସନ୍ତାନକୁ ଜନ୍ମ ଦେଇଥିଲେ। ଲକ୍‌ଡାଉନ ଯୋଗୁ କାମଧନ୍ଦା ବନ୍ଦ ରହିଥିଲେ। ଏପରି ସମୟରେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ସୁନୀଲଙ୍କ ପରିବାର ସଦସ୍ୟଙ୍କ ପାଇଁ ସୁଷମ ଖାଦ୍ୟ ଯୋଗାଡ଼ କରିବା ମଧ୍ୟ ସମ୍ଭବ ହୋଇ ନ ଥିଲା। ଶେଷରେ ସେ ନିଜ ଗାଁକୁ ଫେରିବା ପାଇଁ ଉଦ୍ୟମ କରିଥିଲେ ମଧ ଯାଇପାରି ନ ଥିଲେ। ଇତିମଧ୍ୟରେ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବସ୍ଥାରେ ଅବନତି ଘଟିଥିଲା। ଗତ ରବିବାର ରାତିରେ ସୁନୀଲ ସ୍ତ୍ରୀଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚିକିତ୍ସା କରୁଥିବା ଡାକ୍ତର ତାଙ୍କ ଶରୀରରେ ରକ୍ତ ଅଭାବ ଥିବା ଦର୍ଶାଇଥିଲେ। ଏଥିପାଇଁ ରକ୍ତ ଯୋଗାଡ଼ କରିବାକୁ ସୁନିଲଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଝାରସୁଗୁଡ଼ା ରକ୍ତ ଭଣ୍ଡାର ଆବଶ୍ୟକ ରକ୍ତ ନ ଥିଲା। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ରକ୍ତ ଭଣ୍ଡାରର ଦୂରତା ପ୍ରାୟ ୮ କିମି ଥିବାରୁ ସୁନୀଲ ରୋଗୀଣା ସ୍ତ୍ରୀ ଓ ୪ ପିଲାଙ୍କୁ ଛାଡି ରକ୍ତ ଯୋଗାଡ଼ କରିବାକୁ ଯାଇପାରି ନ ଥିଲେ। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପ୍ରକୋଷ୍ଠ, ଜିଲା ପ୍ରଶାସନର ସହାୟତା ପ୍ରକୋଷ୍ଠକୁ ଫୋନରେ ଯୋଗାଯୋଗ କରିଥିଲେ। ସେଠାରୁ ତାଙ୍କୁ ରକ୍ତ ଭଣ୍ଡାର ସହ ଯୋଗଯୋଗ କରିବାକୁ କୁହାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେ ଏକାକୀ ଥିବାରୁ ଏହି ଘଟଣା ସମ୍ପର୍କରେ ସୂଚନା ପାଇ ୪ ପିଲାଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରି ଥଇଥାନ କରିଛି। ସୁନୀଲ ଆମ୍ବୁଲାନ୍ସରେ ସ୍ତ୍ରୀଙ୍କ ମୃତଦେହକୁ ଶ୍ମଶାନକୁ ନେଇ ପୋତି ଦେଇଛନ୍ତି। ଏହି ଘଟଣାରେ ସଂକ୍ରାନ୍ତରେ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ ମତାମତ ନେବା ସମ୍ଭବ ହୋଇନାହିଁ। ଲକଡାଉନ ଯୋଗୁ ରାଜ୍ୟର ବିଭିନ୍ନ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି। ଏ ନେଇ ଜିଲା ପ୍ରଶାସନପଦକ୍ଷେପ ନେବାକୁଦାବିହୋଇଛି।



ମୃତ ମହିଳାଙ୍କୁ ଶ୍ମଶାନକୁ ନିଆଯାଉଛି।

# ଝିଅକୁ କମେଣ୍ଟ ମାରୁଥିବା ଯୁବକଙ୍କୁ ହାଣି ହତ୍ୟା

**ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ**

ନାକଟୀଦେଉଳ, ୫।୫(ଡି.ଏନ.ଏ.)

କମେଣ୍ଟମରାକୁ କେନ୍ଦ୍ର କରି ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ଅନ୍ତର୍ଗତ ଶାଳବଣିଆ ଗ୍ରାମରେ ସୋମବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକ ହେଲେ ଦୁଃଶାସନ ଦେହୁରୀ(୨୫)। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଗିରିଧାରୀ ମାଝି(୪୫)ଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଅଶୋକ ମାଝି(୧୯), ସଞ୍ଜୟ ମାଝି(୪୦) ଏବଂ ଅଶ୍ୱନୀ ମାଝି(୨୪)। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି।

ସୂଚନା ଅନୁସାରେ ଶାଳବଣିଆ ଗ୍ରାମର ଗିରିଧାରୀ ଏବଂ ଦୁଃଶାସନଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଦୁଃଶାସନ ବିଭିନ୍ନ ସମୟରେ ଗିରିଧାରୀଙ୍କ ଝିଅକୁ କମେଣ୍ଟ ମାରୁଥିଲେ। ଏପରି ନ କରିବାକୁ ଗିରିଧାରୀ ଦୁଃଶାସନକୁ ଚେତାବନୀ ଦେଇଥିଲେ। ହେଲେ ସେ ଏଥିପ୍ରତି ଦୃଷ୍ଟି ନ ଦେଇ ବିଭିନ୍ନ ସମୟରେ କମେଣ୍ଟ ମାରି ଆସୁଥିଲେ। ଏହାକୁ ନେଇ ସୋମବାର ଦିନବେଳା ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ରାତି ପ୍ରାୟ ୯ଟାରେ ଗାଁଦାଣ୍ଡରେ ପୁଣିଥରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଗିରିଧାରୀ ଅନ୍ୟ ତିନିଜଣଙ୍କ ସହ ମିଶି ଦୁଃଶାସନଙ୍କ ଉପରେ ଆକ୍ରମଣ କରିଥିଲେ। ଗିରିଧାରୀ ଏକ ଟାଙ୍ଗିଆରେ ଦୁଃଶାସନଙ୍କ ବେକକୁ ଚୋଟ ମାରିଥିଲେ। ଘଟଣାସ୍ଥଳରେ ଦୁଃଶାସନଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମଙ୍ଗଳବାର ସକାଳେ ରେଢାଖୋଲ ଏସ୍‌ଡିପିଓ ହାଡ଼ିବନ୍ଧୁ ସ୍ୱାଇଁ ସାଇଣ୍ଟିଫିକ ଟିମ ସହିତ ହତ୍ୟାକାଣ୍ଡସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୬୬/୨୦)ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଏକ୍କା କହିଛନ୍ତି।

## କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତି ପାଚେରି ଡେଇଁ ଫେରାର

**କୋରୁକୋଣ୍ଡା,୫।୫(ଡି.ଏନ୍.ଏ.):** ମାଲକାନଗିରି ଜିଲା କୋରୁକୋଣ୍ଡା ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନସେଣ୍ଟରରେସୋମବାର ରହିଥିବା ଜଣେ ବ୍ୟକ୍ତି ପାଚେରି ଡେଇଁ ଚାଲିଯାଇଛନ୍ତି। ଖବରରୁ ଜଣାପଡିଛି ଆନ୍ଧ୍ରରୁ ଫେରିଥିବା ୧୩ ଶ୍ରମିକଙ୍କୁ ଏହି କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ସୋମବାର ଏମ୍‌ଭି-୩୧ ଗ୍ରାମରୁ ଜଣେ ବ୍ୟକ୍ତି ସେହି ଫେରନ୍ତା ଶ୍ରମିକଙ୍କ ମଧ୍ୟରେ ଥିବା ନିଜର ଜଣେ ସମ୍ପର୍କୀୟଙ୍କୁ ଭେଟିବା ପାଇଁ ଆସିଥିଲେ। କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ସମ୍ପର୍କୀୟଙ୍କ ଖଟରେ ସେ ବସି କଥାବାର୍ତ୍ତା ହେଉଥିଲେ। ସେ କ୍ୱାରାଣ୍ଟାଇନ ସେଣ୍ଟରର ନିୟମ ଉଲ୍ଲଂଘନ କରିଥିବାରୁ ବିଡିଓ ଦାଶରଥି ସରବୁ ଏମ୍‌ଭି-୩୧ ଗ୍ରାମର ସମ୍ପୃକ୍ତ ବ୍ୟକ୍ତିଙ୍କୁ ମଧ୍ୟ ୧୪ଦିନିଆ କ୍ୱାରାଣ୍ଟାଇନରେ ରଖିବାକୁ ପିଇଓ ବିରାରାମ ଭୂମିଆଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବ୍ୟକ୍ତି ଜଣକ କିଛି ସମୟ କ୍ୱାରାଣ୍ଟାଇନରେ ରହିବା ପରେ ସନ୍ଧ୍ୟାରେ ପାଚେରି ଡେଇଁ ଚାଲିଯାଇଛନ୍ତି। ଏନେଇ ବିଡିଓ ସରାବୁଙ୍କୁ ପଚାରିବାରୁ ସେ କହିଲେ ଯେ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବକରିବା ଲାଗି ମାଲକାନଗିରି ଥାନାକୁ ଅବଗତ କରାଯାଇଛି।

# କ୍ୱାରାଣ୍ଟାଇନ୍ ନିୟମ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ବରିଷ୍ଠ ଅଧିକାରୀଙ୍କ ପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଚେତାବନୀ**

ଭୁବନେଶ୍ୱର, ୫।୫(ବ୍ୟୁରୋ)

ଓଡ଼ିଶା ବାହାରକୁ କାମ କରିବା ପାଇଁ ଯାଇ କରୋନା ଯୋଗୁ ଫେରିପାରି ନ ଥିବା ଶ୍ରମିକମାନଙ୍କୁ ରାଜ୍ୟ ସରକାର ଏବେ ଟ୍ରେନ୍ ଯୋଗେ ରାଜ୍ୟକୁ ଆଣୁଛନ୍ତି। ଅନ୍ୟପଟେ ଘରୋଇ ଗାଡ଼ି ଭଡ଼ା ସହ ଆଣି ପାସ୍ ସଂଗ୍ରହକରି ମଧ ରାଜ୍ୟ ବାହାରେ ଥିବା ଲୋକମାନଙ୍କୁ ଓଡ଼ିଶା ଫେରିବା ସକାଶେ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି। କିନ୍ତୁ ବାହାର ରାଜ୍ୟରୁ ଫେରୁଥିବା ଶ୍ରମିକ ଏବଂ ଅନ୍ୟ ଲୋକଙ୍କୁ ୧୪ଦିନ କ୍ୱାରାଣ୍ଟାଇନରେ ରହିବା ସକାଶେ ବାଧତାମୂଳକ କରାଯାଇଛି। ହେଲେ କ୍ୱାରାଣ୍ଟାଇନ ସେଣ୍ଟରରୁ ଅନେକ ଶ୍ରମିକ ଖସି ପଳାଇବାକୁ ଉଦ୍ୟମ କରିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କଡ଼ା ଚେତାବନୀ ଦେଇଛନ୍ତି। ପୂର୍ବରୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ପୋଲିସ ଡିଜି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଚେତାବନୀ ଦେଇଥିଲେ। ବର୍ତ୍ତମାନ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି, ଯେଉଁମାନେ ବାହାର ରାଜ୍ୟରୁ ଫେରି କ୍ୱାରାଣ୍ଟାଇନ୍‌ରେ ନ ରହିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ପ୍ରବାସୀ ଓଡ଼ିଆ ୧୪ଦିନ ପୃଥକ୍‌ବାସରେ ରହିବା ବାଧତାମୂଳକ। ଯାହାର ଲକ୍ଷଣ ଦେଖାଦେବ ସେମାନଙ୍କ ପରୀକ୍ଷା କରାଯିବ। ଏବେ ରାଜ୍ୟରେ ୮ଟି ସ୍ଥାନରେ କରୋନା ଆକ୍ରାନ୍ତଙ୍କ ନମୁନା ପରୀକ୍ଷା ହେଉଛି। ଘରୋଇ ହସ୍ପିଟାଲରେ ପରୀକ୍ଷା କରାଇବାକୁ ଆଇସିଏମ୍‌ଆର୍‌କୁ ଅନୁରୋଧ କରାଯାଇଛି। ଦିନକୁ ବର୍ତ୍ତମାନ ୩ ହଜାର ପରୀକ୍ଷା କରାଯାଉଛି। ଖୁବ୍‌ଶୀଘ୍ର ୫ ହଜାର କରାଯିବ ବୋଲି ଦାସ ସୂଚନା ଦେଇଛନ୍ତି।

# ଅକରପଡ଼ା କଣ୍ଟେନମେଣ୍ଟ ଜୋନ୍ ଅବଧି ବଢ଼ିଲା

- ୧୯ ତାରିଖ ରାତି ୮ଟା ଯାଏ କଟକଣା
- ଅଧିକ ସ୍ୱାବ ସଂଗ୍ରହ, ପରୀକ୍ଷାର ଆବଶ୍ୟକତା ରହିଛି

ଯାଜପୁର ଅଫିସ, ୫।୫

ଯାଜପୁର ଜିଲାରେ ଗତ ୨୨ ତାରିଖରେ ୮ମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଦଶରଥପୁର ବ୍ଲକ ଅକରପଡ଼ା ଗ୍ରାମ ସହ ମଲ୍ଲିକାପୁର, ଶ୍ରୀଧରପୁର, ଇତରା, ସାନଦୋଗଡା, ବଡଦୋଗଡା, ଖୁରବିଲ ଗ୍ରାମକୁ ମେ ୫ ତାରିଖ ରାତି ୮ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ତେବେ ମଙ୍ଗଳପୁର ମେଡିକାଲ ଅଫିସରଙ୍କ ରିପୋର୍ଟ ଅନୁଯାୟୀ, ଅଧିକ ସ୍ୱାବ ସଂଗ୍ରହ, ପରୀକ୍ଷା, ସାମାଜିକ ଦୂରତା ବଜାୟ ରଖିବା ପାଇଁ କଣ୍ଟେନମେଣ୍ଟ ଜୋନ୍‌କୁ ମେ ୧୯ ତାରିଖ ରାତି ୮ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏ ନେଇ ଯାଜପୁର ଜିଲାପାଳ ପତ୍ରସଂଖ୍ୟା-୬୦୭/୫।୫।୨୦୨୦ରେ ନିର୍ଦ୍ଦେଶ ଜାରି କରିଛନ୍ତି। ମଙ୍ଗଳବାର ସୁଦ୍ଧା ଯାଜପୁର ଜିଲାରେ ୫୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ଜଣେ ସୁସ୍ଥ ହୋଇଥିବାବେଳେ କରୋନା ସଂକ୍ରମଣକୁ ପ୍ରତିହତ କରିବା ଏବେ ବି ଜିଲା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ କଣ୍ଟେନମେଣ୍ଟ ଜୋନ୍ ଅବଧିକୁ ସମ୍ପ୍ରସାରଣ କରାଯାଇଥିବା ସୂଚନା ମିଳିଛି।

# ସରକାରୀ ହସ୍ପିଟାଲକୁ ଯାଆନ୍ତି କମ୍ ଲୋକ



ନୂଆଦିଲ୍ଲୀ

ଭାରତରେ ଏକ ତୃତୀୟାଂଶରୁ କମ୍ ଲୋକ ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲ ଉପରେ ଭରସା କରନ୍ତି। ଅବଶିଷ୍ଟ ଲୋକେ ଘରୋଇ ହସ୍ପିଟାଲକୁ ପସନ୍ଦ କରିଥାନ୍ତି ବୋଲି ନ୍ୟାଶନାଲ ସାମ୍ପଲ୍ ସର୍ଭେ(ଏନଏସ୍‌ଏସ୍) ସ୍ୱାସ୍ଥ୍ୟ ସେବା ପକ୍ଷରୁ ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଦେଶର ୩୦.୧ ପ୍ରତିଶତ ଲୋକ ସରକାରୀ ହସ୍ପିଟାଲକୁ ଚିକିତ୍ସା ଲାଗି ଯାଇଥାନ୍ତି। ସେଥିମଧ୍ୟରେ ସହରାଞ୍ଚଳର ୨୬.୨ ପ୍ରତିଶତ ଏବଂ ଗ୍ରାମାଞ୍ଚଳର ୩୨.୫ ପ୍ରତିଶତ ଲୋକ ରହିଛନ୍ତି। ଅପରପକ୍ଷରେ ୪୨.୫ ପ୍ରତିଶତ ଲୋକ ଘରୋଇ କ୍ଲିନିକ୍‌କୁ ଚିକିତ୍ସା ପାଇଁ ଯାଇଥାନ୍ତି। ସେମାନଙ୍କ ମଧ୍ୟରେ ଗ୍ରାମାଞ୍ଚଳର ୪୧.୪ ପ୍ରତିଶତ ଏବଂ ସହରାଞ୍ଚଳର ୪୪.୩ ପ୍ରତିଶତ ଲୋକ ରହିଛନ୍ତି। ସେହିପରି ୨୩.୩ ପ୍ରତିଶତ ଘରୋଇ ହସ୍ପିଟାଲକୁ ଯାଇଥାନ୍ତି। ସେମାନଙ୍କ ମଧ୍ୟରୁ ସହରାଞ୍ଚଳର ୨୭.୩ ପ୍ରତିଶତ ଜନସାଧାରଣ ଏବଂ ଗ୍ରାମାଞ୍ଚଳର ୨୦.୮ ପ୍ରତିଶତ ଲୋକ ରହିଛନ୍ତି। ସେହିପରି ୩ ପ୍ରତିଶତ ଲୋକ ଇନଫର୍ମାଲ ସ୍ୱାସ୍ଥ୍ୟ ସେବା ଉପରେ ଭରସା କରିଥାନ୍ତି। ସେମାନଙ୍କ ମଧ୍ୟରେ ସହରାଞ୍ଚଳର ୦.୯ ପ୍ରତିଶତ ଏବଂ ଗ୍ରାମାଞ୍ଚଳର ୪.୩ ପ୍ରତିଶତ ଜନସଂଖ୍ୟା ରହିଛନ୍ତି। ୧.୧ ପ୍ରତିଶତ ଲୋକ ଚିକିତ୍ସା ପାଇଁ ଦାତବ୍ୟ ଅନୁଷ୍ଠାନ ଅବା ସ୍ୱେଚ୍ଛାସେବୀ ସଂଗଠନ ଉପରେ ଭରସା କରିଥାନ୍ତି। ଗ୍ରାମାଞ୍ଚଳରେ ଏଭଳି ଲୋକଙ୍କ ସଂଖ୍ୟା ୦.୯ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ୧.୩ ପ୍ରତିଶତ ରହିଛି। ମୁଖ୍ୟତଃ ଗରିବଲୋକେ ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଉଥିବାବେଳେ ଆର୍ଥିକ ସ୍ୱଚ୍ଛଳ ବର୍ଗ ଘରୋଇ ହସ୍ପିଟାଲରେ ଚିକିତ୍ସା କରିବାକୁ ଚାହୁଁଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ଦେଶର ବିଭିନ୍ନ ରାଜ୍ୟରେ ସରକାରୀ ହସ୍ପିଟାଲକୁ ଯାଉଥିବା ଲୋକଙ୍କ ମଧ୍ୟରେ ତୁଳନାତ୍ମକ ପ୍ରାର୍ଥକ୍ୟ ପରିଲକ୍ଷିତ ହୋଇଥାଏ। ଉତ୍ତରପ୍ରଦେଶ, ପଞ୍ଜାବ, ବିହାର, ହରିୟାଣା ଆଦି ରାଜ୍ୟରେ ଏକ ପଞ୍ଚମାଂଶ ଲୋକ ସରକାରୀ ହସ୍ପିଟାଲକୁ ଯାଇଥାନ୍ତି। ବିହାରରେ ୧୮ ପ୍ରତିଶତ ଲୋକ ସରକାରୀ ହସ୍ପିଟାଲକୁ ପସନ୍ଦ କରୁଥିବାବେଳେ ୬୫ ପ୍ରତିଶତ ଘରୋଇ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଯାଇଥାନ୍ତି। ସେହିପରି ୧୧ ପ୍ରତିଶତ ଲୋକ ଇନଫର୍ମାଲ ସ୍ୱାସ୍ଥ୍ୟ ସେବା ଉପରେ ଭରସା କରିଥାନ୍ତି। ଏଭଳି ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ବିପଦ୍‌ଜନକ ହୋଇଥିଲେ ମଧ ଗରିବ ଲୋକ ପାଖରେ ଟଙ୍କାରେ ଅଭାବ ଯୋଗୁ ବାଧ ହୋଇ ଏହାର ସାହାରା ନେଇଥାନ୍ତି। କୌଣସି ଚିକିତ୍ସା ଲାଗି ଘରୋଇ ହସ୍ପିଟାଲରେ ମୋଟ ହାରାହାରି ଖର୍ଚ୍ଚ ୩୪,୫୫୧ ଟଙ୍କା ଥିବାବେଳେ ମେଡିକାଲ ଖର୍ଚ୍ଚ ୩୧,୮୪୬ ଟଙ୍କା ରହିଛି। ଅପରପକ୍ଷରେ ଦାତବ୍ୟ ଅନୁଷ୍ଠାନରେ ମୋଟ ହାରାହାରି ଖର୍ଚ୍ଚର ପରିମାଣ ୨୭, ୩୪୬ ଥିବାବେଳେ ମେଡିକାଲ ଖର୍ଚ୍ଚ ୨୪,୪୫୪ ଟଙ୍କା ରହିଛି। ସେହିପରି ସରକାରୀ ହସ୍ପିଟାଲରେ ମୋଟ ହାରାହାରି ଖର୍ଚ୍ଚ ୬୦୫୦ ଟଙ୍କା ଥିବାବେଳେ ମେଡିକାଲ ଖର୍ଚ୍ଚର ପରିମାଣ ୪୪୫୨ ଟଙ୍କା ରହିଛି। ସରକାରୀ ହସ୍ପିଟାଲରେ ଉନ୍ନତ ଚିକିତ୍ସା ସେବା ଅଭାବ ଏବଂ ଲମ୍ବା ଲାଇନ୍‌ରେ ଅଧିକ ସମୟ ଛିଡ଼ା ହେବାକୁ ପଡୁଥିବାରୁ ଲୋକେ ଏଠାକୁ ଆସିବାକୁ ପସନ୍ଦ କରି ନ ଥାନ୍ତି। କେତେକ ସରକାରୀ ହସ୍ପିଟାଲରେ ଆଧୁନିକ ଚିକିତ୍ସା ଉପକରଣ ନ ଥିବାରୁ ଲୋକ ଚିକିତ୍ସା ଲାଗି ଘରୋଇ ହସ୍ପିଟାଲକୁ ପ୍ରାଧାନ୍ୟ ଦେଉଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି।

**ପୌର ପରିଷଦ, ମାଲକାନଗିରି**
**OFFICE OF THE MUNICIPAL COUNCIL, MALKANGIRI**
Odisha, PIN - 764045, Ph.: 06861-230244, e-Mail: malkangiri@ulborissa.gov.in
Lt. No.: 993/Mpl./2020 Dated: 05.05.2020

**TENDER CALL NOTICE**

Sealed quotations are hereby invited from the Authorized Dealers/Firms/Suppliers for supply and Installation of Computers and Inverter as per specification given below for official use of Malkangiri Municipality.

| Name of Items | Specification | Delivery Period | Warranty | Quantity Required |
|---|---|---|---|---|
| Computer | 1. Processor - Intel Core i5 8th Generation, 2. Operating System - Window 10 Home, 3. RAM - 8GB DDR4, 4. Hard Disk - 1TB 7200 rpm SATA8, 5. Display - 22Inch., 6. Graphics- Intel®GMA HD (integrated), 7. Internal- Wi-Fi, Bluetooth, LAN, infrared, Network connected ethernet Card | Within 7 days on receipt of Purchase order | The Warranty in years to be furnished by the supplier | 03 Nos. |
| Inverter | 5 KVA with Battery | Within 7 days on receipt of Purchase Order | The warranty in years to be furnished by the supplier | 01 No. |

The quotation must be accompanied with EMD of Rs.15000/- (Rupees fifteen thousand only) & Paper Cost Rs.600/- (Rupees six hundred) only in shape of Bank Draft/Bankers Cheque from any Nationalized Bank in favour of Executive Officer, Malkangiri Municipality. The quotationer is also required to furnish self attested photocopy of valid Regd. Certificate, dealer certificate or manufacturing certificate, GST Registration Certificate & PAN along with the quotations. The sealed cover should be superscribed with **"TCN No. & date"**. The quotations should reach the undersigned by 18.05.2020 by Regd. Post/Speed Post and will be opened on 19.05.2020 at 4.30 P.M. in the Office Chamber of Executive Officer in presence of the quotationers or their authorized representatives. The undersigned reserves the right to reject any or all quotations without assigning any reason therein.

**Sd./- Executive Officer, Malkangiri Municipality**

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଜା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

# ୧୫୪ ଅମାନିଆଙ୍କ ନାମରେ ୮୮ ମାମଲା

**୩ଲକ୍ଷ ଜରିମାନା ଆଦାୟ**

କେନ୍ଦ୍ରାପଡ଼ା ଅଫିସ, ୫।୫

ମେ ୪ ତାରିଖରୁ ଦେଶରେ ତୃତୀୟ ପର୍ଯ୍ୟାୟ ତାଲାବନ୍ଦ ଜାରି ରହିଛି। ଏହି ସମୟରେ କରୋନା ଭୂତାଣୁ ସଂକ୍ରମଣକୁ ଭୟ ନ କରି ବହୁ ଲୋକ ଆତଯାତ ହେଉଛନ୍ତି। ଏହି ଅମାନିଆଙ୍କ ବିରୋଧରେ ମାମଲା ରୁଜୁ ସହିତ ଜରିମାନା ଆଦାୟ ହେଉଛି। କେନ୍ଦ୍ରାପଡା ଜିଲାରେ ଏପରି ୧୫୪ ଜଣ ତାଲାବନ୍ଦ ନିୟମ ଭଙ୍ଗକାରୀଙ୍କ ବିରୋଧରେ ଅଦ୍ୟାବଧି ୮୮ ମାମଲା ରୁଜୁ ହେଲାଣି। ଏମାନଙ୍କଠାରୁ ୩,୦୧,୫୦୦ ଟଙ୍କା ଜରିମାନା ଆଦାୟ ସହିତ ୬୯ ବାଇକ୍, ୧୦ଟି ୪ ଚକିଆ ଓ ୨ଟି ଅଟୋ ଜବତ ହୋଇଛି। ତାଲାବନ୍ଦ ଘୋଷଣା ସତ୍ତ୍ୱେ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ହାଟ ବଜାରରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଉ ନ ଥିବାରୁ ବହୁ ବୁଦ୍ଧିଜୀବୀ କରୋନା ସଂକ୍ରମଣ ଆଶଙ୍କା କରି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କରୋନା ମହାମାରୀର ନିଦାନ ଅଦ୍ୟାବଧି ବିଶ୍ୱରେ ନାହିଁ। ସାମାଜିକ ଦୂରତ୍ୱ ସହ କେତେକ ନିୟମ ପାଳନ ଦ୍ୱାରା ସଂକ୍ରମଣକୁ ରୋକି ହେବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏଥିପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲଙ୍କ ମତରେ କେନ୍ଦ୍ରାପଡା ଜିଲାରେ ବର୍ତ୍ତମାନ ସୁଦ୍ଧା ୧୪୩୮ଟି କରୋନା ନମୁନା ସଂଗ୍ରହ ହୋଇଛି। ଆଳି ଓ ରାଜନଗର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ କରୋନା ପଜିଟିଭ ଚିହ୍ନଟ ହୋଇନାହାନ୍ତି। ସଂକ୍ରମଣରୁ ରକ୍ଷା ପାଇଁ ସାମାଜିକ ଦୂରତ୍ୱ ନ ମାନିବା ଜିଲା ପାଇଁ ବିପଦ ସୃଷ୍ଟି କରୁଛି। ଜିଲା ପ୍ରଶାସନ ପକ୍ଷରୁ ଅମାନିଆଙ୍କ ବିରୋଧରେ ହୋଇଥିବା ମାମଲାକୁ ସେ ସ୍ୱାଗତ କରିଛନ୍ତି। ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, କରୋନା ସଂକ୍ରମଣରୁ ରକ୍ଷା ଏବେ ଜିଲା ପ୍ରଶାସନ ପାଇଁ ଆହ୍ୱାନ ହୋଇଛି। ଜିଲାର ସୀମା ସିଲ୍ ସହିତ ହାଟ ବଜାରକୁ ସାମୟିକ ଭାବେ ବନ୍ଦ ଅଥବା ସ୍ଥାନାନ୍ତର କରାଯାଇଛି। ବିଭିନ୍ନ ସ୍ଥାନକୁ ବିଶୋଧନ କରାଯାଉଛି। ପ୍ରବାସୀଙ୍କ ଆଗମନ ଆରମ୍ଭ ହୋଇଥିବାରୁ କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି। ଅତ୍ୟାବଶ୍ୟକ ନ ହେଲେ ଘରୁ ନ ବାହାରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଦୀସା, ସା: ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ର ଧାରା – ୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼**
ମୋ. ନଂ.– ୯୯୩୮୧୭୦୪୫୦ / ଅଫିସ୍: ୦୬୬୨୨–୨୭୩୩୪୩
**ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼**
ମୋ. ନଂ.– ୯୪୩୭୦୮୫୪୩୪ / ଅଫିସ୍: ୦୬୬୨୨–୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ସ୍ମୃତୀ (ସା: ଦୀସା ଦ୍ୱାରା ଦିଆଯାଇଥିବା ନାମ) | ୨୦।୦୨।୨୦୨୦ | ଝିଅ | ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଲହୁଣିପଡ଼ା, ତା୨୩।୦୪।୨୦୨୦ |  |

Sd./- District Child Protection Officer, Sundargarh

**MINERAL EXPLORATION CORPORATION LIMITED**
(A GOVERNMENT OF INDIA ENTERPRISE)
AN ISO 9001-2008 CERTIFIED COMPANY
**BOLANGIR PROJECT**
ADDRESS: H.No. 290/C, Back Side of Irrigation Colony
PO: Rajendra College, Laltikra, Bolangir, Odisha-767002
Website: www.mecl.co.in, E-mail: lakshmanarao.mecl@gmail.com

**NOTICE INVITING TENDER**

DATED: 06-05-2020

Sealed tenders are hereby invited IN TWO PARTS from Registered (under Shop and Establishment Act/ PWD registration/others Act) licensed manpower supplier firms /Labour contractor with Labour Department of any State Government/Central Government for the following:

| TENDER NO. & OPENING DATE | PARTICULARS & APPROXIMATE QUANTITY | TENDER FEE (Rs.) | EMD (Rs.) |
|---|---|---|---|
| MECL/BP/NIT/C. Labour/2020-21/02, Dated: 06.05.2020<br>OPENING DATE: 21.05.2020 | "Supply of 31 Nos. of Contract Workers of different categories (i.e Skilled, Unskilled and Watch & Ward) as per requirement for exploration work like drilling, surveying & driving etc. at Bolangir Project of MECL", by complying all statutory requirements under various labour laws, on contract basis. | Rs. 1070/- | Rs.1,06,650/- |
| LAST DATE FOR SALE OF TENDER DOCUMENT: 21.05.2020, 12:00 PM | | | |

Tender documents can be obtained from the undersigned during office hours on payment of prescribed tender fee, by DD in favour of Mineral Exploration Corporation Ltd., payable at SBI, Bolangir, Odisha. Sealed tenders, IN TWO PARTS, subscribing tender number & opening date shall be addressed and posted to the undersigned or deposited in the tender box kept in the office of Project Manager of MECL. Tenders shall be received up to 2.30 PM on 21-05-2020 and Part-1 tender shall be opened on the same day at 3.00 PM on 21-05-2020 in the presence of attending tenderers. Firms registered with DGS&D/ NSIC/ MSME (for the product for which they are registered are exempted from payment of EMD and Tender Fee. MECL reserves the right to accept or reject any or all tenders without assigning any reason thereof. Public procurement policy for Micro and Small Enterprises (MSEs) as per Government of India guideline shall be applicable.

**PROJECT MANAGER**
**MECL, BOLANGIR PROJECT**

## ସବ୍‌ଜେଲ୍‌ରୁ ଫେରାର କଏଦୀ ଗିରଫ

**ସାଲେପୁର,୫।୫(ଡି.ଏନ୍.ଏ.):** ସାଲେପୁର ସବ୍‌ଜେଲ୍‌ରୁ ଫେରାର ଜଣେ କଏଦୀଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସାଲେପୁର ଥାନା କେନ୍ଦୁପାଟଣା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡଗାଁ ଗ୍ରାମର ନୃସିଂହନାଥ ସାମଲ(୨୧)। ଏଥିସହ କାର୍ଯ୍ୟରେ ଅବହେଳା କରିବା ଅଭିଯୋଗରେ ଜେଲ୍ ୱାର୍ଡର ବ୍ରଜବନ୍ଧୁ ସାମଲ ଓ ଦେବେନ୍ଦ୍ର କୁମାର ଦାସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନୃସିଂହ ସାଲେପୁର ସବ୍‌ଜେଲ୍‌ରେ ୨୦୧୬ ମସିହାରୁ ଏକ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗୁଥିଲେ। ସୋମବାର ସନ୍ଧ୍ୟାରେ ଲକ୍‌ଡାଉନ ପୂର୍ବରୁ ସେ କୌଣସିମତେ ସବ୍‌ଜେଲ୍‌ରୁ ଖସିଯାଇଥିଲେ।

### ସଂକ୍ଷେପରେ

## ରାସ୍ତାରେ ଅଳିଆ ପକାଇଲେ କାର୍ଯ୍ୟାନୁଷ୍ଠାନ

**ଖୋର୍ଦ୍ଧା ଅଫିସ,୫।୫:** ଦେଶରେ ତୃତୀୟ ପର୍ଯ୍ୟାୟ ଲକଡାଉନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଦୋକାନ ଖୋଲିବା ନେଇ ଗାଇଡ୍‌ଲାଇନ ଜାରି କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ସକାଳ ୭ଟା ଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ଦୋକାନ ଗୁଡିକ ସାମାଜିକ ଦୂରତା, ମାସ୍କ ପରିଧାନ ପୂର୍ବକ କାର୍ଯ୍ୟ କରିବେ। ସମସ୍ତ ଦୋକାନରେ ସାନିଟାଇଜର ବ୍ୟବସ୍ଥା କରିବେ। ପରିବା ହାଟ ଓ ମାଛ ମାର୍କେଟ ନିର୍ଦ୍ଧାରିତ ସ୍ଥାନରେ ଚାଲୁ ରହିବ। ରାସ୍ତା ଉପରେ କୌଣସି ପରିବା ଓ ଫଳ ବ୍ୟବସାୟୀ ବେପାର କରିପାରିବେ ନାହିଁ। ସେହିପରି ଦୋକାନ ଗୁଡିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ଯଥା ପଚା ପରିବା ଚୋପା, ଫଳ ଆଦି ଦୋକାନୀ ମାନେ ନିଜ ଡଷ୍ଟବିନ ରଖିବେ। ରାସ୍ତା ଉପରେ ଅଳିଆ ପକାଇଲେ ସେମାନଙ୍କ ଟ୍ରେଡ ଲାଇସେନ୍ସ ରଦ୍ଦ କରାଯିବା ସହ ଜରିମାନା ଆଦାୟ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମ ଶତପଥୀ କହିଛନ୍ତି। ମେ ୪ତାରିଖ ଠାରୁ ୧୭ ତାରିଖ ଲକଡାଉନ ଅବଧି ସରିବା ପର୍ଯ୍ୟନ୍ତ ଏହି ନିୟମ ଜାରି ରହିବ ବୋଲି ଦର୍ଶାଯାଇଛି।

## ଧରଣୀଧର ନାଏକଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୫।୫(ବ୍ୟୁରୋ):** ଉନବିଂଶ ଶତାବ୍ଦୀର କେନ୍ଦୁଝରର ଐତିହାସିକ ପ୍ରଜାମେଳି ମହାନାୟକ ତଥା ଆଦିବାସୀ ନେତା ଧରଣୀଧର ନାଏକଙ୍କ ୧୫୬ତମ ପୁଣ୍ୟ ଜନ୍ମତିଥି ରାଜଧାନୀରେ ମଙ୍ଗଳବାର ପାଳନ କରାଯାଇଛି। କେନ୍ଦୁଝର ବିକାଶ ପରିଷଦ, ଭୁବନେଶ୍ୱର ଏବଂ ନିଖିଳ ଉତ୍କଳ ଭୂୟାଁ ସମାଜର କର୍ମକର୍ତ୍ତାମାନେ ସ୍ଥାନୀୟ ଚନ୍ଦ୍ରଶେଖରପୁର ରାସ୍ତାରେ ଥିବା ଧରଣୀଧରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ସବୁ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅରପ୍ଣ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଏହି ଅବସରରେ ଭାଗବତ ପାଠ ସାଙ୍ଗକୁ ମ୍ୟୁନିସିପାଲ କର୍ପୋରେସନର ସ୍ଥାନୀୟ ସଫେଇ କର୍ମଚାରୀଙ୍କୁ ଉତ୍ତରୀୟ ଏବଂ ଜଳଖିଆ ପ୍ରଦାନ କରାଯାଇଛି। କେନ୍ଦୁଝର ବିକାଶ ପରିଷଦର କର୍ମକର୍ତ୍ତା ହାଡିବନ୍ଧୁ ପଟ୍ଟନାୟକ, ଡମ୍ବୁରଧର ଘଣା ଏବଂ ନିଖିଳ ଉତ୍କଳ ଭୂୟାଁ ସମାଜ ପକ୍ଷରୁ ନୀଳମଣି ମାଝୀ ପ୍ରମୁଖ ଯୋଗ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**କଟକ ସଦର,୫।୫(ଡି.ଏନ୍.ଏ.):** ମହାମାରୀ କରୋନା(କୋଭିଡ-୧୯)ର ସଫଳ ମୁକାବିଲା ପାଇଁ ବହୁ ଅନୁଷ୍ଠାନ, ବ୍ୟକ୍ତିବିଶେଷ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ହାତ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ସଦର ବ୍ଲକ ଅନ୍ତର୍ଗତ ହାଟସାହିସ୍ଥିତ ଶ୍ରୀ ଚନ୍ଦନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥ ବିଦ୍ୟାଧରପୁରସ୍ଥିତ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ଦେବାଶିଷ ପାଢ଼ୀଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା, ସମ୍ପାଦିକା ରଶ୍ମିତା ଦାଶ ଏହି ଅର୍ଥ ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# କରୋନା ଯୁଦ୍ଧରେ ଟେକ୍ନୋଲୋଜି ଅସ୍ତ୍ର

ସସ୍ମିତା ପାଇକରାୟ
ଭୁବନେଶ୍ୱର,୫।୫(ବ୍ୟୁରୋ)

କରୋନା ମୁକାବିଲା କ୍ଷେତ୍ରରେ ଓଡ଼ିଶା ଦେଶରେ ରୋଲ୍ ମଡେଲ ସାଜିଛି। ଯୁଦ୍ଧ ଜିତିବାକୁ ରାଜ୍ୟ ସରକାର ଟେକ୍ନୋଲୋଜି ବା ବୈଷୟିକ ଜ୍ଞାନ କୌଶଳକୁ ଅସ୍ତ୍ର କରିଛନ୍ତି। ଆଗୁଆ ଯୋଜନା ଓ କଟକଣାକୁ ସଫଳ ଭାବେ କାର୍ଯ୍ୟକାରୀ କରିବାରେ ଟେକ୍ନୋଲୋଜିର ବଡ଼ ଭୂମିକା ରହିଛି। କଣ୍ଟ୍ରୋଲ୍ ରୁମ୍ ହେଉ କି ଭର୍ଚୁଆଲ ମିଟିଂ ଅବା କରୋନା ସନ୍ଦିଗ୍ଧଙ୍କୁ ଟ୍ରାକିଂ ସବୁଠି ସାହାରା ପାଲଟିଛି ଏହି ଟେକ୍ନୋଲୋଜି। କେବଳ ସରକାର ନୁହନ୍ତି, ଛୋଟ ଓ ବଡ଼ ଶିଳ୍ପାନୁଷ୍ଠାନ, ଷ୍ଟାର୍ଟଅପ୍ ସଂସ୍ଥା, ଇନ୍‌କ୍ୟୁବେଟର୍‌ଗୁଡ଼ିକ ମଧ୍ୟ ଲକ୍‌ଡାଉନ୍ ସମୟରେ ନିଜ ବ୍ୟବସାୟ ଚଳାଇବା ପାଇଁ ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି। ସେହିଭଳି ରେଷ୍ଟୁରାଣ୍ଟ, ଗ୍ରସେରି ଷ୍ଟୋର୍, ପନିପରିବା ଓ ଫଳ ଦୋକାନ, ଲଣ୍ଡ୍ରୀ ସର୍ଭିସ୍ ଆଦି ଇ-କମର୍ସ ସହ ଯୋଡ଼ିହୋଇ ଗ୍ରାହକଙ୍କୁ ସେବା ଯୋଗାଇ ଦେଉଛନ୍ତି।



### ଅନ୍‌ଲାଇନ୍ ରେଜିଷ୍ଟ୍ରେଶନରେ ଓଡ଼ିଶା ପ୍ରଥମ ରାଜ୍ୟ




ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖିବାକୁ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ ବାଧ୍ୟତାମୂଳକ କରିଥିଲା। ମାର୍ଚ୍ଚ ୪ ପରଠାରୁ ଏଥିପାଇଁ ସ୍ୱତନ୍ତ୍ର ୱେବ୍‌ପୋର୍ଟାଲ ସହ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଥିଲା। ପୂର୍ବରୁ ରହିଥିବା ୧୦୪ ହେଲ୍ପଲାଇନ୍‌କୁ କୋଭିଡ୍-୧୯ ଇନ୍‌ବାଉଣ୍ଡ କଲ୍ ସେଣ୍ଟରରେ ରୂପାନ୍ତରିତ କରାଯାଇଥିବାବେଳେ 'ମୋ ସରକାର' ହେଲ୍ପଲାଇନ୍‌କୁ ଆଉଟ୍‌ବାଉଣ୍ଡ କଲ୍‌ସେଣ୍ଟର କରାଯାଇଛି। 'ମୋ ସରକାର' ହେଲ୍ପଲାଇନ୍ ଦ୍ୱାରା ହୋମ୍ କ୍ୱାରାଣ୍ଟାନ୍‌ରେ ରହୁଥିବା ଲୋକଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ରଖାଯାଉଛି। ସେହିଭଳି ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ ସରକାର ଟେଲି ମେଡିସିନ ହେଲ୍ପଲାଇନ ନଂ.୧୪୪୧୦ ସେବା ଆରମ୍ଭ କରିଛନ୍ତି। କଲ୍ ସେଣ୍ଟରରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଡାକ୍ତରମାନେ ଲୋକଙ୍କୁ ୨୪ ଘଣ୍ଟା କୋଭିଡ୍-୧୯ ସମ୍ପର୍କିତ ସ୍ୱାସ୍ଥ୍ୟସୂଚନା ଯୋଗାଇ ଦେବାସହ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି। ଏସବୁ କେବଳ ଟେକ୍ନୋଲୋଜି ଦ୍ୱାରା ସମ୍ଭବ ହୋଇପାରିଛି।

### ଟେକ୍-ଡ୍ରିଭେନ୍ ମେଡିକାଲ ସର୍ଭିସ୍

କରୋନା ସଂକ୍ରମିତଙ୍କ ଚିକିତ୍ସାରେ ବ୍ୟବହାର ହେଉଛି ଅତ୍ୟାଧୁନିକ ଚିକିତ୍ସା ଉପକରଣ। ଟେକ୍-ଡ୍ରିଭେନ୍ ମେଡିକାଲ ସଲ୍ୟୁଶନ୍‌କୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ରାଜ୍ୟର ମୋଟ ୨୭ଟି କୋଭିଡ୍-୧୯ ହସ୍ପିଟାଲରେ କଟିଂ ଏଜ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇଥିବା ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିଭଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକଙ୍କ ନେତୃତ୍ୱରେ କୋଭିଡ୍-୧୯ ସମ୍ପର୍କିତ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ପରିଚାଳିତ ହେଉଛି। ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭେଲାନ୍ସ ପ୍ରୋଗ୍ରାମ(ଆଇଏସ୍‌ଡିପି), ଡିଜିଜ୍ ସର୍ଭେଲାନ୍ସ ଏବଂ କଣ୍ଟାକ୍ଟ ଟ୍ରେସିଂ ସେଣ୍ଟର ଦ୍ୱାରା କୋଭିଡ୍-୧୯ ଲକ୍ଷଣ ଥିବା ରୋଗୀଙ୍କ ଉପରେ ନଜର ରଖାଯାଉଛି। ସେହିଭଳି ଟେକ୍ନୋଲୋଜି ସାହାଯ୍ୟରେ ଡୋର୍‌ଷ୍ଟେପ୍ ମେଡିକାଲ ସର୍ଭିସ୍ ଯୋଗାଇ ଦିଆଯାଉଛି।

### ଇ-କମର୍ସକୁ ପ୍ରାଥମିକତା

ସମସ୍ତ ଜିଲାର ଜିଲାପାଳ, ମ୍ୟୁନିସିପାଲ୍ ଏବଂ ପୋଲିସ୍ ଅଧିକାରୀ ଲକ୍‌ଡାଉନ୍‌ରେ ସମସ୍ତଙ୍କ ନିକଟରେ ଜରୁରିକାଳୀନ ସେବା ଏବଂ ସାମଗ୍ରୀ ଉପଲବ୍ଧ କରାଇବାକୁ ଟେକ୍ନୋଲୋଜିର ସାହାଯ୍ୟ ନେଉଛନ୍ତି। ବିଶେଷକରି କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରହୁଥିବା ଲୋକଙ୍କ ହାତ ପାଆନ୍ତାରେ ସମସ୍ତ ସାମଗ୍ରୀ ଯୋଗାଇଦେବାକୁ ଇ-କମର୍ସ ପ୍ଲାଟ୍‌ଫର୍ମ ଗୁରୁତ୍ୱ ବହନ କରୁଛି। ଏହାଦ୍ୱାରା ଉଭୟ ଗାଁ ଓ ସହରରେ ହୋମ୍ ଡେଲିଭରି ବ୍ୟବସ୍ଥା ସମ୍ଭବ ହୋଇପାରୁଛି।

### ସେମିନାର ବଦଳରେ 'ୱେବିନାର୍'

ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଜନସାଧାରଣଙ୍କୁ ତଥ୍ୟ ଦେବାସହ ବିଭିନ୍ନ ବିଷୟରେ ଫିଡ୍‌ବ୍ୟାକ୍ ପାଇଁ ଏବେ ଫେସ୍‌ବୁକ୍, ଟୁଇଟର ଓ ୟୁଟ୍ୟୁବ୍ ଭଳି ସୋସିଆଲ ମିଡ଼ିଆ ବ୍ୟବହାର କରୁଛନ୍ତି। ମନ୍ତ୍ରୀ, ପ୍ରଶାସକଙ୍କ ସହ ବିଭାଗୀୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସ, ଟେଲି ଓ ଭିଡିଓ କଲିଙ୍ଗ୍ ମାଧ୍ୟମରେ ପ୍ରତିଦିନ କରୋନା ମୁକାବିଲାର ସମୀକ୍ଷା କରୁଛନ୍ତି। ସେହିଭଳି ବିଭିନ୍ନ ବିଭାଗ ପକ୍ଷରୁ ସେମିନାର ପରିବର୍ତ୍ତେ ଭର୍ଚୁଆଲ୍ ୱେବିନାର୍ ଏବଂ ଅନ୍‌ଲାଇନ୍ ଟ୍ରେନିଂ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

### ଟ୍ରେସିଂ ଓ ଟ୍ରାକିଂରେ ଟେକ୍ନୋଲୋଜି

ବାହାର ଫେରନ୍ତାଙ୍କ ପାଇଁ ରାଜ୍ୟରେ ସଂକ୍ରମଣ ବଢ଼ୁଛି। ସେମାନଙ୍କୁ ଚିହ୍ନଟ କରିବାକୁ ମୋବାଇଲ୍ ଟ୍ରାକିଂର ସହାୟତା ନିଆଯାଇଛି। ଟେଲିକମ୍ ସର୍ଭିସ୍ ପ୍ରୋଭାଇଡର୍‌ଙ୍କ ମାଧ୍ୟମରେ ମାତ୍ର କିଛିଦିନରେ ଲକ୍‌ଡାଉନ୍‌ରେ ଓଡ଼ିଶା ଆସିଥିବା ମୋଟ ୨୭୦୦ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ସସ୍ମିତା ପାଇକରାୟ ଚିହ୍ନଟ କରାଯାଇଛି। ଏହାବ୍ୟତୀତ କରୋନା ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ ଓ ଟ୍ରାକିଂ ପାଇଁ ମଧ୍ୟ ଏହାର ବ୍ୟବହାର କରାଯାଉଛି।

### ଡ୍ରୋନ୍ ରଖୁଛି ନଜର, କରାଯାଉଛି ବିଶୋଧନ



ପ୍ରଥମେ ଭୁବନେଶ୍ୱରର ସୂର୍ଯ୍ୟନଗର ଏବଂ ବମିଖାଲ କଣ୍ଟେନ୍‌ମେଣ୍ଟ ଜୋନ୍ ଉପରେ ଡ୍ରୋନ୍ ଦ୍ୱାରା ପୋଲିସ ପୂରା ନଜର ରଖିଥିଲା। ଏଥିସହ ବିଭିନ୍ନ ଅଞ୍ଚଳରେ ଘୁରିବୁଲି ଅମାନିଆଙ୍କୁ ଧରିଥିଲା। ଡ୍ରୋନ୍‌ରେ ଥିବା ଅତ୍ୟାଧୁନିକ ଟେକ୍ନୋଲୋଜି କେବଳ କ୍ୟାମେରାରେ ଦୃଶ୍ୟ କଏଦ କରୁନି, ବରଂ ଅଡିଓ ସିଷ୍ଟମ ମାଧ୍ୟମରେ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶକୁ ଲୋକଙ୍କ ନିକଟରେ ପହଞ୍ଚାଉଛି। ନିୟମ ମାନୁ ନ ଥିବା ଲୋକଙ୍କୁ କଡ଼ା ତାଗିଦ୍ କରୁଛି। ସେହିଭଳି ବିଶୋଧନ କ୍ଷେତ୍ରରେ ମଧ୍ୟ ଡ୍ରୋନ୍‌ର ବ୍ୟବହାର ହେଉଛି। ବିଭିନ୍ନ ସ୍ଥାନରେ ଭୂତାଣୁ ନାଶକ ବିଶୋଧକ ସ୍ପ୍ରେ କରାଯାଉଛି।

## ନଷ୍ଟ ହେଉଛି ପାଠ୍ୟ ଉପକରଣ



ପୁରୀ ଅଫିସ,୫।୫

ନଷ୍ଟ ହେଉଛି ପାଠ୍ୟ ଉପକରଣ। ଶହ ଶହ ସଂଖ୍ୟାରେ ବହି, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ପାଠ୍ୟ ଉପକରଣ ନଷ୍ଟ ହେଉଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନାହିଁ। ଫଳରେ ଅଭିଭାବକ, ଶିକ୍ଷାବିତ୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୋର୍ଡିଂ ଛକରେ ପୂର୍ବରୁ ଭଡ଼ା ଘରେ ବଡ଼ଶଙ୍ଖ ସରକାରୀ ବାଳିକା ବିଦ୍ୟାଳୟ ଚାଲୁଥିଲା। ବାତ୍ୟା ଫନୀରେ ଏହି ସ୍କୁଲ ଘର କ୍ଷତିଗ୍ରସ୍ତ ହୋଇଥିଲା। ଏହାପରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଏହି ସ୍କୁଲର ଛାତ୍ରୀମାନେ ସରକାରୀ ବାଳିକା ବିଦ୍ୟାଳୟକୁ ଯାଇ ସେଠାରେ ପଢୁଛନ୍ତି। କିନ୍ତୁ ପୂର୍ବ ଭଡ଼ା ଘରେ ଏବେ ଲକ୍ଷାଧିକ ଟଙ୍କାର ପାଠ୍ୟ ଉପକରଣ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଶହ ଶହ ସଂଖ୍ୟାରେ ପାଠ୍ୟ ପୁସ୍ତକ ଭଙ୍ଗା ଆଜବେଷ୍ଟସ୍ ଘରେ ଛିନ୍‌ଛତ୍ର ହୋଇ ପଡ଼ିରହିଛି। ଏଥିସହ ୨ଟି କମ୍ପ୍ୟୁଟର, ପିଲାଙ୍କ ଖେଳ ସରଞ୍ଜାମ ଏବଂ ଅନ୍ୟାନ୍ୟ ପାଠ୍ୟ ଉପକରଣ ଭାଙ୍ଗିରୁଜି ତଳେ ପଡ଼ିଛି। ଏହାକୁ ଦେଖି ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହେନ୍ଦ୍ର ବେହେରା କହିଛନ୍ତି, ଯଦି ବିଦ୍ୟାଳୟ ଅନ୍ୟ ଏକ ସ୍କୁଲ ସହ ମିଶିଲା ତେବେ ପିଲାଙ୍କ ପାଠ୍ୟ ଉପକରଣ, ଖେଳ ସରଞ୍ଜାମ ଆଦିକୁ ସୁରକ୍ଷିତ ଭାବେ ରଖିବା ଦରକାର। ପିଲାଙ୍କୁ ବହିଗୁଡ଼ିକ ବାଣ୍ଟି ଦେଇଥିଲେ ଏମିତି ନଷ୍ଟ ହୋଇ ନ ଥାନ୍ତା। ଏ ସଂକ୍ରାନ୍ତରେ ଜିଲ ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କୁ ପଚାରିବାରୁ ବାସ୍ତବରେ କ'ଣ ହୋଇଛି ତାହାର ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।




ନୂଆ କଟକଣା: ମଙ୍ଗଳବାର ରାତି ୭ଟା ପରେ ଭୁବନେଶ୍ୱର ୟୁନିଟ-୪ ମାର୍କେଟରେ ଖୋଲାଥିବା ଏକ ଦୋକାନ ବନ୍ଦ କରିବାକୁ କୁହାଯାଉଛି।

## ୪ଜଣଙ୍କୁ ସଂକ୍ରମିତ କରିଛନ୍ତି ୧୦୩ ନଂ. ଆକ୍ରାନ୍ତ

ଭୁବନେଶ୍ୱର, ୫।୫(ବ୍ୟୁରୋ)

### ୬ଜଣଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି

ରାଜ୍ୟର ୬ କରୋନା ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି କରିଛି ସୂଚନା ଓ ଲୋକସମ୍ପର୍କ ବିଭାଗ। ସେମାନେ ହେଲେ ୧୦୩, ୧୧୨, ୧୧୩, ୧୧୪, ୧୧୫ ଓ ୧୬୩ ନମ୍ବର ଆକ୍ରାନ୍ତ। ୧୦୩ ନଂ. ଅକ୍ରାନ୍ତ ଜଣକ ସୁପର ସ୍ପ୍ରେଡର ହୋଇ ୪ଜଣ ସମ୍ପର୍କୀୟଙ୍କୁ ସଂକ୍ରମିତ କରିଛନ୍ତି। ରାଉରକେଲାର ୬୦ବର୍ଷୀୟ ଏହି ବ୍ୟକ୍ତି ମାର୍ଚ୍ଚ ୨୨ରୁ ଏପ୍ରିଲ ୨୩ପର୍ଯ୍ୟନ୍ତ ଘରେ ରହିଥିଲେ। ସାଧାରଣ ଥଣ୍ଡା ହୋଇଥିଲା। ତେଣୁ ସେ ୨୧ରୁ ୨୩ପର୍ଯ୍ୟନ୍ତ ସ୍ଥାନୀୟ ଜଣେ ଘରୋଇ ଡାକ୍ତରଙ୍କ ପାଖରେ ଚିକିତ୍ସାଧୀନ ଥିଲେ। ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ତାଙ୍କୁ ରାଉରକେଲା ହାଇଟେକ୍ କୋଭିଡ୍ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ୨୫ରେ ନମୁନା ପରୀକ୍ଷଣ ରିପୋର୍ଟ ପଜିଟିଭ୍ ବାହାରିଥିଲା। ସେହିପରି ୧୦୩ ନଂ. ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୧୧୨, ୧୧୩, ୧୧୪ ଓ ୧୧୫ ନମ୍ବର ଆକ୍ରାନ୍ତ ସଂକ୍ରମିତ ହୋଇଛନ୍ତି। ଏହି ୪ଜଣ ମାର୍ଚ୍ଚ ୨୨ରୁ ଏପ୍ରିଲ ୨୭ ପର୍ଯ୍ୟନ୍ତ ଘରେ ଥିଲେ। ଏପ୍ରିଲ ୨୭ରେ ନମୁନା ପରୀକ୍ଷଣରୁ ରିପୋର୍ଟ ପଜିଟିଭ୍ ବାହାରିଥିଲା। ପରେ ସେମାନଙ୍କୁ ରାଉରକେଲା ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୬୩ ନଂ. ଆକ୍ରାନ୍ତ ହେଉଛନ୍ତି ରାଉରକେଲାର ୨୯ ବର୍ଷୀୟା ମହିଳା। ସେହି ଅଞ୍ଚଳର ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଏହି ମହିଳା ଜଣକ ସଂକ୍ରମିତ ହୋଇଛନ୍ତି। ସେ ମାର୍ଚ୍ଚ ୨୨ରୁ ମେ' ୩ ପର୍ଯ୍ୟନ୍ତ ଘରେ ରହିଥିଲେ। କିନ୍ତୁ ତାଙ୍କ ପୁଅ ବାରମ୍ବାର ବାହାରକୁ କ୍ରିକେଟ୍ ଖେଳିବାକୁ ଯାଉଥିଲେ ଏବଂ ତାଙ୍କ ସ୍ୱାମୀ ବ୍ୟାଙ୍କ ଯାଉଥିଲେ। ତେଣୁ ମାର୍ଚ୍ଚ ୩୦ରୁ ଏପ୍ରିଲ ୨୦ତାରିଖ ପର୍ଯ୍ୟନ୍ତ ଆର୍‌ଜିଏଚ୍ ଓପିଡିକୁ ପରାମର୍ଶ ପାଇଁ ଯାଇଥିଲେ। କଣ୍ଟେନମେଣ୍ଟ ଜୋନ୍‌ରେ ରହିଥିବାରୁ ମେ' ୩ ଦିନ ନମୁନା ପରୀକ୍ଷଣ ହୋଇଥିଲା ଏବଂ ରିପୋର୍ଟ ପଜିଟିଭ୍ ବାହାରିଥିଲା। ଏହାପରେ ତାଙ୍କୁ ରାଉରକେଲା ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## କଟକଣା ସତ୍ତ୍ୱେ ଦୋକାନ ଖୋଲି ୯୦ ହଜାର ତଣ୍ଡ ଗଣିଲେ

ଭୁବନେଶ୍ୱର, ୫।୫(ବ୍ୟୁରୋ)

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଥିବାବେଳେ ରେଡ୍‌ଜୋନ୍ ପାଇଁ ସୋମବାରଠାରୁ ରାଜଧାନୀରେ ପୁଣି କଟକଣା ଲଗାଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏଥିସହ ଯାଞ୍ଚ କଡ଼ାକଡ଼ି କରାଯାଇଛି। ହେଲେ ଦୋକାନ ଖୋଲି ୯୦ ହଜାର ଟଙ୍କା ଦଣ୍ଡ ଗଣିଛନ୍ତି କେତେଜଣ ବ୍ୟବସାୟୀ। ଜନପଥର ୬ ବହି ଦୋକାନ ଓ ଗୋଟିଏ ଜୁଏଲାରୀ ଶୋ'ରୁମ୍ ଏହି ଜରିମାନା ଦେଇଛନ୍ତି। ମାଷ୍ଟରକ୍ୟାଣ୍ଟିନ୍ ନିକଟରେ ଖୋଲିଥିବା ବହି ଦୋକାନୀଙ୍କଠାରୁ ଜରିମାନା ସ୍ୱରୂପ ୧୦ ହଜାର ଲେଖାଏ ୬୦ ହଜାର ଓ ବାପୁଜୀ ନଗରସ୍ଥିତ ଜୁଏଲାରୀଠାରୁ ୩୦ ହଜାର ଟଙ୍କା ଆଦାୟ କରାଯାଇଥିବା ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି। ଜୋନାଲ ସ୍କ୍ୱାଡ୍, ଡେପୁଟି କମିଶନର ପୁରିନ୍ଦର ନନ୍ଦ, ଆସିଷ୍ଟାଣ୍ଟ କମିଶନର ଲିଲନ୍ ସାହୁ ଓ କମିଶନରେଟ୍ ପୋଲିସ ଦ୍ୱାରା ଚଢ଼ାଉ କରାଯାଇଥିଲା।



## ୭୫କେଜି ଗଞ୍ଜେଇ, ୨.୬ଲକ୍ଷ ଟଙ୍କା ଜବତ








ଖୋର୍ଦ୍ଧା ଅଫିସ/
ବେଗୁନିଆ,୫।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଅବକାରୀ ବିଭାଗ ମଙ୍ଗଳବାର ବୋଲଗଡ଼ ଥାନା ଅଧୀନ ଅସରଳା ଗ୍ରାମରେ ଚଢ଼ାଉ କରି ୭୫କେଜି ଗଞ୍ଜେଇ ଜବତ କରିବା ସହ ଜଣେ ମହିଳା ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ମୀରାରାଣୀ ମହାପାତ୍ର(୨୯)। ଏହା ସହ ୨ଲକ୍ଷ ୬ହଜାର ଟଙ୍କା ଓ ଏକ କାର ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ୭୫ହଜାର ଟଙ୍କା ଅବକାରୀ ଇନ୍ସପେକ୍ଟର ରଞ୍ଜନ କୁମାର ନାୟକ କହିଛନ୍ତି।

ସୂଚନା ଅନୁଯାୟୀ, ବୋଲଗଡ ବ୍ଲକ ଅସରଳାରୁ ବିପୁଳ ପରିମାଣରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଖବରପାଇ ମଙ୍ଗଳବାର ଭୋର ସମୟରେ ଖୋର୍ଦ୍ଧା ଅବକାରୀ ବିଭାଗର ଏକ ଟିମ୍ ଅସରଳାରେ ବ୍ୟବସାୟ କରୁଥିବା ମିରାରାଣୀଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ଘର ଭିତରୁ ଗଞ୍ଜେଇ, ଟଙ୍କା ଓ କାର (ଓଆର୦୨ଏମ୍-୫୯୩୯)ଜବତ କରିଥିଲେ। ଏ ନେଇ ଅବକାରୀ ବିଭାଗରେ ଏକ ମାମଲା ପିଆର ୫/୨୦୨୦-୨୧ ରୁଜୁ ହୋଇଛି। ସୂଚନାଥାଉ କି, କରୋନା ଲାଗି କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଲକ୍‌ଡାଉନ ଜାରି କରିଛନ୍ତି। ମାତ୍ର ଗତ ୧୫ଦିନ ମଧ୍ୟରେ ବେଗୁନିଆ ଓ ବୋଲଗଡ଼ ଅଞ୍ଚଳରୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ, ପୋଚ, ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୪ ବାଇକ୍, ୨ କାର ଜବତ ହୋଇଥିବା ବେଳେ ୭ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଲକ୍‌ଡାଉନ ସମୟରେ ଏହି ଚୋରା ନିଶା କାରବାର କିଭଳି ଚାଲୁଛି ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଖୋର୍ଦ୍ଧା: ସନ୍ଧ୍ୟା ୭ରୁ ସକାଳ ୭ କର୍ଫ୍ୟୁ

ଖୋର୍ଦ୍ଧା ଅଫିସ,୫।୫

ରାଜ୍ୟରେ ଦ୍ରୁତ ଗତିରେ ବଢ଼ି ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଏହା ସହ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ତେବେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରେ ରଖି ଖୋର୍ଦ୍ଧା ସବ୍‌ଡିଭିଜନରେ ସନ୍ଧ୍ୟା ୭ଟା ଠାରୁ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରିଛନ୍ତି ଉପଖଣ୍ଡ ମାଜିଷ୍ଟ୍ରେଟ ତଥା ଉପଜିଲାପାଳ ଶାନ୍ତନୁ ମହାନ୍ତି। ଏହି ନିୟମକୁ କଡାକଡି ପାଳନ ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ବିନା ଆବଶ୍ୟକତାରେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ କୋଭିଡ୧୯ ୨୦୨୦ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଖୋର୍ଦ୍ଧା ସବ୍‌ଡିଭିଜନ ଅନ୍ତର୍ଗତ ଖୋର୍ଦ୍ଧା ଟାଉନ(ଆଦର୍ଶ), ସଦର, ଜଙ୍କିଆ, ଟାଙ୍ଗୀ, ବାଘମାରୀ, ବେଗୁନିଆ, ବୋଲଗଡ, ବାଲୁଗାଁ, ଚିଲିକା ଥାନା ସମେତ ସମସ୍ତ ତହସିଲ ଅଞ୍ଚଳରେ ଏହି କର୍ଫ୍ୟୁ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଜିଲା ପ୍ରଶାସନର ବିନା ଅନୁମତିରେ ଆନ୍ତଃ ରାଜ୍ୟ ଓ ଜିଲା ମଧ୍ୟରେ କୌଣସି ବସ୍ ଚଳାଚଳ କରିବ ନାହିଁ। ଏହା ସହ ଦୁଇ, ଚାରି ଚକିଆ ଯାନ ଉପରେ ମଧ୍ୟରେ କଟକଣା କରାଯାଇଛି। ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ମାଲିକମାନେ ଦୋକାନକୁଆସୁଥିବା ଗ୍ରାହକଙ୍କୁସାମାଜିକ ଦୂରତା ରଖି ବ୍ୟବସାୟ କରିବେ। ଦୋକାନରେ ସାନିଟାଇଜର ଏବଂ ମାସ୍କ ପରିଧାନ କରିବେ। ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକ ୩୩ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବେ। ଏହା ସହ ସାମାଜିକ ଦୂରତା ରଖିବା ଓ ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି।

# ଝୁଲି ରହିଛି ୩ କଏଦୀଙ୍କ ଓଡ଼ିଶା ସ୍ଥାନାନ୍ତର ନିଷ୍ପତ୍ତି

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୫।୫(ବ୍ୟୁରୋ)



- ତାମିଲ୍‌ନାଡୁ ଜେଲ୍ କର୍ତ୍ତୃପକ୍ଷ ଦେଉନାହାନ୍ତି ଉତ୍ତର
- ପୁଣି ଚିଠି ଲେଖିଲା ଓଡ଼ିଶା ଜେଲ ବିଭାଗ

କେତେକ ମାମଲାରେ ୩ଜଣ ଓଡ଼ିଆ କଏଦୀ ଏବେ ତାମିଲନାଡୁ ଜେଲରେ ଅଛନ୍ତି। ସେମାନେ ଓଡ଼ିଶା ସ୍ଥାନାନ୍ତର ପାଇଁ ବାରମ୍ବାର ଆବେଦନ କରି ନିରାଶ ହୋଇଛନ୍ତି। ଏପଟେ ଦୁଇବର୍ଷ ହେବ ଓଡ଼ିଶା ଜେଲ ବିଭାଗ ପକ୍ଷରୁ ତାମିଲ୍‌ନାଡୁ ଜେଲ ବିଭାଗକୁ ଅନେକଥର ଚିଠି ଲେଖାଯାଇଥିଲେ ମଧ୍ୟ କୌଣସି ପ୍ରତ୍ୟୁତ୍ତର ମିଳିପାରୁନି। ଫଳରେ କଏଦୀ ସ୍ଥାନାନ୍ତର ନିଷ୍ପତ୍ତି ଝୁଲି ରହିଛି।

ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ହରସିଂପୁର ଗାଁର ଯତୀନ୍ଦ୍ର କୁମାର ବେହେରା ତାମିଲ୍‌ନାଡୁର ଚେନ୍ନାଇରେ ରହୁଥିବାବେଳେ ଏକ ଏସିଡ ଆକ୍ରମଣ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ। ୨୦୧୩ରୁ ସେ ମାଡ୍ରାସ ପୁଜଲ ସେଣ୍ଟ୍ରାଲ ଜେଲ୍‌ରେ ଆଜୀବନ ସଜା କାଟୁଛନ୍ତି। ପାରିବାରିକ ପରିସ୍ଥିତିକୁ ନେଇ ୨୦୧୭ରେ ସେ ଓଡ଼ିଶା ଜେଲକୁ ସ୍ଥାନାନ୍ତର ପାଇଁ ମାଡ୍ରାସ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡିଥିଲେ। ସେ ତାଙ୍କ ଆବେଦନରେ ଉଲ୍ଲେଖ କରିଥିଲେ ଯେ, ଗାଁରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନାହିଁ। ୨୦୧୪ ଅଗଷ୍ଟ ୧୮ରେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଅନ୍ତିମ ସଂସ୍କାରରେ ଯୋଗଦେଇପାରି ନ ଥିଲେ। ଘରେ ଏକୁଟିଆ ଥିବା ୭୮ବର୍ଷୀୟା ମା' ଅସୁସ୍ଥ ଅଛନ୍ତି। ସେ ତାଙ୍କୁ ଦେଖା କରିବାକୁ ତାମିଲନାଡୁ ଆସିପାରୁ ନାହାନ୍ତି କି ଦେଖାଶୁଣା କରିବା ପାଇଁ ମା'ଙ୍କ ପାଖରେ କେହି ନାହାନ୍ତି। ତେଣୁ ଓଡ଼ିଶାର ଚୌଦ୍ୱାର ଜେଲ୍‌କୁ ସ୍ଥାନାନ୍ତର କରାଯାଉ ବୋଲି ଯତୀନ୍ଦ୍ର କୋର୍ଟଙ୍କୁ ନିବେଦନ କରିଥିଲେ। ମାମଲାର ବିଚାର କରି ମାଡ୍ରାସ ହାଇକୋର୍ଟ ୩ ମାସ ମଧ୍ୟରେ ଯତୀନ୍ଦ୍ରଙ୍କ ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ତାମିଲ୍‌ନାଡୁ ଜେଲ୍ ବିଭାଗକୁ ୨୦୧୯ ନଭେମ୍ବର ୩୧ରେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏହା ପୂର୍ବରୁ ଯତୀନ୍ଦ୍ରଙ୍କ ଭଳି ସେହି ଜେଲରେ ଥିବା ଅନ୍ୟ ଦୁଇ ଓଡ଼ିଆ କଏଦୀ ସତ୍ୟନାରାୟଣ ଗୁନାର ଓ ଅଜୟ କୁମାର ମଧ୍ୟ ଓଡ଼ିଶା ସ୍ଥାନାନ୍ତର ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାମିଲନାଡୁ ଜେଲ ବିଭାଗ ୨୦୧୮ରେ ଓଡ଼ିଶା ଜେଲ ବିଭାଗ ଏବଂ ସଂଶୋଧନ ସେବା ନିର୍ଦ୍ଦେଶାଳୟକୁ ଚିଠି ମାଧ୍ୟମରେ ଏହି ୩ଜଣ ଦୋଷୀଙ୍କ ସ୍ଥାନାନ୍ତର ପାଇଁ ଅନୁମତି ଚାହିଁଥିଲେ। ଏହି ଆଧାରରେ ଓଡ଼ିଶା ଜେଲ ବିଭାଗ ସେହିବର୍ଷ ମେ ୩୧ରେ ତାମିଲନାଡୁ ଜେଲର ଅତିରିକ୍ତ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ମାମଲା ସଂକ୍ରାନ୍ତ କିଛି ଦଲିଲ ମାଗିଥିଲେ। ଏହାପରେ ମଧ୍ୟ ଓଡ଼ିଶା ଜେଲ ବିଭାଗ ଏକାଧିକ ଚିଠି କରିଛି, ହେଲେ ତାମିଲନାଡୁ ଜେଲ ବିଭାଗ ଆବଶ୍ୟକ ଦଲିଲ ପଠାଉ ନାହାନ୍ତି କି ପ୍ରତ୍ୟୁତ୍ତର ମଧ୍ୟ ଦେଉନାହାନ୍ତି। ଶେଷରେ ଓଡ଼ିଶା ଜେଲ କର୍ତ୍ତୃପକ୍ଷ ଗତ ଏପ୍ରିଲ ୩୦ରେ ପୁଣି ତାମିଲ୍‌ନାଡୁ ଜେଲ ବିଭାଗକୁ ଚିଠି ଲେଖିଛନ୍ତି।

ଯତୀନ୍ଦ୍ରଙ୍କ ଓକିଲ ଶୁଭଲକ୍ଷ୍ମୀ ସାମନ୍ତ କହିଛନ୍ତି, କୋର୍ଟ ଦେଇଥିବା ୩ମାସର ସମୟ ଅତିବାହିତ ହୋଇଯାଇଛି। ଓଡ଼ିଶା ଏବଂ ତାମିଲନାଡୁ ଜେଲ ବିଭାଗ କୋର୍ଟ ଅବମାନନା କରିଥିବାରୁ ପୁଣି କୋର୍ଟର ଆଶ୍ରୟ ନେବୁ। ମାନିବକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ କହିଛନ୍ତି, କଏଦୀଙ୍କ ସ୍ଥାନାନ୍ତର ଏକ ଆଇନଗତ ଓ ମାନବିକ ଅଧିକାର। ତେଣୁ ମାଡ୍ରାସ ଜେଲରେ ପୀଡ଼ିତ ଓଡ଼ିଶାର କଏଦୀମାନେ ଟ୍ରାନ୍ସଫର ଅଫ ପ୍ରିଜନର୍ସ ଅଧିନିୟମର ଧାରା ୩ ଅନୁଯାୟୀ ଓଡ଼ିଶା ସ୍ଥାନାନ୍ତର ପାଇଁ ଅଧିକାର ପାଇଛନ୍ତି। ଏତେ ଦିନ ଧରି ଆବେଦନ ପକାଇ ରଖିବା ସେମାନଙ୍କ ମାନବିକ ଅଧିକାର ଉଲ୍ଲଂଘନ।

ଏ ନେଇ ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି ଯେ, ଆମ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରି ତାମିଲନାଡୁ ଜେଲ ବିଭାଗକୁ ଚିଠି ଲେଖିଛୁ। ଆଶା କରୁଛୁ ଖୁବ୍‌ଶୀଘ୍ର ଏହି ୩କଏଦୀଙ୍କ ସ୍ଥାନାନ୍ତର ସଫଳ ହେବ।



ଉହାନରେ ସୁସ୍ଥ ହୋଇଥିବା କରୋନା ସଂକ୍ରମିତଙ୍କୁ ବାହାରେ କୌଣସି ଲୋକଙ୍କ ସହିତ ମିଳାମିଶା ଉପରେ ଚାଇନା କଟକଣା ଜାରି କରିଛି। କରୋନା ସଂକ୍ରମଣ କିଭଳି ବ୍ୟାପିଲା ଏବଂ କାହିଁକି ସଂକ୍ରମିତଙ୍କ ମୃତ୍ୟୁ ଘଟିଲା ସେନେଇ ଚୁପ୍ ରହିବାକୁ ଚାଇନାର କମ୍ୟୁନିଷ୍ଟ ସରକାର ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ସରକାରଙ୍କ ବିରୋଧରେ କୌଣସି ମାମଲା ଦାଏର ନ କରିବାକୁ ଆଇନଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ସୁସ୍ଥ ହୋଇ ଘରକୁ ଫେରିଥିବା ସଂକ୍ରମିତ ଅନ୍‌ଲାଇନ୍‌ରେ କାହା ସହିତ ଚାଟ୍ କରୁଛନ୍ତି ପୋଲିସକୁ ସେସବୁର ଯାଞ୍ଚ୍ ଲାଗି କୁହାଯାଇଛି।

**କରୋନା ସଙ୍କଟ**

# ସୁଖୀ ଦେଶ ବେଶି ଦୁଃଖୀ

**ନୂଆଦିଲ୍ଲୀ:** ବିଶ୍ୱ ମହାମାରୀ ସମୟରେ ଆର୍ଥିକ ଅନଗ୍ରସର ଦେଶବାସୀ ସାଧାରଣତଃ ବେଶି ପ୍ରଭାବିତ ହୋଇଥାନ୍ତି। ଇତିହାସ ପୃଷ୍ଠା ଲେଉଟାଇଲେ ଏହାର ଅନେକ ଉଦାହରଣ ମିଳିବ। ହେଲେ କରୋନା ଭାଇରସ୍ ମାମଲାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଗରିବ ଦେଶ ତୁଳନାରେ ଧନୀ ଦେଶରେ ୧୩ ଗୁଣା ଅଧିକ ବିଭୀଷିକା ସୃଷ୍ଟି କରିଛି କରୋନା। ଆଫ୍ରିକା ତୁଳନାରେ ୟୁରୋପ ମହାଦେଶରେ ୮୧ ଗୁଣା ଅଧିକ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି। ଏଥିରୁ ଗରିବ ରାଷ୍ଟ୍ର ତୁଳନାରେ ସୁଖୀ ତଥା ଧନୀ ରାଷ୍ଟ୍ର ଉପରେ କରୋନାର ପ୍ରକୋପ ବେଶି ବୋଲି ସ୍ପଷ୍ଟ ହୋଇଛି।







୨୦୧୯ ହାପିନେସ୍ ଇଣ୍ଡେକ୍ସରେ ସୂଚୀବଦ୍ଧ ହୋଇଥିବା ଶ୍ରେଷ୍ଠ ୩ଦେଶ ମଧ୍ୟରେ ରହିଥିଲେ ଫିନ୍‌ଲାଣ୍ଡ, ଡେନମାର୍କ ଏବଂ ନରୱେ । ଏହି ୩ ଦେଶରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୯୦୦ ଡେଇଁଗଲାଣି। ତେବେ ହାପିନେସ୍ ଇଣ୍ଡେକ୍ସ ତାଲିକାର ସବୁଠାରୁ ନିମ୍ନରେ ଥିବା ଦକ୍ଷିଣ ସୁଦାନ, ସେଣ୍ଟ୍ରାଲ୍ ରିପବ୍ଲିକାନ ଆଫ୍ରିକା ଏବଂ ଆଫଗାନିସ୍ତାନରେ ଏଯାଏ କରୋନା ସଂକ୍ରମଣ ମୃତ୍ୟୁସଂଖ୍ୟା ୧୦୦ ଟପିନି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ସର୍ବୋଚ୍ଚ ସ୍ୱାସ୍ଥ୍ୟ ସୁବିଧା, ଅତ୍ୟାଧୁନିକ ଜୀବନଶୈଳୀକୁ ନେଇ ଗର୍ବ କରୁଥିବା ଦେଶରେ କରୋନା ମହାମାରୀ ବେଶି କ୍ଷତି କରିଛି। ଅନ୍ୟପଟେ ଅନାହାର, ପ୍ରତିକୂଳ ପରିବେଶରେ ଅତି ଦୟନୀୟ ସ୍ଥିତିରେ ବଞ୍ଚୁଥିବା ଗରିବ ଦେଶ ଉପରେ କରୋନାର ପ୍ରଭାବ ସେତେଟା ପଡ଼ିନାହିଁ। ସୁଖୀ ଦେଶ ତାଲିକାଭୁକ୍ତ ସମ୍ପୃକ୍ତ ୩ ଦେଶ ତୁଳନାରେ ଗରିବ ସୂଚୀଭୁକ୍ତ ୩ ଦେଶରେ ସଂକ୍ରମଣ ହାର ୯ ଗୁଣା କମ୍ ରହିଥିବା ଜଣାପଡ଼ିଛି।

ସେହିପରି ୨୦୧୯ ହାପିନେସ୍ ଇଣ୍ଡେକ୍ସରେ ସବୁଠାରୁ ସୁଖୀ ମହାଦ୍ୱୀପ ତାଲିକାରେ ଶ୍ରେଷ୍ଠ ସ୍ଥାନ ହାତେଇଥିଲା ୟୁରୋପ। ତାଲିକାରେ ଆଫ୍ରିକା ରହିଥିଲା ସବୁଠୁ ନିମ୍ନରେ। ମେ ପ୍ରଥମ ସପ୍ତାହ ସୁଦ୍ଧା ୟୁରୋପୀୟ ରାଷ୍ଟ୍ରରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁସଂଖ୍ୟା ୧.୩୯ ଲକ୍ଷ ଟପିଗଲାଣି। ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ହେଲେ ଆଫ୍ରିକୀୟ ଦେଶରେ ମୃତ୍ୟୁସଂଖ୍ୟା ୧୭୦୦ରୁ ସାମାନ୍ୟ ଅଧିକ ରହିଛି। ୪୨,୦୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। ଆଫ୍ରିକା ତୁଳନାରେ ୟୁରୋପରେ ୩୩ ଗୁଣା ଲୋକ କରୋନା ଜାଲରେ ଛନ୍ଦି ହୋଇଛନ୍ତି।

ଅନୁନ୍ନତ ଦେଶର ପ୍ରତିକୂଳ ପରିବେଶ ସହ ଅଭ୍ୟସ୍ତ ହୋଇଯାଇଥିବା ମଣିଷଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ, ଯାହା ଗୋଷ୍ଠୀ ସଂକ୍ରମଣକୁ ଅଟକାଇ ପାରୁଥିବା ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଅନ୍ୟପଟେ ସୌଖୀନ ଜୀବନଶୈଳୀକୁ ନେଇ ଚର୍ଚ୍ଚିତ ଦେଶବାସୀ ପ୍ରତିକୂଳ ପରିବେଶ ସହିତ ସେତେଟା ଅଭ୍ୟସ୍ତ ନୁହନ୍ତି। ତେଣୁ ସେଠାରେ ଗୋଷ୍ଠୀ ସଂକ୍ରମଣର ମାତ୍ରା ବେଶି ବୋଲି କେତେଜଣ ଦାବି କରିଛନ୍ତି।

# ଋଷିଙ୍କୁ ମନେପକାଇଲେ ପାକ୍ ଅଭିନେତ୍ରୀ


ଜେବା ବଖ୍ତିୟାର

**ମୁମ୍ବାଇ:** ଏପ୍ରିଲ ମାସ ଶେଷରେ ବଲିଉଡ୍ ହରାଇଲା ତା'ର ଦୁଇ ପୁରୁଣା କଳାକାର ଋଷି କପୁର ଓ ଇର୍ଫାନ ଖାଁଙ୍କୁ। ହେଲେ ଯୁଗ ଯୁଗ ଧରି ସିନେପ୍ରେମୀଙ୍କ ହୃଦୟରେ ଏମାନେ ଅଭୁଲା ହୋଇ ରହିବେ। ନିକଟରେ ପାକିସ୍ତାନୀ ନାୟିକା ଜେବା ବଖ୍ତିୟାର ଋଷି କପୁରଙ୍କୁ ମନେପକାଇ ଏକ ଇମୋଶନାଲ ପୋଷ୍ଟ କରିଛନ୍ତି। ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୧୯୯୧ରେ ଜେବା ବଲିଉଡ୍ ମୁଭି 'ହିନା'ରେ ଅଭିନୟ କରିଥିବା ବେଳେ ତାଙ୍କ ନାୟକ ଥିଲେ ଭେଟେରାନ ଅଭିନେତା ଋଷି କପୁର। ଏବେ ଋଷିଙ୍କ ନିଧନକୁ ଜେବା ସହଜରେ ଗ୍ରହଣ କରିପାରି ନାହାନ୍ତି। ଏହି ଅଭିନେତାକୁ ଅଧିକ ମନେ ପକାଉଥିବା କଳାକାରଙ୍କ ମଧ୍ୟରେ ଜେବା ଜଣେ ବୋଲି କୁହାଯାଉଛି। ନିକଟରେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଋଷିଙ୍କୁ ହରାଇବାର ଦୁଃଖ ବର୍ଣ୍ଣନା କରିଛନ୍ତି। ଏମିତିକି ବଞ୍ଚିଥିବା ପର୍ଯ୍ୟନ୍ତ ସେ କେବେ ଋଷିଙ୍କୁ ଭୁଲିବେ ନାହିଁ ବୋଲି ଲେଖିଛନ୍ତି। ତା'ସହ 'ହିନା'ର ଶୁଟିଂ ସମୟରେ ସେ ଋଷିଙ୍କଠାରୁ ଯାହା ଶିଖିଛନ୍ତି, ତାହା ତାଙ୍କର ସବୁଦିନ ପାଇଁ ମନେରହିବ ବୋଲି ସେ କହିଛନ୍ତି। ଆଉ ଶେଷରେ ନିଜର କୋହକୁ ସମ୍ବରଣ କରି ଜେବା ଲେଖିଛନ୍ତି, ଆଉ ଅଧିକ କିଛି ଲେଖି ପାରୁନି ଶେଷରେ 'ସିର୍ଫ ତୁମ୍ହାରୀ ହିନା'। ଜେବାଙ୍କ ଏହି ପୋଷ୍ଟ ଅନେକ ସିନେପ୍ରେମୀଙ୍କ ମନକୁ ଛୁଇଁଛି। ସୂଚନାଯୋଗ୍ୟ, ୧୯୯୧ରେ ଋଷି କପୁର ଓ ଜେବା ବଖ୍ତିୟାର ବଲିଉଡ୍ ରୋମାଣ୍ଟିକ ମୁଭି 'ହିନା'ରେ ଅଭିନୟ କରିଥିଲେ। ଯାହା ସେ ସମୟରେ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା।

# 'ଆରୋଗ୍ୟ ସେତୁ' ଆପ୍ ନ ଥିଲେ ଭୋଗିବେ ଦଣ୍ଡ




**ନୂଆଦିଲ୍ଲୀ:** ଫୋନ୍‌ରେ 'ଆରୋଗ୍ୟ ସେତୁ' ଆପ୍ ଡାଉନ୍‌ଲୋଡ୍ ନ କରିବା ଏକ ଦଣ୍ଡନୀୟ ଅପରାଧ। ଏଥିପାଇଁ ଭୋଗିପାରନ୍ତି ଜେଲ୍ କିମ୍ବା ଜରିମାନା ଦଣ୍ଡ। ନଏଡାରେ ଲାଗୁ କରାଯାଇଛି ଏପରି ନିୟମ। ଏହି ଆପ୍ ଡାଉନ୍‌ଲୋଡ୍ କରିବାକୁ ନଏଡା ପୋଲିସ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ନଏଡା ଏବଂ ଗ୍ରେଟର୍ ନଏଡାରେ ରହୁଛନ୍ତି ଏବଂ ସ୍ମାର୍ଟଫୋନ୍‌ରେ ଏହି କଣ୍ଟାକ୍ଟ ଟ୍ରେସିଂ ଆପ୍ ନାହିଁ, ସେମାନଙ୍କୁ ୬ମାସ ଜେଲ୍ କିମ୍ବା ୧ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ସହର ମଧ୍ୟକୁ ପ୍ରବେଶ କରୁଥିବା ଲୋକଙ୍କ କ୍ଷେତ୍ରରେ ମଧ୍ୟ ଏହି ନିର୍ଦ୍ଦେଶ ଲାଗୁ କରାଯାଇଛି। ତେବେ ତୁରନ୍ତ ଏହି ଆପ୍ ଡାଉନ୍‌ଲୋଡ୍ କଲେ ଛାଡ଼ି ଦିଆଯିବ ବୋଲି ଡିସିପି(ଆଇନ ଓ ଶୃଙ୍ଖଳା) ଅଖିଳେଶ କୁମାର କହିଛନ୍ତି। ଲୋକେ ନିର୍ଦ୍ଦେଶକୁ ଗୁରୁତର ସହ ନେଇ ଯେପରି ଏହି ଆପ୍ ଡାଉନ୍‌ଲୋଡ କରିବେ, ସେଥିପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ବାରମ୍ବାର କହିବା ପରେ ବି ଡାଉନ୍‌ଲୋଡ୍ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶନିବାର କେନ୍ଦ୍ର ସରକାର ଏହି ସ୍ୱତନ୍ତ୍ର ଆପ୍ ଡାଉନ୍‌ଲୋଡ୍‌କୁ ବାଧ୍ୟତାମୂଳକ କରିଛନ୍ତି। ସରକାରୀ ଓ ବେସରକାରୀ କର୍ମଚାରୀମାନେ ଏହାକୁ ଡାଉନ୍‌ଲୋଡ୍ କରିବାକୁ କୁହାଯାଇଛି। ଏହାଦ୍ୱାରା ସଂକ୍ରମିତଙ୍କ ବିଷୟରେ ଜାଣିବାରେ ସହାୟକ ହୋଇପାରିବ ଏବଂ ଅନ୍ୟମାନେ ସଂକ୍ରମିତ ହେବାରୁ ରକ୍ଷା ପାଇବେ ବୋଲି ସଚେତନ କରାଯାଉଛି। ତେବେ ଏହା ମାଧ୍ୟମରେ ନିଆଯାଉଥିବା ବ୍ୟକ୍ତିଗତ ତଥ୍ୟକୁ ନେଇ ବିତର୍କ ଲାଗିରହିଛି।

# ଗୋଟିଏ ପିପିଇକୁ ୧୦୦ ଥର ବ୍ୟବହାର କରିହେବ



**ଲଣ୍ଡନ:** କରୋନା ଭାଇରସ ସହ ଲଢ଼ିବାକୁ ପିପିଇ(ପର୍ସନାଲ ପ୍ରୋଟେକ୍ସନ ଇକ୍ୟୁପମେଣ୍ଟ) ଡାକ୍ତରଙ୍କ ପାଇଁ ନିହାତି ଜରୁରୀ। ହେଲେ ଏହାର ପୁନଃ ବ୍ୟବହାର ନ ହେବା କାରଣରୁ ଏହାର ସଂଖ୍ୟା କମ୍ ହେବା ସହ ଯେତିକି ପିପିଇ ଆବଶ୍ୟକ ତାହା ମିଳିପାରୁ ନାହିଁ। ହେଲେ ବର୍ତ୍ତମାନ ବ୍ରିଟେନର କେତେଜଣ ବୈଜ୍ଞାନିକ ୧୦୦ ଥର ବ୍ୟବହାର କରିପାରିବା ଭଳି ପିପିଇ ତିଆରି କରିଥିବା କୁହାଯାଉଛି। ଏହାଦ୍ୱାରା ବିଶ୍ୱରେ ଦେଖାଦେଇଥିବା ପିପିଇର ଅଭାବ ପୂରଣ ହୋଇପାରିବ ବୋଲି ଅନୁମାନ କରାଯାଉଛି। ଏହି ପିପିଇ ପାରାସୁଟର ଫ୍ୟାବ୍ରିକରେ ତିଆରି କରାଯାଇଛି ବୋଲି କୁହାଯାଉଛି। ଏହା ସମ୍ପୂର୍ଣ୍ଣ ଶରୀରକୁ ଆବରଣ କରି ରଖିବ। ଏହାସହ ସର୍ଜିକାଲ ଗାଉନ ସମ୍ପୂର୍ଣ୍ଣ ଅଲଗା ରହିବ। ଏହି ପିପିଇର କିଛି ଜିନିଷକୁ ପୁଣିଥରେ ବ୍ୟବହାର କରାଯାଇ ପାରିବ। ମହିଳାଙ୍କ ଫ୍ୟାଶନ ଫର୍ମ ଡେଭିଡ ନିପର ଏହାକୁ ତିଆରି କରିଥିବା କୁହାଯାଉଛି। ଯଦି ଏହାକୁ ଶହେ ଥର ବ୍ୟାବହର କରାଯିବ ତେବେ ୧୨.୫ ଲକ୍ଷ ଡିସ୍ପୋଜେବଲ ଗାଉନ ନଷ୍ଟ ହେବ ନାହିଁ। ସୂଚନାଯୋଗ୍ୟ, ବ୍ରିଟେନର ପାଖାପାଖି ଅଧା ଡାକ୍ତରଙ୍କୁ ପିପିଇ କିଟ୍ ମିଳିପାରୁ ନାହିଁ। ଫଳରେ ଏମାନେ ନିଜେ କିଣି ଅଥବା କେହି କେହି ଦାନ କରିଥିବା ପିପିଇ ବ୍ୟବହାର କରୁଛନ୍ତି ବୋଲି ଜଣାପଡିଛି। ଏହି ତଥ୍ୟ ବ୍ରିଟେନ ମେଡିକାଲ ଆସୋସିଏଶନର ଏକ ସର୍ଭେରୁ ଜଣାପଡିଛି। ଫଳରେ ୬୫ ପ୍ରତିଶତ ଡାକ୍ତର କରୋନା ଚିକିତ୍ସା କରୁଥିବା ସମୟରେ ନିଜକୁ ଅସୁରକ୍ଷିତ ମଣୁଥିବା କୁହାଯାଉଛି।

# 'ମିସ୍ ୟୁ' ଲେଖି ଫଟୋ ଶେୟାର କଲେ ମଲାଇକା



**ମୁମ୍ବାଇ:** କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ଲାଗି ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ବଲିଉଡ୍ ତାରକାଙ୍କ ପର୍ଯ୍ୟନ୍ତ ସମସ୍ତେ ଘରେ ଏକପ୍ରକାର ବନ୍ଦହୋଇ ରହିଛନ୍ତି। ହଠାତ୍ ଲକ୍‌ଡାଉନ୍ ଘୋଷଣା ହେବାରୁ ବହୁ ଅଭିନେତ୍ରୀ ଅଭିନେତା ଆଉ ଭାରତକୁ ଫେରିପାରିନାହାନ୍ତି। ଯେଉଁଠି ଥିଲେ ସେଇଠି ରହିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଅଭିନେତ୍ରୀ ମଲାଇକା ଅରୋରା ହେଉଛନ୍ତି ଜଣେ। ମଲାଇକା ଗତ କିଛିଦିନ ହେଲା ସୋସିଆଲ ସାଇଡ୍‌ରେ ବେଶ୍ ଆକ୍ଟିଭ ଅଛନ୍ତି। ସେ ପ୍ରାୟତଃ ନିଜର ବୋଲ୍ଡ ଫଟୋ ଏବଂ ଭିଡିଓ ଶେୟାର କରି ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ସେ ତାଙ୍କ ପୂରା ପରିବାରର ଫଟୋ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରିଛନ୍ତି। ସେଥିରେ ଭଉଣୀ ଅମ୍ରିତା ଅରୋରା, ତାଙ୍କ ମାତାପିତା ଏବଂ ବୟଫ୍ରେଣ୍ଡ ଅର୍ଜ୍ଜୁନ କପୁର ଅଛନ୍ତି। ସେ ଏହି ଫଟୋ ପୋଷ୍ଟ କରି କ୍ୟାପ୍‌ଶନରେ ଉଲ୍ଲେଖ କରିଛନ୍ତି ଯେ, 'ଆଇ ମିସ୍ ୟୁ ଅଲ୍'। ୫୦ ଦିନର ଏହି ଲକ୍‌ଡାଉନ୍ କାଟିବା ମୋ ପାଇଁ ବଡ଼ କଷ୍ଟ। ଭଉଣୀ ଅମ୍ରିତାଙ୍କୁ ମଧ୍ୟ ବହୁତ ମିସ୍ କରୁଛନ୍ତି ବୋଲି ସେ ଲେଖିଛନ୍ତି। ତେବେ ଫ୍ୟାନ୍‌ମାନେ ତାଙ୍କର ଏହି ଫଟୋଗୁଡ଼ିକୁ ବେଶ୍ ପସନ୍ଦ କରୁଛନ୍ତି। ଏହା ଏବେ ଭାଇରାଲ ହେବାରେ ଲାଗିଛି। ସୂଚନାଥାଉ କି, ମଲାଇକା ପ୍ରଥମେ ଅର୍‌ବାଜ ଖାନ୍‌ଙ୍କୁ ବିବାହ କରିଥିଲେ। ତାଙ୍କର ୨ ପୁଅ ଅଛନ୍ତି। ବିବାହର ୧୯ ବର୍ଷ ପରେ ଦୁହେଁ ଅଲଗା ହୋଇଯାଇଛନ୍ତି। ସେ ଅର୍ଜ୍ଜୁନ କପୁରଙ୍କୁ ବିବାହ କରିବେ ବୋଲି ଶୁଣାଯାଉଛି।

# ପ୍ରିୟଙ୍କାଙ୍କ କୁନି ମେକ୍‌ଅପ୍ ଆର୍ଟିଷ୍ଟ

**ମୁମ୍ବାଇ:** ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ଏବେ ଆମେରିକାରେ ରହୁଛନ୍ତି। ଲକ୍‌ଡାଉନ୍ କାରଣରୁ ସେ ନିଜ ପରିବାର ସହ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରୁଛନ୍ତି। ଆମେରିକାରେ କରୋନା ସ୍ଥିତି ଅସମ୍ଭାଳ ରହିଥିବା ବେଳେ ଲୋକମାନଙ୍କ ମଧ୍ୟରେ ଭୟ ଲାଗି ରହିଛି। ଏଭଳି ସ୍ଥିତିରେ ବାହାରକୁ ବାହାରିବା ସମ୍ଭବପର ନୁହେଁ। ସେଥିଲାଗି ସେଲିବ୍ରିଟିମାନେ ଘରେ ରହି ସମୟ ଅତିବାହିତ କରିବାକୁ ପସନ୍ଦ କରୁଛନ୍ତି। ବିଶେଷକରି ପ୍ରିୟଙ୍କାଙ୍କ ଭଳି ବ୍ୟକ୍ତିତ୍ୱ ଏଥିରୁ ବାଦ୍ ପଡ଼ିବେ ବା କିପରି। ନିକଟରେ ସୋସିଆଲ ମିଡିଆରେ ପ୍ରିୟଙ୍କା ତାଙ୍କର କିଛି ଲାଟେଷ୍ଟ ଫଟୋ ଶେୟାର କରିଛନ୍ତି। ଯାହା ତାଙ୍କ ପ୍ରଶଂସକଙ୍କ ମୁହଁରେ ହସ ଫୁଟାଇ ପାରିଛି। କଥା ହେଲା ଏଥିରେ ପ୍ରିୟଙ୍କାଙ୍କୁ ସିଣ୍ଡ୍ରେଲା ବେଶରେ ଦେଖିବାକୁ ମିଳିଛି। ତେବେ ତାଙ୍କ ନୂଆ ମେକ୍‌ଅପ୍ ଆର୍ଟିଷ୍ଟ ଆଉ କେହି ନୁହେଁ ବରଂ ତାଙ୍କ କୁନି ଭାଣିଜି। ସେ ଯେମିତି କହିଛନ୍ତି, ପ୍ରିୟଙ୍କା ସେମିତି ମେକଅପ୍ ପାଇଁ ରାଜି ହୋଇଯାଇଛନ୍ତି। ନିକଟରେ ମଧ୍ୟ ପ୍ରିୟଙ୍କା ତାଙ୍କ ଭାଣିଜିଙ୍କ ସହ ଖୁବ୍ ମଜା କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଥିବା ଦେଖାଯାଇଥିଲା। ଛୋଟ ପିଲାମାନଙ୍କୁ ଖୁବ୍ ଭଲପାଉଥିବା ପ୍ରିୟଙ୍କା ସବୁବେଳେ ଏମାନଙ୍କ ଗହଣରେ ରହିବାକୁ ପସନ୍ଦ କରନ୍ତି ବୋଲି କୁହନ୍ତି।



# ବାଦୁଡ଼ିଙ୍କ ସହ ବୃଦ୍ଧାଙ୍କ ୪୦ ବର୍ଷ

**ଅହମଦାବାଦ:** କୁହାଯାଏ କରୋନା ଭୂତାଣୁ ବାଦୁଡ଼ିଠାରୁ ମଣିଷ ଶରୀରକୁ ଆସିଛି। ମଣିଷ ଶରୀରରୁ ଅନ୍ୟ ମଣିଷକୁ ବ୍ୟାପି ଏବେ ବିଶ୍ୱରେ ଭୟଙ୍କର ସ୍ଥିତି ସୃଷ୍ଟିକରିଛି। ଲକ୍ଷ ଲକ୍ଷ ଲୋକ ଏବେ ଏହି ଭୂତାଣୁ କବ୍ଜାରେ। ବାଦୁଡ଼ି ନାଁ ଶୁଣୁ ଶୁଣୁ ଲୋକଙ୍କୁ ଭୟ ଲାଗୁଛି। ହେଲେ ଜଣଙ୍କ ଘରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହିପାରନ୍ତି ଏକଥାକୁ କେହି ହୁଏତ ବିଶ୍ୱାସ କରିପାରିବେନି। କିନ୍ତୁ ଏଭଳି ଏକ ଘଟଣାକୁ ନେଇ ଏବେ ଗୁଜରାଟ ପାଟଣ ଜଲାସ୍ଥିତ ନେନ୍ଦ୍ରୋଡ଼ା ଗାଁ ଚର୍ଚ୍ଚାକୁ ଆସିଛି। ଏହି ଗାଁର କମୁବେନ୍ ପାଞ୍ଚାଳ ନାମ୍ନୀ ଜଣେ ବୃଦ୍ଧାଙ୍କ ଘରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହୁଛନ୍ତି। ବୃଦ୍ଧାଜଣକ ଏଭଳି ଏକ ପରିବେଶରେ ପ୍ରାୟ ୪୦ ବର୍ଷ ଧରି ଏକୁଟିଆ ରହି ଆସୁଛନ୍ତି।

କମୁବେନ୍‌ଙ୍କ ଘରକୁ କେହି ଯିବାକୁ ଚାହିଁଲେ, ବାଦୁଡ଼ିମାନେ ତାଙ୍କୁ ବାଟ ଛାଡ଼ି ନ ଥାନ୍ତି। ଏତେ ସଂଖ୍ୟାରେ ଘରସାରା ଉଡ଼ି ବୁଲୁଥାନ୍ତି ଯେ, ଘର ଭିତରକୁ ଯିବା କଷ୍ଟକର ହୋଇପଡ଼େ। ବିଭିନ୍ନ ଶବ୍ଦକରି ସେମାନଙ୍କୁ ଘଉଡ଼ାଇବା ପରେ ହିଁ ଭିତରକୁ କେହି ଯାଇପାରିବେ। ତେବେ ଏଭଳି ଏକ ପରିବେଶରେ କମୁବେନ୍ ମଧ୍ୟ ବହୁ ଅସୁବିଧାରେ ରହିଥାନ୍ତି। ରାତିରେ ଶୋଇବା ସମୟରେ ଅନେକ ସମୟରେ ବାଦୁଡ଼ି ତାଙ୍କ ଉପରେ ପଡ଼ି ଯାଇଥାନ୍ତି। ଅନେକ ଥର ବାଦୁଡ଼ି ତାଙ୍କୁ କାମୁଡ଼ି ବି ଦିଅନ୍ତି। କିନ୍ତୁ ସେ କିଛି କରିପାରନ୍ତି ନାହିଁ। ବାଦୁଡ଼ିଙ୍କୁ ଘଉଡ଼ାଇବା ପାଇଁ ସେ ବହୁଥର ଚେଷ୍ଟା କରି ବିଫଳ ହୋଇଛନ୍ତି। ଏମିତି କି ସ୍ଥାନୀୟ ପ୍ରଶାସନ ନିକଟରେ ବି ସେ ସାହାଯ୍ୟ କରିବାକୁ ଗୁହାରି କରିଛନ୍ତି, କିନ୍ତୁ କିଛି ଲାଭ ହୋଇନି। ତେଣୁ ବାଧ ହୋଇ ସେ ଏଭଳି ଏକ ପରିବେଶରେ ରହୁଛନ୍ତି। କମୁବେନ୍‌ଙ୍କ ବୟସ ଅଧିକ ହେବାରୁ ଏବେ ସେ ଶ୍ୱାସରୋଗରେ ପୀଡ଼ିତ। ତେଣୁ ଅଧିକାଂଶ ସମୟରେ ଅସୁସ୍ଥ ବି ରହୁଛନ୍ତି। କିନ୍ତୁ ତାଙ୍କୁ କେହି ସାହାଯ୍ୟ କରିପାରୁନାହାନ୍ତି। ଗାଁର ସରପଞ୍ଚ ଓ ବିଶିଷ୍ଟ ବ୍ୟକ୍ତିମାନେ କହନ୍ତି, ଏତେ ସଂଖ୍ୟାରେ ବାଦୁଡ଼ି କିଭଳି ତାଙ୍କ ଘରେ ରହିଛନ୍ତି ଓ ଯେତେ ଯାହା କଲେ ବି ଘରୁ ବାହାରି ଯାଉନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ହେଲେ ଏବେ କରୋନା ଭାଇରସ୍ କାରଣରୁ ସଂକ୍ରମଣର ଭୟ ଥିବାରୁ ତାଙ୍କ ଘର ଆଖପାଖକୁ ଯିବାକୁ ବି କେହି ସାହସ କରୁନାହାନ୍ତି।





# କରୋନାର ନୂଆ ଠିକଣା କୋୟମ୍‌ବେଡୁ ମାର୍କେଟ

**ଚେନ୍ନାଇ:** କରୋନାଠାରୁ ଦୂରେଇ ରହିବା ସହ ସାମାଜିକ ଦୂରତ୍ୱ ରକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବିଭିନ୍ନ ସ୍ଥାନରେ ଏହାର ଉଲ୍ଲଂଘନ ଦେଖିବାକୁ ମିଳୁଛି। ଫଳରେ କରୋନା ଭୂତାଣୁ କାୟାବିସ୍ତାର କରିଚାଲିଛି। ତାମିଲନାଡୁର କୋୟମ୍‌ବେଡୁ ବଜାର ଏବେ କରୋନ ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି। ୬୫ ଏକର ଜମିରେ ଥିବା ଏହି ବୃହତ୍ ବଜାରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟୀ ଆସିଥାନ୍ତି। ଶହ ଶହ ମାଲ୍ ବୋଝେଇ ଟ୍ରକ୍ ପ୍ରତିଦିନ ଏଠାକୁ ଆସିଥାଏ। ବହୁ ଲୋକ କାମଧନ୍ଦା କରିବା ପାଇଁ ମଧ୍ୟ ଏଠାକୁ ଆସିଥାନ୍ତି। ଏହି ଅଞ୍ଚଳରେ କରୋନା ସଂକ୍ରମଣ କ୍ରମଶଃ ବଢୁଥିବାରୁ ଏହାକୁ ଅରେଞ୍ଜ୍ ଜୋନ୍‌ରୁ ପରିବର୍ତ୍ତିତ କରାଯାଇ ରେଡ୍‌ଜୋନ୍‌ଭାବେ ବର୍ଗୀକୃତ କରାଯିବାକୁ ଯୋଜନା କରାଯାଇଛି। ଉତ୍ତର ତାମିଲନାଡୁର କୁଡ୍ଡାଲୋରଠାରୁ ଣ୍ଡିଡିଗୁଲ ମଧ୍ୟରେ ଏହି ବଜାର ରହିଛି। ଇତିମଧ୍ୟରେ କୁଡ୍ଡାଲୋରରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨୨ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ସଂକ୍ରମିତମାନେ କୋୟମ୍‌ବେଡୁ ବଜାରକୁ ଯାଇଥିବା ସେମାନଙ୍କ ଟ୍ରାଭେଲ୍ ହିଷ୍ଟ୍ରିରୁ ଜଣାପଡ଼ିଛି। ବଜାରକୁ ଆସିଥିବା ୪୫୦ ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଅନ୍ୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ବଜାରକୁ ଆସିଥିବା ୪୫୯ ଲୋକ ଏବଂ ସେମାନଙ୍କ ସହିତ ମିଳାମିଶା କରିଥିବା ୨୮୭ ଲୋକଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବା ଲାଗି ୪ଟି କେନ୍ଦ୍ର ସ୍ଥାପିତ କରାଯାଇଥିବା ଭିଲୁପୁରମ୍ ପୋଲିସ ଅଧିକ୍ଷକ ଏସ୍. ଜୟରାମ ସୂଚନା ଦେଇଛନ୍ତି। ସଂକ୍ରମିତଙ୍କୁ ଟ୍ରାକିଂ କରିବା କାର୍ଯ୍ୟ ଜାରି ରହିଥିବା ଣ୍ଡିଡିଗୁଲ୍ ଜିଲାପାଳ ଏମ୍ ବିଜୟାଲକ୍ଷ୍ମୀ କହିଛନ୍ତି।



## ସଂକ୍ଷେପରେ

### ହାତୀର ଗଳିତ ମୃତଦେହ ଉଦ୍ଧାର

କେନ୍ଦୁଝର/ଯୋଡ଼ା,୫।୫ (ସ୍ୱ.ପ୍ର./ ଡି.ଏନ୍.ଏ.): କେନ୍ଦୁଝର ବନ ବିଭାଗ ବାମେବାରୀ ଥାନା ଅନ୍ତର୍ଗତ କେନ୍ଦୁଘାଟି ଜଙ୍ଗଲରୁ ଏକ ହାତୀର ଗଳିତ ମୃତଦେହ ଉଦ୍ଧାର କରିଛି। ହାତୀର ବୟସ ଠିକ୍ ଜଣାପଡି ନ ଥିଲେ ହେଁ ୩୦ ବର୍ଷରୁ ଅଧିକ ହେବ। ମାସେ ପୂର୍ବରୁ ହାତୀଟିର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ହେଲେ ବନ ବିଭାଗ କିପରି ଜାଣି ପାରିଲା ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ମଙ୍ଗଳବାର ସକାଳେ କୌଣସି ସୂତ୍ରରୁ ଖବରପାଇ ଡିଏଫ୍ଓ ସନ୍ତୋଷ ଯୋଶୀ ଓ ଏସିଏଫ ଅଜୟ କୁମାର ସାହୁ, ବାମେବାରୀ ବନପାଳ ଜତିନ୍ଦ୍ର କୁମାର ସାହୁ ତଥା ଅନ୍ୟ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ହାତୀର ହାଡ଼ ଓ ଚମଡା ଥିବା ଅବଶେଷକୁ ସଂଗ୍ରହ କରି ଡିଏନ୍ଏ ଟେଷ୍ଟ ପାଇଁ ଡେରାଡୁନସ୍ଥିତ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ହାତୀର ଲିଙ୍ଗ ଓ ବୟସ ଜଣାପଡିବ ବୋଲି ଏସିଏଫ ସାହୁ କହିଛନ୍ତି। ବ୍ୟବଚ୍ଛେଦ ପରେ ଗଳିତ ମୃତଦେହ ମାଟିରେ ପୋତି ଦିଆଯାଇଛି। ମୃତ୍ୟୁର କାରଣ ଜଣାପଡୁ ନ ଥିଲେ ହେଁ ହାତୀ ମଳରେ ପ୍ଲାଷ୍ଟିକ ଜରି ବାହାରିଥିବା ବ୍ୟବଚ୍ଛେଦ କରିଥିବା ସହକାରୀ ପ୍ରାଣୀ ଚିକିତ୍ସକ ସୁକାନ୍ତ ଶିଆଳ କହିଛନ୍ତି। ହାତୀଟି ଖାଦ୍ୟାଭାବ କିମ୍ବା ପ୍ଲାଷ୍ଟିକ ଖାଇବା କାରଣରୁ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ମୃତ ହାତୀର ଦାନ୍ତ ନ ଥିବାରୁ ଚୋରି ହୋଇଛି କି ଏହା ମାଈ ହାତୀ ତାହା ଜଣାପଡୁ ନାହିଁ। ଡିଏନ୍ଏ ରିପୋର୍ଟ ମିଳିବା ପରେ ହାତୀମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ମତ ପ୍ରକାଶ ପାଉଛି।

### ଲାଞ୍ଚ ନେବା ଭିଡିଓ ଭାଇରାଲ, ବନରକ୍ଷୀ ନିଲମ୍ବିତ

ଭଞ୍ଜନଗର,୫।୫(ଡି.ଏନ୍.ଏ.): ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ କେନ୍ଦ୍ରୀୟ ବନାଞ୍ଚଳ ବିଞ୍ଜିଗିରି ସେକ୍ସନର ବନରକ୍ଷୀ ଏମ.ଏମ୍. ରାଉଳ ଜଣେ କାଠ ଚୋରଙ୍କଠାରୁ ଲାଞ୍ଚ ନେବା ଭିଡ଼ିଓ ଭାଇରାଲ ହୋଇଥିଲା। ସୋମବାର ଏକ ଟିମ୍ ଘଟଣାର ତଦନ୍ତ କରି ଡିଏଫ୍ଓଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ବନରକ୍ଷୀଙ୍କୁ ନିଲମ୍ବିତ କରାଯାଇଛି। ୫ମାସ ପୂର୍ବେ ବନରକ୍ଷୀ ରାଉଳ ଜଣେ କାଠ ଚୋରକୁ ଧରିଥିଲେ। ୭ଶହ ଟଙ୍କା ଦେଲେ ମାମଲା ରୁଜୁ ହେବନାହିଁ ବୋଲି କଥା ଛିଡ଼ାଇବା ପରେ ତାଙ୍କୁ ଛାଡି ଦେଇଥିଲେ। କିଛିଦିନ ପରେ ସେ ଟଙ୍କାଦେବାବେଳେ କେହି ଏହାର ଭିଡିଓ ଉତ୍ତୋଳନ କରି ଭାଇରାଲ କରି ଦେଇଥିଲେ।

### ବଜ୍ରପାତରେ ଜଣେ ମୃତ, ୧ ଆହତ

ଗୋପାଳପୁର,୫।୫: ବ୍ରହ୍ମପୁର ଗୋପାଳପୁର ଥାନା ଅନ୍ତର୍ଗତ ଟାଟା କଲୋନୀରେ ମଙ୍ଗଳବାର ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସୁବାସ ଚନ୍ଦ୍ର ସାହୁ। ଆହତ ହେଲେ ଏନ୍.କୁନିଆମ୍ମା ରେଡ୍ଡୀ। ଟାଟା କଲୋନୀର ସୁବାସ ଓ କୁନିଆମ୍ମା ଘର ଛାତ ଉପରେ କୌଣସି କାମ କରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ସୁବାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ତୃତୀୟ ଦିନରେ ଗଞ୍ଜାମ ଫେରିଲେ ୩,୫୩୧

- ସୁରଟରୁ ଆସୁଥିବା ୩ ଟ୍ରେନ୍ ଜଗନ୍ନାଥପୁରରେ ଲାଗିବ ଆଜି
- ୧୨ ସ୍କ୍ରିନିଂ ସେଣ୍ଟରରେ କରାଯାଉଛି ପରୀକ୍ଷା

ଛତ୍ରପୁର,୫।୫(ଡି.ଏନ.ଏ.)



ଜଗନ୍ନାଥପୁର ଷ୍ଟେଶନ ପ୍ଲାଟଫର୍ମକୁ ସାନିଟାଇଜ୍ କରାଯାଉଛି।

ଗଞ୍ଜାମ ସମେତ ଓଡ଼ିଶାର ବିଭିନ୍ନ ଜିଲାକୁ ୩ ଦିନ ହେଲା ଟ୍ରେନ୍ ଯୋଗେ ସୁରଟରୁ ପ୍ରବାସୀ ଓଡିଆ ଫେରିବାରେ ଲାଗିଛନ୍ତି। ଗଞ୍ଜାମ ଜିଲାର ଜଗନ୍ନାଥପୁର ଜଙ୍କସନ୍‌ରେ ଟ୍ରେନ୍ ଲାଗିବା ପରେ ଲୋକ ଓହ୍ଲାଉଛନ୍ତି। ମଙ୍ଗଳବାର ତୃତୀୟ ଦିନରେ ଏଠାରେ ୩ଟି ଟ୍ରେନ ଲାଗିଥିବା ବେଳେ ମୋଟ ୩,୫୩୧ ଜଣ ଗଞ୍ଜାମ ଜିଲାକୁ ଫେରିଛନ୍ତି। ସୁରଟ ଛାଡିଥିବା ଆଉ ୩ଟି ଟ୍ରେନ୍ ବୁଧବାର ପହଞ୍ଚିବ ବୋଲି ସୂଚନା ମିଳିଛି।

ସୁରଟରୁ ଆସିଥିବା ଏକ ଟ୍ରେନ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା ୧୦ ମିନିଟରେ ଜଗନ୍ନାଥପୁର ଜଙ୍କସନ୍‌ରେ ପହଞ୍ଚିଥିଲା। ସେଥିରେ ୬ ଜିଲାର ୧୨୬୭ ପ୍ରବାସୀ ଓଡିଆ ଆସିଥିବା ବେଳେ କେବଳ ଗଞ୍ଜାମ ଜିଲାର ୧୨୧୬ଜଣ ଥିବା ଜଣାପଡିଛି। ସେହିପରି ଉକ୍ତ ଟ୍ରେନ୍‌ରେ ଖୋର୍ଦ୍ଧାର ୨୦, ପୁରୀର ୨୦, ନୟାଗଡର ୯, ଭଦ୍ରକ ଓ ବାଲେଶ୍ୱରର ଜଣେ ଲେଖାଏ ଆସିଥିଲେ। ପ୍ରଥମେ ଅନ୍ୟ ଜିଲାର ୫୧ ଜଣଙ୍କୁ ଓହ୍ଲାଇବାକୁ ଅନୁମତି ଦିଆଯାଇଥିଲା। ପରେ ଗଞ୍ଜାମର ଲୋକେ ଓହ୍ଲାଇଥିଲେ। ପୂର୍ବରୁ ଅପେକ୍ଷାରେ ଥିବା ୪୧ଟି ବସ୍ ଯୋଗେ ଏମାନଙ୍କୁ ବିଭିନ୍ନ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ନିଆଯାଇଥିଲା।

ସେହିପରି ପ୍ରବାସୀଙ୍କୁ ନେଇ ଆସିଥିବା ଦ୍ୱିତୀୟ ଟ୍ରେନ୍‌ଟି ଅପରାହ୍ନ ୪ଟା ୩୫ ମିନିଟ୍‌ରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ସେଥିରେ ୧୧୫୨ ଜଣ ଥିଲେ। ଏଥିମଧ୍ୟରେ ଗଞ୍ଜାମର ୧୧୩୧ ଜଣ ରହିଥିବା ବେଳେ ପୁରୀର ୧୯, ଜଗତ୍‌ସିଂହପୁରର ଜଣେ ଏବଂ କନ୍ଧମାଳର ଜଣେ ଥିଲେ। ସେହିପରି ତୃତୀୟ ଟ୍ରେନଟି ରାତି ୮ଟା୫୬ରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ମୋଟ ୧୨୦୧ ଜଣ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧୧୮୪ ଜଣ ଗଞ୍ଜାମ ଜିଲାର ହୋଇଥିବା ବେଳେ ନୟାଗଡ଼ର ୧୬ ଓ ଖୋର୍ଦ୍ଧା ଜିଲାର ଜଣେ ରହିଥିଲେ।

ଟ୍ରେନ୍ ଷ୍ଟେଶନରେ ପହଞ୍ଚିବା ପରେ ଏଥିରେ ଥିବା ପ୍ରବାସୀମାନଙ୍କୁ ସାମାଜିକ ଦୂରତା ଅବଲମ୍ବନ କରି ଧାଡିରେ ଛିଡା ହେବାକୁ ଆରପିଏଫ୍, ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ସଚେତନ କରାଇଥିଲେ। ଏହାପରେ ଷ୍ଟେଶନ ପ୍ଲାଟଫର୍ମରେ ପ୍ରଶାସନ ପକ୍ଷରୁ ସ୍ଥାପିତ ୧୨ ସେଣ୍ଟରରେ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ ସହ ସାନିଟାଇଜ୍ କରାଯାଇଥିଲା। ପ୍ରତି ଟିମ୍‌ରେ ଡାକ୍ତରଙ୍କ ସହ ୭ ଜଣିଆ ସଦସ୍ୟ ଥିଲେ।

ସୂଚନାଯୋଗ୍ୟ, ରବିବାର ଓ ସୋମବାର ୨ ଦିନରେ କେରଳରୁ ୨ ଏବଂ ସୁରଟରୁ ୪ ଟ୍ରେନ୍‌ରେ ଆସି ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇଥିଲେ।



ପ୍ରବାସୀ ଓଡ଼ିଆ ଯୋଗ କରୁଛନ୍ତି।

### ସଙ୍ଗରୋଧ ଗୃହରେ ଜାତୀୟ ସଙ୍ଗୀତ ଗାଇଲେ ପ୍ରବାସୀ

ପୋଲସରା,୫।୫(ଡି.ଏନ.ଏ.)

ରାଜ୍ୟ ବାହାରୁ ଆସୁଥିବା କେତେଜଣ ପ୍ରବାସୀ ସଙ୍ଗରୋଧରେ ରହି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଛନ୍ତି। ଗଞ୍ଜାମ ଜିଲା ପୋଲସରା ବ୍ଲକ କଳମ୍ବ ପଞ୍ଚାୟତ ସଙ୍ଗରୋଧ ଗୃହରେ ଥିବା ୧୧୫ରୁ ଊର୍ଦ୍ଧ୍ୱ ଓଡ଼ିଆ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ଜାତୀୟ ସଙ୍ଗୀତ ଗାନ କରି ଅଖଣ୍ଡତାକୁ ବଜାୟ ରଖିଛନ୍ତି। ଏଥିସହ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ ଯୋଗ ଏବଂ ପ୍ରାଣାୟମ ମଧ୍ୟ କରୁଛନ୍ତି।

# ବସ୍ତାକୁ ଛୁଇଁଲା କରୋନା

ବାଲେଶ୍ୱର ଅଫିସ, ୫।୫

ବାଲେଶ୍ୱର ଜିଲାରେ ଆଉ ୩ କରୋନା ପଜିଟିଭି ଚିହ୍ନଟ ହୋଇଛନ୍ତି। ଏଥର ବସ୍ତା ବ୍ଲକକୁ ଛୁଇଁଛି କରୋନା। ଅମର୍ଦ୍ଦା ନଟାକଟା ଅଞ୍ଚଳରେ ୫୦ବର୍ଷୀୟ ମହିଳା, ପାଉଁଶକୁଲି ପଞ୍ଚାୟତ ମସଡ଼ା ଅଞ୍ଚଳର ଜଣେ ୨୬ବର୍ଷୀୟ ଯୁବକ ଓ ରୂପସା ଅଞ୍ଚଳର ଜଣେ ମହିଳା ମଙ୍ଗଳବାର କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ଟୁଇଟ୍ କରି ଜଣାଇଛି। ଜିଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୪ରେ ପହଞ୍ଚିଛି। ଜିଲା ପ୍ରଶାସନ ନୂତନ ଭାବେ ଚିହ୍ନଟ ହୋଇଥିବା ସଂକ୍ରମିତମାନଙ୍କ ଟ୍ରାଭେଲ ହିଷ୍ଟ୍ରି ଓ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କରିଛି। ସମସ୍ତଙ୍କର କୋଲକାତା ଲିଙ୍କ୍ ଥିବା ଜଣାପଡିଛି। ଗତ କିଛିଦିନ ପୂର୍ବରୁ ସେମାନେ ପଶ୍ଚିମବଙ୍ଗରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଉକ୍ତ ଅଞ୍ଚଳର କେଉଁ କେଉଁ ସ୍ଥାନକୁ ଆବଦ୍ଧାଞ୍ଚଳ ଘୋଷଣା କରାଯିବ ପ୍ରଶାସନ ପକ୍ଷରୁ ବିଚାର କରାଯାଉଛି। ସ୍ଥାନୀୟ ପ୍ରଶାସନ ସେମାନଙ୍କ ଗ୍ରାମରେ ପହଞ୍ଚି କୋଭିଡ୍-୧୯ ହସ୍ପିଟାଲକୁ ନେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

ପଶ୍ଚିମବଙ୍ଗରୁ ଫେରିଥିବା ବ୍ୟକ୍ତିମାନଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହେବା ପରେ ସେମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ କିଛିଦିନ ତଳେ ସୋର ମ୍ୟୁନିସିପାଲିଟି ଅଞ୍ଚଳରୁ ୨ଜଣ ଏବଂ ଖଇରା ବ୍ଲକ ଅନ୍ତରା ପଞ୍ଚାୟତ କନ୍ଦଡ଼ା ଗ୍ରାମରୁ ଜଣେ ସଂକ୍ରମିତ ହୋଇଥିଲେ। ଏଥିରୁ ଜିଲାର ପ୍ରଥମ କୋଲକାତା ଲିଙ୍କ୍ ଥିବା ଜଣାପଡ଼ିଥିଲା। ପରେ ବାହାନଗା ବ୍ଲକ ବିଷ୍ଣୁପୁର ଅଞ୍ଚଳରେ ଜଣେ ୩୨ବର୍ଷୀୟ ଏବଂ ସିମୁଳିଆ ଅଞ୍ଚଳର ଜଣେ ଲୋକ ପଶ୍ଚିମବଙ୍ଗରୁ ଫେରୁଥିବା ବେଳେ ସୀମାନ୍ତରେ ଧରାପଡ଼ି ଭୋଗରାଇରେ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ସେ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଖଇରା ବ୍ଲକ ରଟିଶା ପଞ୍ଚାୟତର ଜଣେ ୩୪ ବର୍ଷୀୟ ବ୍ୟକ୍ତି ପଶ୍ଚିମବଙ୍ଗରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିବା ବେଳେ ଚିହ୍ନଟ ହୋଇଥିଲେ। ପୁଣି ୩ଜଣ ପଶ୍ଚିମବଙ୍ଗ ଫେରନ୍ତା ଚିହ୍ନଟ ହେବା ପରେ ଜିଲାରେ ପରିସ୍ଥିତି ଗମ୍ଭୀର ହୋଇଛି। ଅନ୍ୟପକ୍ଷରେ ଜିଲାରେ ପ୍ରଥମ କରୋନା ସଂକ୍ରମିତ ନେଳିଆବାଗର ଜଣେ ୫୮ ବର୍ଷୀୟ ବ୍ୟକ୍ତି ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ ଗତ ଏପ୍ରିଲ ୧୯ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ପରେ ଉକ୍ତ ଅଞ୍ଚଳରେ ଲଗାତାର ୭ଜଣ ସଂକ୍ରମିତ ଚିହ୍ନଟ ହେବା ଯୋଗୁ ଆବଦ୍ଧାଞ୍ଚଳକୁ ୨୬ ତାରିଖରୁ ମେ' ୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଥିଲା। ନେଳିଆବାଗର ପ୍ରଥମ ସଂକ୍ରମିତ ସୁପରସ୍ପ୍ରେଡ଼ର ଭାବେ ୧୨ଜଣଙ୍କୁ ସଂକ୍ରମିତ କରିଥିବା ଜଣାପଡ଼ିଥିଲା। ଉକ୍ତ ଅଞ୍ଚଳକୁ ପୁଣି ଥରେ ସ୍ୱତନ୍ତ୍ର ନିର୍ଦ୍ଦେଶ ଚିଠି(ନଂ. ୧୦୦୦) ଅନୁଯାୟୀ ମେ' ୨ରୁ ୯ ତାରିଖ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ ଅବଧିକୁ ବଢ଼ାଇ ଦିଆଯାଇଛି। ଅନ୍ୟପକ୍ଷରେ ଖଇରା, ସୋର ଓ ବାହାନଗା ବ୍ଲକରେ କରୋନା ଆକ୍ରାନ୍ତ ଚିହ୍ନଟ ଅଞ୍ଚଳଗୁଡ଼ିକରେ ଆବଦ୍ଧାଞ୍ଚଳ ଜାରି ରହିଥିବା ବେଳେ ନୀଳଗିରି ବ୍ଲକ ଧରମପୁର ଅଞ୍ଚଳରେ ଆବଦ୍ଧାଞ୍ଚଳ ଉଠାଇ ଦିଆଯାଇଛି।

**ପୁଣି ୩ ପଜିଟିଭି**

- **ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୨୪**

# ଶିମିଳିପାଳରୁ ୨ ଶିକାରୀ ଗିରଫ

ବାରିପଦା ଅଫିସ/ ଖୁଣ୍ଟା,୫।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଡୁକୁରା ୱାଇଲ୍ଡ ଲାଇଫ୍ ରେଞ୍ଜ ବନ କର୍ମଚାରୀମାନେ ସୋମବାର ରାତିରେ ଶିମିଳିପାଳରୁ ୨ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଖଣ୍ଡାବୁଡା ଗ୍ରାମର ସନିଆ ସିଂ ଓ ଘୋଳମୁହଁା ଗ୍ରାମର ଗବର ସିଂ। ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ବହଳଦା ସେକ୍ସନର ଫରେଷ୍ଟର ରଞ୍ଜିତ କୁମାର ଦଣ୍ଡପାଟ ଓ ଫରେଷ୍ଟ ଗାର୍ଡ ହିମାଂଶୁ ମହାନ୍ତଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଉକ୍ତ ରେଞ୍ଜ ଅଧୀନ କମ୍ପାର୍ଟମେଣ୍ଟ ସଞ୍ଜ-୫ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ରାତ୍ରି ପ୍ରାୟ ୧୦ଟା ସମୟରେ ଅଭିଯୁକ୍ତ ଦ୍ୱୟ ବିଭିନ୍ନ ଶିକାର ସରଞ୍ଜାମ ଧରି ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ବେଳେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ବନ କର୍ମଚାରୀମାନେ ସେମାନଙ୍କଠାରୁ ୨ଟି ଟର୍ଚ୍ଚ, ୨ଟି ଧନୁ, ୧୦ଟି ତୀର , ଗୋଟିଏ ଫାସ ,ଗୋଟିଏ କଟୁରି ଓ ଗୋଟିଏ ବସ୍ତା ଜବତ କରିଛନ୍ତି।




ବନ କର୍ମଚାରୀଙ୍କ ସହ ଗିରଫ ୨ ଶିକାରୀ

# ବିଷାକ୍ତ ଛତୁ ଖାଇ ୧୨ ଅସୁସ୍ଥ

ଠାକୁରମୁଣ୍ଡା,୫।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ମହୁଲଡିହା ଓ ଚମ୍ପାଝର ପଞ୍ଚାୟତର ଗିରିବେଡ଼ା ଗ୍ରାମରେ ମଙ୍ଗଳବାର ବିଷାକ୍ତ ଛତୁ ଖାଇ ୪ଟି ପରିବାରର ୧୨ ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ୫ ଜଣକୁ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ମହୁଲଡିହା ଗ୍ରାମର ୩ ଟି ପରିବାରର ସଦସ୍ୟ ନିକଟସ୍ଥ ଜଙ୍ଗଲରେ ଫୁଟିଥିବା ଛତୁକୁ ଆଣି ଘରେ ରୋଷେଇ କରି ଖାଇଥିଲେ। ଛତୁ ଖାଇବାର ପ୍ରାୟ ୧ ଘଣ୍ଟା ପରେ ସମସ୍ତଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପରେ ଅସୁସ୍ଥମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଗୁରୁତର ଅସୁସ୍ଥ ଘାସ ନାଏକ, ସୁକାନ୍ତି ନାଏକ, ଦାଦନ ନାଏକ, ଗୀତ ନାଏକ,ସୁରିଆ ସିଧୁଙ୍କୁ କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଛି। ଅନ୍ୟ ଜଣେ ବୃଦ୍ଧା ଲେମ୍ବୁ ଦେଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ସେହିପରି ଗିରିବେଡା ଗ୍ରାମର ମହେନ୍ଦ୍ର ନାଏକ, ତାଙ୍କ ସ୍ତ୍ରୀ ସୁଲୋଚନା, ଝିଅ ରେବତୀ ଓ ପ୍ରଭାତୀ,ପୁଅ ନବୀନ ଏବଂ ଚନ୍ଦ୍ର ଛତୁ ଖାଇ ଅସୁସ୍ଥ ହୋଇ ପଡ଼ିଛନ୍ତି। ସନ୍ଧ୍ୟାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଗତ ୩ ତାରିଖରେ ଠାକୁରମୁଣ୍ଡା ନିକଟ ଚମକପୁର ଗ୍ରାମରେ ବିଷାକ୍ତ ଛତୁ ଖାଇ ୧୦ ଜଣ ଅସୁସ୍ଥ ହୋଇ ପଡ଼ିଥିଲେ।

### ସିଲିଣ୍ଡର ଲିକ୍‌ରୁ ଅଗ୍ନିକାଣ୍ଡ: ଜଳିଗଲା ୩ ବଖରା

ଭଦ୍ରକ ଅଫିସ, ୫।୫

ଭଦ୍ରକ ଜିଲା ଧାମନଗର ବ୍ଲକ ରାଧାବଲ୍ଲଭପୁର ଗ୍ରାମରେ ସୋମବାର ରାତିରେ ଗ୍ୟାସ ସିଲିଣ୍ଡର ଲିକ୍ ହେବା ଯୋଗୁ ଅଗ୍ନିକାଣ୍ଡ ଘଟିଛି। ରାଧାବଲ୍ଲଭପୁର ଗାଁର ଭଗବାନ କୁଅଁରଙ୍କ ୩ ବଖରା ଘର ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏହାସହ ନିକଟସ୍ଥ କୋଠାଘରେ ଥିବା ସମସ୍ତ ଆସବାବପତ୍ର ଜଳିଯାଇଛି। ଧାମନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଧାମନଗର ଅତିରିକ୍ତ ତହସିଲଦାର ଅଭିପ୍ସା ପଟ୍ଟନାୟକ ଓ ଧାମନଗର ଆଇଆଇସି ରତିକାନ୍ତ ଗିରି ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

# କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଫେରାର୍ ଘଟଣା, ୨ ମାମଲା ରୁଜୁ

ଛତ୍ରପୁର/ କୋଦଳା, ୪।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ଜନତା ହାଇସ୍କୁଲ ଓ ରାଗପୁରସ୍ଥିତ ଆଦର୍ଶବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଗତ ୩ ତାରିଖରେ ପ୍ରବାସୀ ଓଡ଼ିଆ ଖସି ପଳାଇଥିଲେ। ଏ ନେଇ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ାଙ୍କ ଏତଲାକ୍ରମେ ୨ଟି ମାମଲା (ନଂ.୧୩୦ ଓ ୧୩୧/୨୦)ରୁଜୁ ହୋଇଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ମଙ୍ଗଳବାର ସୂଚନା ଦେଇଛନ୍ତି। ୧୨ ପ୍ରବାସୀଙ୍କ ସମେତ ଅନ୍ୟ କେତେଜଣଙ୍କ ନାଁରେ ମଧ୍ୟ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଫେରାର ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରକୁ ଫେରାଇ ଅଣାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ଶନିବାର ରାତିରେ ସୁରଟରୁ ଆସିଥିବା ପ୍ରବାସୀ ଓଡ଼ିଆଙ୍କ ମଧ୍ୟରୁ ୧୭୫ ଜଣ ରାଗପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରକୁ ଓ ୨୨୪ ଜଣ ଜନତା ହାଇସ୍କୁଲକୁ ଆସିଥିଲେ। ବିଳମ୍ବିତ ରାତି ହୋଇଥିବାରୁ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା ହୋଇ ପାରି ନ ଥିଲା। ରବିବାର ସକାଳେ ମଧ୍ୟ ଜଳଖିଆ ମିଳିବାରେ ଡେରି ହେବାରୁ କ୍ୱାରାଣ୍ଟାଇନ୍ ସେଣ୍ଟର ଦାୟିତ୍ୱରେ ଥିବା ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ କେତେଜଣ ପ୍ରବାସୀ ଗାଳିଗୁଲଜ କରି ଗେଟ୍ ଡେଇଁ ପଳାଇଥିଲେ। ବୁଝାଶୁଝା ପରେ କେତେଜଣ ଫେରିଥିବା ବେଳେ ଆଉ କେତେଜଣଙ୍କ ପତ୍ତା ମିଳି ନ ଥିଲା। ରାଗପୁର ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସମସ୍ତେ ଫେରିଥିବା ବେଳେ ଜନତା ହାଇସ୍କୁଲ ସେଣ୍ଟରକୁ ଫେରି ନ ଥିବା ୧୦ ଜଣଙ୍କୁ ଖୋଜାଚାଲିଛି ବୋଲି କୋଦଳା ଥାନା ଆଇଆଇସି ଦେବାଶିଷ ମହାନ୍ତି କହିଛନ୍ତି।

### ବେଆଇନ ବାଲିଚାଲାଣ ହେଉଥିବା ୧୨ ଟ୍ରାକ୍ଟର ଜବତ

ଆନନ୍ଦପୁର, ୫।୩(ସ୍ୱ.ପ୍ର.)-ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ମଙ୍ଗଳବାର ଭୋର ସମୟରେ ଚଢାଉ କରି ବେଆଇନ ବାଲିଚାଲାଣ ହେଉଥିବା ୧୨ଟି ଟ୍ରାକ୍ଟର ଜବତ କରିଛନ୍ତି। ଜବତ ଟ୍ରାକ୍ଟରଠାରୁ ୧ଲକ୍ଷ ୨୨ହଜାର ୪୦୦ଟଙ୍କା ଜରିମାନା ଆଦାୟ ହୋଇଛି। ଆନନ୍ଦପୁର ତହସିଲ ଅଧୀନ ବୁଢ଼ିକୁଦ ପଞ୍ଚାୟତ ନିକଟରେ ଯାଇଥିବା ବୈତରଣୀ ନଦୀରୁ ବେଆଇନ ଭାବେ ଟ୍ରାକ୍ଟର ଯୋଗେ ବାଲିଚାଲାଣ ହେଉଥିବା ସୂଚନା ପାଇ ତହସିଲଦାର ଚଢାଉ କରିଥିଲେ।

# ଜଙ୍ଗଲୀ ଜନ୍ତୁ ଆକ୍ରମଣରେ ୩ ଗୁରୁତର

ଠାକୁରମୁଣ୍ଡା,୫।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବ୍ଲକ ଅଧୀନ ଖୁଦିଶିଳା ଓ ଜରକ ଗ୍ରାମ ନିକଟରେ ମଙ୍ଗଳବାର ଜଙ୍ଗଲୀ ଜନ୍ତୁ ଆକ୍ରମଣରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ସିଙ୍ଗରାୟ ହେମ୍ବ୍ରମ, ସୁରେନ୍ଦ୍ର ତୁରୀ ଓ ଜଗଦିଶ ଠାକୁର। ଚିକିତ୍ସା ନିମନ୍ତେ ସେମାନଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଜରକ ଗ୍ରାମର ସିଙ୍ଗରାୟ ସକାଳେ ଘର ନିକଟ କାଜୁ ବଗିଚାରେ ହଳ କରୁଥିବା ବେଳେ ଏକ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ସେହିପରି ଖୁଦିଶିଳା ଗ୍ରାମ ନିକଟ ସାଳନ୍ଦୀ ନଦୀ କୂଳକୁ ଶୌଚ ହେବାକୁ ଆସିଥିବା ଝାଡ଼ଖଣ୍ଡ ରାଜ୍ୟ ଗିରିଡି ଜିଲା ଅଧୀନ ସୁରିଆ ଥାନା ଅଞ୍ଚଳର ୨ ଶ୍ରମିକ ସୁରେନ୍ଦ୍ର ଓ ଜଗଦିଶଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

### କ୍ରିକେଟ ଖେଳକୁ ବିରୋଧ କରିବାରୁ ଯବାନଙ୍କୁ ଆକ୍ରମଣ

ପଦ୍ମପୁର, ୫।୫(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତରେ ଲକ୍‌ଡାଉନ ସମୟରେ କ୍ରିକେଟ ଖେଳକୁ ବିରୋଧ କରିବାରୁ ଜଣେ ଯବାନଙ୍କୁ ମଙ୍ଗଳବାର ଅପରାହ୍ନରେ ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମର ବିଏସ୍‌ଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ କୁମାର ବଳ ଗତ ମାସରେ ଛୁଟି ନେଇ ଘରକୁ ଆସିଥିଲେ। ଲକ୍‌ଡାଉନ ହେତୁ ସେ କାର୍ଯ୍ୟସ୍ଥଳକୁ ଫେରି ନ ପାରି ଗ୍ରାମରେ ରହିଥିଲେ। ଗ୍ରାମରେ କେତେକ ପିଲା ପ୍ରତ୍ୟହ ସାମାଜିକ ଦୂରତ୍ୱ ରକ୍ଷା ନ କରି କ୍ରିକେଟ ଖେଳୁଥିବାରୁ ସେ ବିରୋଧ କରିଥିଲେ। ଫଳରେ ଖେଳୁଥିବା ପିଲା ଓ ତାଙ୍କ ମଧ୍ୟରେ ବଚସା ହୋଇଥିଲା। ମଙ୍ଗଳବାର ବାସୁଦେବପୁରରୁ ପ୍ରଦୀପ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଗ୍ରାମର କେତେକ ଯୁବକ ଗ୍ରାମଛକ ନିକଟରେ ବାଡ଼ି ଓ ଖୁର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଜୋରରେ ଚିତ୍କାର କରିବାରୁ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ତାଙ୍କ ଅବସ୍ଥା ଗୁରୁତର ରହିଛି। ନାୟକାଣିଡିହୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।




ଥାନା ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

# ଗାଡ଼ି ଚାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ତିହିଡ଼ି, ୫।୫(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଜାମଯୋଡ଼ି ପଞ୍ଚାୟତ ଅଧୀନ ବାଲିଦାଣ୍ଡି ଗ୍ରାମର ଜଣେ ଗାଡ଼ି ଚାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତ ଚାଳକଙ୍କ ନାଁ ଦୈତାରୀ ନାୟକ(୨୭)। ପୋଲିସ ମାଡ଼ରେ ଚାଳକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଅଞ୍ଚଳବାସୀ ମଙ୍ଗଳବାର ସକାଳେ ଥାନା ସାମ୍ନାରେ ପାଟିତୁଣ୍ଡ କରିଥିଲେ। ଖବର ପାଇ ଏସ୍‌ପି ରାଜେଶ ପଣ୍ଡିତ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଦୈତାରୀ ସୋମବାର ରାତିରେ ଏକ ପିକଅପ୍ ଭ୍ୟାନରେ ଚୋରା କୋଇଲା ନେଇ ଘଣ୍ଟେଶ୍ୱର ବଜାରରୁ ଆସୁଥିଲେ। ରାସ୍ତାରେ ପୋଲିସ ଗାଡ଼ିକୁ ଅଟକାଇବାରୁ ଚାଳକ ଗାଡ଼ିରୁ ଡେଇଁ ପଳାଇବାକୁ ଉଦ୍ୟମ କରିଥିବା ବେଳେ ପଡ଼ିଯାଇଥିଲେ। ପରେ ପୋଲିସ ଆହତ ଚାଳକଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ଦୈତାରୀଙ୍କ ମୃତ୍ୟୁ ଘଟିଛି। ଏନେଇ ଥାନାରେ ମୃତ ଚାଳକଙ୍କ ଭାଇ କୈଳାସ ନାୟକ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ତାଙ୍କ ଭାଇଙ୍କୁ ପୋଲିସ ପିଟି ପିଟି ମାରିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପରେ ଆଇଜି ଦୀପ୍ତେଶ ପଟ୍ଟନାୟକ ଘଟଣାସ୍ଥଳକୁ ଯାଇ ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଅତିରିକ୍ତ ଏସ୍‌ପି ବିକାଶ ଦାସ, ଡିଏସ୍‌ପି ସୁରେଶ ଜେନା, ଚାନ୍ଦବାଲି ଏସ୍‌ଡିପିଓ ଉମାଶଙ୍କର ମହାରଣା ଉପସ୍ଥିତ ରହି ଘଟଣାର ଅନୁଧ୍ୟାନ କରିଥିଲେ। ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରୁଛି।

# ଖମ୍ବ ଆଳୁ ଲଗାଉଥିଲେ..



**ଉ**ଭୟ ମେ' ଓ ଜୁନ୍ ମାସରେ ଖମ୍ବ ଆଳୁ ଲଗାଯାଏ। ଦେଶୀ ଆଳୁର ଉନ୍ନତ କିସମଗୁଡିକ ମଧ୍ୟରେ ରହିଛି– ଶ୍ରୀକର୍ତ୍ତା, ଶ୍ରୀରୂପା, ହାତୀଖୋଜ ଏବଂ ଶ୍ରୀଶିଳ୍ପୀ। ଏହାବ୍ୟତୀତ ଛୋଟ ଖମ୍ବ ଆଳୁର କିସମ ଶ୍ରୀଲତା, ଶ୍ରୀକଳା ଓ ଧଳା ଖମ୍ବଆଳୁର ଶ୍ରୀଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଆଦି କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକଏକର ଜମି ପାଇଁ ୮–୧୦ କୁଇଣ୍ଟାଲ ଖମ୍ବଆଳୁ ଦରକାର ହୋଇଥାଏ। ଖମ୍ବଆଳୁ ଖଣ୍ଡଗୁଡିକ ୧୫୦ରୁ ୨୦୦ ଗ୍ରାମ ଓଜନ ମୁଣ୍ଡା ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡଚାଷ କରି ଧାଡିକୁ ଧାଡି ତିନି ଫୁଟ ଓ ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଦେଢ଼ ଫୁଟ ଗୋଲେଇ ଏବଂ ଦେଢ଼ ଫୁଟ ଗଭୀରରେ ଗାତ ଖୋଳନ୍ତୁ। ଛୋଟ ଖମ୍ବ ଆଳୁ ୨ ଫୁଟରେ ୨ ଫୁଟ ବ୍ୟବଧାନରେ ଲଗାନ୍ତୁ। ଗୋବର ଖତ ଏବଂ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତଗୁଡିକୁ ପୂରଣ କରନ୍ତୁ। ଏକର ପ୍ରତି ୩୨ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସଫରସ, ୩୨ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଲଗାଇବା ବେଳେ ସମୁଦାୟ ସୁପର ଫସଫେଟ୍ ପ୍ରତି ମନ୍ଦାରେ ମାଟି ତଳେ ପ୍ରୟୋଗ କରନ୍ତୁ ଏବଂ ୨୦–୩୦ଦିନ ପରେ ଅଧା ଯବକ୍ଷାରଜାନ ଓ ଅଧା ପଟାସ ସାର ପ୍ରୟୋଗ କରନ୍ତୁ। ମନ୍ଦାରେ ଖମ୍ବ ଆଳୁ ବିହନକୁ ୫–୧୦ସେମି ଗଭୀରରେ ପୋତନ୍ତୁ। ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ଖମ୍ବଆଳୁ ଲଗାହୋଇଥିଲେ ବିହନ ଲଗାହେବା ପରେ ମନ୍ଦାକୁ ଶୁଖିଲା ନଡା, ତାଳପତ୍ର ବା ଘାସ (ମଚଲିଙ୍ଗ) ଦେଇ ଘୋଡାଇ ଦିଅନ୍ତୁ।

# ହଳଦୀ ଚାଷ ସମ୍ପର୍କରେ...



**ରୋ**ମା, ସୁରମା,ରଙ୍ଗ, ରଶ୍ମି–ଏହି ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। କେବଳ ମେ' ନୁହେଁ, ଜୁନ୍ ମାସରେ ମଧ୍ୟ ହଳଦୀ ଲଗାଯାଇପାରିବ। ଏକଏକର ଜମି ପାଇଁ ୮–୧୦ କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡିକ ୨–୩ଟି ଆଖି ଥାଇ ୨୦–୨୫ ଗ୍ରାମ୍ ଓଜନର ହଳଦୀ ମୁଣ୍ଡା ହେବା ଆବଶ୍ୟକ। ଏଥିରୁ ବାହାରିଥିବା ପ୍ରଥମ ପୁଆକୁ ବିହନ ଆକାରରେ ଲଗାନ୍ତୁ। ହଳଦୀ ବିହନ ଲଗାଇବା ପୂର୍ବରୁ ପ୍ରଥମେ ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର, ୧୫ମିଟର ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ ଗ୍ରାମ ମାଙ୍କୋଜେବ ଗୁଣ୍ଡ, ୧୦ ଗ୍ରାମ କାର୍ବେଣ୍ଡାଜିମ ଗୁଣ୍ଡ ଓ ୫ ମିଲି ମାଲାଥିଅନ ଗୋଳାଇ ସେଥିରେ ପ୍ରାୟ ୫୦ କିଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ ଗାଡି (୫ ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ ଗାଡି ଗୋବର ଖତ ପ୍ରୟୋଗ କରନ୍ତୁ। ଏକର ପ୍ରତି ୨୪ କିଗ୍ରା ଯବକ୍ଷାରଜାନ, ୧୨ କିଗ୍ରା ଫସଫରସ, ୩୬ କିଗ୍ରା ପଟାସ୍ ତିନି ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସଫେଟ୍ ଓ ଅଧା ମ୍ୟୁରିଏଟ୍ ଅଫ ପଟାସ୍ ଦେଇ ହଳଦୀ ଲଗାନ୍ତୁ। ପଟାଳିରେ ମୂଳ ସାର ଭାବରେ ଉପର ମାଟିରେ ମିଶେଇବା ପରେ ହଳଦୀ ଧାଡିକୁ ଧାଡି ୩୦ ସେମି ଓ ଖଣ୍ଡକୁ ଖଣ୍ଡ ୨୦ ସେମି ଦୂରତାରେ ରଖି ୫ ସେମି ଗଭୀରରେ ପଟାଳିରେ ଲଗାନ୍ତୁ। ଲଗାହେବା ପରେ ପଟାଳିକୁ ଶୁଖିଲା ନଡା, ତାଳପତ୍ର ବା ଘାସ (ମଚଲିଙ୍ଗ) ଦ୍ୱାରା ଦୁଇ ଇଞ୍ଚ ବହଳରେ ଘୋଡେଇ ଦିଅନ୍ତୁ। ହଳଦୀ ଲଗାହେବା ପରେ ଏକର ପ୍ରତି ୮ ଟନ୍ ମଚଲିଙ୍ଗ ବା ଶୁଖିଲା ନଡା ଦିଅନ୍ତୁ।

# ପରିଶ୍ରମ ଏଠି ପହଞ୍ଚାଇଛି

**ସ୍ୱା**ବଲମ୍ବୀ ହେବେ ପୁଣି ଚାଷକାର୍ଯ୍ୟ ମାଧ୍ୟମରେ। ଏଥିସହିତ ଆଉ କେତେଜଣଙ୍କୁ ରୋଜଗାରର ବାଟ ଦେଖାଇବେ। ପିଲାଟି ଦିନରୁ ହିଁ ତାଙ୍କର ଏହି ଲକ୍ଷ୍ୟ ଥିଲା। ବି.ଏସ୍‌ସି. ପାସ୍ କରିବାପରେ ଚାକିରି ପଛରେ ନ ଗୋଡାଇ ନିଜ ପିଲା ବେଳର ଲକ୍ଷ୍ୟ ହାସଲ ଲାଗି ମନବଳାଇଲେ। ଏତେ ପାଠ ପଢି ପୁଣି ତାଙ୍କର ଚାଷ କରିବା ନିଷ୍ପତ୍ତିକୁ କେତେକ ପସନ୍ଦ କଲେନି। କିନ୍ତୁ ଏହି ଦୃଢମନା ସ୍ୱପ୍ନ ସାକାର ଲାଗି ଆରମ୍ଭ କଲେ ଚାଷ। ମାତ୍ର ବର୍ଷ କେଇଟାରେ କେବଳ ସ୍ଥାନୀୟ ଅଞ୍ଚଳ ନୁହେଁ ରାଜ୍ୟସ୍ତରରେ ଜଣେ ସଫଳ ଚାଷୀ ଭାବେ ନିଜକୁ ପରିଚିତ କରାଇବାରେ ହୋଇଛନ୍ତି ସକ୍ଷମ। ସେ ହେଲେ ପ୍ରଣବ ନାରାୟଣ ନାୟକ (ମୋ: ୭୭୫୦୯୩୯୨୮୦)। ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ମୋଟିବାହାଲ ପଞ୍ଚାୟତ ବ୍ରାହ୍ମଣୀପାଲି ଗ୍ରାମରେ ତାଙ୍କ ଘର। ମା' ଶୈଳବାଳା ଓ ପିତାଙ୍କ ନାମ ଅନନ୍ତ ଚରଣ ନାୟକ।

ରେଢ଼ାଖୋଲ ଭୀମଭୋଇ କଲେଜରୁ ବି.ଏସ୍‌ସି. ପାସ୍ କରିବା ପରେ ଚାକିରି ଆଡ଼କୁ ତାଙ୍କର ମନ ବଳି ନ ଥିଲା। ପିଲା ଦିନର ଇଚ୍ଛାକୁ କିପରି ଫଳବତୀ କରିବେ ସେଥିଲାଗି ଉଦ୍ୟମ ଚଳାଇଲେ। ଚାଷକାର୍ଯ୍ୟହିଁ ଥିଲା ତାଙ୍କର ସାଧନା। ଏଥିଲାଗି ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ଉନ୍ନତ କୃଷି ଓ କୃଷି ସମ୍ପର୍କିତ ବିଭିନ୍ନ ତାଲିମ ନେଇଥିଲେ। ତେବେ ଅଭୀଷ୍ଟ ପୂରଣ ଲାଗି ପୈତୃକ ଜମିରେ ଆରମ୍ଭ ହେଲା ଧାନ ଚାଷ। ପ୍ରାଥମିକ ସଫଳତା ତାଙ୍କ ମନୋବଳକୁ ବଢାଇଦେଲା। ଧାନ ଚାଷ ସହ ଏକ ଛୋଟ ଡାଏରି ଫାର୍ମ କଲେ। ସେସମୟରେ ସମ୍ବଲପୁର ଚିପିଲିମାସ୍ଥିତ କୃଷିବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ସ୍ୱର୍ଗତ ଡ.ପ୍ରକାଶ ପ୍ରଧାନ ଓ ଡ. ସୁଶାନ୍ତ ପଟ୍ଟନାୟକଙ୍କ ପରାମର୍ଶ ଆଗକୁ ବଢିବା ଲାଗି ପ୍ରେରଣା ଯୋଗାଇଥିଲା। ଏହାପରେ ଧାନ ଚାଷ ସହ ଉଦ୍ୟାନ କୃଷି ଓ ଛତୁ ଚାଷ ଉପରେ ଗୁରୁତ୍ୱ ଦେଲେ। ମାତ୍ର କୃଷି ଶ୍ରମିକଙ୍କ ଅଭାବ ସାଙ୍ଗକୁ ଆବଶ୍ୟକ ଶୀତଳଭଣ୍ଡାର ଓ ବଜାର ନ ଥିବା ଯୋଗୁଁ ନିରୁତ୍ସାହିତ ହୋଇ ଫଳଚାଷକୁ ଗୁରୁତ୍ୱ ଦେଉଛନ୍ତି। ଏବେ କଦଳୀ, ଆମ୍ବ, ଲିଚୁ, ବରକୋଳି, ଅଁଳା, ମୌସୁମୀ ଆଦି ଫଳଚାଷ କରୁଛନ୍ତି। ଏଥିସହିତ ଏକ କୁକୁଡା ଫାର୍ମ ମଧ୍ୟ କରିଛନ୍ତି। ୬ ଏକର ଚାଷଜମି ସହିତ ଆଉ ୪ ଏକର ଜମି ଲିଜ୍ ନେଇ ସେଥିରେ ଧାନଚାଷ, ଉଦ୍ୟାନ କୃଷି କାର୍ଯ୍ୟ ଚଳାଇଛନ୍ତି। ତେବେ ଗତ କିଛିବର୍ଷ ହେବ ଜୈବିକ ଚାଷ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି ପ୍ରଣବ। ଏଥିସହ ଅନ୍ୟ ଚାଷୀମାନଙ୍କୁ ତାଲିମ ଦେବା ଲାଗି ନିଜ ଘରେ ଏକ ତାଲିମ କେନ୍ଦ୍ର ମଧ୍ୟ ଖୋଲିଛନ୍ତି। ଏହି ଜୈବିକ ପ୍ରଣାଳୀରେ ଚାଷକାର୍ଯ୍ୟ ଲାଗି ସେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର କୁଳପତିଙ୍କ ଦ୍ୱାରା ରାଜ୍ୟର ଶ୍ରେଷ୍ଠଚାଷୀ ଭାବେ ପୁରସ୍କୃତ ହୋଇଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ଚାଷ କାର୍ଯ୍ୟରେ ଦିନକୁ ପ୍ରାୟ ୫ ଜଣ କୃଷି ଶ୍ରମିକଙ୍କୁ ନିଯୁକ୍ତି ଦେଇଥିବା କୁହନ୍ତି ପ୍ରଣବ। ନିଜର ଏଭଳି କାର୍ଯ୍ୟ ଲାଗି ରାଜ୍ୟସ୍ତରୀୟ ଅକ୍ଷୟତୃତୀୟା ଦିବସରେ ଶ୍ରେଷ୍ଠଚାଷୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ ହେବାସହ ଜିଲାସ୍ତରୀୟ କୃଷି ମେଳାରେ ଶ୍ରେଷ୍ଠ ଚାଷୀ ଭାବେ ସମ୍ମାନିତ ହୋଇଛନ୍ତି। ରେଢାଖୋଲର ସାଂସ୍କୃତିକ ଅନୁଷ୍ଠାନ ସୁରଘୁଙ୍ଗୁର ଓ ୨୦୧୬ରେ ସାଧାରଣତନ୍ତ୍ର ଦିବସରେ ଉପଖଣ୍ଡସ୍ତରୀୟ ଶ୍ରେଷ୍ଠ ଚାଷୀ ଭାବେ ସମ୍ମାନିତ ହୋଇଥିଲେ। ସେ ବିଭିନ୍ନ ସମୟରେ ତାଲିମ ନେଇ ଆମ୍ବ, ଅଁଳା ଓ ଛତୁ ଆଚାର ପ୍ରସ୍ତୁତ କରିଥାନ୍ତି। ଏହି କାର୍ଯ୍ୟଲାଗି ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀ ସମ୍ବଲପୁର ଶାଖା ପକ୍ଷରୁ ମଧ୍ୟ ସମ୍ମାନିତ ହୋଇଛନ୍ତି ସେ। ତେବେ ପ୍ରଥମ କିଛି ବର୍ଷ ଚାଷ କାର୍ଯ୍ୟରୁ ବାର୍ଷିକ ୪/୫ ଲକ୍ଷ ଟଙ୍କା ରୋଜଗାର ହେଉଥିବା ବେଳେ ଏବେ ପ୍ରାୟ ୨ ଲକ୍ଷ ପର୍ଯ୍ୟନ୍ତ ଆୟ ହେଉଛି। ଲକ୍‌ଡାଉନ୍ ଯୋଗୁଁ ସାମାନ୍ୟ ଭାବେ କ୍ଷତିଗ୍ରସ୍ତ ହୋଇଥିବା ମଧ୍ୟ କହିଛନ୍ତି ପ୍ରଣବ। ନିଜ ୨ପୁଅ, ପତ୍ନୀ ଓ ବାପା ମା' ଭାଇ ଭଉଣୀ ସହଯୋଗ କରିଥାନ୍ତି। ତେବେ ପରିଶ୍ରମକୁ ଆପଣେଇ ପାରିଲେ ଜଣେ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ ବୋଲି କୁହନ୍ତି ଏହି ସଫଳ ଯୁବଚାଷୀ।

**ସଫଳ ଚାଷୀ**

**ପ୍ରଣବ ନାରାୟଣ ନାୟକ**



–ଅଚ୍ୟୁତାନନ୍ଦ ପୁରୋହିତ

# ଚାଷୀଙ୍କ ପାଇଁ..

–ଏବେ ରାଶି ଫୁଲ ଫୁଟିବା ଅବସ୍ଥା ଥିବାରୁ ପାଗ ଦେଖି ଜଳସେଚନ କରନ୍ତୁ।

–ଖରାଟିଆ ଚିନାବାଦାମ ଚାଷ କରିଥିଲେ ମାଟିର ବତରକୁ ଦେଖି ଜଳସଚେନ କରନ୍ତୁ।

–ଫେବୃୟାରୀ ମାସରେ ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୬୦ଦିନର ହୋଇଯାଇଥିଲେ ପ୍ରଥମେ ଘାସ ବାଛି ଦିଅନ୍ତୁ। ତା'ପରେ କୋଡାଖୁସା କରି ମନ୍ଦା ପିଛା ୧୦ ଗ୍ରାମ ଲେଖାଏଁ ୟୁରିଆ ସାର ପ୍ରୟୋଗ କରନ୍ତୁ।

–ବର୍ଷସାରା ଭେଣ୍ଡି ଲାଗଯାଇପାରିବ। କିସମ ଅନୁସାରେ ଏକର ପ୍ରତି ୫–୭ କିଗ୍ରା ବିହନ (ଉନ୍ନତ କିସମ) ଏବଂ ସଙ୍କର ଜାତୀୟ ପାଁଇ ୧୨୫୦ରୁ ୧୫୦୦ ଗ୍ରାମ ବିହନ ଦରକାର ହୁଏ।

–କାଜୁ ଫସଲରେ ମୂଳ ଓ କାଣ୍ଡ ବିନ୍ଧା ପୋକ ଏହି ସମୟରେ ଦେଖାଯାଇଥାଆନ୍ତି। କାଜୁଗଛର ମୂଳକୁ ନିରୀକ୍ଷଣ କଲେ ଯଦି ଅଠାଳିଆ ପଦାର୍ଥ ଦେଖାଯାଏ, ତେବେ ଏହି ପୋକ ଆକ୍ରମଣ କରିବାର ସୂଚନା ମିଳିଥାଏ। ଏହାର ଦମନ ପାଇଁ ଗଛର ବକଳକୁ ଆସ୍ତେ ଆସ୍ତେ ଛଡାଇ ପୋକଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ।



# ନିରାପଦରେ ପରିବେଶ ସୁରକ୍ଷା



ଡ. ବିଷ୍ଣୁଚରଣ ଜେନା

**ସ**ମଗ୍ର ପୃଥିବୀ ବର୍ତ୍ତମାନ ମହାମାରୀ କରୋନା ଭୂତାଣୁର କବଳରେ କବଳିତ। ବିଶ୍ୱର ଲକ୍ଷ ଲକ୍ଷ ଲୋକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଆମର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସୁଚିନ୍ତିତ ଯୋଜନା ଯୋଗୁଁ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇ ଭୂତାଣୁର ବିଭୀଷିକାକୁ ନିୟନ୍ତ୍ରଣାଧୀନ ଲାଗି ଉଦ୍ୟମ ଚାଲିଛି। ରାଜ୍ୟ ସରକାର ଖାଦ୍ୟ ଉତ୍ପାଦନକାରୀ କୃଷକ ଭାଇମାନଙ୍କ ପ୍ରତି କିଛି କଟକଣା କୋହଳ କରି ଚାଷ କାର୍ଯ୍ୟକୁ ଆଗେଇ ନେବାକୁ ପରାମର୍ଶ ଦେଇଛନ୍ତି। ଆଶା ରଖିଛନ୍ତି ଉନ୍ନତମାନର ଖାଦ୍ୟଶସ୍ୟ, ଡାଲିଜାତୀୟ, ତୈଳବୀଜ ଓ ସର୍ବୋପରି ପନିପରିବା ଉତ୍ପାଦନକୁ ଅଗ୍ରାଧିକାର ଦିଆଯାଉଛି। ଫସଲରେ କଟୁ କୀଟନାଶକ ପ୍ରୟୋଗ କରା ନ ଯାଉ। ଏହାକୁ ବିଚାରକୁ ନେଇ ବିନା ବିଷ ପ୍ରୟୋଗରେ ଫସଲକୁ କିପରି ପୋକଙ୍କ ଦାଉରୁ ରକ୍ଷା କରାଯାଇପାରିବ ସେ ସମ୍ବନ୍ଧରେ ଉକ୍ତ ନିବନ୍ଧରେ ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଉଛି। ଜମିରେ ଫସଲ ଉତ୍ପାଦନ ପୂର୍ବରୁ ଜମି ପ୍ରସ୍ତୁତି ପ୍ରତି ଧ୍ୟାନ ଦିଆଯାଏ। ଫସଲ କରିବା ସମୟରେ ଏବଂ ଏହାର ଅମଳ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବନ କରିବାକୁ ପଡ଼େ। ସେହି ସବୁ ପଦ୍ଧତିଗୁଡିକ ନିମ୍ନରେ ବର୍ଣ୍ଣନା କରାଯାଉଛି।

**ଖରାଟିଆ ଚାଷ :** ଏଥିପାଇଁ ଜମିରେ ଫସଲ କରିବା ପୂର୍ବରୁ ଗ୍ରୀଷ୍ମ ଋତୁରେ ଜମିକୁ ୩–୪ଥର ଓଲଟପାଲଟ କରି ଚାଷ କରନ୍ତୁ। ଏହାଫଳରେ ମାଟି ଭିତରକୁ ସୂର୍ଯ୍ୟାଲୋକ ପ୍ରବେଶ କରିବ ଓ ମାଟିରେ ଲୁଚି ରହିଥିବା ରୋଗ ଜୀବାଣୁ ଏବଂ ପୋକ ବାହାରକୁ ବାହାରି ଆସିବେ। ସେସବୁକୁ କାଉ, ବଗ ଓ ବଣି ଆଦି ପରାଙ୍ଗଭୋଜୀ ଜୀବ ଖାଇ ଦିଅନ୍ତି। ସୂର୍ଯ୍ୟକିରଣ ଦ୍ୱାରା ମାଟି ବିଶୋଧନ ହୁଏ। ମାଟିରେ ଥିବା ଅନାବନା ତୃଣ ଆଦି ନଷ୍ଟ ହୁଅନ୍ତି।

**ରୋଗପୋକ ନିରୋଧକ ବା ସହନଶୀଳତା ଗୁଣ ଥିବା ଫସଲ କିସମର ନିର୍ବାଚନ ଓ ବ୍ୟବହାର :** ସୁସ୍ଥ ମଞ୍ଜି ବା ଚାରା ନିର୍ବାଚନ କରନ୍ତୁ ଏବଂ ଏଗୁଡିକ ଚାଷ କାର୍ଯ୍ୟରେ ବ୍ୟବହାର କରନ୍ତୁ। ଏମାନଙ୍କ ଭିତରେ ଥିବା ରୋଗ ପୋକ ନିରୋଧକ ତତ୍ତ୍ୱ ଯୋଗୁଁ ଫସଲଟି ସେମାନଙ୍କ କବଳରୁ ରକ୍ଷାପାଏ। ପ୍ରତ୍ୟେକ ଫସଲ ପାଇଁ ବିଭିନ୍ନ କିସମ କୃଷି ବୈଜ୍ଞାନିକଙ୍କ ଦ୍ୱାରା ଉଦ୍ଭାବନ କରାଯାଇଛି। ଉଦାହରଣସ୍ୱରୂପ ଡିପ ଜମି ପାଇଁ ଖଣ୍ଡଗିରି, ଉଦୟଗିରି ଓ ମଧ୍ୟମ କିସମ ଜମି ପାଇଁ ଲଲାଟ, ଗୌରୀ, ଭଞ୍ଜ, ମେହେର, ଫାଲ୍‌ଗୁନା ଏବଂ ଖାଲ ଜମି ପାଇଁ ହଂସେଶ୍ୱରୀ, ତୁଳସୀ, ସାରଳା, ନବୀନ, କୋଣାର୍କ ଓ ବନ୍ୟାପ୍ଲାବିତ ଅଞ୍ଚଳ ପାଇଁ ବାୟାହୁଣ୍ଡା ଓ ଚମ୍ପେଇ ଶିଆଳୀ ଧାନ କିସମ ଉପଲବ୍ଧ ହେଉଛି।

**ବିହନ ପରିମାଣ :** ପ୍ରତ୍ୟେକ ଫସଲ ପାଇଁ ନିର୍ଦ୍ଦିଷ୍ଟ ପରିମାଣର ବିହନ ଏକ ଏକର ବା ଏକ ହେକ୍ଟର ଜମି ପାଇଁ ଅନୁମୋଦନ କରାଯାଇଛି। ଅତ୍ୟଧିକ ପରିମାଣର ବିହନ ଚାଷ କାର୍ଯ୍ୟରେ ପ୍ରୟୋଗ କରିବା କସ୍ମିନ କାଳେ ଉଚିତ ନୁହେଁ।

**ବୁଣିବା ବା ରୋଇବା ସମୟ :** ଓଡିଶାର ଚାଷୀଭାଇମାନେ ଅକ୍ଷୟତୃତୀୟା ଦିନ ଧାନ ଅନୁକୂଳ କରିଥାଆନ୍ତି। କିନ୍ତୁ ବର୍ଷାଋତୁର ଆଗମନର ଅଳ୍ପଦିନ ପୂର୍ବରୁ ଧାନ ବୁଣାହେବା ଭଲ। ଏହାଯୋଗୁଁ ଗଜାମରା ଆଶଙ୍କାରୁ ଫସଲ ରକ୍ଷାପାଏ। ଜୁଲାଇ ମାସର ଶେଷାର୍ଦ୍ଧ ସମୟରେ ଧାନ ତଳି ରୋଇପାରିଲେ ଧାନ ଫସଲକୁ କାହାଳିଆ ଏବଂ କାଣ୍ଡବିନ୍ଧା ପୋକର ପାଦୁର୍ଭାବରୁ ରକ୍ଷା କରିହୁଏ।

**ତଳି ବା ଚାରା ରୋଇବା ସମୟରେ ଧାଡି ଏବଂ ଚାରା ମଧ୍ୟରେ ବ୍ୟବଧାନ :** ଧାନ ତଳି, ବାଇଗଣ, ବିଲାତି ବାଇଗଣ, ଲଙ୍କା, ଆମ୍ବ, ପଣସ, ଅମୃତଭଣ୍ଡା, କାଜୁବାଦାମ, ପିଜୁଳି ଓ କଦଳୀ ପିଲ ଆଦି ଲଗାଇବା ସମୟରେ ଗଛ ଏବଂ ଧାଡି ପ୍ରତି ଅନୁମୋଦନ କରାଯାଇଥିବା ବ୍ୟବଧାନ ପ୍ରତି ଦୃଷ୍ଟି ଦିଅନ୍ତୁ। ଏଥିଯୋଗୁଁ ଗଛଗୁଡିକ ପବନ ଓ ସୂର୍ଯ୍ୟକିରଣ ଯଥେଷ୍ଟ ପରିମାଣରେ ପାଆନ୍ତି। ଜମିରେ ଖତସାର ଓ ଜଳସେଚନ କରିବା ସୁବିଧାରେ ହୋଇଥାଏ।

**ଖତ ସାର ପ୍ରୟୋଗ :** ପ୍ରତ୍ୟେକ ଫସଲ ପାଇଁ ନିର୍ଦ୍ଦିଷ୍ଟ ପରିମାଣର ଖତ ଓ ସାର ପରିମାଣ ଓ ଏହାର ପ୍ରୟୋଗ ପ୍ରଣାଳୀ ଅନୁମୋଦନ କରାଯାଇଛି। କିନ୍ତୁ ଅତ୍ୟଧିକ ପରିମାଣର ଯବକ୍ଷାରଜାନ ସାର ପ୍ରୟୋଗ ଯୋଗୁଁ ଫସଲ ରୋଗପୋକଙ୍କ ଦ୍ୱାରା ବିଶେଷରୂପେ କ୍ଷତିଗ୍ରସ୍ତ ହୁଏ।

**ଜଳସେଚନ :** ଜଳ ଗହଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ ବୋଲି ଏକ ପ୍ରବାଦ ରହିଛି। ଧାନ କିଆରିରେ ଅତ୍ୟଧିକ ପରିମାଣର ଜଳ ଲାଗି ରହିଲେ ଧାନ ଫସଲକୁ ମାଟିଆଗୁଣ୍ଡି ଓ ଧଳାପିଠିଆ ପୋକମାନେ ସହଜରେ ଆକ୍ରମଣ କରନ୍ତି ଏବଂ ପ୍ରଚୁର ପରିମାଣର କ୍ଷତି ଘଟାନ୍ତି। କାରଣ ଏହି ପୋକଦ୍ୱୟ ଆର୍ଦ୍ର ଓ ସନ୍ତସନ୍ତିଆ ପରିବେଶରେ ନିଜର ବଂଶ ବିସ୍ତାର ଅତି କ୍ଷିପ୍ର ବେଗରେ ଘଟାଇଥାଆନ୍ତି। ତେଣୁ ଆକ୍ରାନ୍ତ ଧାନ କିଆରିରୁ ଜଳ ନିଷ୍କାସନ କରି ଦୁଇ ବା ତିନି ଦିନ ପରେ ପାଣି ଦେବା ଆବଶ୍ୟକ। ସେହିପରି ଆଖୁ ଲଗାଇବା ପରେ ଜମି ଶୁଖିଲା ରହିଲେ ଆଖୁ ଫସଲରେ ସଅଳ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଭୟଙ୍କର ରୂପ ନିଏ। ତେଣୁ ଆଖୁ କିଆରିରୁ ୭–୧୦ଦିନ ବ୍ୟବଧାନରେ ଜଳସେଚନ କରିବାକୁ ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଉଛି।





*–ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର, ମୋ: ୯୭୭୬୪୦୪୪୦୬*

# ଖରିଫ ଫସଲ ଲାଗି ଯୋଜନା

**ବ**ର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ପ୍ରତି ତିନି ବର୍ଷ ପରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ହୋଇପାରିବ। ଘରେ ସାଇତି ରଖିଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୃଷ୍ଟ ଡିପ ଜମିରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ



ଫସଲ, ଯଥା–ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଘାସ ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।

# ଖରାଦିନେ କୁକୁଡ଼ା ପାଳନ

(ଦ୍ୱିତୀୟ ଭାଗ)

**କୁକୁଡା ଖାଦ୍ୟ ପରିଚାଳନା:** ସର୍ବଦା ସଦ୍ୟ ପ୍ରସ୍ତୁତ ଦାନା ଦିନ ବେଳେ ଅଳ୍ପ ଅଳ୍ପ କରି ଅଧିକ ଥର ଖାଇବାକୁ ଦିଅନ୍ତୁ।

– ଖରାଦିନେ କ୍ଷୁଧା ଶକ୍ତି କମ୍ ଥିବାରୁ ଅଧିକ ଗୁଣାତ୍ମକ ମାନର ତଥା ପୁଷ୍ଟିକର ଦାନା ଖାଇବାକୁ ଦିଅନ୍ତୁ।

– ଅଧିକ ଉତ୍ତାପ ସୃଷ୍ଟିକାରୀ ଖାଦ୍ୟ ଉପାଦାନକୁ କୁକୁଡା ଖାଦ୍ୟରେ କମାନ୍ତୁ।

– ୨୦ ରୁ ୩୦ ପ୍ରତିଶତ ଅଧିକ ଭିଟାମିନ୍ ଓ ଧାତବ ଲବଣ ଖାଦ୍ୟରେ ମିଶାନ୍ତୁ।

– କୁକୁଡା ଖାଦ୍ୟରେ ଫସଫରସ ପରିମାଣ ବଢାନ୍ତୁ।

– ଭିଟାମିନ୍–ସି ପରିମାଣ ପ୍ରତି ଟନ୍ କୁକୁଡ଼ା ଖାଦ୍ୟ ପିଛା ୨୦୦ ରୁ ୪୦୦ ଗ୍ଲାସ ମିଶାଇ ଖାଇବାକୁ ଦିଅନ୍ତୁ।

– ଖରାଦିନେ କମ୍ ତନ୍ତୁଯୁକ୍ତ ପେଲେଟେଡ୍ କୁକୁଡା ଦାନା ବ୍ୟବହାର କରନ୍ତୁ।

– କୁକୁଡା ଦାନାରେ (ଅଣ୍ଡାଦିଆ କୁକୁଡା ନିମନ୍ତେ) ୩ ରୁ ୩.୫ ପ୍ରତିଶତ କ୍ୟାଲ୍‌ସିୟମ୍ ପରିମାଣ ବୃଦ୍ଧି କରାନ୍ତୁ।

– ଭିଟାମିନ୍–ଏ ଓ ଇ ୨୫୦ ମିଲିଗ୍ରାମ୍ ପ୍ରତି ଏକ କେଜି କୁକୁଡା ଦାନାରେ ମିଶାନ୍ତୁ।

– ଦିନବେଳେ କମ୍ ଦାନା ଦେଇ ରାତ୍ରର ଥଣ୍ଡା ପ୍ରହରରେ ଦାନା ଖାଇବାକୁ ଦିଅନ୍ତୁ।

– ଅଣ୍ଡାର ଖୋଳପା ଦୃଢ ନିମନ୍ତେ ଦାନାରେ ୦.୫ ପ୍ରତିଶତ ସୋଡିଅମ୍ ବାଇକାର୍ବୋନେଟ୍ (ଖାଇବା ସୋଡା) ବ୍ୟବହାର କରନ୍ତୁ।

**ସାଧାରଣ ପରିଚାଳନା:** କୁକୁଡା ଘୂରି ପଡିଥିବା ଲିଟରର ଉଚ୍ଚତା କମାଇ ୨ ଇଞ୍ଚ ବହଳର ରଖନ୍ତୁ। ଥଣ୍ଡା ସମୟରେ ଲିଟରକୁ ଓଲଟପାଲଟ କରନ୍ତୁ।

– ଖରାଦିନେ କୁକୁଡାକୁ ଗହଳିରେ ନ ରଖିବା ପାଇଁ ୧୦ ପ୍ରତିଶତ ଅଧିକ ଚଟାଣ ସ୍ଥାନ ବ୍ୟବହାର କରନ୍ତୁ।

– ରାତି କିମ୍ବା ଦିନର ଥଣ୍ଡା ସମୟରେ କୁକୁଡାକୁ ପ୍ରତିଷେଧକ ଟିକା ପ୍ରଦାନ, ପରିବହନ, ସ୍ଥାନ ପରିବର୍ତ୍ତନ ଆଦି କାର୍ଯ୍ୟ କରନ୍ତୁ।

– କୁକୁଡାଙ୍କଠାରେ ଅଂଶୁଘାତର ଲକ୍ଷଣ ଦେଖାଦେଲେ ସେମାନଙ୍କ ଉପରେ ପାଣି ସିଞ୍ଚନ କରନ୍ତୁ କିମ୍ବା ଥଣ୍ଡା ପାଣିରେ ବେକ ଓ ମୁଣ୍ଡକୁ ଉପରକୁ ରଖି ୨ ରୁ ୩ ମିନିଟ୍ ବୁଡ଼ାଇ ରଖନ୍ତୁ।

– କୁକୁଡା ଘରେ ଉପଯୁକ୍ତ ବାୟୁ ଚଳାଚଳର ବ୍ୟବସ୍ଥା କରନ୍ତୁ।

– କୁକୁଡା ଘରର ଭିତର ଓ ବାହାର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନବାନ ହୁଅନ୍ତୁ।

– କୁକୁଡା ଘର ପ୍ରବେଶ ଦ୍ୱାରରେ ବିଶୋଧକ ଦ୍ରବଣ ପାଣି ରଖିବା ନିମନ୍ତେ ୱାଟର ଫୁଟ୍ ବାଥ୍ ରଖନ୍ତୁ।

– କୁକୁଡା ଫାର୍ମର ଜୈବ ନିରାପତ୍ତା ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତୁ।

– କୁକୁଡା ଚିଆଁକୁ ପ୍ରଥମ ସପ୍ତାହରେ ରାଣୀ କ୍ଷେତ ରୋଗର ଏଫ୍‌ୱାନ୍ ଟିକା, ୧୪ ଦିନରେ ଗୁମ୍ବୋର ଟିକା, ୪୨ ଦିନରେ କୁକୁଡା ବସନ୍ତ ଟିକା, ୬ ରୁ ୮ ସପ୍ତାହ ମଧ୍ୟରେ ରାଣୀ କ୍ଷେତ ରୋଗର ଆର୍‌ଟୁବି ଟିକା, ୧୮ ରୁ ୨୬ ସପ୍ତାହରେ ରାଣୀକ୍ଷେତ ରୋଗର ଆର୍‌ଟୁବି ଟିକା ଦିଅନ୍ତୁ। ବର୍ଷକୁ ଥରେ କୁକୁଡାକୁ ରାଣୀକ୍ଷେତ ରୋଗର ପ୍ରତିଷେଧକ ଟିକା ଦେବାକୁ ଭୁଲନ୍ତୁ ନାହିଁ।

**–ଡା. ବୀରକିଶୋର ପରିଡ଼ା**
*ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, କଳାହାଣ୍ଡି, ମୋ: ୯୪୩୭୬୦୭୩୧୨*



**ସଂକ୍ଷେପରେ**

## ଧର୍ମଶାଳାକୁ ଫେରିଲେ ୫୬ ପ୍ରବାସୀ

**ଧର୍ମଶାଳ, ୫।୫ (ଡି.ଏନ୍.ଏ.):** ବିଭିନ୍ନ ରାଜ୍ୟରେ ଫସି ରହିଥିବା ପ୍ରବାସୀ ଓଡ଼ିଆମାନେ ବସ୍ ଯୋଗେ ଘରକୁ ଫେରୁଥିବା ବେଳେ ମଙ୍ଗଳବାର ସୁଦ୍ଧା ଧର୍ମଶାଳା ବ୍ଲକକୁ ୫୬ଜଣ ପ୍ରବାସୀ ଫେରିଥିବା ସୂଚନା ମିଳିଛି। ସୋମବାର ସୁଦ୍ଧା ୫୪ଜଣ ଶ୍ରମିକ ଧର୍ମଶାଳା ଫେରିଥିବା ବେଳେ ମଙ୍ଗଳବାର ବ୍ଲକ ଅଧୀନ କୋଟପୁର ଓ ମଙ୍ଗଳପୁର ପଞ୍ଚାୟତର ୨ଜଣ ପ୍ରବାସୀ ଫେରିବା ପରେ ଏହି ସଂଖ୍ୟା ୫୬ରେ ପହଞ୍ଚିଛି। ଫେରନ୍ତା ପ୍ରବାସୀମାନେ ସୁରଟ, କେରଳ, ମହାରାଷ୍ଟ୍ର ଆଦି ସ୍ଥାନରେ ରହି ବିଭିନ୍ନ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବ୍ଲକ ଅଞ୍ଚଳରେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସମସ୍ତଙ୍କୁ ସରକାରୀ ସଙ୍ଗରୋଧ ଗୃହରେ ରଖାଯାଇଛି।

## ରସୁଲପୁର ବ୍ଲକରେ ଆଉ ଜଣେ କରୋନା ପଜିଟିଭ୍

**ରସୁଲପୁର, ୫।୫ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଞ୍ଚଳରୁ ମଙ୍ଗଳବାର ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତ ଜଣକ ବ୍ଲକ ଅଧୀନ ନଠୁଆବର ପଞ୍ଚାୟତର। ତାଙ୍କ ବୟସ ୫୮ ବର୍ଷ। ସେ କିଲକତାରୁ ଆସି ପଞ୍ଚାୟତ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିଲେ। ଏପ୍ରିଲ ୨୯ ତାରିଖରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ବ୍ଲକରେ ଦ୍ୱିତୀୟ କରୋନା ପଜିଟିଭ୍ ଚିହ୍ନଟ ପରେ ପ୍ରଶାସନ ଚିନ୍ତା ବଢ଼ିଯାଇଛି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ରସୁଲପୁର ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧୀର କୁମାର ସାହୁ ପ୍ରମୁଖ ନଠୁଆବର ପଞ୍ଚାୟତ କ୍ୱାରାଣ୍ଟାଇନ ସେଣ୍ଟରରେ ପହଞ୍ଚି ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ବୁଧବାର ନଠୁଆବରକୁ କଣ୍ଟେନମେଣ୍ଟ ଜୋନ୍ ଭାବରେ ଘୋଷଣା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଅଟୋ ଚାଳକ, ହକରଙ୍କୁ ବିଧାୟିକାଙ୍କ ସହାୟତା



**ବରୀ, ୫।୫ (ସ୍ୱ.ପ୍ର.):** କରୋନା ପାଇଁ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଯାଜପୁର ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଅନେକ ଲୋକ ଜୀବିକା ହରାଇ ବହୁ କଷ୍ଟରେ କାଳ କାଟୁଛନ୍ତି। ତେବେ ବରୀ ବିଧାୟିକା ସୁନନ୍ଦା ଦାସ ବରୀର ବିଭିନ୍ନ ଛକ ଓ ଷ୍ଟାଣ୍ଡର ଅଟୋ ଚାଳକ ଓ ସ୍ଥାନୀୟ ଅଞ୍ଚଳର ଖବର କାଗଜ ବିକ୍ରେତା(ହକର)ମାନଙ୍କୁ ଗୋଟିଏ ଲେଖାଏ କିଟ୍ ପ୍ରଦାନ କରିଛନ୍ତି। ଏହି କିଟ୍‌ରେ ଆଳୁ, ଖାଇବା ତେଲ, ସୁଜି, ଅଟା, ସାବୁନ୍, ଫିନାଇଲ ଆଦି ରହିଥିବା ଜଣାପଡ଼ିଛି। ବ୍ରାହ୍ମଣୀ ନଦୀ ବାମପାର୍ଶ୍ୱସ୍ଥ ଅଞ୍ଚଳରେ କରୋନା ସଂକମ୍ରିତ ଚିହ୍ନଟ ହେବାରୁ ବିଧାୟିକା ଦାସ ବ୍ରାହ୍ମଣୀ ଦକ୍ଷିଣ ପାର୍ଶ୍ୱସ୍ଥ ଅଞ୍ଚଳର ୮୭ ଅଟୋ ଚାଳକ ଓ ୧୮ ହକରଙ୍କୁ ଏହି କିଟ୍ ପ୍ରଦାନ କରିଛନ୍ତି। ବାମ ପାର୍ଶ୍ୱରେ ରହିଥିବା ଅଟୋ ଚାଳକଙ୍କୁ ଆଗାମୀ ଦିନରେ ଏହା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଏହି କିଟ୍ ବଣ୍ଟନ ବେଳେ ବିଧାୟିକା ଦାସଙ୍କ ସହ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ଯୁବନେତା ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କାଦୁଆ ଅସ୍ଥାୟୀ ଶିବିରରେ ୯ ପ୍ରବାସୀ

**ଖଣ୍ଡପଡ଼ା,୫।୫(ସ୍ୱ.ପ୍ର.):** ଗୁଜରାଟର ସୁରଟରୁ ୯ଜଣ ପ୍ରବାସୀ ଓଡ଼ିଆ ସୋମବାର ବସ୍ ଯୋଗେ ଆସି ଖଣ୍ଡପଡାରେ ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ମର୍ଦ୍ଦରାଜପୁର ପଞ୍ଚାୟତର ଜଣେ ଓ ବେଣାଗାଡିଆ ପଞ୍ଚାୟତର ୮ଜଣ ପ୍ରବାସୀ ଶ୍ରମିକ ଶ୍ରେଣୀର ବୋଲି ଜଣାପଡିଛି। ଏମାନଙ୍କୁ ବେଣାଗାଡିଆ ପଞ୍ଚାୟତ କାଦୁଆ ଗ୍ରାମରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଅସ୍ଥାୟୀ ଶିବିରରେ ରଖାଯାଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ଜୀବନକୁ ବାଜି ଲଗାଇ ଫେରିଲେ ଅନିଲ

**ଜଗତ୍‌ସିଂହପୁର ଅଫିସ,୫।୫**



ଅନିଲ ବାରିକ

- ବଖାଣିଲେ ଦୁର୍ଦ୍ଦିନର ଅଭୁଲା ସ୍ମୃତି
- ୟୁଟ୍ୟୁବ୍ ଚ୍ୟାନେଲ୍, ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ
- ଅଜଣା ବନ୍ଧୁଙ୍କ ସହଯୋଗ ଯୋଗୁ ଆକ୍ରମଣରୁ ବର୍ତ୍ତିଥିଲେ

ଜୀବନକୁ ବାଜି ଲଗାଇ ସୁଦୂର ମଧ୍ୟପ୍ରଦେଶରୁ ଜଗତ୍‌ସିଂହପୁରରେ ପହଞ୍ଚିଛନ୍ତି ବାଲିକୁଦା ଥାନା ଅଳାଭର ପଞ୍ଚାୟତ କଣିଆ ଗ୍ରାମର ଅନିଲ ବାରିକ। ସେ ତାଙ୍କ ପଞ୍ଚାୟତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଲା ପରେ 'ଧରିତ୍ରୀ'କୁ ସ୍ୱତନ୍ତ୍ର ଭାବେ ଅଭୁଲାସ୍ମୃତି ବଖାଣିଛନ୍ତି। ଏହି ଗସ୍ତ ତାଙ୍କ ପାଇଁ ବଡ଼ ପରୀକ୍ଷା ଥିଲା। ବାଟରେ ସେ ଯେତେବେଳେ ଚାଲି ଚାଲି ଆସୁଥିଲେ ଲୋକେ ତାଙ୍କୁ ସନ୍ଦେହ କରି ମେଳି ହୋଇ ଆକ୍ରମଣ ଉଦ୍ୟମ କରିଥିଲେ। ସୌଭାଗ୍ୟକୁ ତାଙ୍କର ଜଣେ ଅଜଣା ୟୁଟ୍ୟୁବ୍ ଚ୍ୟାନେଲ୍ ବନ୍ଧୁଙ୍କ ଯୋଗୁ ବର୍ତ୍ତି ଯାଇଥିଲେ। କେବଳ ଏତିକି ନୁହେଁ, ଏହି ବନ୍ଧୁ ଓ ବାଟରେ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହଯୋଗ ତାଙ୍କୁ ଜିଲାରେ ପହଞ୍ଚାଇବାରେ ସହଯୋଗ କରିଥିଲା। ବିଶେଷକରି ସୁନ୍ଦରଗଡ଼ ସୀମାରୁ ତାଙ୍କୁ ଆସିବା ଚିନ୍ତାର କାରଣ ଥିଲା। ଏକ ପୁରୁଣା ବାଇକ୍ କିଣି ସମ୍ବଲପୁର ଦେଇ ପାଖାପାଖି ୪୫୦ କିଲୋମିଟର ଅବିଶ୍ରାନ୍ତ ଗାଡିଚାଳନା କରି ଜଗତ୍‌ସିଂହପୁରରେ ପହଞ୍ଚିଲା ପରେ ସେ ଆଶ୍ୱସ୍ତ ହୋଇଛନ୍ତି। ଏହି ଗସ୍ତ ସମ୍ପର୍କରେ ସେ ଯାହା କହିଛନ୍ତି ତାହା ବେସ୍ ହୃଦୟସ୍ପର୍ଶୀ।

ମଧ୍ୟପ୍ରଦେଶ ସାଦୋଲ ଜିଲାରେ ଥିବା ଏକ ସଂସ୍ଥାରେ ସେ ଇନ୍‌ଷ୍ଟ୍ରୁମେଣ୍ଟ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। କରୋନା ଯୋଗୁ ଚାକିରି ଛାଡି ଗାଁକୁ ଫେରିବାକୁ ଚାହୁଁଥିଲେ ସୁଦ୍ଧା ଲକ୍‌ଡାଉନ୍ ବଢିଯିବାରୁ ଚିନ୍ତାରେ ପଡିଥିଲେ। ତଥାପି ସାଦୋଲ ଜିଲାପାଳଙ୍କ ସହାୟତା ଲୋଡିଥିଲେ। ଜିଲାପାଳ ଓଡ଼ିଶାରେ ପହଞ୍ଚାଇଦେବା ପାଇଁ ତାଙ୍କୁ ପ୍ରତିଶ୍ରୁତି ଦେବାସହ ପାସ୍ ବ୍ୟବସ୍ଥା କରିଥିଲେ। ୨ ତାରିଖରେ କୋଟାରୁ ୨୩ ଛାତ୍ରୀଛାତ୍ର ଓଡ଼ିଶା ଆସିବାର ଥିବାରୁ ଜିଲାପାଳ ସେମାନଙ୍କ ସହ ଯିବା ପାଇଁ ସହଯୋଗ କରିଥିଲେ। କିନ୍ତୁ ବସ୍‌ରେ ଅନିଲଙ୍କୁ ନେବା ପାଇଁ ଛାତ୍ରୀଛାତ୍ର ଅମଙ୍ଗ ହୋଇଥିଲେ ସୁଦ୍ଧା ବାହାରେ ବସିବା ପାଇଁ ସୁଯୋଗ ଦେଇଥିଲେ। ବସ୍ ଓଡ଼ିଶା-ଛତିଶଗଡ଼ ସୀମା ବାଲିଶଙ୍କରା ପାଖରେ ପହଞ୍ଚିଲା ପରେ ପୋଲିସ ଚେକିଂ କରି ୨୩ ଛାତ୍ରୀଛାତ୍ରଙ୍କ ଅନୁମତିପତ୍ର ଦେଖି ଛାଡି ଦେବା ସହ ଅନିଲଙ୍କୁ ଓହ୍ଲାଇ ଦେଇଥିଲା। ଫଳରେ ଅନିଲ ପାଖାପାଖି ୧ କି.ମି. ଚାଲିଲା ପରେ ପୁଣି ପୋଲିସ ଅଟକାଇଥିଲେ ସୁଦ୍ଧା ପାସ୍ ଦେଖି ଛାଡି ଦେଇଥିଲା। ସେଠାରୁ ସେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କ୍ୱାରେଣ୍ଟାଇନ୍ ସେଣ୍ଟରରେ ରହିବାକୁ ଯାଉଥିବା ବେଳେ ଜଣେ ଅଜଣା ଯୁବକ ଦେଖାହୋଇ ଅନିଲ୍‌ଙ୍କ ନାମରେ ଥିବା ୟୁଟ୍ୟୁବ୍ ଚ୍ୟାନେଲର ଜଣେ ଫ୍ୟାନ୍ ବୋଲି ପରିଚୟ ଦେଇ କଥା ହୋଇଥିଲେ। ଏହି ସମୟରେ କିଛି ଲୋକ ଅନିଲଙ୍କୁ ବାହାରୁ ଆସିଥିବା ଜାଣି ଘେରି ଯିବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ସୌଭାଗ୍ୟ ବଶତଃ ଏହି ଯୁବକଜଣଙ୍କ ଯୋଗୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏଥିସହ ଯୁବକଜଣକ ନିଜ ବାଇକ୍ ବିକି ଦେବାକୁ ପ୍ରସ୍ତାବ ଦେଇଥିଲେ। ନଚେତ କାର ଭଡା କରି ଯିବାକୁ ଚାହିଁଲେ ସହଯୋଗ କରିବେ ବୋଲି କହିଥିଲେ। କିନ୍ତୁ କାର ଭଡା ୧୫ ହଜାର ଟଙ୍କା ହୋଇଥିବାରୁ ସମ୍ପୃକ୍ତ ଯୁବକଙ୍କ ବାଇକ୍ ୧୩ ହଜାର ଟଙ୍କାରେ କିଣି ଅନିଲ ଘର ମୁହାଁ ହୋଇଥିଲେ। ଏହା ଭିତରେ ସେ ଅଳାଭର ସରପଞ୍ଚ, ଜିପିଓ, ବାଲିକୁଦା ଥାନା ଅଧିକାରୀ ଓ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଫୋନ୍ କରି ସହାୟତା ମାଗିଥିଲେ। ପରେ ରାତିରେ ସମ୍ବଲପୁର ସୀମାରେ ଥିବା ଏକ ଅଗ୍ନିଶମ କେନ୍ଦ୍ରକୁ ଯାଇ ରାତ୍ରିଯାପନ କରିବାକୁ ଚାହିଁଥିଲେ। ସେଠାରେ ଉପସ୍ଥିତ ଅଗ୍ନିଶମ କର୍ମଚାରୀମାନେ ଅଧ କିଲୋମିଟର ଦୂର ଏକ ନିରୋଳା ଘରେ ଏକୁଟିଆ ରହିବା ବ୍ୟବସ୍ଥା କରିଥିଲେ। ସେଠାରୁ ସୋମବାର ସକାଳ ୭ଟାରେ ବାହାରି ଅପରାହ୍ନରେ ଜଗତ୍‌ସିଂହପୁରରେ ପହଞ୍ଚିଥିଲେ। ସରଳାଦେବୀ କଲ୍ୟାଣ ମଣ୍ଡପରେ ତାଙ୍କ ସ୍ୱାବ୍ ସଂଗ୍ରହ ହୋଇଥିଲା। ପରେ ସେ ତାଙ୍କ ପଞ୍ଚାୟତ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚାଲି ଯାଇଥିଲେ।

# ନିୟମ ଉଲ୍ଲଂଘନ କରି କ୍ୱାରାଣ୍ଟାଇନ୍‌ରେ ଯୁବକ

**ଯାଜପୁର ଅଫିସ, ୫।୫**

କଣ୍ଟେନମେଣ୍ଟ ଜୋନ୍ ନିୟମକୁ ଉଲ୍ଲଂଘନ କରିବା ଯୋଗୁ ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ବିରଜାପୁର ଗ୍ରାମର ସାଗର ଦାସଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଯାଜପୁର ଥାନା ଆଇଆଇସି ଆଶିଷ କୁମାର ସାହୁଙ୍କ ସୂଚନା ମୁତାବକ, ବିରଜାପୁର ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିବା ସତ୍ତ୍ୱେ ସାଗର ସେଠାରୁ ଆସି ଯାଜପୁର ସହରରେ ଯୋଡିକୁଅ ଛକଠାରେ ଗ୍ୟାରେଜ ଖୋଲି କାର୍ଯ୍ୟ କରୁଥିଲେ। ସେଥିପାଇଁ ଯାଜପୁର ଥାନା ପକ୍ଷରୁ କେସ୍ ନମ୍ବର-୧୮୫/୨୦ରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଇନ ଓ ଏପିଡେମିକ ଡିଜାଷ୍ଟର ଆକ୍ଟରେ ମାମଲା ରୁଜୁ କରାଯିବା ସହ ସାଗରଙ୍କୁ ବିରଜାପୁର କଣ୍ଟେନମେଣ୍ଟ ଅଞ୍ଚଳରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ୧୪ ଦିନ ପାଇଁ ସଙ୍ଗରୋଧରେ ରଖାଯାଇଛି। ଯେଉଁମାନେ କ୍ୱାରାଣ୍ଟାଇନ୍ ନିୟମ ଭଙ୍ଗ କରିବେ ବା କଣ୍ଟେନମେଣ୍ଟ ଅଞ୍ଚଳର ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଇ ଦିଆଯାଇଛି।

## ୬୨ ପେଟି ବିଦେଶୀ ମଦ ଜବତ

**ନୟାଗଡ ଅଫିସ,୫।୫:** ଇଟାମାଟି ଥାନା ମର୍ଦ୍ଦରାଜପୁରର ରବି ସାହୁଙ୍କ ପାଳଗଦାରୁ ମଙ୍ଗଳବାର ପୋଲିସ ୬୨ ପେଟି ବିଦେଶୀ ମଦ ଜବତ କରିଛି। ତେବେ ପୋଲିସ ରବିଙ୍କୁ ଗିରଫ କରିବାରେ ସକ୍ଷମ ହୋଇ ନାହିଁ। ଅନ୍ୟପକ୍ଷେ ପୋଲିସ ୫୪/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାପ୍ତ ସୂଚନା ଅନୁସାରେ ବହି ଦୋକାନରେ ମଦ ବିକ୍ରି ଅଭିଯୋଗ ପରେ ପୋଲିସ ମଙ୍ଗଳବାର ବହି ଦୋକାନୀଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ତେବେ ମଦ ବ୍ୟବସାୟ ବହି ଦୋକାନୀ ନୁହେଁ ଫାଷ୍ଟଫୁଡ୍ ଦୋକାନୀ କରୁଥିବା ପୋଲିସ ତଦନ୍ତରୁ ଜାଣି ପାରିଥିଲା। ସେହି ଅନୁଯାୟୀ ବହି ଦୋକାନୀଙ୍କୁ ଛାଡି ଦେଇଥିଲା। ପରେ ମର୍ଦ୍ଦରାଜପୁର ଗାଁରେ ପୋଲିସ ଚଢ଼ାଉ କରିଥିଲା।

## ନାଟକ ମାଧ୍ୟମରେ କରୋନା ସଚେତନତା

**ବରୀ, ୫।୫ (ସ୍ୱ.ପ୍ର.)**

କରୋନା ସଂକ୍ରମଣ ରୋକିବାକୁ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଓ କିଛି ସମୟ ବ୍ୟବଧାନରେ ହାତ ସାବୁନରେ ଧୋଇବାକୁ ବାଧ୍ୟତାମୂଳକ କରାଯାଇଛି। ଯାଜପୁର ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଲୋକମାନଙ୍କୁ ଏ ଦିଗରେ ସଚେତନ କରାଇବା ସକାଶେ ଜିଲା ପ୍ରଶାସନ ପକ୍ଷରୁ ଅଭିନବ ଉପାୟରେ ସଚେତନତା ସୃଷ୍ଟି କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନ ନାଟକ କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଥିବା ଦେଖାଯାଉଛି। ଉକ୍ତ ନାଟକରେ ଜିଲାପାଳ ରଞ୍ଜନ କୁମାର ଦାସ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅଭିନେତା ହରିହର ସ୍ୱାଇଁ ଓ ଟାଉନ୍ ଥାନାଧିକାରୀ ଅଭିନୟ କରିଛନ୍ତି। ଏଥିରେ ହରିହର ସ୍ୱାଇଁ ଭଗବାନ ରୂପେ ଅତିରିକ୍ତ ଜିଲାପାଳଙ୍କୁ ତାଙ୍କ ମୃତ୍ୟୁର କାରଣ ବିଶଦ ଭାବେ ବୁଝାଉଥିବା ଦେଖାଯାଉଛି। ସେ ବୁଝାଉଛନ୍ତି ଯେ, ଭଗବାନରୂପୀ ସରକାର, ପୋଲିସ, ଡାକ୍ତର ଓ ପ୍ରଶାସନ କଥା ନ ମାନି ତାଙ୍କର ଏପରି ଅବସ୍ଥା ହୋଇଛି। ତେବେ ଜିଲା ପ୍ରଶାସନର ଏହି ନିଆରା ପ୍ରୟାସ ଲୋକଙ୍କୁ ଖୁବ୍ ପ୍ରଭାବିତ କରିପାରିଛି। ଏହି ନାଟକର କାହାଣୀ ଜିଲାପାଳ ଲେଖିଥିବା ବେଳେ ରାଜୀବ ମହାନ୍ତି ଚିତ୍ର ଓ ନିର୍ଦ୍ଦେଶନା ଦେଇଛନ୍ତି। ଅଭିନେତା ହରିହରଙ୍କ ଭଗବାନ ବିଷ୍ଣୁ ଅବତାର ଓ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଏକ ଅମାନିଆ ବ୍ୟକ୍ତିର ଚରିତ୍ରରେ ନିଚ୍ଛକ ଅଭିନୟ ଜିଲାବାସୀଙ୍କ ମନରେ ଏକ ଗଭୀର ଛାପ ସୃଷ୍ଟି କରିପାରିଛି।



ପାରାଦୀପ ପୌରପାଳିକାରେ ଜୈବିକ ଖତ ପ୍ରସ୍ତୁତ କରୁଥିବା ମହିଳାମାନେ ସାମାଜିକ ଦୂରତ୍ୱ ରଖି ବିଶ୍ରମ ନେଉଛନ୍ତି।

## ନାମ ପଞ୍ଜୀକରଣ କଲେଣି ୬୯୩୬ ପ୍ରବାସୀ

**ଏରସମା,୫।୫(ସ୍ୱ.ପ୍ର.):** ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଫସି ରହିଥିବା ପ୍ରବାସୀ ଓଡ଼ିଆ ଏବେ ଘରକୁ ଫେରିବାକୁ ତତ୍ପର ହୋଇଛନ୍ତି। ଏହିକ୍ରମରେ ମଙ୍ଗଳବାର ସୁଦ୍ଧା ଜଗତ୍‌ସିଂହପୁର ଜିଲା ଅଧୀନ ଏରସମା ବ୍ଲକର ୨୫ ପଞ୍ଚାୟତରୁ ମୋଟ ୬୯୩୬ ଜଣ ପ୍ରବାସୀ ଓଡ଼ିଆ ଘରକୁ ଫେରିବାକୁ ନାମ ପଞ୍ଜୀକରଣ କରିଛନ୍ତି। ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କଠାରୁ ଏହି ସୂଚନା ମିଳିଛି। ଏଥିରେ ଆମ୍ବିକିର ୪୦୩, ବଳେଇପୁରର ୨୬୫, ବାଲିତୁଠ ୧୬୧, ବାମଦେଇପୁର ୨୦୭, ଭିତରଅନ୍ଧାରୀ ୧୯୨, ଚଟୁଆ ୧୫୩, ଢିଙ୍କିଆ ୩୧୩, ଏରସମା ୧୮୧, ଗୋଡା ୬୨୦, ଗଡବିଶୁନିପୁର ୩୧୧, ଗଡହରିଶପୁର ୪୦୬, ଗଡକୁଜଙ୍ଗ ୧୩୩, ଜାନକାଦେଇପୁର ୩୩୯, ଜପା ୩୬୪, କୃଷ୍ଣଚନ୍ଦ୍ରପୁର ୫୨୧, କୁଞ୍ଜକୋଠି ୨୯୫, ନାରଦିଆ ୧୨୭, ନୂଆଡିହି ୩୪୦, ନୂଆଗାଁ ୧୬୭, ପଦ୍ମପୁର ୨୯୫, ପଏଦା ୨୨୬, ପଲିକଣ୍ଠା ୧୬୨, ପୋଖରିଆପଡା ୧୯୪, ସୋମପୁର ୪୦୨ ଓ ଜିରାଇଲୋର ୧୫୯ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଛି।

## ଋଣ ଆଦାୟ ପାଇଁ ବୁଲୁଛନ୍ତି ଫାଇନାନ୍ସ କର୍ମଚାରୀ

**ବାଲିଆ,୫।୫:** ଲକ୍‌ଡାଉନ ଯୋଗୁ ଲୋକେ ଘରେ ବସି ରହିଛନ୍ତି। ମାତ୍ର ଏହି ସମୟରେ ବିଭିନ୍ନ ଫାଇନାନ୍ସ ସଂସ୍ଥା ଲୋକଙ୍କୁ ଦେଇଥିବା ଋଣ ଆଦାୟରେ ଲାଗି ପଡ଼ିଛନ୍ତି। ସଂସ୍ଥାର କର୍ମଚାରୀ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ଋଣ କିସ୍ତି ମାଗୁଥିବା ଅଭିଯୋଗ ହୋଇଛି। ତେବେ ଋଣ ଆଦାୟ ବନ୍ଦ ପାଇଁ ଘୋଷଣା କରାଯାଇଥିଲେ ମଧ୍ୟ ଏହାକୁ ଫାଇନାନ୍ସ ସଂସ୍ଥା ମାନୁ ନ ଥିବା ବିରିଡ଼ି ବ୍ଲକ ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି। ସେହିପରି ସୋମବାର ବିରିଡିର ବିଭିନ୍ନ ସ୍ଥାନରେ ଋଣ ପ୍ରଦାନକାରୀ ସଂସ୍ଥାର କର୍ମଚାରୀ ବୁଲୁଥିବା ଦେଖିବାକୁ ମିଳିଛି। ଏପରି କି ଋଣ ନେଇଥିବା ମହିଳାଙ୍କ ଉପରେ ଜୁଲୁମ ଆରମ୍ଭ କରିବା ସହ ସେମାନଙ୍କୁ ଚାପଗ୍ରସ୍ତ କରିଥିବା ଅଭିଯୋଗ ହେଉଛି। କୁଲକଇଜଙ୍ଗାର ଜଣେ ମହିଳା ଋଣ ଶୁଝି ନ ପାରି କିଛିଦିନ ହେବ ଆତ୍ମହତ୍ୟା କରିଥିବା ବିରିଡି ଥାନାରେ ଅଭିଯୋଗ ହୋଇଥିଲା। ଏହା ସତ୍ତ୍ୱେ ୨ଦିନ ହେବ କୁଲକଇଜଙ୍ଗାର କେତେକ ଗ୍ରାମରେ ଫାଇନାନ୍ସ ସଂସ୍ଥା କର୍ମଚାରୀ ବୁଲି ଗରିବ ଲୋକଙ୍କୁ ଋଣ ସୁଝିବା ପାଇଁ ବାଧ କରୁଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଲକଡାଉନସତ୍ତ୍ୱେ ଏହି କର୍ମଚାରୀ କେନ୍ଦ୍ରାପଡ଼ା, କଟକ, ଯାଜପୁର, ପୁରୀ, ପାରାଦୀପ ଅଞ୍ଚଳରୁ ଆସି ଲୋକଙ୍କୁ ଏପରି କରୁଛନ୍ତି। ତେଣୁ ଜିଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବା ସହ ଋଣ ଆଦାୟ ବନ୍ଦ କରିବା ପାଇଁ ଦାବି ହୋଇଛି।

## ବିରିଡ଼ିକୁ ଫେରିବେ ୧୫୧୯ ପ୍ରବାସୀ

**ବାଲିଆ,୫।୫:** ବିରିଡ଼ି ବ୍ଲକ ଅଞ୍ଚଳକୁ ଫେରିବା ପାଇଁ ୧୫୧୯ ପ୍ରବାସୀ ଓଡ଼ିଆ ନାମ ପଞ୍ଜୀକରଣ କରିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଇତିମଧ୍ୟରେ ବ୍ଲକ ଅଧୀନ ପୂରଣ ପଞ୍ଚାୟତକୁ ଜଣେ, ବତିମିରାକୁ ଜଣେ ଓ ଗୋପୀନାଥପୁର ପଞ୍ଚାୟତକୁ ଜଣେ ଫେରିଛନ୍ତି। ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିବା ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ କହିଛନ୍ତି। ଏଥିସହିତ ସେମାନଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୂଚନା ମିଳିଛି। ପ୍ରବାସୀ ଫେରିବା ପରେ ୧୪ ଦିନ କ୍ୱାରାଣ୍ଟାଇନରେ ରଖାଯିବା ବ୍ୟବସ୍ଥା ହୋଇଛି। କ୍ୱାରାଣ୍ଟାଇନ ସେଣ୍ଟରଗୁଡିକୁ ପରିଚାଳନା ପାଇଁ ପଞ୍ଚାୟତସ୍ତରରେ ୫ ଜଣିଆ କମିଟି ଗଠନ କରାଯାଇଛି। ଯେଉଁଥିରେ ଜଣେ ଶିକ୍ଷକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ, ଅଙ୍ଗନୱାଡି ଓ ଆଶା କର୍ମୀ ଅଛନ୍ତି। ବ୍ଲକସ୍ତରରେ ବିଡିଓ, ତହସିଲଦାର, ଆଇଆଇସି, ସ୍ୱାସ୍ଥ୍ୟ ଅଧିକାରୀ ଓ ଜଣେ ସିଡିପିଓଙ୍କୁ ନେଇ ୫ ଜଣିଆ ସବ୍‌କମିଟି ଗଠନ କରାଯାଇଛି। ଏହି କମିଟି ପ୍ରତିଦିନ କ୍ୱାରାଣ୍ଟାଇନ ସେଣ୍ଟର ବୁଲି ପ୍ରବାସୀଙ୍କ ପାଇଁ ଥିବା ବ୍ୟବସ୍ଥା ଯାଞ୍ଚ କରିବେ।

## ସୁରଟରୁ ଫେରିଲେ ୧୭ ପ୍ରବାସୀ

**ବିଞ୍ଝାରପୁର, ୫।୫ (ଡି.ଏନ୍.ଏ.):** ଗୁଜରାଟର ସୁରଟ ସହରରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବିଞ୍ଝାରପୁର ବ୍ଲକ ଅଞ୍ଚଳର ୧୭ ଜଣ ପ୍ରବାସୀ ମଙ୍ଗଳବାର ବସ୍ ଯୋଗେ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ବ୍ଲକର କଏଣା-ରଘୁନାଥପୁର ପଞ୍ଚାୟତର ୮ଜଣ ଥିବା ବେଳେ ହଳଦିଡିହ ପଞ୍ଚାୟତର ୨, ଆଉଁରୀ ପଞ୍ଚାୟତର ୪ ଓ ଉତ୍ତରକୁଳ ପଞ୍ଚାୟତର ୨ ଜଣ ଅଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସେମାନଙ୍କୁ ସଙ୍ଗରୋଧ ଗୃହରେ ରଖାଯାଇଛି।

# ଖାଦ୍ୟସାମଗ୍ରୀ ପାଉନାହାନ୍ତି ରାଶନକାର୍ଡଧାରୀ

**ବିଞ୍ଝାରପୁର, ୫।୫ (ଡି.ଏନ.ଏ.)**

**ସରକାରୀ ରେକର୍ଡରେ ତ୍ରୁଟି**



ରାଶନକାର୍ଡ ସହ ସଫତୁନ ବିବି

କରୋନା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଯୋଗୁ ରାଶନକାର୍ଡଧାରୀଙ୍କୁ ୩ ମାସର ରାଶନ ସାମଗ୍ରୀ ଯୋଗାଇ ଦେବା ସକାଶେ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ସମସ୍ତ ରାଶନକାର୍ଡ ହିତାଧିକାରୀଙ୍କୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିବା ବେଳେ କେତେକ ସ୍ଥାନରେ ହିତାଧିକାରୀ ଏହି ସୁବିଧା ପାଇ ନ ଥିବା ଅଭିଯୋଗ ଆସୁଛି। ବିଞ୍ଝାରପୁର ବ୍ଲକ ଅଧୀନ ଅଳକୁଣ୍ଡ ପଞ୍ଚାୟତ ଅଳକୁଣ୍ଡ ଗ୍ରାମର ସଫତୁନ ବିବିଙ୍କୁ ରାଶନ ସାମଗ୍ରୀ ମିଳି ନ ଥିବା ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗ ମୁତାବକ, ଦେଢ଼ ବର୍ଷ ତଳେ ତାଙ୍କୁ ରାଶନ କାର୍ଡ (ନଂ.- ୧୩୦୩୨୯୧୦୦୩୪) ମିଳିଥିଲା। ହେଲେ ଏ ଯାଏ ତାଙ୍କୁ ସ୍ଥାନୀୟ ଡିଲର ରାଶନ ସାମଗ୍ରୀ ଦେଉନାହାନ୍ତି। ସଫତୁନଙ୍କ ସ୍ୱାମୀ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ସେହି ଟଙ୍କାରେ ୬ ପ୍ରାଣୀ କୁଟୁମ୍ବ ଚଳାଇବା କଷ୍ଟକର ହେଉଛି। ରାଶନକାର୍ଡ ମିଳିଥିଲେ ବି ରାଶନ ସାମଗ୍ରୀ ମିଳୁ ନ ଥିବା ନେଇ ସଫତୁନ ବାରମ୍ବାର ବ୍ଲକ କାର୍ଯ୍ୟାଳୟ, ବିଭାଗୀୟ ଅଧିକାରୀ, ସ୍ଥାନୀୟ ରାଜନେତାଙ୍କୁ ଭେଟି ଜଣାଇବା ପରେ ବି କିଛି ସୁଫଳ ମିଳିନି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏମ୍‌ଆଇ ଶୁଭାଙ୍ଗୀ ରାୟଙ୍କୁ ପଚାରିବାରେ ସଫତୁନଙ୍କ ପରିବାରର କେହି ସଦସ୍ୟ ସରକାରୀ ଚାକିରି କରିଥିବା ତ୍ରୁଟିପୂର୍ଣ୍ଣ ଭାବେ କମ୍ପ୍ୟୁଟରରେ ଦେଖାଉ ଥିବାରୁ ତାଙ୍କୁ ରାଶନ ସାମଗ୍ରୀ ମିଳିପାରିନାହିଁ। ଖୁବଶୀଘ୍ର ଏହାର ସଂଶୋଧନ କରାଯାଇ ସଫତୁନଙ୍କ ପରିବାରକୁ ରାଶନ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଖାଦ୍ୟ ବିତରଣକାରୀଙ୍କୁ ମିଳୁନି ଟଙ୍କା

**କେନ୍ଦ୍ରାପଡ଼ା ଅଫିସ, ୫।୫:** ଡେରାବିଶ ବ୍ଲକ ଏଣ୍ତର ସରପଞ୍ଚଙ୍କ ନିର୍ଦ୍ଦେଶରେ ମା' ଭବାନୀ ଏସ୍‌ଏଚ୍‌ଜି ସଦସ୍ୟା ମାର୍ଚ୍ଚ ୨୯ରୁ ମେ ୪ ପର୍ଯ୍ୟନ୍ତ ଅସହାୟଙ୍କୁ ଖାଦ୍ୟ ବିତରଣ କରିଥିଲେ। ମାତ୍ର ଏ ବାବଦ ଅର୍ଥ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସଭାନେତ୍ରୀ ମମତା ବାରିକ କହିଛନ୍ତି, ଖାଦ୍ୟ ବିତରଣ ପୂର୍ବରୁ ସରପଞ୍ଚ ଅଗ୍ରିମ ଦେଢ଼ଲକ୍ଷ ଟଙ୍କାର ଚେକ୍ ଦସ୍ତଖତ କରାଇ ନେଇଥିଲେ। ଏହି ଟଙ୍କା ପ୍ରଦାନ ପାଇଁ ସୋମବାର ତାଙ୍କୁ କହିବା ପରେ ଖାଦ୍ୟ ବିତରଣ କାର୍ଯ୍ୟ ବନ୍ଦ କରିଛନ୍ତି। ଏଥିସହିତ ସଦସ୍ୟାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ପତ୍ର ଦିଆଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସିଂହପୁର, ୫।୫ (ଡି.ଏନ୍.ଏ)**

ବିଂଝାରପୁର ଥାନା ଅଧୀନ ବାଙ୍ଗରା ଗ୍ରାମର ଦୁର୍ଯ୍ୟୋଧନ ପାଗଳଙ୍କ ପୁଅ ବିକାଶ(୨୨)ଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ନିଜ ଘରଠାରୁ କିଛି ଦୂରରେ ଥିବା ଏକ ବଗିଚାରେ ବିକାଶଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଜରୀ ଫାଣ୍ଡି ଅଧିକାରୀ ଅଶୋକ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ତେବେ ବିକାଶଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି।

## କୋଭିଡ୍-୧୯ ସଚେତନତା ରଥ ଶୁଭାରମ୍ଭ

**ଯାଜପୁର ଅଫିସ୍/ଯାଜପୁର ଟାଉନ୍ (ଡି.ଏନ୍.ଏ.), ୫।୫**

କରୋନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ମଙ୍ଗଳବାର ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ସଚେତନତା ରଥକୁ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମୟରେ ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଜୀବନାନନ୍ଦ ପାଢ଼ୀ, ପ୍ରାଧିକରଣ ସମ୍ପାଦିକା ପୁନମ ଜେନା, ରେଜିଷ୍ଟ୍ରାର ପ୍ରଦ୍ୟୋମୟୀ ସୁଜାତା, ବରିଷ୍ଠ ଦେୱାନୀ ବିଚାରପତି ଚିନ୍ମୟୀ ବେହେରା, ଏସ୍‌ଡିଜେଏମ୍ ସୁନନ୍ଦା ସାହୁ, କନିଷ୍ଠ ଦେୱାନୀ ବିଚାରପତି ଲୋପାମୁଦ୍ରା ପ୍ରକାଶ, ଜେଏମ୍‌ଏଫ୍‌ସି ତନ୍ୱୀ ରଥ, ଦୀପାରାଣୀ ଜେନା, ଜୁଏଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାସୀଙ୍କୁ ସଙ୍ଗରୋଧରେ ରଖାଯାଉ ନ ଥିବା ଅଭିଯୋଗ

**ରତ୍ନଗିରି, ୫।୫(ଡି.ଏନ.ଏ)**



ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

**ବାଇଁଶିରିଆ ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା**

- ପ୍ରବାସୀ ଶ୍ରମିକଙ୍କୁ ଘରେ ରହିବାକୁ ବାଧ କରାଯାଉଛି
- ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ବରୀ ବ୍ଲକ ବାଇଁଶିରିଆ ପଞ୍ଚାୟତରୁ ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଅନ୍ୟପଟେ ରାଜ୍ୟ ବାହାରୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ନ ରଖି ଘରେ ରହିବାକୁ ସରପଞ୍ଚଙ୍କ ସ୍ୱାମୀ ବାଧ କରୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ବାଇଁଶିରିଆ ଗ୍ରାମବାସୀ ମଙ୍ଗଳବାର ବରୀ ଥାନାଧିକାରୀ, ବିଡିଓ ଓ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କିତ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ପଞ୍ଚାୟତ ପକ୍ଷରୁ କରାଯାଇଥିବା ସଙ୍ଗରୋଧ ଗୃହରେ ଆବଶ୍ୟକ ଖାଦ୍ୟ, ପାନୀୟ ଜଳ ଓ ଶୌଚାଳୟ ସୁବିଧା ନ ଥିବା ବେଳେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନାହିଁ। ଫଳରେ ସଙ୍ଗରୋଧରେ ରହିଥିବା ପ୍ରବାସୀ ଶ୍ରମିକମାନେ ୧୨ ଘଣ୍ଟା ପରେ ଘରକୁ ଫେରି ଆସିଛନ୍ତି। ଅନ୍ୟପଟେ ବାହାରୁ ଆସିଥିବା କେତେଜଣ ଶ୍ରମିକଙ୍କୁ କ୍ୱାରାଣ୍ଟାଇନ ସେଣ୍ଟର ବଦଳରେ ଘରେ ରହିବା ପାଇଁ ସରପଞ୍ଚଙ୍କ ସ୍ୱାମୀ କହିଥିବା ଜଣାପଡ଼ିଛି। ଏପରିକି ସେମାନଙ୍କ ନାମ ସରକାରୀ କାଗଜପତ୍ରରେ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ଉଲ୍ଲେଖ କରାଯାଇଥିଲେ ବି ସେମାନେ ଘରେ ରହୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଉକ୍ତ ଅଭିଯୋଗପତ୍ରର ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ପଞ୍ଚାୟତିରାଜ ମନ୍ତ୍ରୀ ଓଡ଼ିଶା, ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକ ଓଡ଼ିଶା, କୋଭିଡ୍-୧୯ ମୁଖପାତ୍ର, ଯାଜପୁର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ବରୀ ତହସିଲଦାର, ଥାନା ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ ଯାଜପୁର, ବରୀ ଭାରପ୍ରାପ୍ତ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ବାଇଁଶିରିଆର ସରପଞ୍ଚ ସନ୍ଧ୍ୟାରାଣୀ ସାହୁଙ୍କୁ ପଚାରିବାରେ, ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। ସେଠାରେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି। ଏ ନେଇ ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇ ଥିଲେ ବି ଫୋନ୍ ବନ୍ଦ ଥିବାରୁ ତାହା ସମ୍ଭବ ହୋଇପାରିନାହିଁ।

## ସଂକ୍ଷେପରେ

### ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

ଯୋଡା, ୫।୫(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ବିଲେଇପଦା ଅଙ୍ଗନୱାଡି କେନ୍ଦ୍ରର କର୍ମୀ ରୁକ୍ମିଣୀ ମହାନ୍ତ (୫୫)ଙ୍କର ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ଘର ଚମ୍ପୁଆ ବ୍ଲକ ଶ୍ରୀଧରପୁର ଗ୍ରାମରେ। ରୁକ୍ମିଣୀ ରବିବାର ପୂର୍ବାହ୍ନରେ ବିଲେଇପଦା ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ପ୍ରଥମେ ଚମ୍ପୁଆସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଥିଲା। ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ବିରଳ ପ୍ରଜାତି ସାପକୁ ମାରିଦେଲେ

ବାରିପଦା ଅଫିସ, ୫।୫- ବିରଳ ପ୍ରଜାତିର ଏକ ତମ୍ଭା ମୁଣ୍ଡିଆ ଟ୍ରିଙ୍କେଟ ସାପକୁ ବାଡ଼ୁଲି ସାହାଯ୍ୟରେ ଗାଁ ଲୋକ ମାରି ଦେଇଥିବା



ଅଭିଯୋଗ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ବାରିପଦା ରେଞ୍ଜ ଅଧୀନ ବହଳଦା ବିଟ୍‌ର ଗିରିଶଚନ୍ଦ୍ରପୁର ଗ୍ରାମରେ। ସାପଟିର ଲମ୍ବ ୮ ଫୁଟ ଓ ବୟସ ପାଖାପାଖି ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଶିମିଳିପାଳ ପାଦ ଦେଶରେ ଏହି ଗାଁଟି ଅବସ୍ଥିତ ଥିବାରୁ ସାପଟି ମଙ୍ଗଳବାର ଅଭୟାରଣ୍ୟ ମଧ୍ୟରୁ ଗାଁ ଭିତରକୁ ପଶି ଆସିବାରୁ ଲୋକେ ତାହାକୁ ମାରି ଦେଇଥିଲେ। ଏନେଇ ବାରିପଦା ଡିଏଫଓ ସ୍ୱୟମ ମଲ୍ଲିକଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ଥିବା ବେଳେ କେଉଁ ପରିସ୍ଥିତିରେ ସାପଟିକୁ ମରାଗଲା ତାହାର ତଦନ୍ତ କରାଯାଉଥିବା କହିଛନ୍ତି।

# ସଙ୍ଗରୋଧ କେନ୍ଦ୍ରରେ ୩ ଦିନ ଆମିଷ

ଭଦ୍ରକ ଅଫିସ, ୫।୫

ଭଦ୍ରକ ଜିଲାରେ କାର୍ଯ୍ୟ କରୁଥିବା ସମସ୍ତ ସଙ୍ଗରୋଧ କେନ୍ଦ୍ର ପାଇଁ ଜିଲା ପ୍ରଶାସନ ଖାଦ୍ୟ ତାଲିକା ଜାରି କରିଛି। ଏହି କେନ୍ଦ୍ରରେ ନିମ୍ନମାନର ଖାଦ୍ୟକୁ ନେଇ ପ୍ରବାସୀ ଓଡ଼ିଆମାନେ ପାଟିତୁଣ୍ଡ କରିବା ସହ ଖାଦ୍ୟ ଫିଙ୍ଗି ଦେଇଥିଲେ ଏବଂ ତିହିଡ଼ିରେ ଏକ ସଙ୍ଗରୋଧ କେନ୍ଦ୍ରରେ ଟିକ୍‌ଟକ ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ରାଜ୍ୟ ସରକାର ଏହି କେନ୍ଦ୍ରରେ ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବାକୁ ଗୁରୁତ୍ୱାରୋପ କରି ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥିପାଇଁ ନିର୍ଦ୍ଦିଷ୍ଟ ଭାବେ ଖାଦ୍ୟ ତାଲିକା ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି। ସପ୍ତାହରେ ୩ଦିନ ଆମିଷ ଓ ୪ ଦିନ ନିରାମିଷ ଖାଦ୍ୟ ବଣ୍ଟନ କରାଯିବ। ଯେଉଁ ଲୋକମାନେ ନିରାମିଷ ଖାଇବେ ସେମାନଙ୍କ ପାଇଁ ଛତୁ କିମ୍ବା ପନିର ବ୍ୟବସ୍ଥା କରାଯାଇଛି। ରାତ୍ରିଭୋଜନ ପାଇଁ ଭାତ କିମ୍ବା ରୁଟି ସହ ଡାଲମା ଓ ମିକ୍ସ ତରକାରୀ କିମ୍ବା ଟମାଟୋ ଖଟା ବ୍ୟବସ୍ଥା ରହିଛି। ସେହିପରି ସକାଳ ଜଳଖିଆରେ ମଟର ତରକାରୀ କିମ୍ବା ତରକାରୀ ସହ ପୁରୀ, ସୁଜି ଉପମା ଓ ଚୁଡ଼ା, ଦହି, ଗୁଡ଼ ଏବଂ ସନ୍ଧ୍ୟା ଜଳଖିଆରେ ଚା ସହ ଲୁଣି ବିସ୍କୁଟ, ଆରିଷା ପିଠା, ସିଙ୍ଗଡ଼ା ଉପଲବ୍ଧ ଅନୁଯାୟୀ ଦେବା ପାଇଁ ବ୍ୟବସ୍ଥା ରହିଛି। ଶିଶୁମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ଜିଲାପାଳ ଟୁଇଟର୍ ମାଧ୍ୟମରେ ସୂଚନା ଦେଇଛନ୍ତି।





କୋଟାରୁ ଫେରିଥିବା ଛାତ୍ରୀଛାତ୍ର।

## କୋଟାରୁ ଫେରିଲେ ୧୭ ଛାତ୍ରୀଛାତ୍ର

ବାରିପଦା ଅଫିସ, ୫।୫

ରାଜସ୍ଥାନର କୋଟାରେ ଫସି ରହିଥିବା ୧୭ ଜଣ ଛାତୀଛାତ୍ର ମଙ୍ଗଳବବାର ମୟୂରଭଞ୍ଜ ଫେରିଛନ୍ତି। ସେମାନଙ୍କ ସହିତ ୫ ଜଣ ଅଭିଭାବକ ଓ ୨ ବସ୍‌ର ଡ୍ରାଇଭର ଓ ହେଲପର ମଧ୍ୟ ଫେରିଛନ୍ତି। ଗତ ୧ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ବସ୍ ରାଜସ୍ଥାନକୁ ପଠାଯାଇଥିଲା। ବସ୍‌ରେ ଆସିଥିବା ସମସ୍ତଙ୍କୁ ପ୍ରଶାସନ ପକ୍ଷରୁ ପ୍ରୟାସ ହଲ୍ ନିକଟସ୍ଥ ଏକ କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଯାଇଛି। ସେଠାରେ ୧୪ ଦିନ କ୍ୱାରାଣ୍ଟାଇନ ଶେଷ ହେବା ପରେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ରାଇସୁଆଁରେ ୧୫ ଅଟକ



କେନ୍ଦୁଝର, ୫।୫(ସ୍ୱ.ପ୍ର./ଡି.ଏନ.ଏ.)

**ଚାଲି ଚାଲି ଯାଉଥିଲେ ଉତ୍ତରପ୍ରଦେଶ**

ଭୁବନେଶ୍ୱରରୁ ଚାଲି ଚାଲି କେନ୍ଦୁଝର ଦେଇ ଉତ୍ତରପ୍ରଦେଶ ଯାଉଥିବା ୧୫ଜଣ ଶ୍ରମିକଙ୍କୁ ସଦର ଥାନା ପୋଲିସ ରାଇସୁଆଁ ନିକଟରେ ଅଟକ ରଖିଛି। ସେମାନେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବଡ଼ ଡାକ୍ତରଖାନାରେ ରଙ୍ଗମରା କାମ କରିବାକୁ ଆସିଥିଲେ। ୧୫ଦିନ କାମ କରିବା ପରେ ଲକ୍‌ଡାଉନ ଘୋଷଣା ହୋଇଯାଇଥିଲା ବୋଲି ସେମାନେ କହିଛନ୍ତି। ସେମାନଙ୍କୁ ସେତିକି ଦିନର ମଜୁରି ମିଳି ନ ଥିବା କହିଛନ୍ତି। ରହିବା ଓ ଖାଇବା ଲାଗି ବ୍ୟବସ୍ଥା ନ ଥିବାରୁ ଶ୍ରମିକମାନେ ବାଧ ହୋଇ ସୋମବାର ଭୋରରୁ ଚାଲି ଚାଲି ପଳାଇ ଆସିଛନ୍ତି। ପ୍ରବଳ ଖରାରେ ବ୍ୟାଗ ଧରି ଯାଉଥିବା ଦେଖି ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନଙ୍କ ରହିବା ଓ ଘରକୁ ଯିବା ଲାଗି ବ୍ୟବସ୍ଥା କରିବାକୁ ପ୍ରଶାସନକୁ ଅବଗତ କରାଯାଇଥିବା ସଦର ଥାନାଧିକାରୀ ଜୟ ନାରାୟଣ ଖଣ୍ଡେଇ ସୂଚନା ଦେଇଛନ୍ତି।

## ବାସୁଦେବପୁରରେ ଅଟକିଛନ୍ତି ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ

ବାସୁଦେବପୁର, ୫।୫(ଡି.ଏନ.ଏ.)

**ଫେରିବେ ବିହାର ରାଜ୍ୟକୁ**

ଧାମରାରେ କାମ କରୁଥିବା ୫୦ରୁ ଊର୍ଦ୍ଧ୍ୱ ବିହାର ରାଜ୍ୟର ଶ୍ରମିକ ୫୦ରୁ ଊର୍ଦ୍ଧ୍ୱ କି.ମି. ଚାଲି ଚାଲି ଆସିବା ପରେ ମଙ୍ଗଳବାର ସକାଳେ ବାସୁଦେବପୁରଠାରେ ଅଟକି ରହିଛନ୍ତି। ବାସୁଦେବପୁର ଥାନା, ତହସିଲ ଓ ବସ୍‌ଷ୍ଟାଣ୍ଡରେ ଏହି ଶ୍ରମିକମାନେ ବସି ରହିଛନ୍ତି। ଲକ୍‌ଡାଉନ ଯୋଗୁ ସେମାନେ ଜୀବିକା ହରାଇଥିବାରୁ ଏବେ ନିଜ ରାଜ୍ୟକୁ ପଳାଇଯିବାକୁ ଉଦ୍ୟମ କରିଛନ୍ତି। ସେମାନଙ୍କ ପାଇଁ ପ୍ରଶାସନ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରିବାକୁ ଶ୍ରମିକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ଏହି ଶ୍ରମିକମାନଙ୍କୁ ନିଜ ରାଜ୍ୟକୁ ପଠାଯିବା ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା କହିଛନ୍ତି।

## ଡ୍ରାଇଭରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍

ଭଣ୍ଡାରିପୋଖରୀ,୫।୫(ଡି.ଏନ.ଏ.)

**ଅଭିଯୁକ୍ତଙ୍କୁ ଥାନା ଜିମା ଦେଲେ ଲୋକେ**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ନଂ ଜାତୀୟ ରାଜପଥର ପିରିପୁର ଛକ ଶାନ୍ତି ହୋଟେଲ ନିକଟରେ ସୋମବାର ରାତିରେ ଏକ ଆଳୁ ବୋଝେଇ ଟ୍ରକ ଚାଳକଙ୍କୁ ମାଡ ମାରି ଟଙ୍କା ଲୁଟ କରି ନେଇ ଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଚାଳକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୮୬/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

# ଜାମୁଖାଡିରେ ୪୮ ଜଣଙ୍କ ସ୍ୱାବ ସଂଗ୍ରହ

ସିମୁଳିଆ, ୫।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଖାଡି ପଞ୍ଚାୟତର ଗୌଡପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ୪୮ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି । ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସମ୍ବିତ କୁମାର ଦାଶ ଏହାର ନେତୃତ୍ୱ ନେଇଥିଲେ।

ଜାମୁଖାଡି ପଞ୍ଚାୟତ ଖଟନଗର ଅଞ୍ଚଳର ଶ୍ରୀଧର ଦଳାଇ(୫୦) ନାମକ ବ୍ୟକ୍ତି ଗତ ୨୮ତାରିଖରେ କୋଲକାତାରୁ ନିଜ ଅଞ୍ଚଳକୁ ଆସିଥିଲେ। କୋଲକାତା ଫେରନ୍ତା ଶ୍ରୀଧରଙ୍କ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗତ ରବିବାର ଶ୍ରୀଧର ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ୧୦୪ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲା ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜଣ୍ଡିସ ସହିତ ହେପାଟାଇଟିସେ କୋମାରେ ଶ୍ରୀଧରଙ୍କ ମୃତ୍ୟୁ ହୋଇଥିବା ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପଣ୍ଡା ସୂଚନା ଦେଇଥିଲେ।। କରୋନା ଭୟରେ ଗ୍ରାମବାସୀ ତାଙ୍କ ଶବକୁ ନ ଛୁଇଁବାରୁ ୨୦ଘଣ୍ଟା ପରେ ଆତ୍ମୀୟସ୍ୱଜନ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଶବ ସତ୍କାର କରାଯାଇଥିଲା। ତେବେ କରୋନା ସନ୍ଦେହରେ ଶ୍ରୀଧରଙ୍କ ପରିବାର ସମେତ ଅନ୍ୟମାନଙ୍କ ସ୍ୱାବ୍ ନମୁନା ମଙ୍ଗଳବାର ସଂଗ୍ରହ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ଖାମଖିଆଲି ମନୋଭାବ ସମ୍ପର୍କରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଅଭିଯୋଗ ହୋଇଛି।



ଜାମୁଖାଡିରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାବ୍ ସଂଗ୍ରହ କରାଯାଉଛି।

## ଭଦ୍ରକରେ ରାତ୍ରିକାଳୀନ କର୍ଫ୍ୟୁ

ଭଦ୍ରକ ଅଫିସ, ୫।୫

ଭଦ୍ରକ ଜିଲା ପ୍ରଶାସନ ମଙ୍ଗଳବାରଠାରୁ ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ କଟକଣା ଜାରି କରିଛି। ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଏହି କର୍ଫ୍ୟୁ ଆଇନ ବଳବତ୍ତର ରହିବ ବୋଲି କୁହାଯାଇଛି। ଏହି ସମୟରେ କେହି ଘରୁ ବାହାରିବେ ନାହିଁ ବୋଲି କୁହାଯାଇଛି। କେବଳ ଅତ୍ୟାବଶ୍ୟକ ବିଭାଗ ଏହି ସମୟରେ ଯାତାୟାତ କରିପାରିବେ। ଆଇନ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ସୂଚନା ଦେଇଛି। କରୋନା ସଂକ୍ରମଣ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ପ୍ରବାସୀ ଓଡ଼ିଆମାନେ ମନଇଚ୍ଛା ଜିଲାରେ ପ୍ରବେଶ କରି ରାତିରେ ଏଣେତେଣେ ବୁଲୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି।

## ବ୍ରହ୍ମପୁର

## ଖାଦ୍ୟର ମାନ ଯାଞ୍ଚ କଲେ ଉପଜିଲାପାଳ

ଭଞ୍ଜନଗର,୫।୫ (ଡି.ଏନ୍.ଏ.)

ଗଞ୍ଜାମ ଜିଲାକୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସୁରଟରୁ ୧୮ ବସ୍ ଆସିଛି। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଅପରାହ୍ନରେ ଭଞ୍ଜନଗର ଉପଖଣ୍ଡ କରସିଙ୍ଗି ସମେତ ବିଭିନ୍ନ ସୀମାବର୍ତ୍ତୀ ଅଞ୍ଚଳ ବୁଲି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏଥିସହ କୁଲାଡସ୍ଥିତ ଏକ କ୍ୱାରାଣ୍ଟାଇନ ସେଣ୍ଟରରେ ପହଞ୍ଚି ରନ୍ଧା ଯାଇଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ।

**ଭଞ୍ଜନଗରରେ ଆରମ୍ଭ ହେଲା ସ୍ୱାବ୍ ସଂଗ୍ରହ**

ଅନ୍ୟପକ୍ଷରେ ଭଞ୍ଜନଗର ଉପଖଣ୍ଡ ହସ୍‌ପିଟାଲ ପକ୍ଷରୁ ବ୍ଲକ ଛକରେ ଥିବା ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପୁରୁଣା କୋଠାରେ ମଙ୍ଗଳବାରରୁ ସ୍ୱାବ୍ ସଂଗ୍ରହ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୦ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ବ୍ରହ୍ମପୁର ବଡ ମେଡିକାଲକୁ ପରୀକ୍ଷା ପାଇଁ ପଠାଯାଇଛି। ପ୍ରଶାସନ ଏବଂ ଡ଼ାକ୍ତରଙ୍କ ଦ୍ୱାରା ଚିହ୍ନଟ ବ୍ୟକ୍ତିଙ୍କର ହିଁ ସ୍ୱାବ୍ ସଂଗ୍ରହ କରାଯିବ ବୋଲି ମେଡ଼ିକାଲ ଅଧୀକ୍ଷକ ସୂଚନା ଦେଇଛନ୍ତି।



ଉପ ଜିଲାପାଳ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି।

# ବିଶୃଙ୍ଖଳା କଲେ କ୍ୱାରାଣ୍ଟାଇନ୍ ଅବଧି ବଢ଼ିବ, ରୁଜୁ ହେବ ମାମଲା

ଛତ୍ରପୁର,୫।୫(ଡି.ଏନ୍.ଏ.)

ବାହାର ରାଜ୍ୟରୁ ବସ୍ ଓ ଟ୍ରେନ୍ ଯୋଗେ ପ୍ରବାସୀ ଓଡ଼ିଆମାନେ ଗଞ୍ଜାମ ଜିଲାକୁ ଫେରିବାରେ ଲାଗିଛନ୍ତି । କେତେକ ସୁରଟ ଫେରନ୍ତା କ୍ୱାରାଣ୍ଟାଇନ୍ ସେଣ୍ଟରରେ ବିଶୃଙ୍ଖଳା କରିବା ସହ ନିୟମ ଉଲ୍ଲଂଘନ କରୁଥିବାରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରତିକ୍ରିୟା ପ୍ରକାଶ କରିବା ସହ ତାଗିଦ୍ ମଧ୍ୟ କରିଛନ୍ତି। ଜିଲାପାଳ ମଙ୍ଗଳବାର କହିଛନ୍ତି ଯେ, ଓଡିଶା ସରକାର ଯେଉଁ କ୍ୱାରାଣ୍ଟାଇନ୍ ନିୟମ କରିଛନ୍ତି, କେହି ତାହାର ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ବ୍ୟକ୍ତିଙ୍କ କ୍ୱାରାଣ୍ଟାଇନ୍ ଅବଧିକୁ ବୃଦ୍ଧି କରାଯିବ। ଏଥିସହ ଆଇପିସି ୧୮୮ ଧାରାରେ ମାମଲା ରୁଜୁ ହେବ ଏବଂ ସେ ଜେଲ ମଧ୍ୟ ଯିବେ। ତେଣୁ କ୍ୱାରାଣ୍ଟାଇନ୍‌ରେ ଥିବା ଲୋକେ ଶୃଙ୍ଖଳିତ ହୋଇ ନିୟମ ପାଳନ କରନ୍ତୁ ବୋଲି ଜିଲ୍ଲାପାଳ ଅନୁରୋଧ କରିଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ଖାଦ୍ୟ, ପାଣି ଓ ପାଇଖାନା ବ୍ୟବସ୍ଥା ହୋଇଛି। ବିଡିଓ ଓ ନିର୍ବାହୀ ଅଧିକାରୀମାନେ ଏହାର ମନିଟରିଂ କରୁଥିବା ସେ କହିଛନ୍ତି।

### ଗୁଜବ, ଭୁଲ ଖବର ପରିବେଷଣ ନ କରିବାକୁ ଅନୁରୋଧ

ଛାପା, ବୈଦ୍ୟୁତିକ କି ସାମାଜିକ ଗଣମାଧ୍ୟମ କେହି ବି ଭୁଲ ତଥ୍ୟ ଉପସ୍ଥାପନ କଲେ କିମ୍ବା ଗୁଜବ ପ୍ରସାରିତ କଲେ କାହାରିକୁ ଛଡ଼ାଯିବନି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଭୁଲ ତଥ୍ୟ ପରିବେଷଣ କରାଗଲେ ଲୋକଙ୍କ ପାଇଁ ସମସ୍ୟା ଉପୁଜିବ। ତେଣୁ ସତ୍ୟ ପ୍ରମାଣ ପରୀକ୍ଷା କରି ଖବର ପ୍ରକାଶ କରିବାକୁ ଟୁଇଟ କରି ଜିଲାପାଳ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି। କରୋନା ମୁକାବିଲା କରିବାରେ ଗଣମାଧ୍ୟମର ଭୂମିକା ପ୍ରଶଂସନୀୟ ବୋଲି ସେ କହିଛନ୍ତି। ମଙ୍ଗଳବାର ସମସ୍ତ ବିଡିଓ ଓ ଅଧିକାରୀଙ୍କ ସହ ଭିଡିଓ କନଫେରେନ୍ସିଂରେ ଅନୁଷ୍ଠିତ ବୈଠକରେ ଆଲୋଚନା ବେଳେ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇବାକୁ ବିଡ଼ିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯେ କେହି ଗୁଜବ, ମିଥ୍ୟା ମେସେଜ କରୁଛନ୍ତି ସେମାନଙ୍କୁ ଚିହ୍ନଟ କରିବାକୁ କୁହାଯାଇଛି। ଚିହ୍ନଟ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ କହିଥିଲେ।

## କ୍ୱାରାଣ୍ଟାଇନ୍ ସେଣ୍ଟରରେ ଗଣ୍ଡଗୋଳ ଘଟଣାର ତଦନ୍ତ ଚାଲିଛି: ଏସ୍‌ପି

ଛତ୍ରପୁର,୫।୫(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦର ଜମାଗୋରଡ଼ା ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ମଙ୍ଗଳବାର କୌଣସି ଏକ କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ୩ ଜଣ ଆହତ ହୋଇଛନ୍ତି। ଏ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଏସ୍‌ପି ସୂଚନା ଦେଇଛନ୍ତି ।

## ଏମ୍‌କେସିଜି କରୋନା ୱାର୍ଡରେ ୫ ସନ୍ଦିଗ୍ଧ

ବ୍ରହ୍ମପୁର ଅଫିସ,୫।୫

ମହାରାଜା କୃଷ୍ଣ ଚନ୍ଦ୍ର ମହାରାଜା (ଏମ୍‌କେସିଜି) ମେଡିକାଲର କରୋନା ୱାର୍ଡରେ ଏବେ ୫ କରୋନା ସନ୍ଦିଗ୍ଧ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ଏମ୍‌କେସିଜି ମେଡିକାଲର ମାଇକ୍ରୋବାୟୋଲୋଜି ପରୀକ୍ଷା କେନ୍ଦ୍ର ଓ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଛି। ମଙ୍ଗଳବାର ରାତି ସୁଦ୍ଧା ସେମାନଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ଆସିଯିବ ବୋଲି ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ସନ୍ଦିଗ୍ଧମାନେ ଆନ୍ଧ୍ରପ୍ରଦେଶର ହୋଇଥିବା ବେଳେ ଅନ୍ୟଜଣେ ଚେନ୍ନାଇରୁ ଆସାମ ଯାଉଥିବା ବ୍ୟକ୍ତି। ଯାହାଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହେବା ପରେ ସେ ଆହତ ହୋଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟଜଣେ ବ୍ୟକ୍ତି ମହାରାଷ୍ଟ୍ରର ଏକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଅନ୍ୟ ୨ ଜଣ ସୁରଟ ଫେରନ୍ତା ଯେଉଁମାନେ ପୋଲସରା ସଂଗରୋଧ କକ୍ଷରେ ଥିବା ବେଳେ ସେମାନେ କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ମଧ୍ୟ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ ସୁରଟ, କେରଳ, ଚେନ୍ନାଇ ଓ ବାଙ୍ଗାଲୋରରୁ ହଜାର ହଜାର ପ୍ରବାସୀ ଏବେ ଫେରୁଛନ୍ତି। ସେମାନଙ୍କୁ ଏବେ ଜିଲାର ବିଭିନ୍ନ ସଂଗରୋଧ କେନ୍ଦ୍ରରେ ରଖାଯାଇଛି।

## ହୋମ୍ କ୍ୱାରାଣ୍ଟାଇନ୍‌ରେ ମହିଳା ରହିବାକୁ ବିରୋଧ

ଭଞ୍ଜନଗର,୫।୫(ଡି.ଏନ.ଏ.)

- ସୁରଟ ଫେରନ୍ତା ମହିଳାଙ୍କୁ ଗାଁରେ ପୁରାଇ ଦେଲେନି
- ବିରୋଧ ପରେ କ୍ୱାରାଣ୍ଟାଇନ୍ ସେଣ୍ଟର ଫେରିଗଲେ

ସୁରଟରୁ ଫେରୁଥିବା ମହିଳାମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିଆଯାଇଥିବା ନିଷ୍ପତ୍ତିକୁ ନେଇ ଭଞ୍ଜନଗର ବ୍ଲକର ଏକ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। ୪ ମହିଳାଙ୍କୁ ନେଇ ଆସିଥିବା ଗାଡ଼ିକୁ ଲୋକେ ଗାଁକୁ ପୁରାଇ ଦେଇ ନ ଥିଲେ। ଏହାପରେ ଗାଡ଼ିଟି ମହିଳାମାନଙ୍କ ପରିବାର ଲୋକେ ରହୁଥିବା କ୍ୱାରାଣ୍ଟାଇନ ସେଣ୍ଟରକୁ ଫେରିଯାଇଥିଲା।

ସୁରଟରୁ ମଙ୍ଗଳବାର ପରିବାର ଲୋକଙ୍କ ସହ ଫେରିଥିବା ଭଞ୍ଜନଗର ବ୍ଲକର କେତେଜଣ ମହିଳାଙ୍କୁ ପ୍ରଶାସନ ପକ୍ଷରୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ୪ଜଣ ମହିଳା ସରକାରୀ ଗାଡ଼ିରେ ଘରକୁ ଫେରିଥିଲେ। ପରିବାରର ଅନ୍ୟ ପୁରୁଷମାନେ ପ୍ରଶାସନ ପକ୍ଷରୁ ସ୍ଥିରିକୃତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ମାତ୍ର ମହିଳାଙ୍କୁ ନେଇ ଆସିଥିବା ଗାଡିକୁ ଗ୍ରାମବାସୀ ଗାଁକୁ ଛାଡ଼ି ନ ଥିଲେ। ଏନେଇ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଗ୍ରାମବାସୀ ଜଣାଇବା ପରେ ଗାଡିଟି ଫେରିଯାଇଥିଲା।

ପ୍ରଶାସନ ପକ୍ଷରୁ ମହିଳାମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଗ୍ରାମାଞ୍ଚଳରେ ଏପରି ବିରୋଧ ପ୍ରଶାସନର ଚିନ୍ତା ବଢାଇଦେଇଛି।

## ତାମିଲନାଡୁର ୪୦ ଶ୍ରମିକଙ୍କୁ ଘରକୁ ପଠାଇଲା ପ୍ରଶାସନ

ଛତ୍ରପୁର,୫।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅଧିନ ଜଗନ୍ନାଥପୁର ଜଙ୍ଗସନ୍ ନିକଟ ଜାତୀୟ ରାଜପଥରେ ମାର୍ଚ୍ଚ ୩୦ରେ ୨ ଟ୍ରକ୍‌ରେ କିଛିଲୋକ ଅନ୍ୟ ରାଜ୍ୟକୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଗୋଟିଏ ଟ୍ରକରେ ତାମିଲନାଡୁ ଓ ଆଉ ଗୋଟିଏ ଟ୍ରକରେ ପଶ୍ଚିମବଙ୍ଗକୁ ମୋଟ ୬୪ଜଣ ଯାଉଥିଲେ। ଏମାନଙ୍କୁ ଉଦ୍ଧାର କରି ପ୍ରଶାସନ ଚମାଖଣ୍ଡି ଆଦର୍ଶ ବିଦ୍ୟାଳୟରେ ରଖିଥିଲା। ମଙ୍ଗଳବାର ରାତିରେ ଏଥିରୁ ୪୦ ଜଣଙ୍କୁ ସେମାନଙ୍କ ରାଜ୍ୟ ତାମିଲନାଡୁକୁ ବସ୍ ଯୋଗେ ପ୍ରଶାସନ ପଠାଇଛି।

# ଜୀବନ ଜୀବିକା ଆଗରେ ହାର୍ ମାନିଛି ଲକ୍‌ଡାଉନ

ଖଜୁରିପଡା,୫।୫(ଡି.ଏନ.ଏ.)

ଜଙ୍ଗଲ ସୀମାବର୍ତ୍ତୀ ଜନଜାତି ଗରିବ ପରିବାରର ମହିଳାମାନେ ଦିନ ମଜୁରୀ ଠାରୁ ଆରମ୍ଭ କରି ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ତେଣୁ ପ୍ରତିଦିନ ଜଙ୍ଗଲକୁ ଯାଇ ଜାଳେଣି କାଠ, ଶାଳପତ୍ର, ଶିଆଳିପତ୍ର ଆଣି ଏହାକୁ ବିଡା କରିବା ପରେ ଗାଡ଼ିରେ ସହରକୁ ନେଇ ବିକ୍ରି କରିଥାନ୍ତି। ମାତ୍ର ଲକ୍‌ଡାଉନ ଏମାନଙ୍କ ଜୀବନ ଜୀବିକା ଉପରେ ଦାଉ ସାଧିଛି। କାମଧନ୍ଦା ବନ୍ଦ ହୋଇଯାଇଥିବା ବେଳେ ଗାଡି ଚଳାଚଳ ବନ୍ଦ ଯୋଗୁ ବନଜାତ ଦ୍ରବ୍ୟ ବିକିବାକୁ ସହରକୁ ମଧ୍ୟ ଯାଇ ପାରୁନାହାନ୍ତି। ବାଧ ହୋଇ ଖଲି ଓ ଶାଳପତ୍ର ବିଡା ମୁଣ୍ଡାଇ ଚାଲିଚାଲି ଯାଇ ସହରରେ ବ୍ୟବସାୟୀଙ୍କୁ ବିକ୍ରିକରି ଟଙ୍କା ଧରି ଘରକୁ ଫେରୁଛନ୍ତି। କନ୍ଧମାଳ ଜିଲାର ଖଜୁରିପଡା ବ୍ଲକର ବଣ ପାହାଡ ଘେରା ଦୁର୍ଗମ ଅଞ୍ଚଳ ବିଲାବାଡି ପଞ୍ଚାୟତର କେତେଜଣ ମହିଳା ଖଲିପତ୍ର ମୁଣ୍ଡେଇ ୨୦କିମି ଦୂର ସୁଡ୍ରୁକୁମ୍ପାରେ ବ୍ୟବସାୟୀଙ୍କୁ ଦେବାକୁ ଯାଉଥିବା ଦେଖିବାକୁ ମିଳିଥିଲା। ସେମାନେ ଏହାକୁ ବିକିବା ପରେ ସେଠାରୁ ତେଲଲୁଣ ଧରି ଘରକୁ ଫେରିଥିଲେ।



ଜଙ୍ଗଲଜାତ ଦ୍ରବ୍ୟ ମୁଣ୍ଡାଇ ମହିଳାମାନେ ଯାଉଛନ୍ତି।

**ସଂକ୍ଷେପରେ**

## କୋଏଲ ନଦୀରେ ବୁଡ଼ି ଯୁବକ ମୃତ

କୁଆଁରମୁଣ୍ଡା,୫।୫ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଯମୁନାନାକି ଗ୍ରାମରେ ଥିବା ନିଜ ସମ୍ପର୍କୀୟଙ୍କ ଘରକୁ ରାଉରକେଲା ଏନ୍ଆଇଟି ଅଞ୍ଚଳର ଦଶରଥ ମହାଲି (୪୫) କୌଣସି କାମରେ ଆସିଥିଲେ। ଗତ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସେ ନିଜ ବାଇକ ନେଇ ଝାରବସ୍ତି ନିକଟସ୍ଥ କୋଏଲ ନଦୀ କୂଳକୁ ଶୌଚ ପାଇଁ ଯାଇଥିଲେ। ନଦୀରେ ଶୌଚ ହେବା ସମୟରେ କୌଣସି କାରଣରୁ ତାଙ୍କ ଗୋଡ ଖସି ଯାଇଥିଲା। ଫଳରେ ସେ ନଦୀ ସ୍ରୋତରେ ଭାସି ଯାଇଥିଲେ । ସେଦିନ ରାତିରେ ଦଶରଥଙ୍କ କୌଣସି ପତ୍ତା ମିଳି ନ ଥିଲା । ଏନେଇ ଦଶରଥଙ୍କ ପୁଅ ଫୁଲ ସିଂ କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଓ କୁଆଁରମୁଣ୍ଡା ଅଗ୍ନିଶମ କର୍ମଚାରୀ କୋଏଲ ନଦୀରେ ବୋଟ ସାହାର୍ଯ୍ୟରେ ଖୋଜାଖୋଜି କରିଥିଲେ । ପ୍ରାୟ ୨୪ ଘଣ୍ଟା ପରେ ଦଶରଥଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ।

## ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

କେଗାଁ,୫।୫(ଡି.ଏନ.ଏ): ଆନ୍ଧ୍ରପ୍ରଦେଶକୁ ଇଟାଭାଟିରେ କାମ କରିବାକୁ ଯାଇ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ତୁରେଛଡା ଗ୍ରାମର ତାରାଚନ୍ଦ ମାଝୀ(୩୫) । ସେ ସ୍ତ୍ରୀ କପୁରୀ ମାଝୀଙ୍କୁ ଧରି ଗତ ଦୁଇ ମାସ ତଳେ ଗାଁର ୧୫ଜଣଙ୍କ ସହିତ ଆନ୍ଧ୍ରପ୍ରଦେଶର କର୍ଣ୍ଣୋଲ ଜିଲା ବେଲଧୁର୍ତି ଥାନା ନିକଟ ରତ୍ନାପାଲିକୁ ଇଟାଗଢା କାମ କରିବାକୁ ଯାଇଥିଲେ । କିଛି ଦିନ ପରେ କରୋନା ପାଇଁ ଲକଡାଉନ ଯୋଗୁ କାମ ବନ୍ଦ ହୋଇ ଯାଇଥିଲା । ବର୍ତ୍ତମାନ ରାଜ୍ୟ ସରକାର ପ୍ରବାସୀ ଓଡିଆମାନଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣୁଥିବା ବେଳେ ଉକ୍ତ ପରିବାର ମଧ ନିଜ ଘରକୁ ଫେରିବାକୁ ପଞ୍ଜୀକରଣ କରିଥିଲେ। ତାରାଚନ୍ଦଙ୍କ ବୃଦ୍ଧ ମା' ବାପା ଓ ଦୁଇ ପୁଅ ଚାହିଁ ରହିଥିଲେ ଫେରିବା ବାଟକୁ। ସୋମବାର ଅପରାହ୍ନରେ ତାରାଚନ୍ଦ ଗାଁରେ ଥିବା ପରିବାର ଲୋକଙ୍କ ସହିତ କଥାବାର୍ତ୍ତା ହୋଇଥିଲେ । ମାତ୍ର ମଙ୍ଗଳବାର ସକାଳେ ତାରାଚନ୍ଦଙ୍କ ମୃତ୍ୟୁ ହୋଇଥିବା ଖବର ପାଇବା ପରେ ପରିବାରରେ ଶୋକର ଛାୟା ଖେଳି ଯାଇଛି ।

# ଜିଲାପାଳଙ୍କୁ ଉଠାଦୋକାନୀଙ୍କ ଗୁହାରି

ନୂଆପଡା ଅଫିସ,୫।୫

**ଦୋକାନ ଖୋଲିବାକୁ ଅନୁମତି ମାଗିଲେ**

କରୋନା ମହାମାରୀକୁ ସାମ୍ନା କରିବାକୁ ହେଲେ ସମସ୍ତଙ୍କୁ ଘରେ ରହିବାକୁ ହେବ। ଏଥିପାଇଁ ସରକାର ଘୋଷଣା କରିଥିବା ଲକ୍‌ଡାଉନକୁ ସମସ୍ତେ ଅନୁପାଳନ କରୁଥିବାବେଳେ ଏଥିରେ ନିମ୍ନ ମଧ୍ୟବିତ୍ତ, କ୍ଷୁଦ୍ର ବ୍ୟବସାୟୀ, ଉଠା ଦୋକାନୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଲକ୍‌ଡାଉନକୁ ୬ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ନିୟମ ଅନୁସାରେ ଅର୍ଦ୍ଧାଧିକ ଦୋକାନ ବଜାର ଖୋଲିଛି। ହେଲେ ପ୍ରତିଦିନ ରାସ୍ତା ଉପରକୁ ଗଲେ ବୁଲି ଜଳୁଥିବା ଉଠାଦୋକାନୀଙ୍କ ଅବସ୍ଥା ସାଂଘାତିକ ହୋଇପଡିଛି। ଏଥିପାଇଁ ମଙ୍ଗଳବାର ଜିଲା ସଦର ମହକୁମାର ଉଠାଦୋକାନୀମାନେ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ଗୁହାରି କରିଛନ୍ତି। ଖୁସିରାମ ବେହେରା, ଜୟନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ଦୋକାନୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଭେଟି ସେମାନଙ୍କ ଅସୁବିଧା କହିଛନ୍ତି। ସେମାନେ ସରକାରଙ୍କ ସବୁ ଗାଇଡ ଲାଇନକୁ ପାଳନ କରି ଚଳିଆସୁଛନ୍ତି । ଅନ୍ୟପଟେ ପରିବାର ଲୋକ ଘୋର ଅସୁବିଧାରେ କାଳାତିପାତ କରୁଛନ୍ତି। ଦିନକୁ ଦିନ ସମସ୍ୟା ବଢି ଚାଲିଛି। ଦୋକାନ ଖୋଲିବାକୁ ଅନୁମତି ଦେଲେ ପ୍ରଶାସନର ନିର୍ଦ୍ଦିଷ୍ଟ ସମୟ ଅନୁସାରେ ସାମାଜିକ ଦୂରତ୍ୱ ପାଳନ କରି ବ୍ୟବସାୟ କରିବେ ବୋଲି ଉଠା ଦୋକାନୀମାନେ କହିଛନ୍ତି। ଜିଲାପାଳ ସାହୁ ଏହା ଉପରେ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ଉଠାଦୋକାନୀ ।

# ୨୭ରେ ଶିବ ପାର୍ବତୀ ବିବାହ

ସମ୍ବଲପୁର, ୫।୫ (ବ୍ୟୁରୋ)

**ସମ୍ବଲପୁର**
- ଶୀତଳଷଷ୍ଠୀ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ
- ୧୩ରେ ନିଷ୍ପତ୍ତି ହେବ ମୁଖ୍ୟ ଶୋଭାଯାତ୍ରା

କୋଭିଡ-୧୯ ଲକ୍ ଡାଉନ ଯୋଗୁ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ଚୂଡାନ୍ତ ହୋଇ ପାରୁନାହିଁ । ଜିଲା ପ୍ରଶାସନ ମଧ ଯାତ୍ରା କମିଟି ସହ କୌଣସି ପ୍ରସ୍ତୁତି ବୈଠକ କରିନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଶୀତଳଷଷ୍ଠୀ ମିଳିତ କ୍ରିୟାନୁଷ୍ଠାନ କମିଟି ଜରୁରୀ ବୈଠକ କମିଟିର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଝାଡୁଆପଡାଠାରେ ଅନୁଷ୍ଠିତ ହୋଇଛି। ଆସନ୍ତା ୨୩ ଓ ୨୪ ତାରିଖରେ ନନ୍ଦପଡା ପତରପେଡ଼ିଁ ଏବଂ ନୃସିଂହ ନିଉତା କରାଯିବାକୁ ସ୍ଥିର ହୋଇଛି। ସେହିପରି ୨୫ ଓ ୨୬ ତାରିଖରେ ଝାଡୁଆପଡା ଓ ମୁଦିପଡାର ପତରପେଡ଼ିଁ, ଗୁଆଗୁଣ୍ଡା ହେବ। ୨୭ତାରିଖରେ ନନ୍ଦପଡା, ଝାଡୁଆପଡା ଓ ମୁଦିପଡାରେ ଶିବ ବିବାହ ଉତ୍ସବ ହେବ । ସମସ୍ତ କାର୍ଯ୍ୟକ୍ରମ ସାମାଜିକ ଦୂରତ୍ୱକୁ ବଜାୟ ରଖି କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । କିନ୍ତୁ ମୁଖ୍ୟ ଶୋଭାଯାତ୍ରା ବିଷୟରେ କୌଣସି ପ୍ରକାର କାର୍ଯ୍ୟକ୍ରମ ସ୍ଥିର ହୋଇପାରିନାହିଁ। ତେଣୁ ଆସନ୍ତା ୧୩ ତାରିଖରେ କମିଟିର ପୁଣି ଏକ ବୈଠକ ହେବ। ସେଥିରେ ପରବର୍ତ୍ତୀ କାର୍ଯ୍ୟକ୍ରମ ବିଷୟରେ ସ୍ଥିର କରାଯିବ। ସେହିପରି ଚଳିତ ବର୍ଷ କୋଭିଡ-୧୯ ଯୋଗୁ ଦେଶରେ ଭୟଙ୍କର ପରିସ୍ଥିତି ଦେଖା ଦେଇଛି। ଏହାକୁ ଦୃଷ୍ଟିରେ ରଖି ଯାତ୍ରା କମିଟି କୌଣସି ବ୍ୟକ୍ତିଙ୍କଠାରୁ ଅନୁଦାନ ଗ୍ରହଣ କରିବେ ନାହିଁ ବୋଲି ସଭ୍ୟମାନେ ମତପ୍ରକାଶ କରିଛନ୍ତି । ସରୋଜ ଦଲପଦ, ସୁଶାନ୍ତ ପୁରୋହିତ, ପାର୍ଥସାରଥି ମିଶ୍ର, ସରୋଜ ସାହୁ, ଶୁଭେନ୍ଦୁ ମିଶ୍ର, ମିଲୁ ମିଶ୍ର, ଫଣୀ ଭୂଷଣ ମିଶ୍ର, ସମୀର ରଞ୍ଜନ ବାବୁ, ସୁନୀଲ ଦାଶ ଓ ହିମାଂଶୁ ପାଣିଗ୍ରାହୀ ଆଲୋଚନାରେ ଭାଗ ନେଇଥିଲେ ।

# ହାଇଦ୍ରାବାଦରୁ ମାଲଦା ଅଭିମୁଖେ ୪୭ ଶ୍ରମିକ

ସମ୍ବଲପୁର,୫।୫(ବ୍ୟୁରୋ)

**ସମ୍ବଲପୁର**
- ଖାଇବା, ଔଷଧ ଦେଲେ ସାମାଜିକ କର୍ମୀ
- ଗୋଶାଳାରେ ଗଛମୂଳେ ଆଶ୍ରୟ ନେଲେ

କରୋନା କଟକଣା ଯୋଗୁ ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଘୋଷଣା ହୋଇଛି। ଫଳରେ ସବୁ କାମ ବନ୍ଦ ରହିଥିବାରୁ ଘର ମୁହାଁ ହେଉଛନ୍ତି ରାଜ୍ୟ ବାହାରେ କାମ କରୁଥିବା ଶ୍ରମିକ। ହଜାର ହଜାର କିଲୋମିଟର ଚାଲି ଚାଲି ଯିବାକୁ ପଛାଉ ନାହାନ୍ତି । ଏହି କ୍ରମରେ ହାଇଦ୍ରାବାଦରୁ ପଶ୍ଚିମବଙ୍ଗ ମାଳଦା ଅଭିମୁଖେ ବାହାରିଛନ୍ତି ୪୭ ଜଣ ଶ୍ରମିକ। ସେମାନେ ସମ୍ବଲପୁର ଜିଲା ଧନକଉଡା ବ୍ଲକ ଛକ ନିକଟରେ ପହଞ୍ଚିବା ପରେ ସେଠାରେ ଆଶ୍ରୟ ନେଇଥିଲେ। ଏମାନଙ୍କ ମଧ୍ୟରେ ବୃଦ୍ଧ, ମହିଳା, ଯୁବତୀ ମଧ ରହିଛନ୍ତି। ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ କିଲୋମିଟର ଚାଲିଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଯୁବକ କହିଛନ୍ତି ଯେ, ହାଇଦ୍ରବାଦରେ ନିର୍ମାଣ କାମରେ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। ସେଠାରେ କାମ ବନ୍ଦ ହୋଇଯାଇଛି। ପାଖରେ ଖାଇବା ପାଇଁ କିଛି ନ ଥିଲା । ସରକାରୀ ସାହାଯ୍ୟ ମଧ ମିଳିଲା ନାହିଁ। ତେଣୁ ଘରକୁ ଚାଲିଯିବା ଠିକ୍ ଭାବି ଚାଲି ଚାଲି ଆସୁଛୁ। ରାସ୍ତାରେ ପୋଲିସ ଅଟକାଉଛନ୍ତି । ପଚରା ଉତ୍ତରା କରି ପୁଣି ଛାଡି ଦେଉଛନ୍ତି ବୋଲି ଯୁବକ ଜଣକ କହିଥିଲେ । ଖବର ପାଇ ସ୍ୱଇଚ୍ଛା ଅନୁଷ୍ଠାନ ସଦସ୍ୟ ଦିଲୀପ କୁମାର ପଣ୍ଡା ଓ କର୍ମକର୍ତ୍ତାମାନେ ସମସ୍ତଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ। ଜୟବ୍ରତ ଦେ ଗ୍ଲୁକୋଜ, ଜରୁରୀ ଔଷଧ, ମାସ୍କ, ସାନିଟାଇଜର ପ୍ରଦାନ କରିଥିଲେ । ସେହିପରି ସାକ୍ଷୀ ଗୋପୀନାଥ ମଣ୍ଡଳ ବିଜେପି କର୍ମୀମାନେ ସହଯୋଗ କରିଥିଲେ। ସରୋଜ କୁମାର ଘଡେଇ, ମାନସ ରଞ୍ଜନ ବକ୍ସି, ଆରତୀ ବରାଡ, ସାଇରାମ ଏସ୍‌ଏଚ୍‌ଜିର ଛବିଳ ବାବା ମଲ୍ଲିକ, ଅନିତା ଓରାମ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବୁର୍ଲା ଥାନା କିରବାରେ ୬୫ ଜଣ ଶ୍ରମିକ ଛତିଶଗଡରୁ ଆସିଛନ୍ତି । ଲକଡାଉନ ଯୋଗୁ କାମ ବନ୍ଦ ହୋଇଯାଇଛି । ଖାଇବା ପିଇବାରେ ସମସ୍ୟା ହେଉଛି । ଫଳରେ ସାମାଜିକ ଅନୁଷ୍ଠାନ ସଣ୍ଡେ ଗ୍ରୁପ୍‌ର ସଦସ୍ୟମାନେ ସେମାନଙ୍କୁ ସହାୟତାର ହାତ ବଢାଇଛନ୍ତି।

## ଧରିତ୍ରୀରେ ପ୍ରକାଶିତ ଖବର ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍

ବରଗଡ଼ ଅଫିସ୍,୫।୫

କରୋନା ପାଇଁ ଲକ୍‌ଡାଉନ ଯୋଗୁ ଉତ୍ତର ପ୍ରଦେଶର ନୋଏଡ଼ା ସ୍ଥିତ ଆର୍ଷ ଗୁରୁକୁଳରେ ବରଗଡ଼ ଜିଲାର ୪୨ଜଣ ଛାତ୍ରୀଛାତ୍ର ଅଟକି ରହିଛନ୍ତି। ସେମାନେ ଘରକୁ ଫେରି ପାରୁ ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ଚିନ୍ତା ବଢ଼ି ଯାଇଛି। ଏ ନେଇ ଅଭିଭାବକମାନେ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ସେମାନଙ୍କ ପିଲାଙ୍କୁ ଘରକୁ ପହଞ୍ଚାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି। ତେବେ ଧରିତ୍ରୀର ମଙ୍ଗଳବାର ସଂସ୍କରଣରେ ଏ ସମ୍ପର୍କୀତ ଏକ ଖବର ନୋଇଡ଼ାରେ ଫସିଛନ୍ତି ବରଗଡ଼ର ୪୨ ଛାତ୍ରୀଛାତ୍ରୀ ଶୀର୍ଷକରେ ପ୍ରକାଶ ପାଇଥିଲା। ବରଗଡ଼ ଜିଲାର ସାମାଜିକ କର୍ମୀ ଦିବସ କୁମାର ସାହୁ ଏହି ଖବରକୁ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିବା ସହିତ ସେଠାରେ ଫସି ରହିଥିବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଘରକୁ ପହଞ୍ଚାଇବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି ।

# ମଧ୍ୟପ୍ରଦେଶରେ ଅଟକିଛନ୍ତି ୧୪ ଶ୍ରମିକ


ମଧ୍ୟପ୍ରଦେଶରେ ଫସି ରହିଥିବା ଶ୍ରମିକମାନେ ।

ବରଗଡ଼ ଅଫିସ୍,୫।୫

**ଗାଡ଼ି ଭଡ଼ା ପାଇଁ ସମ୍ବଳ ନାହିଁ**

ଲକ୍ ଡାଉନ୍ ଯୋଗୁ ପ୍ରବାସୀ ଶ୍ରମିକଙ୍କ ଦୁଃଖ ବଢ଼ିଯାଇଛି। କାମଧନ୍ଦା ବନ୍ଦ ହୋଇପଡ଼ି ଥିବାବେଳେ ସେମାନେ ନିଜ ଘରକୁ ମଧ୍ୟ ଫେରି ପାରୁନାହାନ୍ତି। ବରଗଡ଼ ଏବଂ ସୁନ୍ଦରଗଡ଼ ଜିଲାର ୧୪ ଜଣ ଶ୍ରମିକ ଏଭଳି ଭାବେ ମଧ୍ୟପ୍ରଦେଶରେ ଅଟକି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ସହିତ ଘରକୁ ପହଞ୍ଚାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଶ୍ରମିକମାନେ ଉଭୟ ଓଡ଼ିଶା ଏବଂ ମଧ୍ୟପ୍ରଦେଶ ସରକାରଙ୍କୁ ନିବେଦନ କରିଛନ୍ତି ।

ସୂଚନା ଅନୁଯାୟୀ, ବରଗଡ଼ର ୫ ଜଣ ଏବଂ ସୁନ୍ଦରଗଡ଼ର ୯ ଜଣ ଶ୍ରମିକ ଦାଦନ ଖଟିବାକୁ ମଧ୍ୟପ୍ରଦେଶ ଯାଇଥିଲେ। ସେମାନେ ଧର ଜିଲା ମନୱାର ବ୍ଲକ ତୋନକି ନିକଟରେ ରହିଥିବା ଏକ ସିମେଣ୍ଟ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ମାତ୍ର ଲକ୍‌ଡାଉନ ଯୋଗୁ ସେଠାରେ କାମ ବନ୍ଦ ହୋଇଯାଇଛି । ଫଳରେ ରୋଜଗାର ମଧ୍ୟ ଠପ୍ ପଡ଼ି ଯାଇଛି। ଏଭଳି ସ୍ଥଳେ ଶ୍ରମିକମାନେ ଘରକୁ ଫେରିବାକୁ ଚାହୁଁଛନ୍ତି। ସେମାନେ ରହୁଥିବା ଅଞ୍ଚଳ ରେଡ୍‌ଜୋନ୍ ମଧ୍ୟରେ ରହିଥିବା ଶ୍ରମିକମାନେ କହିଛନ୍ତି। ଫଳରେ ସେମାନେ ସେଠାରୁ ବାହାରି ପାରୁନାହାନ୍ତି। ଅନ୍ୟପଟେ ସେଠାରୁ ବରଗଡ଼କୁ ପ୍ରାୟ ୧୧୦୦ କି.ମି ଦୂର ହୋଇଥିବା ବେଳେ ଗାଡ଼ିଭଡ଼ା ଦେବାରେ ସେମାନଙ୍କ ପାଖରେ ସମ୍ବଳ ନ ଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ଫଳରେ ସେମାନଙ୍କୁ ଘରକୁ ପହଞ୍ଚାଇବା ପାଇଁ ସେମାନେ ନିବେଦନ କରିଛନ୍ତି। ଏ ନେଇ ଜାଣିବା ପରେ ବରଗଡ଼ ଜିଲା ଯୋଖିପାଲି ଗ୍ରାମର ସାମାଜିକ କର୍ମୀ ଦିବସ କୁମାର ସାହୁ ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶା ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ସମ୍ପୃକ୍ତ ଶ୍ରମିକଙ୍କୁ ଘରକୁ ଫେରାଇ ଆଣିବା ଦିଗରେ ପଦକ୍ଷେପ ନେବା ପାଇଁ ଦିବସ ଅନୁରୋଧ କରିଛନ୍ତି ।

**ଫଟୋରେ ଖବର**


ହାଇଦ୍ରାବାଦରୁ ପଶ୍ଚିମବଙ୍ଗର ମାଲଦା ଅଭିମୁଖେ ଚାଲି ଚାଲି ଯାଉଥିବା ଶ୍ରମିକ ମଙ୍ଗଳବାର ସମ୍ବଲପୁର ଜିଲା ଧନକଉଡା ବ୍ଲକ ଛକରେ ପହଞ୍ଚିଛନ୍ତି ।

# ଘରୋଇ କଳିରୁ ସ୍ତ୍ରୀକୁ ପିଟି ହତ୍ୟା କଲେ ସ୍ୱାମୀ

ସୁନ୍ଦରଗଡ, ୫।୫ (ଡି.ଏନ୍.ଏ)

ସୁନ୍ଦରଗଡ ସଦର ଥାନା ବାଉରିମୁଣ୍ଡା ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀକୁ ପିଟି ହତ୍ୟା କରିଛନ୍ତି । ମୃତା ମହିଳା ହେଲେ ଖିମିଆ ଟପ୍ପୋ (୪୫) । ପରେ ଏହି ଘଟଣାକୁ ଲୁଚାଇ ଦେବା ପାଇଁ ମୃତଦେହକୁ ପୋଡି ଦିଆଯାଇଥିଲା । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୃତା ମହିଳାଙ୍କ ପୋଡା ଯାଇଥିବା ହାଡ ଓ ମୁଣ୍ଡ ଖପୁରୀ ଜବତ କରି ଫରେନସିକ୍ ଲାବରେଟୋରିକୁ ପଠାଇଛି । ଏହାସହିତ ଅଭିଯୁକ୍ତ ସ୍ୱାମୀ ଚନ୍ଦା ଟପ୍ପୋଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୧୦୧/୨୦) ରୁଜୁ ହୋଇଛି ।

ପୋଲିସ ସୂଚନା ମୁତାବକ, ଗତ ୨ତାରିଖ ରାତିରେ ଖିମିଆ ଓ ଚନ୍ଦାଙ୍କ ମଧ୍ୟରେ ଘରୋଇ କଳିକୁ ନେଇ ପାଟିତୁଣ୍ଡ ହୋଇଥିଲା । ପରେ ଖିମିଆ ପଡୋଶୀ ଜଣେ ମହିଳାଙ୍କ ଘରେ ରାତିରେ ଶୋଇଥିଲେ । ତହିଁ ପରଦିନ ଅର୍ଥାତ ୩ ତାରିଖ ମଧ୍ୟାହ୍ନ ୧୨ଟା ବେଳେ ଖିମିଆ ନିଜ ଘରକୁ ଫେରିବା ପରେ ଚନ୍ଦା ତାଙ୍କୁ କାଠଖଟ ପୁଆରେ ପିଟିଥିଲେ । ଫଳରେ ଖିମିଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଚନ୍ଦା ଏହି ଘଟଣା ପୋଲିସ କିମ୍ବା ମହିଳାଙ୍କ ବାପଘରକୁ ନ ଜଣାଇ ପରିବାର ଲୋକଙ୍କ ସହ ମିଶି ମୃତଦେହ ପୋଡି ଦେଇଥିଲେ । ଘଟଣା ସମ୍ପର୍କରେ ଖବର ପାଇ ମହିଳାଙ୍କ ବାପଘର ଲୋକେ ସଦର ଥାନାରେ ୪ ତାରିଖ ବିଳମ୍ବିତ ରାତିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରିଥିଲା ।

# ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ଓଲଟିଲା

ଅତାବିରା,୫।୫(ଡି.ଏନ.ଏ.)

ବରଗଡ଼ ଜିଲା ଭେଡେନ ଥାନା ରୁଗୁଡା ଫାଣ୍ଡି ଅଧୀନସ୍ଥ ୫୪ ନମ୍ବର ରାଜ୍ୟ ରାଜପଥ ଉପରେ ସୋମବାର ବିଳମ୍ବିତ ରାତିରେ ଏକ ରନ୍ଧନ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ଓଲଟି ପଡିଛି । ଗୋଡଭଗା-ସୋନପୁର ରାସ୍ତା ରୁଗୁଡା ମାର୍କେଟ ୟାର୍ଡ ନିକଟ ବ୍ରିଜ ଉପରେ ଏହି ଦୁର୍ଘଟଣା ଘଟିଛି । ଏଥିଯୋଗୁ ସେହି ରାସ୍ତାରେ ଯାତାୟାତ ବନ୍ଦ ରହିଛି। ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ରାସ୍ତାରୁ ହଟାଇବା ପାଇଁ ପ୍ରୟାସ ଆରମ୍ଭ କରିଛି ।


ରୁଗୁଡା ମାର୍କେଟ ୟାର୍ଡ ନିକଟରେ ଦୁର୍ଘଟଣାଗ୍ରସ୍ତ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ।

# କାୟାକଳ୍ପ ପୁରସ୍କାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଃଖ

ମନମୁଣ୍ଡା,୫।୫ (ଡି.ଏନ.ଏ.)

**ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ବାରଣ୍ଡାରେ ପ୍ରସୂତୀ, ନବଜାତକ
- ପଙ୍ଖା,କୁଲରର ବ୍ୟବସ୍ଥା ନାହିଁ
- ୧୬ ବେଡ୍‌କୁ ରୋଗୀ ସଂଖ୍ୟା ୩ ଗୁଣ

ସ୍ତ୍ରୀ ଓ ପ୍ରସୂତୀ ରୋଗ ସେବାକ୍ଷେତ୍ରରେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୌଦ୍ଧ ଜିଲାର ଜୀବନରେଖା ଭାବେ ପରିଚିତ । ରୋଗୀ ସେବା, ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ନେଇ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୌଦ୍ଧ ଜିଲାରେ ୧ ନମ୍ବର ଏବଂ ରାଜ୍ୟରେ ୩ନଂ.ଭାବେ ଚଳିତ ବର୍ଷ କାୟାକଳ୍ପ ପୁରସ୍କାର ହାସଲ କରିଛି । ମନମୁଣ୍ଡା ସିଏଚ୍‌ସି ଅନ୍ତର୍ଗତ ୨୪ ଗ୍ରାମ ପଞ୍ଚାୟତ ସହ ବାଉଁଶୁଣୀ ସିଏଚ୍‌ସି, ବୌଦ୍ଧ, ପୁରୁଣାକଟକ ଅଞ୍ଚଳ ସମେତ ପଡୋଶୀ ବୀରମହାରାଜପୁର, ଉଲୁଣ୍ଡା ଏପରିକି ସୋନପୁର ସଦର ମହକୁମାରୁ ବହୁ ସଂଖ୍ୟକ ଗର୍ଭବତୀ ଏଠାକୁ ଦୈନନ୍ଦିନ ଚିକିତ୍ସା ପାଇଁ ଆସିଥାନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷିତ ପ୍ରସବ ସହ ଆବଶ୍ୟକ ଅସ୍ତ୍ରୋପଚାର ମଧ କରାଯାଇଥାଏ। ଏଥିପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ଟି ବେଡ୍ ଥିଲେ ମଧ୍ୟ ରୋଗୀ ସଂଖ୍ୟା ୩ ଗୁଣ ଅଧିକ। ସ୍ଥାନାଭାବ ହେତୁ ଡାକ୍ତରଙ୍କ ବାରଣ ସତ୍ତ୍ୱେ ଗର୍ଭବତୀମାନେ ପ୍ରସବ ପାଇଁ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ମସିଣା ପକାଇ ଆସନ୍ନ ପ୍ରସବାମାନେ ରହିଥାନ୍ତି। ଏପରି କି ପ୍ରସବ ପରେ ମା' ଓ ତାଙ୍କ ନବଜାତକ ବାରଣ୍ଡାରେ ରହିବାକୁ ବାଧ ହୋଇଥାନ୍ତି। ହେଲେ ଏଥିପାଇଁ ସରକାରଙ୍କ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନାହିଁ । ବାରଣ୍ଡାରେ ରହୁଥିବା ପ୍ରସୂତୀ ଓ ନବଜାତକଙ୍କ ପାଇଁ ପଙ୍ଖା କିମ୍ବା କୁଲର ବ୍ୟବସ୍ଥା ନାହିଁ । ସେମାନେ ଗରମରେ ଆଉଟୁ ପାଉଟୁ ହୋଇ କିଛି ଦିନ ରହିବା ପରେ ଘରକୁ ଯାଇଥାନ୍ତି। ଏହି ଦୃଶ୍ୟ ଆଖିରେ ନ ଦେଖିଲେ ବିଶ୍ୱାସ କହିହେବ ନାହିଁ। ସଂପ୍ରତି କରୋନା ମୁକାବିଲା ପାଇଁ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାନବିକତା ଦୃଷ୍ଟିକୋଣରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହେଉଛି। ଅନ୍ୟପକ୍ଷେ ବାରମ୍ବାର ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି । ଆବଶ୍ୟକ ଭୋଲ୍ଟର ଇନ୍‌ଭେଟର ନ ଥିବାରୁ ତାହା ଅଚଳ ହୋଇପଡୁଛି। ସ୍ୱାସ୍ଥ୍ୟକେନ୍ଦ୍ରର ଜେନେରେଟର ମଧ୍ୟ ଦୀର୍ଘଦିନରୁ ଅକାମୀ ରହିଛି । ଏଥିଯୋଗୁ ପ୍ରସୂତୀ ଓ ନବଜାତକଙ୍କ ପାଇଁ ସମସ୍ୟା ବଢ଼ିଛି। ପ୍ରସୂତୀଙ୍କ ପାଇଁ ବେଡ୍ ସଂଖ୍ୟା ବଢ଼ାଇବା ସହ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଦାବି ଜୋରଦାର ହୋଇଛି। ଏ ନେଇ ସିଏଚସି ଅଧ୍ୟକ୍ଷ ଡା. ମହେନ୍ଦ୍ର କୁମାର ସଏ କହିଛନ୍ତି, ଉପରୋକ୍ତ ସମସ୍ୟା ସଂକ୍ରାନ୍ତରେ ଆମେ ଅବଗତ ଅଛୁ। ଏହି ସମସ୍ୟାର ସମାଧାନ ପାଇଁ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ।


ପ୍ରସୂତୀମାନେ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି ।

## ସଂକ୍ଷେପରେ

### ବାଲ୍ୟ ବିବାହ ରୋକିଲେ ଚାଇଲ୍ଡଲାଇନ କର୍ମକର୍ତ୍ତା

**ଦେବଗଡ,୫।୫(ଡି.ଏନ.ଏ):** ଦେବଗଡ ଜିଲା ବାରକୋଟ ବ୍ଲକ କାଉଁଶିବାହାଲ ପଞ୍ଚାୟତ ଅନ୍ତର୍ଗତ ଗୌଡସୁଗୁଡା ଗ୍ରାମରେ ବାଲ୍ୟ ବିବାହ ପାଇଁ ଯୋଜନା ଚାଲିଥିବା ବେଳେ ଏହାକୁ ରୋକିଛନ୍ତି ଚାଇଲ୍ଡଲାଇନର କର୍ମକର୍ତ୍ତା। ସୂଚନା ଅନୁଯାୟୀ ଗୌଡସୁଗୁଡା ଗ୍ରାମରେ ଏକ ବାଲ୍ୟ ବିବାହ ସ୍ଥିର ହୋଇଥିବା ଖବର ମିଳିବା ପରେ ମଙ୍ଗଳବାର ଚାଇଲ୍ଡଲାଇନର ସଂଯୋଜକ ରମାକାନ୍ତ ସାହୁ, ଆକ୍ସନ୍ ଏଡ୍‌ର ବାଲ୍ୟ ବିବାହ ନିରୋଧ ଜିଲା ପରାମର୍ଶଦାତା କୁମୁଦ ଚନ୍ଦ୍ର ଶତପଥୀ ଓ ଅଙ୍ଗନୱାଡି କର୍ମୀ ରୁକ୍ମିଣୀ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଉଭୟ ବର ଓ କନ୍ୟା ପକ୍ଷଙ୍କୁ ବାଲ୍ୟ ବିବାହ ଆଇନ ସମ୍ମତ ହୋଇ ନ ଥିବା ଦର୍ଶାଇ ବୁଝାଶୁଝା କରି ଏହି ବିବାହକୁ ସ୍ଥଗିତ ରଖିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ ବର ଓ କନ୍ୟା ପକ୍ଷ ରାଜି ହୋଇଥିଲେ। ବାଲ୍ୟ ବିବାହ ଆଇନକୁ ମାନିବେ ବୋଲି ସାକ୍ଷୀମାନଙ୍କ ଉପସ୍ଥିତିରେ ଉଭୟ ପକ୍ଷ ଏକ ଚୁକ୍ତିନାମା ସ୍ୱାକ୍ଷର କରି କହିଥିଲେ।

### ଶାଳଗଣ୍ଡି ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ୨ଗିରଫ

**ଦେବଗଡ, ୫।୫(ଡି.ଏନ.ଏ.):** ଦେବଗଡ ଜିଲା ରିଆମାଳ ଫରେଷ୍ଟ ରେଞ୍ଜ ଅଧିନ ଛଲକ ଗ୍ରାମ ନିକଟ ଲକ୍ଷ୍ମୀପୁର ଜଙ୍ଗଲରୁ ଶାଳଗଣ୍ଡି ଚାଲାଣ ବେଳେ ମଙ୍ଗଳବାର ବନ ବିଭାଗ ହାତରେ ଧରାପଡିଛି। ପିକଅପ ଭ୍ୟାନ (ନଂ.ଓଆର -୧୯-ସି- ୭୨୨୦)ରେ ୪ଟି ଶାଳ ଗଣ୍ଡି ଚୋରଚାଲାଣ ହେଉଥିଲା। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅନୁଗୋଳ ଜିଲା କଣିହାଁ ଥାନା ଅନ୍ତର୍ଗତ ଡେରେଙ୍ଗ ଗ୍ରାମର ବିଭୂତି ଭୂଷଣ ସାହୁ(୪୦) ଓ ଲୋଧାଝରି ଗ୍ରାମର ବସନ୍ତ ନାଏକ (୩୮)। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଇଲେକ୍ଟ୍ରିକ କଟର ମେଶିନ୍ ଓ ବାଇକ ଜବତ କରାଯାଇଛି। ଆଗାମୀ ଦିନରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇ କାଠଚୋରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ କହିଛନ୍ତି। ରିଆମାଳ ରେଞ୍ଜ ଅଫିସର ଭବାନୀ ଶଙ୍କର ଦାଶ, କୁଣ୍ଡେଇଗୋଳା ଫରେଷ୍ଟରର ପ୍ରୀତମ କୁମାର ସାହୁ, ପଳସମା ଫରେଷ୍ଟରର ପ୍ରଶାନ୍ତ କୁମାର ଶତପଥି,ନୂଆଁଡିହି ଫରେଷ୍ଟରର ଗିରିଧାରୀ ପ୍ରଧାନ ଓ ବୁଢାପାଳ ବନରକ୍ଷୀ ଗୋପାଳକୃଷ୍ଣ ମହାକୁଳଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

### ସ୍ୱାସ୍ଥ୍ୟକର୍ମୀଙ୍କୁ ଦୁର୍ବ୍ୟବହାର ନେଇ ଅସନ୍ତୋଷ

**ରାଉରକେଲା ଅଫିସ. ୫।୫:** କଣ୍ଟେନମେଣ୍ଟ ଜୋନ୍‌ରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ସେହି ଅଞ୍ଚଳକୁ ଯାଇ ଆଉ କାମ କରିବା ସମ୍ଭବ ନୁହେଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ମଙ୍ଗଳବାର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିବା ସ୍ୱାସ୍ଥ୍ୟକର୍ମୀ ସୁରକ୍ଷା ଦାବି କରିଥିଲେ। ଏହି ମର୍ମରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ସ୍ୱାସ୍ଥ୍ୟ କର୍ମୀଙ୍କୁ ଆଶ୍ୱାସନା ଦେଇଛନ୍ତି। କଣ୍ଟେନମେଣ୍ଟ କ୍ଷେତ୍ରରେ କାମ କରୁଥିବା ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ କେହି ଭୟଭୀତ ନ ହେବାକୁ ସେ କହିଛନ୍ତି।

### କିଶୋରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସମ୍ବଲପୁର,୫।୫(ବ୍ୟୁରୋ):** ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ଅଞ୍ଚଳର ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ବଡବଜାରର ସୁନୀଲ ସାହୁ (୧୪)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୋମବାର ରାତିରୁ ସୁନୀଲ ଘରୁ କୁଆଡ଼େ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଉ ଘରକୁ ଫେରି ନ ଥିଲେ। ସକାଳେ ଏକ ଗଛରୁ ସୁନୀଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା।

# କଣ୍ଟେନମେଣ୍ଟ ଜୋନ୍ ସ୍ଥିତି ପରଖିଲେ ଅଧିକାରୀ

**ବଲାଙ୍ଗୀର ଅଫିସ, ୫।୫**

■ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୧୪୯ ଜଣଙ୍କ ସ୍ୱାବ୍ ଟେଷ୍ଟ ଲାଗି ପଠାଯାଇଛି
■ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ
■ ଅରେଞ୍ଜ ଜୋନ୍ ମାର୍ଗଦର୍ଶିକା ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ବଲାଙ୍ଗୀର ଜିଲା ତୁଷୁରା ସହରାଞ୍ଚଳ, ଗୁଡଭେଲା ବ୍ଲକ ଓ ଦେଓଗାଁ ବ୍ଲକର ୨୨ଟି ଗାଁକୁ ନେଇ ଗଠିତ କଣ୍ଟେନମେଣ୍ଟ ଜୋନ୍‌କୁ ମଙ୍ଗଳବାର ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି ସନ୍ଦୀପ ମାଡକର ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। କଣ୍ଟେନମେଣ୍ଟ ଜୋନ୍‌ର ବିଭିନ୍ନ ଗାଁକୁ ଯାଇ ଅଧିକାରୀଦ୍ୱୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନା, ସାମାଜିକ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଦିଆଯାଇଥିବା ଅଗ୍ରିମ ୩ ମାସର ପିଡିଏସ୍ ଚାଉଳ, ଅଗ୍ରିମ ୪ମାସର ଭତ୍ତା ଟଙ୍କା ଓ ୧ ହଜାର ଟଙ୍କାର ସହାୟତା ରାଶି ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ। କଣ୍ଟେନମେଣ୍ଟ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଯେପରି ପରିଲକ୍ଷିତ ହେବନାହିଁ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେହି ଅଞ୍ଚଳର ବିଡିଓ ଓ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳ, ଏସ୍‌ପିଙ୍କ ସହ ସିଡିଏମ୍‌ଓ ଡା. ନାରାୟଣ ଥନାପତି, ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ ଓ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବଲାଙ୍ଗୀର ଜିଲା ବର୍ତ୍ତମାନ ଅରେଞ୍ଜ ଜୋନ୍‌ରେ ରହିଛି। ଅରେଞ୍ଜ ଜୋନ୍‌ରେ କ'ଣ ସବୁ କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଇଛି ଓ କ'ଣ ସବୁକୁ ବାରଣ କରାଯାଇଛି ସେନେଇ ଜିଲା ପ୍ରଶାସନ ତରଫରୁ ସୋମବାର ସନ୍ଧ୍ୟାରେ ଏକ ମାର୍ଗଦର୍ଶିକା ଜାରି କରାଯାଇଥିଲା। ଏହି ମାର୍ଗଦର୍ଶିକାକୁ ଉଲ୍ଲଂଘନ କଲେ ଉଲ୍ଲଂଘନକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଡାକୁଆ ତାଗିଦ୍ କରିଛନ୍ତି।



ଜିଲାପାଳ, ଏସ୍‌ପି କଣ୍ଟେନମେଣ୍ଟ ଜୋନରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ସୂଚନାଯୋଗ୍ୟ ଯେ, ତାମିଲନାଡୁରୁ ଫେରିଥିବା ଗୁଡଭେଲା ବ୍ଲକ ଲିଖିରିଆ ଗାଁର ଦୁଇ ଯୁବ ଶ୍ରମିକଙ୍କ ସ୍ୱାବ୍ ପରୀକ୍ଷା ପରେ ଉଭୟେ କରୋନା ସଂକ୍ରମିତ ବୋଲି ସ୍ପଷ୍ଟ ହୋଇଥିଲା। ଗତ ୧ତାରିଖରୁ କଣ୍ଟେନମେଣ୍ଟ ଜୋନ କରାଯାଇ ସ୍ଥିତି ଉପରେ କଡା ନଜର ରଖାଯାଇଛି। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂକ୍ରମିତ ଦୁଇ ଯୁବକଙ୍କ ସଂସ୍ପର୍ଶ ନିରୀକ୍ଷଣ (କଣ୍ଟାକ୍ଟ ଟ୍ରେସିଂ) ଓ ଭ୍ରମଣ ବୃତ୍ତାନ୍ତ (ଟ୍ରାଭେଲ ହିଷ୍ଟ୍ରି) ଅନୁସନ୍ଧାନ ଆରମ୍ଭ ହୋଇଥିଲା। ପ୍ରଥମ ଦୁଇଦିନର ସଂଗୃହୀତ ତଥ୍ୟରୁ ୫୩ଜଣଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ଏହି ୫୩ ଜଣଙ୍କ ସ୍ୱାବ୍ ଟେଷ୍ଟ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଛି। ଗତ ୩ ଓ ୪ ତାରିଖ ଦିନ ଉଭୟ ସଂକ୍ରମିତଙ୍କଠାରୁ ମିଳିଥିବା ତଥ୍ୟ ମୁତାବକ ଆହୁରି ୧୪୯ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଇତିମଧ୍ୟରେ ମେ ୬ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଅବଧିକୁ ବଢ଼ାଇ ଦିଆଯାଇଛି।

# ଲୋକଙ୍କୁ ମିଳୁନି ପାଇପ ପାଣି

**କୁନାଗଡ,୫।୫(ଡି.ଏନ୍.ଏ)**

■ ବିଦ୍ୟୁତ୍ ସମସ୍ୟା ଯୋଗୁ ଜଳଯୋଗାଣ ହୋଇପାରୁନି
■ ଜଳକଷ୍ଟରେ ହାବସପୁର ଗ୍ରାମବାସୀ

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ହାବସପୁର ଗ୍ରାମରେ ଜଳକଷ୍ଟ ଦେଖାଦେଇଛି। ଗାଁରେ ପ୍ରକଳ୍ପ ଥିଲେ ବି ଲୋକେ ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଓଭରହେଡ ଟ୍ୟାଙ୍କରେ ଲାଗିଥିବା ମୋଟର ବିଦ୍ୟୁତ୍ ସମସ୍ୟା ଯୋଗୁ ଚାଲି ନ ପାରିବାରୁ ଏହି ସମସ୍ୟା ଉପୁଜିଛି।

୫ ୱାର୍ଡ ବିଶିଷ୍ଟ ହାବସପୁର ଗ୍ରାମର ଜନସଂଖ୍ୟା ପାଖାପାଖି ୨୫ଶହ। ଗ୍ରାମରେ ଜଳ ସମସ୍ୟାକୁ ଆଖି ଆଗରେ ରଖି ୨୦୧୧ମସିହାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏକ ଓଭରହେଡ ଟାଙ୍କି ନିର୍ମାଣ କରାଯାଇଥିଲା। ନିକଟସ୍ଥ ହାତୀନଦୀରୁ ପାଣି ଆସି ଏହି ଟାଙ୍କିରେ ଜମା କରାଯାଇ ଗ୍ରାମରେ ଯୋଗାଣ ହେଉଥିଲା। ତେବେ ପ୍ରାୟ ସମୟରେ ବିଦ୍ୟୁତ୍ ସମସ୍ୟା ଯୋଗୁ ପାଣିଟାଙ୍କିରେ ଲାଗିଥିବା ମୋଟର ଚାଲୁ ନାହିଁ। ଏଥିଯୋଗୁ ଗ୍ରାମରେ ପ୍ରାୟ ସମୟରେ ଜଳ ଯୋଗାଣ ବନ୍ଦ ରହୁଛି। ବିଭାଗ ପକ୍ଷରୁ ଏଥିପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଉ ନ ଥିବାରୁ ଏବେ ପରିସ୍ଥିତି ସଙ୍ଗିନ ହୋଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ବିନୋଦ କୁମାର ସିଂଙ୍କୁ ପଚାରିବାରୁ ଦୁଇଦିନ ତଳେ ଜଳଯୋଗାଣ ହୋଇଥିଲା। ଏବେ ମହିଚଲା ଗ୍ରୀଡରୁ ଆସୁଥିବା ବିଦ୍ୟୁତ୍ ସମସ୍ୟା ରହିଥିବାରୁ ଜଳଯୋଗାଣ ବନ୍ଦ ରହିଛି। ବିଭାଗୀୟ ଯନ୍ତ୍ରୀଙ୍କ ସହ କଥାହୋଇ ଏହାର ସମାଧାନ କରାଯିବ ବୋଲି କହିଥିଲେ।



ହାବସପୁର ଗ୍ରାମରେ ଥିବା ଓଭରହେଡ ପାଣିଟାଙ୍କି।

# କଣ୍ଟେନମେଣ୍ଟ ଜୋନ୍ ନାମ ଉଲ୍ଲେଖ କଲେ କାର୍ଯ୍ୟାନୁଷ୍ଠାନ

## ଖବରଦାତାଙ୍କୁ ସତର୍କ କଲା ପୋଲିସ

**ରାଉରକେଲା ଅଫିସ,୫।୫:** କରୋନା ସମ୍ପର୍କିତ ଖବର ପ୍ରକାଶନ ବେଳେ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ସତର୍କ ରହିବେ। ଖବରଦାତାମାନେ ଆଗକୁ ଆଉ କଣ୍ଟେନମେଣ୍ଟ ଅଞ୍ଚଳର ନାମ ପ୍ରକାଶ କରିପାରିବେ ନାହିଁ। ଏହାକୁ ନେଇ ରାଉରକେଲା ପୋଲିସ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏହାକୁ ଯେଉଁମାନେ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଉରକେଲା କଣ୍ଟେନମେଣ୍ଟ ଜୋନରେ ବାସ କରୁଥିବା ବାସିନ୍ଦା ଏଭଳି ଖବର ଉପରେ ଆପତ୍ତି ଉଠାଉଛନ୍ତି ବୋଲି ନୋଟିସ୍‌ରେ ସ୍ପଷ୍ଟ କରାଯାଇଛି। କେବଳ ଏତିକି ନୁହେଁ, ଏଭଳି ଖବର ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ମନରେ ଆଘାତ ଦେଉଛି। ଏଣୁ ଯେଉଁ କଣ୍ଟେନମେଣ୍ଟ ଅଞ୍ଚଳର ନାମ ଖବରଦାତାମାନେ ଲେଖୁଛନ୍ତି କିମ୍ବା ଉଚ୍ଚାରଣ କରୁଛନ୍ତି ତା ବଦଳରେ କେଉଁ ନାମ କହିବେ ସେକଥା ମଧ୍ୟ ପୋଲିସ ପକ୍ଷରୁ ଜାରି ନୋଟିସରେ ଉଲ୍ଲେଖ କରାଯାଇଛି।

ପ୍ରତିଦିନ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କରୋନା ପୀଡିତ ରହୁଥିବା ଅଞ୍ଚଳର ନାମ ଉଲ୍ଲେଖ କରାଯାଉଛି, ଯାହାକୁ ସମଗ୍ର ରାଜ୍ୟବାସୀ ଜାଣୁଛନ୍ତି। ଏମିତି ଅବସ୍ଥାରେ ଖବରଦାତା ରାଜ୍ୟ ଅଧିକାରୀଙ୍କୁ ଅନୁକରଣ କରିବେ ନା ପୋଲିସ ବାରଣକୁ ମାନିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏମିତି ନୋଟିସ ରାଉରକେଲା ଏଡିଏମ୍ କିମ୍ବା ଏସ୍‌ପିଙ୍କ ପକ୍ଷରୁ ଜାରି ହେବା ପରିବର୍ତ୍ତେ ଜଣେ ଜୋନାଲ ଡିଏସ୍‌ପିଙ୍କ ଦ୍ୱାରା ଜାରି କରାଯାଇଛି।

### ସଙ୍ଗରୋଧ କେନ୍ଦ୍ରରୁ ଚୋରି, ପୋଲିସର ତନାଘନା

**କୋକସରା, ୫।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତରେ କରାଯାଇଥିବା ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରୁ ବିଦ୍ୟୁତ୍ ସାମଗ୍ରୀ ଚୋରି ହୋଇଥିବା ନେଇ ଆମପାଣି ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ଆମପାଣି ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି। ଉକ୍ତ ସଙ୍ଗରୋଧ କେନ୍ଦ୍ରରୁ ବିଦ୍ୟୁତ୍ ତାର ଓ ଅନ୍ୟ କେତେକ ସାମଗ୍ରୀ ଗତ ୩ ତାରିଖ ରାତିରେ ଚୋରି ହୋଇଥିବା ସ୍ଥାନୀୟ ସରପଞ୍ଚ ଓ ପିଇଓ ଆମପାଣି ଥାନାରେ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ଉକ୍ତ ଚୋରି ସାମଗ୍ରୀ ପଞ୍ଚାୟତ ଗୋଦାମ ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ଏ ନେଇ ଥାନା ଅଧିକାରୀ ପୁଷ୍ପାଞ୍ଜଳି ନିଙ୍ଗଙ୍କୁ ପଚାରିବାରୁ ଚୋରି ସାମଗ୍ରୀରୁ ସାଇଣ୍ଟିଫକ ଟିମ୍ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରାଯାଇଛି। ଏଥିରୁ ଚୋରିର ସୁରାକ ମିଳିବ ବୋଲି ସେ କହିଛନ୍ତି।

# ରାଜକୁମରଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ

**ଭବାନୀପାଟଣା/କୋକସରା, ୫।୫(ସ୍ୱ.ପ୍ର/ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗଡ଼ା ପଞ୍ଚାୟତ ଡୋଙ୍ଗରିପଡ଼ାର ରାଜକୁମର ବାଗ (୫୭)। ଗୋଡ଼ ଭାଙ୍ଗିଯିବା ପରେ ବିଛଣାରେ ପଡ଼ି ରହିଛନ୍ତି। ଅର୍ଥାଭାବରୁ ଉନ୍ନତ ଡାକ୍ତରୀ ଚିକିତ୍ସା କରାଇବା ତାଙ୍କ ପକ୍ଷେ ସମ୍ଭବ ନ ହେବାରୁ ସେ ଚେରମୂଳି ଔଷଧ ଖାଉଛନ୍ତି। ତଥାପି ଯନ୍ତ୍ରଣା କମୁନି। ଭାଗ୍ୟକୁ ଆଦରି ସେହି ଯନ୍ତ୍ରଣାକୁ ସେ ସହି ଚାଲିଛନ୍ତି। ଏପରି ପରିସ୍ଥିତିରେ ପରିବାର କିପରି ଚଳିବ ସେହି ଚିନ୍ତା ତାଙ୍କୁ ଘାରିଛି।

ରାଜକୁମର ଜଣେ ଭିନ୍ନକ୍ଷମ। ତଥାପି ପ୍ରତିଦିନ ଆଖପାଖ ଗାଁରେ ଚଣା, ବାଦାମ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ୧୫ଦିନ ତଳେ ସେ କୌଣସି କାମରେ ପାଖ ଗାଁକୁ ଯାଇ ଫେରୁଥିବାବେଳେ ରାସ୍ତାରେ ପଡ଼ିଯାଇ ତାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଉନ୍ନତ ଚିକିତ୍ସା ନିମନ୍ତେ ବୁର୍ଲା ନେବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ଅର୍ଥାଭାବରୁ ରାଜକୁମରଙ୍କୁ ତାଙ୍କ ପରିବାର ଲୋକେ ବୁର୍ଲା ନେଇ ନ ପାରି ଘରକୁ ଫେରାଇ ଆଣିଥିଲେ। ପୁଅ ନିରନ (୧୧), ଝିଅ ଦୂର (୬)ଙ୍କ ସହ ଅସୁସ୍ଥ ସ୍ୱାମୀଙ୍କୁ ନେଇ କିପରି ଘର ଚଳାଇବେ ସେହି ଚିନ୍ତାରେ ଏବେ ଘାରି ହେଉଛନ୍ତି ସ୍ତ୍ରୀ ଆଶମତୀ। କୁଲିମଜୁରି କରି ବଡ଼କଷ୍ଟରେ ଏବେ ସେ ଘର ଚଳାଉଛନ୍ତି। ଆଶମତୀ କିପରି ରାଜକୁମରଙ୍କ ଚିକିତ୍ସା କରାଇବେ କୂଳକିନାରା ପାଉନାହାନ୍ତି। ପରିବାର ଲୋକ ସରକାରୀ ଓ ବେସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ଏ ନେଇ ବିଡିଓ ମନୀଷା ଦାସଙ୍କୁ ପଚାରିବାରୁ ତଦନ୍ତ ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ବିଛଣାରେ ପଡିରହିଥିବା ରାଜକୁମର ବାଗ।

## ଫଟୋରେ ଖବର



ସମ୍ବଲପୁର ଜିଲାରେ ଲକ୍‌ଡାଉନ କୋହଳ ପରେ ମଙ୍ଗଳବାର ଲକ୍ଷ୍ମୀଟକିଜ ଛକଠାରେ ପୋଲିସ ପକ୍ଷରୁ ହେଲ୍‌ମେଟ ଯାଞ୍ଚ କରାଯାଉଛି।

# ସରକାରୀ ମାର୍ଗଦର୍ଶିକାର ଖୋଲା ଉଲ୍ଲଂଘନ

**ବଲାଙ୍ଗୀର ଅଫିସ, ୫।୫**

## ଭୁଲିଗଲେ ସାମାଜିକ ଦୂରତ୍ୱ

ବଲାଙ୍ଗୀର ଜିଲାର ଦୁଇଜଣ ଯୁବକ କରୋନା ସଂକ୍ରମିତ ଜଣାପଡିବା ପରେ ଜିଲା ଗ୍ରୀନ୍ ଜୋନ୍‌ରୁ ଖସି ଅରେଞ୍ଜ ଜୋନ୍‌କୁ ଯାଇଛି। ଏହି ପରିସ୍ଥିତିରେ ଜିଲାର ଲୋକେ କୋଭିଡ୍-୧୯ ରେଗୁଲେସନ୍‌କୁ କଡାକଡି ପାଳନ କରିବା ଛାଡି ଉଲ୍ଲଂଘନ କରୁଥିବା ଦେଖାଯାଉଛି। ମଙ୍ଗଳବାର ବଲାଙ୍ଗୀର ସହରରେ ଦୋକାନ ବଜାର ଖୋଲିବା ପରେ ଅସମ୍ଭାଳ ଭିଡ ପରିଲକ୍ଷିତ ହୋଇଥିଲା। କୌଣସି ସ୍ଥାନରେ ସାମାଜିକ ଦୂରତ୍ୱ ପାଳନ କରାଯାଉଥିବା ଦେଖିବାକୁ ମିଳି ନ ଥିଲା। କାରୋନା ସଂକ୍ରମଣ ଭୟ କମାଇବା ପାଇଁ ଡେଲିମାର୍କେଟ ସମ୍ମୁଖରେ ବସୁଥିବା ପରିବା ଦୋକାନୀଙ୍କୁ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ବସିବାକୁ କୁହାଯାଇଥିଲା। ଏଠାରେ ଅଳ୍ପ କେତେକଙ୍କୁ ଛାଡିଦେଲେ ଅନ୍ୟ ଦୋକାନୀମାନେ ପୁଣି ଡେଲିମାର୍କେଟ ରାସ୍ତା ଉପରେ ବିକ୍ରି କରୁଥିବା ଦେଖାଯାଇଥିଲା। ଖାଲି ସେତିକି ନୁହେଁ ଏଠାରେ ସାମାଜିକ ଦୂରତ୍ୱ ପାଳନ ହେଉନାହିଁ। ଏଥିସହିତ ଡେଲିମାର୍କେଟଠାରେ ରହିଥିବା ସମବାୟ ଖାଉଟୀ କେନ୍ଦ୍ରରେ ସାମାଜିକ ଦୂରତ୍ୱ ପାଳନ କରାଯାଉନାହିଁ। ସେଠାରେ ଦୋକାନୀ ଓ ଖାଉଟୀ ମନ ଇଚ୍ଛା ଭିଡ କରି ନିୟମ ଉଲ୍ଲଂଘନ କରୁଛନ୍ତି। ବିଭିନ୍ନ କପଡା ଦୋକାନ ମଙ୍ଗଳବାର ଖୋଲିବା ପରେ ସେଠାରେ ମଧ୍ୟ ସମାନ ସ୍ଥିତି ଦେଖାଯାଇଥିଲା। ପୋଲିସ କିମ୍ବା ଜିଲା ପ୍ରଶାସନିକ ଅଧିକାରୀ କେହି ଏଥିପ୍ରତି ଦୃଷ୍ଟି ଦେଇ ନ ଥିବା ଅନୁଭୂତ ହୋଇଥିଲା।



ବଲାଙ୍ଗୀର ଡେଲିମାର୍କେଟଠାରେ ଲୋକଙ୍କ ଗହଳି।

# ଅଙ୍ଗନୱାଡି ଜିଲା ସଂଘ କର୍ମକର୍ତ୍ତାଙ୍କୁ ଦୁର୍ବ୍ୟବହାର: ଉପଜିଲାପାଳଙ୍କୁ ଫେରାଦ

**କୁନାଗଡ, ୫।୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୁନାଗଡ ବ୍ଲକ କାଲୋପଲା ଗ୍ରାମର କେନ୍ଦ୍ର-୧କୁ ଯାଇଥିବା ଅଙ୍ଗନୱାଡି ସଂଘର ଜିଲା କର୍ମକର୍ତ୍ତା ସୋମବାର ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଲ୍‌ଓଡ଼ିଶା ଲେଡିଜ ୱାର୍କର ଆସୋସିଏଶନର ଜିଲା ସଭାନେତ୍ରୀ ଝୁନୁପମା ଶତପଥୀ ଧର୍ମଗଡ଼ ଥାନାଧିକାରୀ ଓ ଉପଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କୁନାଗଡ଼ ବ୍ଲକ କାଲୋପଲା କେନ୍ଦ୍ର-୧ରେ ଗତ କିଛିଦିନ ତଳେ ଗର୍ଭବତୀ, ପ୍ରସୂତୀ, ୭ ମାସରୁ ୩ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଅଣ୍ଡା, ଛତୁଆ ବଣ୍ଟନ ଓ ପ୍ରି-ସ୍କୁଲ ପିଲାଙ୍କୁ ୨୫ଦିନର ଶୁଖିଲା ଖାଦ୍ୟ ବଣ୍ଟନକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହାପରେ ସେଠାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କ ନାମରେ ଗ୍ରାମବାସୀ କୁନାଗଡ ସିଡିପିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ କୁନାଗଡ ସିଡିପିଓ ସଂଯୁକ୍ତା ବେହେରା ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ସିଡିପିଓ କେନ୍ଦ୍ର-୨ର ଅଙ୍ଗନୱାଡି କର୍ମୀଙ୍କୁ କେନ୍ଦ୍ର-୧ର ଉପରୋକ୍ତ ସାମଗ୍ରୀ ବଣ୍ଟନର ପରିଚାଳନା ଦାୟିତ୍ୱ ଦେଇଥିଲେ। ତେବେ କେନ୍ଦ୍ର-୧ ଅଧୀନରେ ଥିବା ଗ୍ରାମର ୩ ଜଣ ବ୍ୟକ୍ତି ଘରକୁ ଘର ବୁଲି ହିତାଧିକାରୀଙ୍କୁ ଛତୁଆ, ଅଣ୍ଡା ସାମଗ୍ରୀକୁ ନେବା ପାଇଁ ମନାକରିବା ସହ ଉପସ୍ଥିତ କର୍ମୀ ଓ ସିଡିପିଓଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉପସ୍ଥିତ କର୍ମୀ ଜିଲା ସଂଘକୁ ଜଣାଇଥିଲେ। ସୋମବାର ଜିଲା ସଂଘ ସଭାନେତ୍ରୀ ଝୁନୁପମା ଶତପଥୀଙ୍କ ନେତୃତ୍ୱରେ ଏକ ଦଳ କାଲୋପଲା ଆସି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏହି ସମୟରେ ଗ୍ରାମର କେତେଜଣ ବ୍ୟକ୍ତି ସଂଘ କର୍ମକର୍ତ୍ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଭିଡିଓ ଶୁଟିଂ କରି ଏଠାରୁ ପଳାଇବାକୁ କହିଥିଲେ।

## ରାଜ୍ୟ ଖବର

# ଫେରନ୍ତାଙ୍କ ପାଇଁ ହୋମ୍ କ୍ୱାରାଣ୍ଟାଇନ୍: ବିଏମ୍‌ସି

### ସମସ୍ୟା ଥିଲେ ସରକାରୀ କ୍ୱାରାଣ୍ଟାଇନ୍‌ରେ ରହିବେ

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

ରାଜଧାନୀରେ ସଂକ୍ରମଣ ରୋକିବାକୁ ଭୁବନେଶ୍ୱର ମହାନଗର ନିଗମ ବ୍ୟାପକ ପଦକ୍ଷେପ ନେଉଛି। ବର୍ତ୍ତମାନ ସୁଦ୍ଧା ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯିବା ସହ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଉଛି। ଏବେ ବାହାର ରାଜ୍ୟରୁ ଭୁବନେଶ୍ୱରକୁ ଫେରିବାକୁ ଥିବା ନାଗରିକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ମଙ୍ଗଳବାର ବିଏମ୍‌ସିର ଏକ ଆଭ୍ୟନ୍ତରୀଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କ୍ୱାରାଣ୍ଟାଇନ୍ ସେଣ୍ଟରପରିଚାଳନା ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ଭୁବନେଶ୍ୱର ଆସିବାକୁ ବହୁତ୍ କମ୍ ଲୋକ ଆବେଦନ କରିଛନ୍ତି। ୩ଦିନରେ ୮୨ଜଣ ଫେରିଛନ୍ତି। ବିଏମ୍‌ସି ସେମାନଙ୍କୁ ନିୟମ ମାନି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦେଇଛନ୍ତି।

# ଲକ୍‌ଡାଉନ୍‌ରେ ଜୀବନ-ଜୀବିକା ଗୁରୁତ୍ୱପୂର୍ଣ୍ଣ: ଏସ୍‌ଆର୍‌ସି

**ଭୁବନେଶ୍ୱର,୫।୫(ବ୍ୟୁରୋ):** ଜୀବନ, ଜୀବିକା ହେଉଛି ଦୁଇଟି ଗୁରତ୍ୱପୂର୍ଣ୍ଣ ବିଷୟ। ଲକ୍‌ଡାଉନ୍ ସମୟରେ ଏବଂ କୋଭିଡ୍-୧୯ ଗାଇଡ୍‌ଲାଇନ୍‌ରେ ଏହି ଦୁଇଟି କଥାକୁ ଗରୁତ୍ୱ ଦେବାର ଆବଶ୍ୟକତା ରହିଛି। ସରକାର ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ବେଳେ ଅର୍ଥନୈତିକ କାର୍ଯ୍ୟକଳାପକୁ ବିଶେଷ ଦୃଷ୍ଟି ଦେଇଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଏହା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ସଂକ୍ରମଣ ଜୋନ୍‌କୁ ବାଦଦେଇ ରେଡ୍, ଗ୍ରୀନ୍, ଏବଂ ଅରେଞ୍ଜ ଜୋନ୍‌ରେ ସମସ୍ତ ପ୍ରକାର ଅର୍ଥନୈତିକ କାର୍ଯ୍ୟକଳାପକୁ ଅନୁମତି ଦିଆଯାଇଛି। ସହରାଞ୍ଚଳର ରେଡ୍ ଜୋନରେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରରେ ଆଂଶିକ କଟକଣା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟକୁ ଅନୁମତି ପ୍ରଦାନ କରାଯାଇଛି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କୃଷି କାର୍ଯ୍ୟ କରିବାକୁ କୁହାଯାଇଛି ବୋଲି ଏସ୍‌ଆରସି କହିଛନ୍ତି। ସୋମବାର ଗ୍ରୀନ୍ ଜୋନ୍‌ରେ ବସ୍ ଚଳାଚଳ କରିବାକୁ ସରକାର ଅନୁମତି ଦେଇଛନ୍ତି।

# ଗର୍ଭବତୀଙ୍କ ମୃତ୍ୟୁ

## ଚିକିତ୍ସାରେ ଅବହେଳା ଅଭିଯୋଗ

**ଆଠଗଡ଼,୫।୫(ଡି.ଏନ୍.ଏ.)**

ଚିକିତ୍ସା ଅବହେଳା ଯୋଗୁ ଆଠଗଡ଼ ଥାନା ସମସରପୁର ଅଧୀନ ନଡୁଆପଡା ଗ୍ରାମର ଜଣେ ଗର୍ଭବତୀ ଓ ଗର୍ଭସ୍ଥ ଶିଶୁଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଏହି ଗ୍ରାମର ରାଜକିଶୋର ରଣାଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ। ଏନେଇ ମୃତକଙ୍କ ପରିବାର ପକ୍ଷରୁ ଆଠଗଡ଼ ଥାନାରେ ମାମଲା (ନଂ-୧୨୨/୨୦) ରୁଜୁ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରିୟଦର୍ଶିନୀ ଗର୍ଭବତୀ ଥିବାରୁ ତିଗିରିଆସ୍ଥିତ ବାପ ଘରେ ରହୁଥିଲେ। ଏହି ସମୟରେ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କୁ ସେଠାକାର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଆବଶ୍ୟକ ସୁବିଧା ନ ଥିବାରୁ ଡାକ୍ତର ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ପରିବାର ଲୋକେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ନେବା ପରିବର୍ତ୍ତେ ହରିଶଙ୍କରପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ପ୍ରିୟଦର୍ଶିନୀ ଓ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ଘଟିଛି। ଏନେଇ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ବ୍ୟାଙ୍କମିତ୍ରଙ୍କଠାରୁ ଟଙ୍କା ବ୍ୟାଗ୍ ଝାମ୍ପିନେଲେ

**ଭାପୁର, ୫ା୫(ଡି.ଏନ.ଏ.):** ଢେଙ୍କାନାଳ-ଭାପୁର ରାସ୍ତାର ବଡ଼ଧୋଡ଼ା ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ବାଲିଆମ୍ବାସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖାର ବ୍ୟାଙ୍କମିତ୍ର ବିକାଶ କୁମାର ସ୍ୱାଇଁଙ୍କଠାରୁ ଲୁଟ୍ ହୋଇଛି। ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇଥିବା ସେ ଭାପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ବ୍ୟାଗ୍‌ରେ ନଗଦ ୭୦ ହଜାର ଟଙ୍କା, ମୋବାଇଲ, ଆଧାର ଏଟିଏମ୍ ମେଶିନ, ପାସବୁକ୍ ସମେତ ଅନ୍ୟ ଜରୁରୀ କାଗଜପତ୍ର ଥିଲା। ଫାଣ୍ଡି ଅଧିକାରୀ ପ୍ରଶାନ୍ତ ପଢ଼ିଆରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାର ତଦନ୍ତ ଚଳାଇଛି। ବିକାଶଙ୍କ ଘର ତରଭା ପଞ୍ଚାୟତର ନୂଆଗାଁରେ। ସେ ବ୍ୟାଙ୍କରୁ ଟଙ୍କା ଉଠାଇ ଗ୍ରାମକୁ ଫେରୁଥିବାବେଳେ ଲୁଟ୍‌ର ଶିକାର ହୋଇଥିଲେ।

### ୨୭ ଶ୍ରମିକ ଉଦ୍ଧାର

**ଢେଙ୍କାନାଳ ଅଫିସ, ୫ା୫:** ଢେଙ୍କାନାଳ ସହର ଉପକଣ୍ଠ ଗୁଡ଼ିଆନାଳୀ ଛକରୁ ମଙ୍ଗଳବାର ରାତିରେ ୨୭ଜଣ ଝାଡ଼ଖଣ୍ଡ ଶ୍ରମିକଙ୍କୁ ପୌରସଂସ୍ଥା ପକ୍ଷରୁ ଉଦ୍ଧାର କରାଯାଇଛି। ସେମାନେ ଆସବାବପତ୍ର ସହ କଟକରୁ ଚାଲିଚାଲି ଘରକୁ ଯାଉଥିଲେ। ସମସ୍ତଙ୍କୁ ପୌରସଂସ୍ଥା କଲ୍ୟାଣମଣ୍ଡପସ୍ଥିତ ଟେମ୍ପରାରି ମେଡିକାଲ ସେଣ୍ଟର (ଟିଏମ୍‌ସି)ରେ ରଖାଯାଇଛି। ଶ୍ରମିକମାନେ କଟକରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ଶ୍ରମିକଙ୍କ ରହିବା ଖାଇବା ବ୍ୟବସ୍ଥା କରାଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ କିଟ୍ ପ୍ରଦାନ କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ଘରେ ପହଞ୍ଚାଇବା ବ୍ୟବସ୍ଥା କରାଯିବ।

### ବଜାର ବନ୍ଦ କଲା ପୋଲିସ

**ଭାପୁର, ୫ା୫(ଡି.ଏନ.ଏ.):** ଢେଙ୍କାନାଳ ସୀମାନ୍ତ କଟକ ଜିଲା ଟିଗିରିଆରୁ ମଙ୍ଗଳବାର ଜଣେ ସୁରଟ ଫେରନ୍ତାଙ୍କ ସ୍ୱାବ୍‌ରୁ କରୋନା ଭୂତାଣୁ ଚିହ୍ନଟ ହେବା ପରେ ସଦର ବ୍ଲକ ଛଦେଶ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହାକୁ ନେଇ ପୋଲିସ ପ୍ରଶାସନ ମଧ ସତର୍କ ହୋଇଉଠିଛି। ସଂକ୍ରମଣ ଆଶଙ୍କା ଏଡ଼ାଇବାକୁ ପୋଲିସ ପକ୍ଷରୁ ଭାପୁର, ଘଟିପିରି, ଓଉଖମା, ସରକପଟଣା ବଜାରକୁ ବନ୍ଦ କରାଯାଇଛି। ଅଞ୍ଚଳରେ ଗାଡ଼ି ଚଳାଚଳ ଉପରେ କଡ଼ା ନଜର ରଖାଯାଇଛି।

### କରୋନା ସଚେତନତା

**ଢେଙ୍କାନାଳ ଅଫିସ, ୫ା୫:** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ରେଙ୍ଗାଳି କଲୋନୀରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ସଚିବ ସୁକାନ୍ତ କିଶୋର ଜେନା ପରିଚ୍ଛନ୍ନ ରହିବା, ସାବୁନରେ ହାତ ଧୋଇବା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ହିତାଧିକାରୀଙ୍କୁ ପ୍ରାଧିକରଣ ସହ ଯୋଗାଯୋଗ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ସମସ୍ତଙ୍କୁ ସାନିଟାଇଜର, ମୁଖା, ସାବୁନ, ବିସ୍କୁଟ ବଣ୍ଟନ କରାଯାଇଛି। ପ୍ରାଧିକରଣ ପାରାଲିଗାଲ ଭଲ୍ୟୁଣ୍ଟିୟର ରାମେଶ୍ୱର ମାଇତି, ଅଶୋକ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

### କେନ୍ଦୁପତ୍ର ତୋଳାଳିଙ୍କ ମଧ୍ୟରେ ଅସନ୍ତୋଷ

**ଆଠମଲ୍ଲିକ,୫ା୫(ଡି.ଏନ.ଏ.)** ଆଠମଲ୍ଲିକ କେନ୍ଦୁପତ୍ର ଡିଭିଜନର ଆନନ୍ଦପୁର ଫଡିରେ ବିକ୍ରିମୂଲ୍ୟକୁ ନେଇ ମଙ୍ଗଳବାର ତୋଳାଳିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଶତାଧିକ ତୋଳାଳି ଫଡ଼ିରେ କେନ୍ଦୁପତ୍ର ଛାଡି ପଳାଇଥିବା ଜଣାପଡିଛି। ତୋଳାଯାଇଥିବା ପତ୍ରକୁ ଖରାପ ଦର୍ଶାଇ ବିଭାଗ ଅଧା ଟଙ୍କା କାଟିବାକୁ ସ୍ଥିର କରିଥିବା ତୋଳାଳିମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ତୋଳାଳି ଓ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଠାକୁରଗଡ ପୋଲିସ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବୁଧବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ତୋଳାଳିଙ୍କ ମଧ୍ୟରେ ଆଲୋଚନା ହେବାକୁ ସ୍ଥିର ହୋଇଛି। ଏ ନେଇ ଡିଏଫଓ ଶରତ ଚନ୍ଦ୍ର ମହାରଣା କହିଛନ୍ତି, ଚଳିତବର୍ଷ ବର୍ଷା ଓ ଲକ୍‌ଡାଉନ ଯୋଗୁ ଗୋଛା କଟା ହୋଇପାରିନାହିଁ ଫଳରେ ତୋଳାଳିମାନେ ବିଡି ଉପଯୋଗୀ ପତ୍ର ସଂଗ୍ରହ କରିପାରିନାହାନ୍ତି। ଶତକଡା ପଚିଶରୁ ଷାଠିଏ ଭାଗ ପତ୍ର ଖରାପ ଥିବାରୁ ବିଭାଗ ଖରାପ ପତ୍ର କିଣି ପାରିବ ନାହିଁ ବୋଲି ସେ କହିଛନ୍ତି।

# ଆଇସିୟୁରେ ବଦଳିବ ଏଚ୍‌ଡିୟୁ

**ଢେଙ୍କାନାଳ ଅଫିସ, ୫ା୫**



ଜିଲା କୋଭିଡ୍ ହସ୍ପିଟାଲ ପରିଦର୍ଶନ ଅବସରରେ ସଚିବ ବିଷ୍ଣୁପଦ ସେଠୀ, ଗୋପବନ୍ଧୁ ଶତପଥୀଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀ।

## କରୋନା ସ୍ଥିତି ସମୀକ୍ଷା କଲେ ପର୍ଯ୍ୟବେକ୍ଷକ

- କୋଭିଡ୍ ହସ୍ପିଟାଲରେ ବଢ଼ିବ ୫୦ ଶଯ୍ୟା
- ଟିଏମ୍‌ସିରେ ପ୍ରବାସୀଙ୍କ ସହ ଆଲୋଚନା

ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ଶକ୍ତି ସଚିବ ବିଷ୍ଣୁପଦ ସେଠୀ ଏବଂ ଯୋଜନା ଓ ସମନ୍ୱୟ ବିଭାଗ ସ୍ୱତନ୍ତ୍ର ସଚିବ ଗୋପବନ୍ଧୁ ଶତପଥୀ ମଙ୍ଗଳବାର ଢେଙ୍କାନାଳ ଗସ୍ତରେ ଆସି ସ୍ଥାନୀୟ ସର୍କିଟ୍ ହାଉସ୍‌ରେ କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅଧିକାରୀମାନେ ଜିଲା କୋଭିଡ୍ ହସ୍ପିଟାଲରେ ଶଯ୍ୟାସଂଖ୍ୟା ବୃଦ୍ଧି, ଏଚ୍‌ଡିୟୁକୁ ଆଇସିୟୁରେ ପରିଣତ କରିବା ନେଇ ବିସ୍ତୃତ ଆଲୋଚନା କରିଥିଲେ।

କରୋନା ମୁକାବିଲା ଏବଂ ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଧିକାରୀମାନେ ସଦରସ୍ଥିତ ଜିଲା କୋଭିଡ୍ ହସ୍ପିଟାଲ, ସଦର ବ୍ଲକ ସପ୍ତଶଯ୍ୟା, ପୌରାଞ୍ଚଳର ବନମାଳୀପ୍ରସାଦ, ଜର୍ଜ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ପୌରସଂସ୍ଥା କଲ୍ୟାଣ ମଣ୍ଡପରେ ହୋଇଥିବା ଟେମ୍ପରାରି ମେଡିକାଲ ସେଣ୍ଟର (ଟିଏମ୍‌ସି) ପରିଦର୍ଶନ କରିଥିଲେ। ଟିଏମ୍‌ସିରେ ଥିବା ପ୍ରବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ସୁବିଧା ଅସୁବିଧା ପଚାରି ବୁଝିଥିଲେ।

ସମୀକ୍ଷା ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ସୂଚନା ଦେଇ ଜିଲାପାଳ କୁହନ୍ତି, ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲରେ ଅଧିକ ୫୦ ଶଯ୍ୟା ବୃଦ୍ଧି କରାଯିବ। ସପ୍ତାହକ ମଧ୍ୟରେ ସମସ୍ତ କାମ ସାରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଠାରେ ୬ଟି ଶଯ୍ୟାବିଶିଷ୍ଟ ହାଇ ଡିପେଣ୍ଡେନ୍ସି ୟୁନିଟ୍ (ଏଚ୍‌ଡିୟୁ) ରହିଥିଲା। ଏହାକୁ ଆଇସିୟୁରେ ପରିଣତ କରିବା ପାଇଁ ପର୍ଯ୍ୟବେକ୍ଷକ ପରାମର୍ଶ ଦେଇଛନ୍ତି। ଏଥିଲାଗି ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ରଖାଯାଇ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରାଯିବ। ଟିଏମ୍‌ସିରେ ଥିବା ପ୍ରବାସୀଙ୍କୁ ଯୋଗାଇ ଦିଆଯାଉଥିବା ସେବାରେ ପର୍ଯ୍ୟବେକ୍ଷକମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲାରେ କରୋନା ମୁକାବିଲା ଲାଗି ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଉଜଙ୍କୁ କଟୁରିରେ ହାଣି ହତ୍ୟା

**ଢେଙ୍କାନାଳ ଅଫିସ, ୫ା୫**

## ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ

ସାମାନ୍ୟ ବଚସାକୁ କେନ୍ଦ୍ରକରି ନିର୍ମମ ହତ୍ୟା। ଦିଅରଙ୍କ କଟୁରି ଚୋଟରେ ପ୍ରାଣ ହରାଇଛନ୍ତି ଭାଉଜ। ଢେଙ୍କାନାଳ ସଦର ଥାନା ଖୁଣ୍ଟଝରି ଗ୍ରାମରେ ମଙ୍ଗଳବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ହତ୍ୟାର ଶିକାର ହୋଇଛନ୍ତି ସଞ୍ଜୟ ବେହେରାଙ୍କ ସ୍ତ୍ରୀ ତୁଳସୀ (୪୫)। ଅଭିଯୁକ୍ତ ଦିଅର ତଥା ସଞ୍ଜୟଙ୍କ ସାନଭାଇ ସୁରେଶ ବେହେରା (୩୦)ଙ୍କୁ ପୋଲିସ ଗିରଫ କରିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସକାଳେ ସଞ୍ଜୟ କୌଣସି କାମରେ ବାହାରକୁ ଯାଇଥିଲେ। ଏହି ସମୟରେ ସୁରେଶ ଏବଂ ତୁଳସୀଙ୍କ ମଧ୍ୟରେ ପାରିବାରିକ କଳହକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସୁରେଶ ଏକ କଟୁରିରେ ତୁଳସୀଙ୍କ ବେକକୁ ଚୋଟ ମାରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସବୁଠାରୁ ବଡ଼କଥା, ଏହି ହତ୍ୟାକାଣ୍ଡର ମୂକସାକ୍ଷୀ ପାଲଟିଥିଲେ ତୁଳସୀଙ୍କ ନାବାଳକ ପୁଅ।

ସୂଚନା ପାଇ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସଦଳବଳ ପହଞ୍ଚି ଅଭିଯୁକ୍ତ ସୁରେଶଙ୍କୁ ଗିରଫ କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୧୬୭/୨୦, ଦଫା ୩୦୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।


ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ସଦଳବଳ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଗାୟତ୍ରୀ କମ୍ପାନୀ ଅଫିସ ସମ୍ମୁଖରେ ଆନ୍ଦୋଳନ


ଆନ୍ଦୋଳନରତ ଶ୍ରମିକମାନେ।

**ଛେଣ୍ଡିପଦା, ୫ା୫(ସ୍ୱ.ପ୍ର.)**

## ବାହାର ଜିଲାର ଶ୍ରମିକ ନିୟୋଜିତ ଅଭିଯୋଗ

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା କତଡ଼ା ପଞ୍ଚାୟତସ୍ଥିତ ଗାୟତ୍ରୀ କନ୍‌ଷ୍ଟ୍ରକ୍ସନ କମ୍ପାନୀ କରୋନା ସଂକ୍ରମିତ ଜିଲାରୁ ଶ୍ରମିକଙ୍କୁ ଆଣି କାର୍ଯ୍ୟରେ ନିୟୋଜିତ କରୁଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ କମ୍ପାନୀ ଫାଟକ ସମ୍ମୁଖରେ ମଙ୍ଗଳବାର ଆନ୍ଦୋଳନ କରିଥିଲେ। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା।

ଅଭିଯୋଗ ମୁତାବକ, କମ୍ପାନୀ ସରକାରୀ ନିୟମ ଉଲ୍ଲଂଘନ କରି କରୋନା ସଂକ୍ରମିତ ଜିଲାର ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇଛି। ଏହାର ପ୍ରତିବାଦ କରିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆନ୍ଦୋଳନକାରୀଙ୍କ ଯୁକ୍ତିତର୍କ ହୋଇଥିଲା। ଖବର ପାଇ ଜରପଡ଼ା ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ, ସବ୍‌ଇନ୍‌ସପେକ୍ଟର ଆଶିଷ କୁମାର ସ୍ୱାଇଁ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଆନ୍ଦୋଳନକାରୀମାନେ କାହା କଥା ନ ଶୁଣି ପୋଲିସକୁ ଘେରାଉ କରିଥିଲେ। ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଏକ ପ୍ଲାଟୁନ ଫୋର୍ସ ନେଇ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ତହସିଲଦାର ତଥା ମାଜିଷ୍ଟ୍ରେଟ ଡାନିଏଲ ଏକ୍କା ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ତହସିଲଦାର କୁହନ୍ତି, ସରକାରୀ ନିୟମାନୁଯାୟୀ ଜିଲାପାଳଙ୍କ ସ୍ୱତନ୍ତ୍ର ଅନୁମତିକ୍ରମେ ଉନ୍ନତିମୂଳକ କାର୍ଯ୍ୟକ୍ରମ, ରାସ୍ତା ଓ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲୁ ରହିବ। ଆବଶ୍ୟକ ମୁତାବକ ଅନ୍ୟ ଜିଲାର ଶ୍ରମିକଙ୍କୁ ବିଭିନ୍ନ କ୍ଷେତ୍ରରେ ନିୟୋଜିତ କରାଯାଇପାରିବ। ଜରପଡା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ରାକେଶ ରଞ୍ଜନ ବେହେରାଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀମାନେ ପହଞ୍ଚି ବାହାର ଜିଲାରୁ ଆସିଥିବା ୧୨ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡିଛି। ନିୟମିତ ବ୍ୟବଧାନରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। କମ୍ପାନୀ ପକ୍ଷରୁ ଖୋଲାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଶ୍ରମିକମାନେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ପ୍ରଶାସନ ଏ ଦିଗରେ ସଜାଗ ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

# ୭ଦିନର ଶିଶୁପୁତ୍ର ବିକ୍ରି ଚର୍ଚ୍ଚା

**ଅନୁଗୋଳ ଅଫିସ, ୫ା୫**

ଅନୁଗୋଳ ହୁଲୁରିସିଂହା ଅଞ୍ଚଳରେ ମଙ୍ଗଳବାର ଏକ ନବଜାତ ଶିଶୁ ପୁତ୍ରକୁ ବିକ୍ରି କରାଯାଇଥିବା ଚର୍ଚ୍ଚା ହେଉଛି। ତେବେ ସମ୍ପୃକ୍ତ ଶିଶୁପୁତ୍ରକୁ ଉଦ୍ଧାର ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଘଟଣାର ଖୋଳତାଡ଼ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ହୁଲୁରିସିଂହା ଅଞ୍ଚଳର ମହିଳା ଜଣଙ୍କର ପୂର୍ବରୁ ଦୁଇଟି ସନ୍ତାନ ରହିଛନ୍ତି। ତେବେ ଆର୍ଥିକ ଅନଟନ କାରଣରୁ ସେ ତୃତୀୟ ଗର୍ଭକୁ ରଖିବାକୁ ଚାହିଁ ନ ଥିଲେ। କିନ୍ତୁ ଅନୁଗୋଳର ଜଣେ ସହୃଦୟ ବ୍ୟକ୍ତି ସମ୍ପୃକ୍ତା ଗର୍ଭବତୀଙ୍କ ଯତ୍ନ ନେଉଥିଲେ। ତାଙ୍କୁ ନିୟମିତ ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ମହିଳା ଜଣକ ଏକ ଶିଶୁ ସନ୍ତାନ ଜନ୍ମ ହେବା ପରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଚର୍ଚ୍ଚା ହୋଇଥିଲା। ଏ ନେଇ ସ୍ଥାନୀୟ ଆଶାକର୍ମୀ ସୂଚନା ପାଇ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରିଥିଲେ। ପରେ ଶିଶୁପୁତ୍ରକୁ ଉଦ୍ଧାର କରାଯାଇ ପ୍ରଥମେ ଶିଶୁ ସୁରକ୍ଷା ସମିତି ଓ ପରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା ବୋଲି ଶିଶୁ ସୁରକ୍ଷା ଅଧିକାରୀ ବେହେରା ସୂଚନା ଦେଇଛନ୍ତି। ତେବେ ବିକ୍ରି କରାଯିବା ନେଇ ହେଉଥିବା ଅଭିଯୋଗର କୌଣସି ତଦନ୍ତ କରାଯାଇ ନାହିଁ। ଆଗାମୀ ଦିନରେ ଏ ନେଇ ତଦନ୍ତ କରାଯିବ ବୋଲି ବେହେରା ପ୍ରକାଶ କରିଛନ୍ତି।

# କଣ୍ଠଶିଳ୍ପୀ ଅସୀମା ବାଣ୍ଟିଲେ ମାସ୍କ

**ଢେଙ୍କାନାଳ ଅଫିସ, ୫ା୫**

- ଦୁର୍ଗମ ଦଣ୍ଡିରୀରେ ପହଞ୍ଚିଲା ସହାୟତା
- ବଜରଙ୍ଗ କ୍ଲବ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ

ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ ପକ୍ଷରୁ ହିନ୍ଦୋଳ ବ୍ଲକର ଦୁର୍ଗମ ଦଣ୍ଡିରି ପଞ୍ଚାୟତରେ ସହାୟତା ପହଞ୍ଚିଛି। କ୍ଲବର ନୂତନ ସଦସ୍ୟ ତଥା କଣ୍ଠଶିଳ୍ପୀ ଅସୀମା ପଣ୍ଡା ଗ୍ରାମବାସୀଙ୍କୁ ମାସ୍କ, ସାବୁନ ଓ ସାନିଟାଇଜର ବଣ୍ଟନ କରିଥିଲେ। କନକା ଗ୍ରାମବାସୀଙ୍କୁ ରନ୍ଧାଖାଦ୍ୟ ସମେତ ଚୁଡ଼ା, ଚିନି, ବିସ୍କୁଟ୍, ଡାଲି, ତେଲ, ଅଟା ସହ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବରିଷ୍ଠଙ୍କୁ ପୋଷାକ ଦିଆଯାଇଥିଲା। ଏଥିସହ କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ଲାଗି ରହିଥିବା ବିଭିନ୍ନ ଉପାୟ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା।

ହିନ୍ଦୋଳ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହନ୍ତ, ସରପଞ୍ଚ ସନ୍ତୋଷ ସାହୁ, ସମିତିସଭ୍ୟା ଟୁନି ସାହୁ, ବଜରଙ୍ଗ କ୍ଲବ ସମ୍ପାଦକ ଶୁଭେନ୍ଦୁ ଷଡଙ୍ଗୀ, ସଦସ୍ୟ ଆକର୍ଷଣ ସିହ୍ନା, ସନ୍ଦୀପ ହିଣ୍ଡୋଚା, ବିନୋଦ ଅଗ୍ରୱାଲ, ସୁବ୍ରତ ଦାସ, ମଳୟ ବିନ୍ଧାଣି, ସ୍ୱର୍ଣ୍ଣଲକ୍ଷ୍ମୀ ପଣ୍ଡା, ଆକାଶ ପଣ୍ଡା, ବିଶ୍ୱଜିତ ବେହେରା, ସସ୍ମିତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।


କଣ୍ଠଶିଳ୍ପୀ ଅସୀମା ପଣ୍ଡା କନକା ଗ୍ରାମର ଜଣେ ମହିଳାଙ୍କୁ ମାସ୍କ ବଣ୍ଟନ କରୁଛନ୍ତି।

## ଫଟୋରେ ଖବର..


ଢେଙ୍କାନାଳ ଗୁରୁଦେବଜୀ ମିଶନ ସୁରକ୍ଷା ଅନୁଷ୍ଠାନ ପକ୍ଷରୁ ସପ୍ତଶଯ୍ୟା ପଞ୍ଚାୟତ ମାଝିସାହିରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଛୋଟ ପିଲାଙ୍କୁ ସଚେତନ କରାଯାଇଥିଲା।

# ୧.୩୧ ଲକ୍ଷ ଟଙ୍କା ସହାୟତା

**ଢେଙ୍କାନାଳ ଅଫିସ, ୫ା୫**

ଢେଙ୍କାନାଳ ସଦର ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ୩୧ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଜରିଆରେ ଏହି ଚେକ୍ ପ୍ରଦାନ କରାଯାଇଥିଲା। ବ୍ଲକ ଅଧକ୍ଷା ପଦ୍ମିନୀ ନାୟକ, ବିଡିଓ ସୁକାନ୍ତ ମାଝି, ଉପାଧକ୍ଷ ନରୋତ୍ତମ ସାହୁଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ବ୍ଲକ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ସହାୟତା ସମ୍ପର୍କିତ ଚେକ୍ ପ୍ରଦାନ କରାଯାଉଛି।

# ଆଧାରକାର୍ଡ ପାଇଁ ଆଖି ବାଧକ

**ଭୁବନ, ୫ା୫(ଡି.ଏନ.ଏ.)**

- ସରୁନି ଚକ୍ଷୁହୀନ ପ୍ରତିମାଙ୍କ ଦୁଃଖ
- ଭତ୍ତା ଟଙ୍କାରେ ଚଳୁଛନ୍ତି ଦୁଇପ୍ରାଣୀ
- କରୋନା ସଙ୍କଟରେ ମିଳୁନି ସହାୟତା


ପ୍ରତିମା ପୋଥାଳ।

ଜନ୍ମରୁ ଆଖି ନାହିଁ। ଆଖି ନ ଥିବାରୁ ହୋଇପାରୁନି ଆଧାରକାର୍ଡ। ଆଧାରକାର୍ଡ ନ ଥିବାରୁ ମିଳୁନି କୌଣସି ସରକାରୀ ସହାୟତା। ଏପରି ସ୍ଥିତିରେ ଭତ୍ତା ଟଙ୍କାରେ ବଡ଼ ଦୁଃଖକଷ୍ଟରେ ଚଳୁଛନ୍ତି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅଧୀନ ଚିନ୍ନାରା ସାହିର ପ୍ରତିମା ପୋଥାଳ (୪୦) ଏବଂ ତାଙ୍କ ମା'।

ପ୍ରତିମାଙ୍କ ବାପା, ଭାଇ ମଧ ଦୃଷ୍ଟିହୀନ। ବାପାଙ୍କ ମୃତ୍ୟୁ ହୋଇଯାଇଛି। ଭାଇ ନିଜ ପରିବାର ସହ ଅଲଗା ରହୁଛନ୍ତି। ପୈତୃକ ଘର ଭାଙ୍ଗିରୁଜି ଯାଇଥିବାରୁ ପ୍ରତିମା ଏବେ ନିଜ ବିଧବା ମା'ଙ୍କ ସହ ଭଡ଼ାଘରେ ରହୁଛନ୍ତି। ହେଲେ ଦୁଇଜଣଙ୍କ ମିଳୁଥିବା ଭତ୍ତା ଟଙ୍କାରେ ମାସତମାମ ଚଳିବା କଷ୍ଟକର ହୋଇପଡୁଛି। ଏ ନେଇ ପ୍ରତିମା କୁହନ୍ତି, ଆଧାରକାର୍ଡ କରିବାକୁ ହେଲେ ଆଖିର ସ୍କାନ୍ କରିବା ନିୟମ ରହିଛି। ହେଲେ ଆଖି ନ ଥିବାରୁ ଏହା ହୋଇପାରୁନାହିଁ। ଆଧାରକାର୍ଡ କରିବାକୁ ସେ ଅନେକ ଥର ଜନସେବା କେନ୍ଦ୍ରଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କ ସହାୟତା ଲୋଡ଼ି ନିରାଶ ହୋଇଥିଲେ। ଜିଲାପାଳଙ୍କ ଜନଶୁଣାଣି ଶିବିରରୁ ତାଙ୍କୁ ପ୍ରତିଶ୍ରୁତି ମିଳିବା ପରେ ସେ ଆଧାରକାର୍ଡ ପାଇବେ ବୋଲି ଆଶା ବାନ୍ଧିଥିଲେ। ହେଲେ ଏଯାଏ ତାଙ୍କର ଦାବି ପୂରଣ ହୋଇନାହିଁ। କରୋନା ସଙ୍କଟ ସମୟରେ ଆଧାରକାର୍ଡ ନ ଥିବାରୁ ସେ ବିଭିନ୍ନ ସହାୟତାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ସାମାନ୍ୟ ଆଧାରକାର୍ଡଟିଏ ହୋଇ ନ ପାରିବା ପରିତାପର ବିଷୟ ବୋଲି କ୍ଷୋଭବ୍ୟକ୍ତ କରିଛନ୍ତି ପ୍ରତିମା।

ଏ ନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ କୁହନ୍ତି, ଅଭିଯୋଗର ତଦନ୍ତ କରାଯିବ। ହିତାଧିକାରୀ କିପରି ସରକାରୀ ସହାୟତା ପାଇବେ ତାହାର ବ୍ୟବସ୍ଥା କରାଯିବ।

## ସଂକ୍ଷେପରେ

### କାର୍‌କୁ ଟାଣିନେଲା ମାଗ୍‌ନେଟ୍



**ବଅଁରପାଳ, ୫ା୫(ଡି.ଏନ.ଏ.):** ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ପଟ୍‌ଲାଇନ ଏ ଓ ବି ମଧ୍ୟସ୍ଥଳରେ ମଙ୍ଗଳବାର ସକାଳେ ଜଣେ ଠିକାଦାରଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଠିକାଦାର ଜଣକ ପଟ୍‌ଲାଇନ ରାସ୍ତା ଦେଇ ଯାଉଥିବାବେଳେ ହଠାତ ମାଗନେଟ କାର୍‌ଟିକୁ ଟାଣି ନେଇଥିଲା। ଉକ୍ତ ରାସ୍ତା ଦେଇ କୌଣସି ଗାଡ଼ି ଯାତାୟତ କରିପାରିବନାହିଁ ବୋଲି ନାଲ୍‌କୋ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ କିପରି ସମ୍ପୃକ୍ତ ଠିକାଦାର ସେହିବାଟ ଦେଇ ଗାଡ଼ି ନେଇ ଯାଉଥିଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ସକାଳେ ପଟ୍‌ଲାଇନ ପରିସରରେ ପିଟିଏମ୍ କ୍ରେନର ଏକ ପ୍ୟାନେଲ ବକ୍ସ ତଳକୁ ଖସି ପଡିଥିଲା।

### ଜରିମାନା ଆଦାୟ, ୩ ଗିରଫ

**ବଇଣ୍ଡା, ୫ା୫(ଡି.ଏନ.ଏ.):** ନିୟମ ଉଲ୍ଲଂଘନ କରି ବାଇକ୍ ଧରି ବାହାରେ ବୁଲୁଥିବା ଅଭିଯୋଗରେ ଠାକୁରଗଡ ପୋଲିସ ସୋମବାର ସିମିଳିଆ ନିକଟରୁ ହଣ୍ଡପା ଥାନା ବଡହୁଲା ଗ୍ରାମର ଶେଷଦେବ ଦେହୁରୀ, ସାରଥୀ ଦେହୁରୀ, ଅଜିତ ସେଠୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ବାଇକ ଜବତ କରାଯାଇଛି। ଏଥିସହ ପେଡିପଥର, ସାନହୁଲା ନିକଟରୁ ମାସ୍କ ପିନ୍ଧି ନ ଥିବା ୮ ଜଣ ଯୁବକଙ୍କଠାରୁ ମଙ୍ଗଳବାର ୧୬ ଶହ ଟଙ୍କା, ହେଲମେଟ ନ ପିନ୍ଧି ବାଇକ ଚଳାଉଥିବା ୧୧ ଜଣଙ୍କଠାରୁ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ହଣ୍ଡପା ପୋଲିସ ବଇଣ୍ଡା ଓ ନାକିଚିଠାରେ ଗାଡ଼ିମୋଟର ଯାଞ୍ଚ କରି ଜରିମାନା ଆଦାୟ କରିଛି। ଠାକୁରଗଡ ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା, ହଣ୍ଡପା ଆଇଆଇସି ଲବ ବୋଡା, ସେକେଣ୍ଡ ଅଫିସର ସରୋଜ ଦାସ, ଏଏସ୍‌ଆଇ କୁନି ବାରିକ, ଆର୍ ବିଶ୍ୱାଳ, ସନାତନ ମହାରଣା ପ୍ରମୁଖ ଏହି ଯାଞ୍ଚ କରିଥିଲେ।

### ଆକ୍ରମଣ ଘଟଣାରେ ୩ ଗିରଫ

**ବନ୍ତଲା, ୫ା୫(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଲା ଥାନା ତଳଗଡ଼ ନୂଆଁଭୂଇଁ ଗ୍ରାମର କାଳିଆ ବେହେରା(୩୧)ଙ୍କ ରବିବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିବା ପରେ ଉତ୍ତ୍ୟକ୍ତ ଲୋକେ ବନ କର୍ମଚାରୀ ଓ ପୋଲିସକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ମଙ୍ଗଳବାର ନୂଆଭୂଇଁ ଗ୍ରାମର ବଳିଆ ଭୋଇ,ଟୁନା ବେହେରା ଓ ଶଙ୍କର୍ଷଣ ବେହେରାଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୯୧/୨୦ରେ ଶତାଧିକ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷରେ କାର୍ଯ୍ୟରେ ଅବହେଳା ପାଇଁ କନ୍ତମେଘ ବିଟ୍‌ର ଗାର୍ଡ ନିରୂପମା ନାୟକଙ୍କୁ ନିଲମ୍ବନ କରାଯାଇଛି। ଚଢ଼ାଉ ଜାରି ଥିବା ପୋଲିସ କହିଛି।

### ନାବାଳିକା ବିବାହ ରୋକିଲା ପୋଲିସ

**ବନ୍ତଲା, ୫ା୫(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ନାବାଳିକାଙ୍କ ବିବାହ ଅଟକାଇଛି ପୋଲିସ। ଘଟଣାରୁ ଜଣାପଡିଛି, ଖୁଣ୍ଡା ଅଞ୍ଚଳର ଜଣେ ଯୁବକ ସକାଳେ ବିବାହ ପାଇଁ ବରଯାତ୍ରୀ ଧରି ନାବାଳିକାଙ୍କ ଗାଁ ମୁଣ୍ଡରେ ପହଞ୍ଚିଥିଲେ। ବିନା ଅନୁମତିରେ ବାହାଘର ହେଉଥିବା ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ପରେ କନ୍ୟା ଜଣକ ନାବାଳିକା ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ଫଳରେ ବିବାହକୁ ଅଟକାଯିବା ପରେ ବର ଫେରିଯାଇଥିବା ଜଣାପଡିଛି।

### ରିଲିଫ ପାଣ୍ଠିକୁ ଦାନ



**ବଇଣ୍ଡା, ୫ା୫(ଡି.ଏନ.ଏ.):** କରୋନା ମୁକାବିଲାରେ ସରକାରଙ୍କୁ ସହଯୋଗ ପାଇଁ କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତ ତୁରୁଡା ଗ୍ରାମବାସୀ ମଙ୍ଗଳବାର ଚାନ୍ଦା ଆଦାୟ କରି ୧୯ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଗ୍ରାମର ଜିତେନ୍ଦ୍ର ସାହୁ, ଲିଙ୍ଗରାଜ ସାହୁ, ନଟବର ସାହୁ, ଅଶୋକ ସାହୁ, ଅକ୍ରୁର ସାହୁ, ଆନନ୍ଦ ସାହୁ ପ୍ରମୁଖ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ବାସଭବନରେ ଭେଟି ଟଙ୍କା ପ୍ରଦାନ କରିଥିଲେ।

# ଆର୍ମି କ୍ୟାଣ୍ଟିନରେ ଲମ୍ବା ଧାଡ଼ି

**ଅନୁଗୋଳ ଅଫିସ, ୫ା୫**



ଆର୍ମି କ୍ୟାଣ୍ଟିନ୍ ସମ୍ମୁଖରେ ଭିଡ଼।

- ତାଗିଦ୍ ପରେ ବି ମାନିଲେନି କଟକଣା
- ରାତିରୁ ବ୍ୟାଗ୍ ଧରି ଠିଆ ହୋଇଥିଲେ
- ନିୟମାନୁଯାୟୀ ୫୦ ଜଣ ନେଲେ ସାମଗ୍ରୀ

ଅନୁଗୋଳ ସହରରେ ଥିବା ୧୨୦ ଇନଫ୍ୟାଣ୍ଟ୍ରି ବାଟାଲିୟନ(ଟିଏ)ର କ୍ୟାଣ୍ଟିନ ମଙ୍ଗଳବାର ଖୋଲାଯାଇଥିଲା। ଦୀର୍ଘଦିନ ପରେ କ୍ୟାଣ୍ଟିନ ଖୋଲାଯାଉଥିବାରୁ କାର୍ଯ୍ୟରତ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସୁଅ ଛୁଟିଥିଲା। ଅନେକେ ରାତିରୁ ଲାଇନ୍ ଦେଇଥିବାରୁ ପୂର୍ବାହ୍ନରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ପୋଲିସର ବାରମ୍ବାର ତାଗିଦ୍ ସତ୍ତ୍ୱେ କେହି କଟକଣାକୁ ଖାତିର କରି ନ ଥିବା ଦେଖାଯାଇଥିଲା। ହେଲେ କ୍ୟାଣ୍ଟିନ ଖୋଲାଯିବା ସହ ୫୦ ଜଣଙ୍କୁ ସାମଗ୍ରୀ ଦେବାର ନୋଟିସ ମରାଯିବା ପରେ ଅନ୍ୟମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା।

ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଆର୍ମି କ୍ୟାଣ୍ଟିନ ପୂର୍ବାହ୍ନରେ ଖୋଲାଯାଇଥିଲା। କିନ୍ତୁ ଏହା ପୂର୍ବରୁ ଶତାଧିକ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀ ବ୍ୟାଗକୁ ଧାଡିରେ ରଖି ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ। ଧୀରେ ଧୀରେ ଲୋକଙ୍କ ସଂଖ୍ୟା ବଢ଼ିବାରୁ ସେଠାରେ ବିଶୃଙ୍ଖଳିତ ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ଏସ୍‌ଆଇ ଅରକ୍ଷିତ ସେଠୀ, ଏଏସ୍‌ଆଇ ପ୍ରଶାନ୍ତ ସାହୁ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଆସି ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ତାଗିଦ୍ କରିଥିଲେ। କ୍ୟାଣ୍ଟିନ କର୍ମଚାରୀମାନଙ୍କୁ ମଧ୍ୟ ଏଥିପ୍ରତି ନଜର ଦେବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ପୋଲିସର ତାଗିଦ ସତ୍ତ୍ୱେ ଅପେକ୍ଷାରତ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀମାନେ ଶୃଙ୍ଖଳିତ ହୋଇ ନ ଥିଲେ। ତେବେ ପ୍ରତ୍ୟେକ ଦିନ କେବଳ ୫୦ ଜଣଙ୍କୁ ସାମଗ୍ରୀ ପ୍ରଦାନ କରାଯିବ ବୋଲି କ୍ୟାଣ୍ଟିନ ସମ୍ମୁଖରେ ନୋଟିସ ମରାଯାଇଥିଲା। ଏଥିସହ ଯେଉଁମାନଙ୍କ ନାମରେ କାର୍ଡ ରହିଛି ସେମାନଙ୍କୁ କ୍ୟାଣ୍ଟିନ ପରିସରକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ଏପରି କି ମାସ୍କ ପରିଧାନ କରି ନ ଥିଲେ ସାମଗ୍ରୀ ପ୍ରଦାନ କରାଯିବ ନାହିଁ ବୋଲି ଜଣାଇ ଦିଆଯାଇଥିଲା। ସେହିପରି ସାମାଜିକ ଦୂରତା ବଜାୟ ରଖିବା ଓ ପାନ, ପୁଡିଆ ଖାଇ ନ ଥିଲେ ଭିତରକୁ ପ୍ରବେଶ କରିହେବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଥିଲା। ତଦନୁଯାୟୀ ମାତ୍ର ୫୦ ଜଣଙ୍କୁ କ୍ୟାଣ୍ଟିନରୁ ସାମଗ୍ରୀ ପ୍ରଦାନ କରାଯାଇଥିଲା।

### ମଦ ନ ପାଇ ହତାଶ

**ଅନୁଗୋଳ ଅଫିସ, ୫ା୫–** ଆର୍ମି କ୍ୟାଣ୍ଟିନ ଖୋଲାଯିବା ପରେ କୋଟା ଅନୁଯାୟୀ ମଦ ମିଳିବ ବୋଲି ଅନେକେ ଆଶା ରଖିଥିଲେ। ସେଥିପାଇଁ କ୍ୟାଣ୍ଟିନ ସମ୍ମୁଖରେ ଭିଡ଼ ହଠାତ୍ ବଢ଼ିଯାଇଥିଲା। କିନ୍ତୁ ନୋଟିସ ବୋର୍ଡରେ ମଦ ବିକ୍ରି କରାଯିବ ନାହିଁ ବୋଲି ଉଲ୍ଲେଖ ଥିବା ଜଣାପଡ଼ିବା ପରେ ଆସିଥିବା ବହୁ ଲୋକଙ୍କ ଆଶା ଆଶାରେ ରହିଯାଇଥିଲା।

# ଝାଡ଼ଖଣ୍ଡ ଗଲେ ୧୨୪ ଜଣ

**ଅନୁଗୋଳ ଅଫିସ/ ଛେଣ୍ଡିପଦା, ୫ା୫**

ଅନୁଗୋଳ ଜିଲାରେ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଝାଡ଼ଖଣ୍ଡର ଶ୍ରମିକମାନଙ୍କ ମଧ୍ୟରୁ ୧୨୪ ଜଣଙ୍କୁ ଅନୁଗୋଳ ଜିଲା ପ୍ରଶାସନ ମଙ୍ଗଳବାର ସେମାନଙ୍କ ରାଜ୍ୟକୁ ପଠାଇ ଦେଇଛି। ସୋମବାର ଦୁଇଟି ବସ୍‌ରେ ୫୬ ଜଣ ଯାଇଥିବାବେଳେ ମଙ୍ଗଳବାର ୧୨୪ ଜଣଙ୍କୁ ପଠାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କେବଳ ଛେଣ୍ଡିପଦା ଅଞ୍ଚଳରେ ଫସି ରହିଥିବା ୧୧୫ ଜଣଙ୍କ ମଧ୍ୟରୁ ୬୪ଜଣଙ୍କୁ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖ ପଡିଆକୁ ଅଣାଯାଇଥିଲ। ବିଡିଓ ସୁନୀଲ କୁମାର କେରକେଟା ଓ ଛେଣ୍ଡିପଦା ତହସିଲଦାର ତଥା ମାଜିଷ୍ଟ୍ରେଟ ଡାନିଏଲ ଏକ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେଠାରେ ଡାକ୍ତର ଧୀରେନ କୁମାର ପ୍ରଧାନ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନଙ୍କୁ ବସ୍ ଯୋଗେ ଜିଲା ପ୍ରଶାସନ ହେପାଜତକୁ ପଠାଯାଇଥିଲା। ସେଠାରୁ ଶ୍ରମିକମାନେ ସେମାନଙ୍କ ରାଜ୍ୟକୁ ଯାଇଥିବା ସୂଚନା ମିଳିଛି।



ଅନୁଗୋଳ ଜିଲାରେ ଅଟକିଥିବା ଶ୍ରମିକମାନଙ୍କୁ ଝାଡ଼ଖଣ୍ଡ ପଠାଯାଉଛି।

# ଡ୍ରିଲ୍ ମେଶିନରୁ ଖସି ଠିକା କର୍ମଚାରୀ ମୃତ

**ତାଳଚେର,୫ା୫(ନି.ପ୍ର.)**

**ହିଙ୍ଗୁଳା କୋଇଲା ଖଣିରେ ଦୁର୍ଘଟଣା**

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ହିଙ୍ଗୁଳା କୋଇଲା ଖଣିରେ ମଙ୍ଗଳବାର ଦୁର୍ଘଟଣାରେ ଠିକା କର୍ମଚାରୀ ସୋମେତ ଜମାଡଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର ଛତିଶଗଡ ରାଜ୍ୟରେ। ଦୁର୍ଘଟଣା ପରେ ମୃତକଙ୍କ ପରିବାରରୁ ଜଣକୁ ନିଯୁକ୍ତି ଓ କ୍ଷତିପୂରଣ ଦାବିରେ ଖଣି କର୍ମଚାରୀ, ଠିକା ଶ୍ରମିକମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ କୋଇଲା ଉତ୍ତୋଳନ ସହ ପରିବହନ ବାଧାପ୍ରାପ୍ତ ହୋଇଥିଲା।

କୋଇଲା ଖଣିର ଏକ ପ୍ରାଭେଟ ସଂସ୍ଥା ଓଏସ୍‌ଏଲ୍‌ରେ ଡ୍ରିଲ୍ ହେଲପର୍ ଭାବେ ସୋମେତ କାର୍ଯ୍ୟ କରୁଥିଲେ। ସକାଳେ ଡ୍ରିଲ୍ ମେଶିନରୁ ଖସି ପଡିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ଓ ଖଣି କର୍ତ୍ତୃପକ୍ଷ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ଶ୍ରମିକ ନେତା, ସ୍ଥାନୀୟ ରାଜନେତାମାନଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ନିୟମାନୁଯାୟୀ କ୍ଷତିପୂରଣ ଓ ଶୁଦ୍ଧିକ୍ରିୟା ନିମନ୍ତେ ମୋଟ୍ ୩୭ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୧ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ବୈଠକରେ ତାଳଚେର ବ୍ଲକ ବିଜେଡି ସଭାପତି ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦ ପୂର୍ବତନ ସଦସ୍ୟ ରାଜେନ୍ଦ୍ର ସିଂହ, ଯୁବ ନେତା ରାଜେଶ ଦାସଙ୍କ ସମେତ ସମସ୍ତ ଶ୍ରମିକ ନେତା ଉପସ୍ଥିତ ଥିଲେ। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଦେଇଥିଲା। ଅପରାହ୍ନରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ୧୬ ଦୋକାନୀଙ୍କୁ ନୋଟିସ



ପୋଲିସ ଉପସ୍ଥିତିରେ ପୌର ପ୍ରଶାସନ ପକ୍ଷରୁ ଦୋକାନ ବନ୍ଦ କରାଯାଉଛି।

**ଅନୁଗୋଳ ଅଫିସ, ୫ା୫**

ଲକ୍‌ଡାଉନ କଟକଣା କୋହଳ ହେବା ପରେ ଅନୁଗୋଳ ଜିଲା ଓ ସହରର ଦୋକାନ ବଜାର ଖୋଲିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏଥିରେ ସାମାଜିକ ଦୂରତ୍ୱ ନିୟମ ମାନିବାକୁ ସର୍ତ୍ତ ରଖାଯାଇଥିଲା। କିନ୍ତୁ ସହରର ୧୬ଜଣ ଦୋକାନୀ ଏହି ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ଆସିବା ପରେ ଅନୁଗୋଳ ପୌରପାଳିକା ପକ୍ଷରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏପରି କି ପୋଲିସ ସହଯୋଗରେ ଦୋକାନଗୁଡିକୁ ମଧ ବନ୍ଦ କରାଯାଇଥିବା ସୂଚନା ମିଳିଛି। ପୂର୍ବାହ୍ନ ୧୧ଟାରେ ଉକ୍ତ ଦୋକାନଗୁଡ଼ିକୁ ବନ୍ଦ କରାଯିବା ଅଭିଯାନ ଆରମ୍ଭ ହୋଇଥିଲା। ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସହ ଟିଡି ବିଭୂତି ଭୂଷଣ ମହାରଣା, ନିର୍ମଳ ବେହେରା, ଅନୁଗୋଳ ଥାନା ଏଏସ୍‌ଆଇ ଜେ. ସିଂହ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଖୋଲାଯିବନି ମଦ ଦୋକାନ

**ଅନୁଗୋଳ ଅଫିସ, ୫ା୫**

ଲକ୍‌ଡାଉନ୍ ଘୋଷଣାର ପୂର୍ବ ଦିନଠାରୁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ମଦ ଦୋକାନ ସିଲ୍ କରାଯାଇଥିଲା। ତେବେ ଗ୍ରୀନ୍ ଜୋନ୍ ଗୁଡ଼ିକରେ ମଦ ସହ ପାନ ଓ ଗୁଟୁଖା ଦୋକାନ ଖୋଲା ରହିବ ବୋଲି ପ୍ରଥମେ କୁହାଯାଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ କୌଣସି ଜିଲାରେ ମଦ ଦୋକାନ ଖୋଲାଯାଇନାହିଁ। ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ ମଦ ଦୋକାନ ପୂର୍ବପରି ବନ୍ଦ ରହିବ ବାଲି ଅନୁଗୋଳ ଅବକାରୀ ଏସ୍‌ପି କ୍ରିଷ୍ଣା ନାୟକ ସୂଚନା ଦେଇଛନ୍ତି। ତେବେ ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ଥିବା ଏକ ମଦ ଦୋକାନ ସମ୍ମୁଖରେ ସୋମବାର ବିଳମ୍ବିତ ରାତିରେ ବୃତ୍ତ କଟା ଯିବାରୁ ଏହା ଖୋଲାଯିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ହେଲେ ମଙ୍ଗଳବାର ରାତି ସୁଦ୍ଧା ଜିଲାର କୌଣସି ମଦ ଦୋକାନ ଖୋଲାଯାଇ ନ ଥିବା ଜଣାପଡ଼ିଛି।

### ଚୋରା ମଦକୁ ନେଇ ଗଣ୍ଡଗୋଳ

**ଅନୁଗୋଳ ଅଫିସ, ୫ା୫**

ଚୋରା ମଦ ବିକ୍ରିକୁ କେନ୍ଦ୍ରକରି ଅନୁଗୋଳ ପୌରାଞ୍ଚଳ ହାକିମପଡ଼ାର କାଦମ୍ବିନୀ ପ୍ରଧାନ ଓ ତାଙ୍କ ଦୁଇ ପୁଅଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ଅପରାହ୍ନ ୪ଟା ବେଳେ କାଦମ୍ବିନୀଙ୍କ ବଡ଼ ପୁଅ ସହ ଜଣେ ଚୋରା ମଦ ବେପାରୀଙ୍କ ବଚସା ହୋଇଥିଲା। ମଦ ବିକ୍ରି ନେଇ ପୋଲିସକୁ କହିଦେବି ବୋଲି କହିବା ପରେ ଚୋରା ବେପାରୀ ଜଣଙ୍କ କାଦମ୍ବିନୀଙ୍କ ପୁଅକୁ ମାର୍‌ପିଟ୍ କରିଥିଲେ। ପରେ କାଦମ୍ବିନୀ ଓ ତାଙ୍କ ସାନ ପୁଅଙ୍କୁ ମଧ ଆକ୍ରମଣ କରିଥିଲେ। ଏ ନେଇ କାଦମ୍ବିନୀ ଥାନାରେ ଅଭିଯୋଗ କରିଛନ୍ତି।

# ଗାନ୍ଧୀଙ୍କ ରାତ୍ରିରହଣି ସ୍ମୃତିସଭା

**ବଇଣ୍ଡା, ୫ା୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ଡାକବଙ୍ଗଳାଠାରେ ବାମୁର ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଗାନ୍ଧିଜୀଙ୍କ ରାତ୍ର ରହଣି ସ୍ମୃତି ସଭା ପାଳନ କରାଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସମାଜ ଏହି ମହାତ୍ମାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ୧୯୩୫ ମେ ୫ରେ ମହାତ୍ମା ଗାନ୍ଧୀ କଟକ ଅଭିମୁଖେ ଯାଉଥିବାବେଳେ ବାମୁରଠାରେ ରାତ୍ରି ଯାପନ କରିଥିଲେ। ବ୍ଲକ ଅଧକ୍ଷା ବବିତା ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ଟ୍ରଷ୍ଟର ସମ୍ପାଦକ ଗୋକୁଳା ନନ୍ଦ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତିମିର ନାୟକ ସାମାଜିକ ଦୂରତା ବଜାୟ ରଖି ସଭାରେ ଉପସ୍ଥିତ ଥିଲେ।




ସ୍ମୃତିସଭାରେ ଉପସ୍ଥିତ ବିଧାୟକଙ୍କ ସହ ଟ୍ରଷ୍ଟ କର୍ମକର୍ତ୍ତାମାନେ।

# ୫୭ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଛେଣ୍ଡିପଦା, ୫ା୫ (ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପାତ୍ରପଡାଠାରେ ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ ଓ ଛେଣ୍ଡିପଦା ଯୁବ ବିଜେଡି ସଭାପତି ସତ୍ୟବ୍ରତ ଦେହୁରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିସହିତ ବିଜେଡି ପକ୍ଷରୁ ୧୦୦ ମାସ୍କ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଜଗବନ୍ଧୁ ସାହୁ, ସସ୍ମିତା ପ୍ରଧାନ, ଯୁବ ବିଜେଡି ଜିଲା ସାଧାରଣ ସୁଧୀର କୁମାର ନାଏକ, ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ମିକୁ ପ୍ରଧାନ, କଣଲୋଇ ସମିତି ସଭ୍ୟ ହରେକୃଷ୍ଣ ମାଝି, ନଗେନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ସାହୁ, ଆଶିଷ କୁମାର ପ୍ରଧାନ ଓ ପୀତବାସ ସାହୁ, ପରେଶ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଅଧିକ ନମୁନା ସଂଗ୍ରହକୁ ଗୁରୁତ୍ୱ

**ଅନୁଗୋଳ ଅଫିସ, ୫ା୫**

ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ତଥା ଅନୁଗୋଳ ଜିଲା ଦାୟିତ୍ୱରେ ଥିବା ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏବଂ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଗୋପବନ୍ଧୁ ଶତପଥୀ ମଙ୍ଗଳବାର ଜିଲା ଗସ୍ତରେ ଆସି କୋଭିଡ–୧୯ ସ୍ଥିତି ସମୀକ୍ଷା କରିଛନ୍ତି। ଅନୁଗୋଳ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସମୀକ୍ଷା ବୈଠକରେ ଦୁଇ ପର୍ଯ୍ୟବେକ୍ଷକ ଜିଲାରେ ପ୍ରତିଷ୍ଠା ହୋଇଥିବା ଅସ୍ଥାୟୀ ମେଡିକାଲ ଶିବିର ଗୁଡ଼ିକର ଠିକ୍ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲାପାଳ ମନୋଜ କୁମାର ମହାନ୍ତି ଜିଲାରେ କୋଭିଡ୍–୧୯ର ସ୍ଥିତି ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରିଥିଲେ। ରାଜସ୍ଥାନର କୋଟାରୁ ଫେରିଥିବା ଛାତ୍ରୀଛାତ୍ର, ବାହାର ରାଜ୍ୟରୁ ଫେରିଥିବା ଶ୍ରମିକଙ୍କ ସଂଖ୍ୟା ଏବଂ ସେମାନଙ୍କ ପାଇଁ ସଙ୍ଗରୋଧ ଗୃହରେ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ, ନିର୍ମାଣ ଶ୍ରମିକ ଓ ଭତ୍ତା ଯୋଜନା ଦ୍ୱାରା ଉପକୃତ ହୋଇଥିବା ହିତାଧିକାରୀଙ୍କ ସମ୍ପର୍କରେ ଜିଲାପାଳ ବୈଠକରେ ସୂଚନା ଦେଇଥିଲେ। ଅନୁଗୋଳ ଜିଲା ଗ୍ରୀନ୍ ଜୋନ୍‌ରେ ଥିବାବେଳେ ଏଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସନ୍ତୋଷଜନକ ବୋଲି ଦୁଇ ସଚିବ ମତବ୍ୟକ୍ତ କରିଥିଲେ। ତେବେ ଜିଲାରେ ନମୁନା ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ପ୍ରକାର ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ସଚିବ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ୧୨୭୩ ନମୁନା ସଂଗ୍ରହ କରାଯାଇଥିଲେ ହେଁ ୧୦୪୫ଟି ନମୁନାର ରିପୋର୍ଟ ନେଗେଟିଭ ଆସିଛି। ଉଭୟ ସଚିବ ଟାଉନ ହାଇସ୍କୁଲ ଓ ଖଲାରୀ ଉଚ୍ଚ ବିଦ୍ୟାଳୟଠାରେ ହୋଇଥିବା ଅସ୍ଥାୟୀ ମେଡିକାଲ ଶିବିର ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ସଚିବ ଦ୍ୱୟ ତାଳଚେରଠାରେ ପ୍ରତିଷ୍ଠା ହୋଇଥିବା ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ପରିଦର୍ଶନରେ ଯାଇଥିଲେ। ସଚିବଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

**ଅନୁଗୋଳରେ କରୋନା ସ୍ଥିତି ପରଖିଲେ ପର୍ଯ୍ୟବେକ୍ଷକ**



ଦୁଇ ସଚିବଙ୍କ ସହ ଜିଲା ପ୍ରଶାସନର ଅଧିକାରୀମାନେ।

### ସଙ୍ଗରୋଧରେ ୨୧ ସୁରଟ ଫେରନ୍ତା

**କଣିହାଁ, ୫ା୫(ଡି.ଏନ.ଏ.)**

କଣିହାଁ ବ୍ଲକ ବାଲିପଶି ପଞ୍ଚାୟତକୁ ମଙ୍ଗଳବାର ସୁରଟରୁ ଫେରିଥିବା ୨୧ ଶ୍ରମିକଙ୍କୁ କାଳିଆଦମା ଆଶ୍ରମ ସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ପାଲଲହଡ଼ା ଉପଖଣ୍ଡ ଖେମଳାଠାରେ ବସ୍ ଖରାପ ହୋଇଯାଇଥିବା ଖବରପାଇ ବିଧାୟକ ମୁକେଶ କୁମାର ପାଲ, କଣିହାଁ ବିଡିଓ ରମେଶ କୁମାର ଜେନା ପହଞ୍ଚି ଟିଫିନ ପ୍ରଦାନ କରିଥିଲେ। ପରେ ଆଉ ଏକ ବସ୍‌ରେ ସେମାନଙ୍କୁ ଅଣାଯାଇଥିବା ତାଳଚେର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରକାଶ କରିଛନ୍ତି। ସେହିପରି ବାହାର ଜିଲାରୁ ଆସିଥିବା ୩ ଜଣ ସୋମବାରଠାରୁ ଜରଡା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି।

# ଆନ୍ଧ୍ରରେ ପ୍ରବାସୀ ଓଡ଼ିଆଙ୍କୁ ନିର୍ଯାତନା

**ରାୟଗଡ(ଗଜପତି),୫।୫(ଡି.ଏନ.ଏ.)**

ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ ୩ଟି ପଞ୍ଚାୟତରୁ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିବା ୨୪ ଶ୍ରମିକ ଜଣେ ଠିକାଦାରଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଅତିଶୀଘ୍ର ସେମାନଙ୍କୁ ଠିକାଦାରଙ୍କ କବଳରୁ ମୁକୁଳାଇ ଗାଁକୁ ନେବା ପାଇଁ ସେମାନେ ନିବେଦନ କରିଛନ୍ତି। ଗଜପତି ଜିଲା ରାୟଗଡ ବ୍ଲକର ଆନ୍ଧ୍ର –ଓଡିଶା ସୀମାରେ ଥିବା ଗଙ୍ଗାବାଡ ପଞ୍ଚାୟତର ପାଟେଡିଆ ଗ୍ରାମର ୮ଜଣ, ଛାମୁଣ୍ଡିଆ ଗ୍ରାମର ୩, ଗଙ୍ଗାବାଡର ୪, ସାନଦେଉଳାର ୨, ବଡଦେଉଳା ଗ୍ରାମର ଜଣେ, କେରାଣ୍ଡି ପଞ୍ଚାୟତର ଲୋସର ଗ୍ରାମର ୨, ଓ୍ୱାଇ ଦଙ୍ଗାରସିଂ ଗ୍ରାମର ୨ଜଣ, କଇଁପୁର ପଞ୍ଚାୟତର ଚିଡ୍ରାଙ୍ଗଗ୍ରାମର ୨ ମୋଟ ୨୪ ଜଣ ଆନ୍ଧ୍ରପ୍ରଦେଶର କ୍ରିଷ୍ଣାଜିଲାର କୃତିବେଣ୍ଣୁ ବ୍ଲକର ଏକ ଚିଙ୍ଗୁଡି ଘେରିରେ କାମ କରିବାକୁ ୩ ମାସ ତଳେ ଯାଇଥିଲେ। ସେମାନେ ସେଠାରେ ଚିଙ୍ଗୁଡିଙ୍କୁ ଖାଦ୍ୟ ଦେବା କାମରେ ନିୟୋଜିତ ହୋଇଥିଲେ। ସେଠାରେ ୧୨ ଘଣ୍ଟା କାମ କରାଇବା ସହ ଠିକ୍‌ଭାବେ ଖାଇବା ଓ ଦରମା ମିଳୁ ନ ଥିଲା । ସେମାନେ ସେଠାରେ କାମ ନ କରି ଘରକୁ ଯିବା ପାଇଁ ଚାହିଁଲେ ମଧ୍ୟ ବିଭିନ୍ନ ପ୍ରକାର ଧମକ ଦେଇ ଛାଡୁ ନାହାନ୍ତି ବୋଲି କଇଁପୁର ପଞ୍ଚାୟତର ଚିଡ୍ରାଙ୍ଗ ଗ୍ରାମର ଝୁକୁନା ଭୂୟାଁ, ପରିଡା ଭୂୟାଁ, ଗଙ୍ଗାବାଡ ପଞ୍ଚାୟତର ନରସିଂହ ଶବର, ସୀମାଦ୍ରି ଶବର, କୃପା ଶବର, ନରସିଂହ ଭୂୟାଁ, ମିନକେତନ ଶବର ପ୍ରମୁଖ କହିଛନ୍ତି । ଏଠାରୁ ତୁରନ୍ତ ମୁକୁଳାଇ ଗାଁକୁ ନେବା ପାଇଁ ଗଣମାଧ୍ୟମକୁ ଫୋନ ମାଧ୍ୟମରେ ନିବେଦନ କରିଛନ୍ତି। ଗାଁକୁ ଯିବା ପାଇଁ ସେମାନେ ପଞ୍ଜୀକୃତ କରିଥିବା ସହ ସଙ୍ଗରୋଧ ନିୟମ ପାଳନ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ସେମାନଙ୍କୁ ଗାଁକୁ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ ଶ୍ରମିକମାନେ ନିର୍ଯାତନା ଶିକାର ହେଉଥିବା କୌଣସି ଅଭିଯୋଗ ହୋଇ ନାହିଁ। ଯଦି ସେମାନେ ପଞ୍ଜୀକୃତ କରିଛନ୍ତି ତେବେ ସେମାନଙ୍କୁ ଶୀଘ୍ର ଗାଁକୁ ଅଣାଯିବ।


ଗାଁକୁ ଫେରାଇ ଆଣିବା ପାଇଁ ଶ୍ରମିକମାନେ ନିବେଦନ କରୁଛନ୍ତି।

**ଗାଁକୁ ଫେରାଇ ନେବାକୁ ନିବେଦନ**

# କୋଟାରୁ ଫେରିଲେ ୯ ଛାତ୍ରୀଛାତ୍ର

**ରାୟଗଡ଼ା ଅଫିସ,୫।୫:**

ରାଜସ୍ଥାନର କୋଟାରେ ଅଟକି ରହିଥିବା ରାୟଗଡ଼ା ଜିଲାର ୯ଛାତ୍ରୀଛାତ୍ର ମଙ୍ଗଳବାର ଫେରିଛନ୍ତି। ଏମାନେ ମେଡିକାଲ କୋଚିଂ ନେବାକୁ ରାଜସ୍ଥାନ ଯାଇଥିଲେ। ହେଲେ ଲକ୍‌ଡାଉନ୍ ଯୋଗୁ ସେଠାରେ ଅଟକି ରହିଥିଲେ। ଏକ ସ୍ୱତନ୍ତ୍ର ଗାଡ଼ିରେ ଏମାନେ ଜିଲାକୁ ଫେରିଛନ୍ତି। ଏମାନଙ୍କ ମଧ୍ୟରେ ରାୟଗଡ଼ା ସହରର ୭ଜଣ ରହିଥିବାବେଳେ ଗୁଡାରି ଓ କାଶୀପୁର ଅଞ୍ଚଳର ୨ଜଣ ରହିଛନ୍ତି। ରାୟଗଡ଼ା ଜିସିଡି ହାଇସ୍କୁଲରେ ଏମାନଙ୍କ ନାମ ପଞ୍ଜୀକରଣ କରାଯାଇଥିବାବେଳେ ୭ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ଏବଂ ଅନ୍ୟ ୨ଜଣଙ୍କୁ ସଙ୍ଗରୋଧରେ ରଖାଯିବ ବୋଲି ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।


ପଞ୍ଜୀକରଣ ପାଇଁ ଛାତ୍ରୀଛାତ୍ରମାନେ ଧାଡିରେ ଛିଡାହୋଇଛନ୍ତି ।

## ସଂକ୍ଷେପରେ

### ସୁରଟରୁ ଫେରିଲେ ୪ ଶ୍ରମିକ

ରାୟଗଡ଼(ଗଜପତି),୫।୫(ଡି.ଏନ୍.ଏ.): ସୁରଟରୁ ୪ ଜଣ ଶ୍ରମିକ ଆସି ମଙ୍ଗଳବାର ଗଜପତି ଜିଲା ରାୟଗଡ଼ ବ୍ଲକ୍‌ରେ ପହଞ୍ଚିଛନ୍ତି। ଏମାନେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସି ଗଞ୍ଜାମ ଜିଲାର ଜଗନ୍ନାଥପୁରଠାରେ ପହଞ୍ଚିଥିଲେ। ସେଠାରୁ ଗଜପତି ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କୁ ଜିଲାକୁ ଅଣାଯାଇଥିଲା। ଶ୍ରମିକମାନଙ୍କ ମଧ୍ୟରେ ରାୟଗଡ଼ ବ୍ଲକ୍ ଗଣ୍ଡାହାତୀ ପଞ୍ଚାୟତର ୩ ଜଣ ଏବଂ କଇଁପୁର ପଞ୍ଚାୟତର ଜଣେ ରହିଛନ୍ତି। ସେଥିମଧ୍ୟରୁ ୨ ମହିଳା ଏବଂ ୨ ପୁରୁଷ ରହିଥିବାବେଳେ ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଏମାନଙ୍କୁ ଭିନ୍ନ ଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ସୂଚନା ମିଳିଛି।

### ଡାବୁଗାଁ ବ୍ଲକରେ ୮୯ ଶିକ୍ଷୟିତ୍ରୀ, ଶିକ୍ଷକ ଅନୁପସ୍ଥିତ

ଡାବୁଗାଁ, ୫।୫ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ୮୯ ଶିକ୍ଷୟିତ୍ରୀ, ଶିକ୍ଷକ ଜିଲା ବାହାରକୁ ଚାଲି ଯାଇଥିବା ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଜିଲା ଶିକ୍ଷାଅଧିକାରୀଙ୍କ ଚିଠି ପରେ କାର୍ଯ୍ୟାନୁଷ୍ଠାନ ଭୟରେ ସେମାନେ ଡାବୁଗାଁ ବ୍ଲକକୁ ଫେରିବେ ବୋଲି ସୂଚନା ମିଳିଛି । ବାହାରୁ ଫେରୁଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଯେଉଁମାନେ ରେଡ ଓ ଅରେଞ୍ଜ ଜୋନରୁ ଫେରିବେ ସେମାନଙ୍କୁ ୧୪ ଦିନ ପର୍ଯ୍ୟନ୍ତ ସଙ୍ଗରୋଧ କେନ୍ଦ୍ରରେ ରଖାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା କହିଛନ୍ତି। ଏପର୍ଯ୍ୟନ୍ତ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ହେଡ଼କ୍ୱାଟର ଛାଡିବା ନେଇ ଜଣାଇ ନାହାନ୍ତି। ଜିଲା ବାହାରକୁ ଯାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସେ କହିଛନ୍ତି।

### ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ନବରଙ୍ଗପର,୫।୫(ବି.ପ୍ର.)- ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇ ଯାଇଛି । ନବରଙ୍ଗପୁର ଏମପି. ପ୍ରତିନିଧି ପ୍ରମୋଦ ପାଢୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଅତିରିକ୍ତ ଜିଲାପାଳ ନିମାଇ ଚରଣସୂତାର, ଉପଜିଲାପାଳ ଭାସ୍କର ରଇତୋ, ବିଡିଓ ,ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ବର୍ଷାଦିନେ ବନ୍ୟା ମୁକାବିଲା ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରାଯିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।

### ନିଆଁରେ ପୋଡ଼ି ହୋଇ ବୃଦ୍ଧା ମୃତ

କାଶୀନଗର,୫।୫(ଡି.ଏନ.ଏ)-ଗଜପତି ଜିଲା କାଶୀନଗର ଏନଏସି ୧୩ ନଂ ୱାର୍ଡ ଟାଟା କଲୋନୀ ବାସିନ୍ଦା ବି.ଓ୍ୱାର୍ଦାମ୍ମା (୭୫) ନିଆଁରେ ପୋଡି ହୋଇ ସୋମବାର ରାତିରେ ମୃତ୍ୟୁ ଘଟିଛି। ବୃଦ୍ଧା ଜଣକ ରାତିରେ ଖାଇ ସାରି ଦଉଡିଆ ଖଟରେ ଶୋଇ ପିକା ଟାଣୁଥିଲେ। ଏହି ସମୟରେ ତାଙ୍କୁ ନିଦ ହୋଇ ଯାଇଥିଲା। ଜଳୁଥିବା ପିକା ସଂସ୍ପର୍ଶରେ ଆସି ନିଜର ଶୋଇଥିବା ଶେଯ ସହ ପୋଡି ଯାଇଥିଲେ ବୋଲି ଓ୍ୱାର୍ଦାମ୍ମାଙ୍କ ପୁଅ ମାଲେଶୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଡିଏଲ୍‌ଏସ୍‌ଏ ପକ୍ଷରୁ କରୋନା ସଚେତନତା

ରାୟଗଡ଼ା ଅଫିସ,୫।୫:ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ପକ୍ଷରୁ ମଙ୍ଗଳବାର କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ସ୍ଥାନୀୟ ସିଭିଲ୍ କୋର୍ଟ ପରିସର ସଭାଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲା ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ, ରେଜିଷ୍ଟ୍ରାର୍ ପ୍ରତିମା ପାତ୍ର, ସବ୍‌ଜଜ୍ ଶତରୂପା ଶତପଥୀ, ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ବୈଶାଳୀ ନାୟକ ଉପସ୍ଥିତ ଥିଲେ। ଏଥିରେ ଡିଏଲ୍‌ଏସ୍‌ଏର ପାରା ଲିଗାଲ୍ ଭଲ୍ୟୁଣ୍ଟିୟରମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। କରୋନା ଭୂତାଣୁକୁ କିପରି ପ୍ରତିହତ କରିହେବ, ତାହାର ବିଭିନ୍ନ ଉପାୟ ଭଲ୍ୟୁଣ୍ଟିୟର୍‌ମାନଙ୍କୁ ବୁଝାଇଥିଲେ। ସରକାରଙ୍କ ଦ୍ୱାରା ଜାରି ଗାଇଡ୍‌ଲାଇନ୍‌କୁ ମାନି ଚଳିଲେ କରୋନାଠାରୁ ସୁରକ୍ଷିତ ରହିପାରିବା ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**ଜୟପୁର,୫।୫(ଡି.ଏନ୍.ଏ.)**

କୋରାପୁଟ ଜିଲା ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମରେ ଗତ ୨୭ତାରିଖରେ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଗୋଟିଏ ପରିବାରର ଦୁଇଜଣ ମହିଳାଙ୍କୁ ଆକ୍ରମଣ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଏଯାଏ ଗିରଫ କରା ନ ଯିବା ପ୍ରତିବାଦରେ ଆକ୍ରମଣର ଶିକାର ହୋଇଥିବା ୨ମହିଳା ଏବଂ ସେମାନଙ୍କ ସମର୍ଥକ ମଙ୍ଗଳବାର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅପରାହ୍ନରେ ସେମାନଙ୍କୁ ପ୍ରତିଶ୍ରୁତି ମିଳିବା ପରେ ସେମାନେ ଧାରଣାରୁ ଉଠି ନିଜ ଗ୍ରାମକୁ ଚାଲିଯାଇଥିଲେ। ୨୭ରେ ଫାମ୍ପୁଣି ଗ୍ରାମର ଅନନ୍ତରାମ ପ୍ରଧାନଙ୍କ ଅନୁପସ୍ଥିତିରେ ତାଙ୍କ ଘରେ ଗ୍ରାମର ଆଦିକନ୍ଦ ପ୍ରଧାନ, ଅରକ୍ଷିତ ପ୍ରଧାନ, ସ୍ମୃତିରଞ୍ଜନ ପ୍ରଧାନ, ଲିପୁନ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ ପଶି ତାଙ୍କ ମା' ସଞ୍ଜୁ ଏବଂ ସ୍ତ୍ରୀ ସରସ୍ୱତୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ସଦର ପୋଲିସ ଏନେଇ ଏକ ମାମଲା (୮୨/୨୦) ରୁଜୁ କରିଛି । ସେହିପରି ପ୍ରତିପକ୍ଷଙ୍କ ଏତଲାକ୍ରମେ ୨ ମହିଳାଙ୍କ ବିରୋଧରେ ଅନ୍ୟ ଏକ ମାମଲା (୮୩/୨୦) ରୁଜୁ ହୋଇଛି ।


ଧାରଣାରେ ବସିଥିବା ପରିବାର ।

# ବୋରିଗୁମ୍ମାକୁ ଫେରିବେ ୧୨୫୪ ପ୍ରବାସୀ ଓଡ଼ିଆ

**ବୋରିଗୁମ୍ମା,୫।୫ ( ଡି.ଏନ୍.ଏ. )–**

କରୋନା ଯୋଗୁ ସାରା ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଆରମ୍ଭ ହୋଇଛି। ରାଜ୍ୟ ସରକାର ପ୍ରବାସୀ ଓଡ଼ିଆଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବା ବ୍ୟବସ୍ଥା କରୁଛନ୍ତି। ତେବେ ଏଥିପାଇଁ ସରକାର ଯେଉଁମାନେ ଫେରିବାକୁ ଚାହୁଁଛନ୍ତି ନିଜ ନାମ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକକୁ ଆସିବା ପାଇଁ ଏପର୍ଯ୍ୟନ୍ତ ୧୨୫୪ ଜଣ ନାମ ପଞ୍ଜୀକରଣ କରିଛନ୍ତି। ବ୍ଲକର ୩୧ ପଞ୍ଚାୟତକୁ ପ୍ରବାସୀ ଓଡ଼ିଆ ଫେରିବେ। ଅଞ୍ଚଳା ପଞ୍ଚାୟତକୁ ୪୧ ଜଣ, ଆଉଁଳି ୩୪, ବି. ସିଂହପୁର ୧୨୦, ଦାଣ୍ଡିଗୁଡ଼ା ୨୧, ବେଣାଗାଁ ୫୨, ବେଣାସୁର ୩୧, ବିଜାପୁର ୫୨,ବୋଡିଗାଁ ୩୫, ବୋରିଗୁମ୍ମା ୫୨, ଚମ୍ପାପଦର୧୭, ଡେଙ୍ଗାପଦର ୪୨, ଗୁଜୁନିଗୁଡ଼ା ୧୨, ଗୁମୁଡ଼ା ୧୯, ହରଡ଼ାଗୁଡ଼ା ୧୫, ହରଦଲି ୬୮, ଜୁଝାରି ୨୨, କାମରା ୩୮, କାମତା ୫୭, କାଠରଗଡ଼ା ୧୧୦, କଣାଗାଁ ୩୩, କୁମୁଲି ୩୪, ମାଲଦା୧୭, ମୁଞ୍ଜା ୨୭, ନାରୀଗାଁ ୭୭, ନୂଆଗାଁ ୧୬, ପଣ୍ଡସଗୁଡ଼ା୨୬, ରଣସପୁର ୫୩, ସାନ ପରିଆ ୨୫, ସର୍ଗିଗୁଡ଼ା ୨୭, ସେମଳାଗୁଡ଼ା ୨୮ ଏବଂ ଶଶାହାଣ୍ଡି ଫେରିବାକୁ ୫୩ ଜଣ ନାମ ପଞ୍ଜୀକରଣ କରିଛନ୍ତି। ଏମାନେ ବୋରିଗୁମ୍ମା ଫେରିଲେ ସେମାନଙ୍କ ସ୍ୱାବ୍ ଟେଷ୍ଟ କରାଯିବା ସହ ୧୪ ଦିନ ପାଇଁ ସଙ୍ଗରୋଧରେ ରଖାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଗୋଟିଏ ଦୋକାନରୁ ୩ ଦିନରେ ୨ ଥର ଚୋରି

**ନବରଙ୍ଗପୁର,୫।୫(ବି.ପ୍ର.)**

ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡ ନିକଟରେ ଥିବା ଏକ ଦୋକାନରୁ ୩ ଦିନରେ ୨ ଥର ଚୋରି ହୋଇଥିବା ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ବସଷ୍ଟାଣ୍ଡ ନିକଟରେ ଥିବା ଏସ.କେ. ଖଲିଲଙ୍କ ଦୋକାନରୁ ଶୁକ୍ରବାର ରାତିରେ ସଟର ତାଲାକାଟି ନଗଦ ୪ ହଜାର ଟଙ୍କା ଚୋରି ହୋଇଥିଲା। ଶନିବାର ସକାଳେ ଖଲିଲ ଏହା ଜାଣିବା ପରେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲା। ଏହାର ୩ ଦିନ ପରେ ସୋମବାର ପୁଣି ଖଲିଲଙ୍କ ଦୋକାନ ପଛ ପାଖ ତାଡି ଭିତରେ ପଶି ବିସ୍କୁଟ, ମୃଦୁ ପାନୀୟ, ତେଲ, ପେଷ୍ଟ, ପାଣି ବୋତଲ, ମିଠା ପ୍ୟାକେଟ ଆଦି ଚୋରୀ ହୋଇଛି । ମଙ୍ଗଳବାର ସକାଳେ ଦୋକାନ ମାଲିକ ଏହା ଜାଣିବା ପରେ ନବରଙ୍ଗପୁର ଥାନାକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ । ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ଦୋକାନ ପଛ ପାଖରେ ରହିଛି ସହରର ବାସହୀନ ଆଶ୍ରୟ ସ୍ଥଳ । ସେଠାରେ ରାତି ଜଗୁଆଳି ସହ ଲୋକମାନେ ମଧ୍ୟ ଆଶ୍ରୟ ନେଉଛନ୍ତି। ଚୋରି ହେବା ଘଟଣା କେହି ବି ଜାଣି ନାହାନ୍ତି। ବସଷ୍ଟାଣ୍ଡ ନିକଟରେ ରହିଥିବା ୪ଟି ଷ୍ଟଲରୁ ଏଯାଏ ଚୋରି ହୋଇଛି। ତେବେ ଏ ପର୍ଯ୍ୟନ୍ତ ପୋଲିସ ହାତରେ କେହି ଧରା ପଡି ନାହାନ୍ତି।

# ରାୟଗଡ଼ାରେ କୋହଳ ହେଲା କଟକଣା

**ରାୟଗଡ଼ା ଅଫିସ,୫।୫:**

**ସକାଳ ୭ରୁ ମଧ୍ୟାହ୍ନ ଗୋଟାଏ ଯାଏ ଖୋଲିବ ଦୋକାନ**

ଦେଶରେ ସୋମବାରଠାରୁ ଆରମ୍ଭ ହୋଇଛି ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍। ରାୟଗଡ଼ା ଜିଲା ଗ୍ରୀନ୍ ଜୋନ୍‌ରେ ରହିଥିବାରୁ ଏଠାରେ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। ସ୍କୁଲ, କଲେଜ, ଅନ୍ୟ ଶିକ୍ଷାନୁଷ୍ଠାନ, ସିନେମା ହଲ୍, ଶପିଂ ମଲ୍, ପାର୍କ, ବାର୍, ମଦ ଦୋକାନ, ଧାର୍ମିକ ଅନୁଷ୍ଠାନ, ସେଲୁନ, ପାନ ଦୋକାନ, ଚା' ଦୋକାନ, ଟିଫିନ୍ ଦୋକାନ, ଠେଲା ବ୍ୟବସାୟ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବଜାର ସକାଳ ୭ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଖୋଲିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି। ଢ଼ାବା ଓ ରେସ୍ତୋରାଁଗୁଡ଼ିକରୁ କେବଳ ଖାଦ୍ୟ ନେଇ ଘରକୁ ଯାଇପାରିବେ। ସେହିପରି ସାମାଜିକ ଦୂରତା ରଖି ଅଟୋରିକ୍ସା ଏବଂ ରିକ୍ସା ମଧ୍ୟ ଚଳାଚଳ କରିପାରିବ। ଅନ୍ୟପକ୍ଷରେ ମାଲ୍‌ବାହୀ ଗାଡ଼ିଗୁଡ଼ିକ ରାଜ୍ୟ ଏବଂ ରାଜ୍ୟ ବାହାରକୁ ଯାଇପାରିବ। ତେବେ ଅନ୍ୟ ବ୍ୟକ୍ତି ଏବଂ ଯାନବାହନ ଜିଲା କିମ୍ବା ଜିଲା ବାହାରକୁ ଯିବାକୁ ହେଲେ ଅନୁମତି ନେଇ ଯିବାକୁ ପଡ଼ିବ। ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅଣ ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ବାହାରକୁ ଯିବାକୁ ନିଷେଧ କରାଯାଇଛି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ୨ ଅଟକ

**କାଲିମେଳା,୫।୫(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ମୋଟୁ ଥାନା ଅନ୍ତର୍ଗତ ଏମପିଭି–୮୨ ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ମୋଟୁ ଥାନାରେ ଅଭିଯୋଗ ହୋଇଛି । ଘଟଣା ଗତ ୧ ରେ ଘଟିଥିବା ବେଳେ ନାବାଳିକାଙ୍କ ମା' ଗତ ୪ରେ ୨ ଅଭିଯୁକ୍ତଙ୍କ ନାମରେ ମୋଟୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ୨୫।୨୦ରେ ଏକ ମାମଲା ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ପଚରାଉଚରା ଜାରି ରହିଛି। ଅଟକ ୨ ଅଭିଯୁକ୍ତ ହେଲେ ଗୁମୁକା ପଞ୍ଚାୟତ ଏମପିଭି–୧୫ ଗ୍ରାମର ଆଶୁତୋଷ ବାଲା ଏବଂ ପ୍ରକାଶ ପାଣ୍ଡେ ବୋଲି ଜଣାପଡିଛି। ଗତ ୧ରେ ଏମପିଭି–୮୩ ଗ୍ରାମର କେନାଲ ନିକଟରେ ଉକ୍ତ ନାବାଳିକା ଜଣକ ପ୍ରକାଶଙ୍କ ସହିତ କଥା ହେଉଥିବା ସମୟରେ ଆଶୁତୋଷ ସେଠାରେ ପହଞ୍ଚି ଗାଳିଗୁଲଜ କରି ନାବାଳିକାଙ୍କୁ ମାଡମାରିବା ସହ ବଳାତ୍କାର କରିଥିବା ଏତଲାରେ ଉଲ୍ଲେଖ ରହିଛି। ଉଭୟଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି। ଏସଆଇ ପ୍ରଶାନ୍ତ ନିସିକା ଘଟଣାର ତଦନ୍ତ କରୁଛନ୍ତି।

# ୧୦ ଶ୍ରମିକଙ୍କୁ ରାଜସ୍ଥାନ ପଠାଇଲା ଜିଲା ପ୍ରଶାସନ

**ମାଲକାନଗିରି,୫।୫ (ଡି.ଏନ୍.ଏ)–**

ଲକ୍‌ଡାଉନ ଯୋଗୁ ମାଲକାନଗିରି ଜିଲାର ଅନେକ ଶ୍ରମିକ ବାହାର ରାଜ୍ୟରେ ଫସିରହିଛନ୍ତି। ସେହିପରି ବାହାର ରାଜ୍ୟର ଶ୍ରମିକମାନେ ମଧ୍ୟ ଜିଲାରେ ଫସି ରହିଛନ୍ତି। ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଆରମ୍ଭ ହେବା ପରେ ବାହାର ରାଜ୍ୟରେ ଥିବା ଶ୍ରମିକଙ୍କୁ ନିଜ ଜିଲାକୁ ଫେରାଇ ଆଣିବା ପାଇଁ ପ୍ରଶାସନ ଉଦ୍ୟମ ଅବ୍ୟାହତ ରଖିଛି। ସେହିପରି ମାଲକାନଗିରି ଜିଲାରେ ଫସି ରହିଥିବା ଶ୍ରମିକଙ୍କୁ ମଧ୍ୟ ସେମାନଙ୍କ ରାଜ୍ୟକୁ ପଠାଇବା ବ୍ୟବସ୍ଥା କରୁଛି। ଏହି କ୍ରମରେ ମଙ୍ଗଳବାର ମାଲକାନଗିରି ସଦର ମହକୁମାରେ ଫସି ରହିଥିବା ୧୦ ଜଣ ଶ୍ରମିକଙ୍କୁ ପ୍ରଶାସନ ତାଙ୍କ ରାଜ୍ୟ ରାଜସ୍ଥାନର କୋଟାକୁ ପଠାଇ ଦେଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଏହି ଶ୍ରମିକମାନଙ୍କୁ ପଠାଯାଇଛି।


ରାଜସ୍ଥାନ ଯାଉଥିବା ଶ୍ରମିକଙ୍କୁ ଅଧିକାରୀମାନେ ଖାଦ୍ୟସାମଗ୍ରୀ ଦେଉଛନ୍ତି ।

# ବଜ୍ରପାତରେ ୪ ଆହତ

**ଗୁମ୍ମା,୫।୫**

ଗଜପତି ଜିଲା ଗୁମ୍ମା ବ୍ଲକ ଭୁବନି ପଞ୍ଚାୟତର ଭୁବନି ଗ୍ରାମରେ ସରପଞ୍ଚଙ୍କ ଘର ଉପରେ ସୋମବାର ସନ୍ଧ୍ୟା ସାଢେ ୬ଟାରେ ବଜ୍ରପାତ ହୋଇ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସରପଞ୍ଚ ସୁଲେମି ରୋଇତ,ତାଙ୍କ ସ୍ୱାମୀ ଆମେଲି ମଣ୍ଡଳ,କୀର୍ତ୍ତନ ରୋଇତ ଓ ସେରୁବୁ ଶବର। କୀର୍ତ୍ତନ ଓ ସେରୁବୁ ସରପଞ୍ଚଙ୍କ ସମ୍ପର୍କୀୟ। ଏମାନେ ଘରେ ଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିଯୋଗୁ ଘରର ସମସ୍ତ ବିଦ୍ୟୁତ୍ ବୋର୍ଡ ସହ ଉପକରଣ ପୋଡ଼ିଯାଇଛି। ଆହତଙ୍କୁ ସଙ୍ଗେ ସଙ୍ଗେ ଗୁମ୍ମା ଡାକ୍ତରଖାନାକୁ ନିଆଯାଇଥିଲା। ଖବରପାଇ ସେଠାରେ ତହସିଲଦାର ନଟବର ଗରୋଡ଼ା ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ କିଛି ସହାୟତା ଆହତଙ୍କୁ ଯୋଗାଇଦେବାକୁ ବ୍ୟବସ୍ଥା କରିବେ ବୋଲି ତହସିଲଦାର କହିଛନ୍ତି।

# ଜିଲାପାଳଙ୍କ ସୁଙ୍କି କ୍ୱାରାଣ୍ଟାଇନ ପରିଦର୍ଶନ

**ପଟ୍ଟାଙ୍ଗୀ,୫।୫(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକକୁ ଫେରିବାକୁ ଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ହୋଇଥିବା କ୍ୱାରାଣ୍ଟାଇନ ବ୍ୟବସ୍ଥା ସମ୍ପର୍କରେ ମଙ୍ଗଳବାର ଜିଲାପାଳ ମଧୁସୂଦନ ମିଶ୍ର ଅନୁଧ୍ୟାନ କରିଛନ୍ତି। ସେ ବ୍ଲକର ଆନ୍ଧ୍ର ସୀମାନ୍ତ ସୁଙ୍କି ପଞ୍ଚାୟତକୁ ଗସ୍ତକରି ଏମ୍‌ଇ ସ୍କୁଲ ପରିସରରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ପ୍ରବାସୀ ଓଡ଼ିଆଙ୍କ ପଞ୍ଜୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ୱାରାଣ୍ଟାଇନରେ ଥିବା ୧୬ ଜଣ ପ୍ରବାସୀ ଓଡ଼ିଆଙ୍କୁ ସମସ୍ତ ନିୟମାବଳୀ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ସୁଙ୍କି ସରପଞ୍ଚ ସୀମାଦ୍ରି ଜାନି, ଉପଜିଲାପାଳ ଲଳିତ କଅଁର, ବିଡିଓ ମୋନାଲିସା ଦେବତା, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ରାଜସ୍ୱ ସୁପରଭାଇଜର ଭାସ୍କର ଗୋମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।


କ୍ୱାରାଣ୍ଟାଇନ କେନ୍ଦ୍ରରେ ଜିଲାପାଳ ତଦାରଖ କରୁଛନ୍ତି ।

# ବେନିୟମ ଚାଲାଣ ହେଉଛି କେନ୍ଦୁପତ୍ର

**ମାଲକାନଗିରି,୫।୫(ଡି.ଏନ୍.ଏ.)**

- ବିନା ନଥିପତ୍ରରେ ଚାଲିଛି କାରବାର
- ପ୍ରଶାସନ ନୀରବ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ
- କାଗଜପତ୍ରରେ ଉଲ୍ଲେଖ ରହୁନି ତଥ୍ୟ

ମାଲକାନଗିରି ଜିଲାରେ ବର୍ଷକୁ କୋଟି କୋଟି ଟଙ୍କାର କେନ୍ଦୁପତ୍ର କାରବାର ହୋଇଥାଏ। ଜିଲାର ଆଦିବାସୀ ଏବଂ ଅଣ ଆଦିବାସୀ କେନ୍ଦୁପତ୍ର ସଂଗ୍ରହକରି ଗୁଜୁରଣ ମେଣ୍ଟାଇଥାନ୍ତି। ଚଳିତବର୍ଷ କରୋନା ଯୋଗୁ କେନ୍ଦୁପତ୍ର ସଂଗ୍ରହ ଓ ବ୍ୟବସାୟ ଉପରେ ଆଶଙ୍କା ଥିଲା। ସରକାର କେନ୍ଦୁପତ୍ର ସଂଗ୍ରହ ପାଇଁ ନିୟମରେ କୋହଳ କଲା ପରେ ବନ ବିଭାଗ ପତ୍ରତୋଳା ଆରମ୍ଭ କରିଥିଲା। ମାତ୍ର ରାଜ୍ୟ ବାହାରର କେତେଜଣ ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ମିଶି କେନ୍ଦୁପତ୍ର ସଂଗ୍ରହ କରି ବସ୍ତାରେ ଲୋଡ୍ କରି ବିଭିନ୍ନ ସ୍ଥାନରେ ଲୁଚାଇ ରଖୁଥିବା ଜଣାପଡ଼ିଛି। ନିୟମ ଅନୁଯାୟୀ ବନ ବିଭାଗ ହେଉ କିମ୍ବା ସ୍ୱୀକୃତିପ୍ରାପ୍ତ ବେସରକାରୀ ସଂସ୍ଥା ପତ୍ର ଖର୍ଦ୍ଦି କଲେ ସେହି ଫଡ଼ିରୁ ପରିବହନ ସମୟରେ ଚାଲାଣ ରସିଦ୍ କାଟିବେ। ଗାଡ଼ିରେ କେତେ ବସ୍ତା କେଉଁ ଫଡ଼ିରୁ ଲୋଡ୍ କରାଗଲା, କେଉଁ ଗୋଦାମକୁ ଯିବ ଗାଡ଼ି ନମ୍ବର, ଡ୍ରାଇଭରଙ୍କ ନାମ ଆଦି ଉଲ୍ଲେଖ କରାଯିବା କଥା। ମାତ୍ର ଏହା ହେଉନାହିଁ। ସୋମବାର କେତେକ ଗାଡି ପତ୍ର ଲୋଡ୍‌କରି ଯାଉଥିବା ବେଳେ ସେମାନଙ୍କୁ ଯାଞ୍ଚ ସମୟରେ ଅବ୍ୟବସ୍ଥା ଧରାପଡ଼ିଥିଲା। ଗୋଟିଏ ଗାଡ଼ିରେ ଏକ ବେସରକାରୀ ସଂସ୍ଥାର କେନ୍ଦୁପତ୍ର ବ୍ୟାଗ୍ ପରିବହନ ରସିଦ୍ ଥିବା ବେଳେ ଅନ୍ୟ ଏକ ୪୦୭ ଗାଡ଼ିରେ ହାତଲେଖା କାଗଜ ଚିରକୁଟ ଡ୍ରାଇଭର ଦେଖାଇଥିଲେ। ଏହା ସମ୍ପୂର୍ଣ୍ଣ ବେନିୟମ । ଡ୍ରାଇଭରଙ୍କୁ ଏନେଇ ପଚାରିବାରୁ ସେ ଠିକ୍ ଉତ୍ତର ଦେଇପାରି ନ ଥିଲେ। ଫଳରେ ଏହା ଚୋରା କାରବାର ବୋଲି ସନ୍ଦେହ ଉପୁଜିଛି। ଜିଲାରେ ଏପରି ବହୁସଂଖ୍ୟକ ଟ୍ରାକ୍ଟର , ୪୦୭ ଓ ଟ୍ରକ୍‌ରେ ବିନା ଫଡ଼ି ଚାଲାଣରେ କେନ୍ଦୁପତ୍ର ଚାଲାଣ ହେଉଛି । ବନ ବିଭାଗ, ଜିଲା ପ୍ରଶାସନ ଓ ପୋଲିସ ବିଭାଗ ଆଖିବୁଜି ଦେଇଛି। ତୁରନ୍ତ ଦୁର୍ନୀତି ନିବାରଣ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।


ଚାଲାଣ ହୋଉଥିବା କେନ୍ଦୁପତ୍ର ।



ତଥ୍ୟ ନ ଥିବା ହାତଲେଖା ରସିଦ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ମେ ୬/୨୦୨୦ Wednesday, May 6/2020

## ସଂକ୍ଷେପରେ

### ଦିଲ୍ଲୀରେ ମହଙ୍ଗା ହେଲା ଡିଜେଲ

**ନୂଆଦିଲ୍ଲୀ,୫।୫:** ଦିଲ୍ଲୀ ସରକାର ଇନ୍ଧନ ଉପରେ ଭାଟ୍ ଲାଗୁ କରିବା ପରେ ସେଠାରେ ଡିଜେଲ ସବୁଠାରୁ ମହଙ୍ଗା ସ୍ତର ଛୁଇଁଛି। ଏଠାରେ ମଙ୍ଗଳବାର ପେଟ୍ରୋଲର ଲିଟର ପିଛା ଦର ୧.୬୭ ଟଙ୍କା ବଢ଼ିଥିବା ବେଳେ ଡିଜେଲ ଦର ଲିଟର ପିଛା ୭.୧୦ ଟଙ୍କା ବଢ଼ିଥିବା ନଜରକୁ ଆସିଛି। ଅନ୍ୟ ମେଟ୍ରୋ ସହର ତୁଳନାରେ ଦିଲ୍ଲୀରେ ଡିଜେଲ ଦର ସବୁଠାରୁ ଉଚ୍ଚରେ ରହିଛି। ତୈଳ ବିପଣନ କମ୍ପାନୀ ଦେଇଥିବା ତଥ୍ୟ ମୁତାବକ ଦିଲ୍ଲୀରେ ଡିଜେଲର ଲିଟର ପିଛା ଦର ୬୯.୩୯ ଟଙ୍କା ଛୁଇଁଛି। ସେହିଭଳି ପେଟ୍ରୋଲ ଦର ଲିଟର ପିଛା ୭୧.୨୬ ଟଙ୍କା ରହିଛି। ଏଠାରେ ଏବେ ପେଟ୍ରୋଲ ଉପରେ ଭାଟ୍ ୨୭%ରୁ ୩୦%କୁ ବଢ଼ିଥିବା ବେଳେ ଡିଜେଲ ଉପରେ ୧୬.୭୫%ରୁ ୩୦% ଛୁଇଁଛି। ଭାଟ୍ ବୃଦ୍ଧି ଦ୍ୱାରା ବାର୍ଷିକ ୯୦୦ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ପାଇବାକୁ ଦିଲ୍ଲୀ ସରକାର ଲକ୍ଷ୍ୟ ରଖିଛନ୍ତି। ଦିଲ୍ଲୀ ବାଦ୍ ଅନ୍ୟ କୌଣସି ସହରରେ ପେଟ୍ରୋଲ, ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ଆସିନାହିଁ।

### ହ୍ୱାଟ୍ସଆପ୍,ଇ-ମେଲ୍‌ରେ ମଗାଇହେବ ଔଷଧ

**ନୂଆଦିଲ୍ଲୀ,୫।୫:** ଲକ୍‌ଡାଉନ ସମୟରେ ବିଭିନ୍ନ ଜନଔଷଧି କେନ୍ଦ୍ରରୁ ଲୋକମାନେ ହ୍ୱାଟ୍ସଆପ୍ ଏବଂ ଇ-ମେଲ୍ ଜରିଆରେ ଔଷଧ ମଗାଇପାରିବେ। ସରକାର ମଙ୍ଗଳବାର ଏ ନେଇ ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି। ଲୋକଙ୍କ ନିକଟରେ ସହଜରେ ଔଷଧ ପହଞ୍ଚାଇବା ଲାଗି ସରକାର ଏଭଳି ବ୍ୟବସ୍ଥା କରିଛନ୍ତି। ସରକାରଙ୍କ ତଥ୍ୟ ମୁତାବକ ଦେଶର ୭୨୬ ଜିଲାରେ ୬,୩୦୦ରୁ ଅଧିକ ଜନଔଷଧି କେନ୍ଦ୍ର କାର୍ଯ୍ୟ କରୁଛି। କେନ୍ଦ୍ରମନ୍ତ୍ରୀ ସଦାନନ୍ଦ ଗୌଡ଼ା କହିଛନ୍ତି ଯେ, ଅତ୍ୟାଧୁନିକ ପ୍ଲାଟ୍‌ଫର୍ମରେ ଔଷଧ ସାମଗ୍ରୀ ଯୋଗାଣ ନେଇ ବ୍ୟବସ୍ଥା କରାଯାଇଛି।

# କାରବାର ସୁଧାର ଆଶାରେ ବ୍ୟବସାୟୀ

**ଭୁବନେଶ୍ୱର,୫।୫**

ବର୍ତ୍ତମାନ ଲକ୍‌ଡାଉନ ଜାରି ରହିଛି। କିଛି କ୍ଷେତ୍ରରେ କଟକଣା କୋହଳ କରାଯାଇଥିବା ବେଳେ ରାଜ୍ୟର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯୋଗାଣ କରୁଥିବା ଶୋ'ରୁମ୍‌ଗୁଡ଼ିକ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି। ସ୍ପେକ୍ଟ୍ରାଭିଜନ, ରାଜ ଇଲେକ୍ଟ୍ରୋନିକ୍ସ, ଗୁପ୍ତା ଡିଷ୍ଟ୍ରିବ୍ୟୁଟର, କଳିଙ୍ଗ ସେଲ୍‌ସ ଭଳି ପ୍ରମୁଖ ଷ୍ଟୋରଗୁଡ଼ିକ ସେବା ଯୋଗାଣ ନେଇ ପୁଣି ଥରେ ପ୍ରସ୍ତୁତ ହୋଇଛନ୍ତି। କିଛି କିଛି ବ୍ୟବସାୟୀ ଚଳିତ ମାସ ୧ ତାରିଖଠାରୁ ଷ୍ଟୋର ଖୋଲିଥିବା ବେଳେ ଅନ୍ୟ କେତେକେ ୫ ତାରିଖଠାରୁ ଷ୍ଟୋର ଖୋଲିବା ଆରମ୍ଭ କରିଛନ୍ତି। ଷ୍ଟୋରଗୁଡ଼ିକ ସରକାରଙ୍କ ନିୟମ କାନୁନ ଅନୁସାରେ ପରିଚାଳିତ ହେଉଛି। ଷ୍ଟାଫ୍ କମ୍ କରି ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ, ସାନିଟାଇଜର ବ୍ୟବସ୍ଥା ମଧ୍ୟ ହୋଇଛି।

ଗ୍ରାହକଙ୍କୁ ବାନ୍ଧି ରଖିବା ଲାଗି କମ୍ପାନୀଗୁଡ଼ିକ ଆଗଭର ହୋଇଛନ୍ତି। ବିଶେଷକରି ଫାଇନାନ୍ସ ସୁବିଧା ପ୍ରଦାନ କରିବାକୁ ଯୋଜନା ରହୁଥିବା ଏକ ପ୍ରମୁଖ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି। ଷ୍ଟୋରଗୁଡ଼ିକରେ କଷ୍ଟମର ଫୁଟ୍‌ଫଲ୍ ବା ଗ୍ରାହକ ଦୋକାନ ଯାଇ ସାମଗ୍ରୀ ପରଖିବା କମିଛି। କରୋନା ଯୋଗୁ ବିଜ୍‌ନେସ ମଧ୍ୟ କମିଛି। ଲୋକଙ୍କ ଅସୁବିଧା କ୍ଷେତ୍ରରେ ସର୍ଭିସ ଦେବା ଲାଗି ଯୋଜନା କରାଯାଇଛି। ଆଗାମୀ କିଛିଦିନ ଲାଗି ବିଜ୍‌ନେସ ମନ୍ଥର ରହିବ। ସୋସିଆଲ ଡିଷ୍ଟାନ୍ସିଂ,ଭାଇରସ୍ ଡର ରହୁଥିବାରୁ ଏହା ବାଣିଜ୍ୟକୁ ପ୍ରଭାବିତ କରିବ। ଜୁନ୍ ଯାଏ ଏସି କୁଲର ଫ୍ରିଜ୍ ବ୍ୟବସାୟ ଚାଲିବ। ପୂର୍ବାପେକ୍ଷା କାରବାର କମିଥିବା ବେଳେ ଭଲ ବ୍ୟବସାୟ ନେଇ ବ୍ୟବସାୟୀ ଆଶାବାଦୀ ରହିଛନ୍ତି। ଖରାଦିନକୁ ନଜରରେ ରଖି ବ୍ୟବସାୟୀମାନେ ଏବେ ପ୍ରସ୍ତୁତ ହୋଇଛନ୍ତି।



### ଲୋକଙ୍କ ସୁବିଧାକୁ ଫୋକସ

ଶନିବାରଠାରୁ ଷ୍ଟୋର ଖୋଲିଛି। ଲୋକଙ୍କର ଅସୁବିଧା ସାମାଧାନ ପାଇଁ ଫୋକସ ରହିଛି। ଟେକ୍ନିସିଆନ କମ୍ ଥିବାରୁ ଏ କ୍ଷେତ୍ରରେ ଅସୁବିଧା ରହିଛି। ବର୍ତ୍ତମାନ ଆମର ଗୋଟିଏ ଷ୍ଟୋର ଖୋଲିଛି। ୯୦% ବ୍ୟବସାୟୀଙ୍କ ବାଣିଜ୍ୟ କାରବାର ଏବେ ପ୍ରଭାବିତ ରହିଛି। ଚଳିତ ବର୍ଷ ସ୍ଥିତି ସୁଧୁରିବ ବୋଲି କହି ହେଉନାହିଁ। କ୍ଷୁଦ୍ର ବିଜ୍‌ନେସ୍ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ। ସରକାର ଏହି ବ୍ୟବସାୟୀଙ୍କ କଥା ଚିନ୍ତା କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନର କଷ୍ଟ ସମୟରେ ସମସ୍ତେ ସହଯୋଗିତା ସେବା ମନୋବୃତ୍ତି ରଖି କାମ କରିବା ଆବଶ୍ୟକ। କରୋନା ବିରୋଧରେ ମିଳିତ ଭାବେ ଲଢ଼ିବାକୁ ହେବ।

**– ଦେବବ୍ରତ ଛୋଟରାୟ**
**ମ୍ୟାନେଜିଂ ପାର୍ଟନର, କଳିଙ୍ଗ ସେଲ୍‌ସ**

- ଖୋଲିଲାଣି ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍
- ବାଣିଜ୍ୟ ପ୍ରଭାବିତ ହୋଇଛି
- କଷ୍ଟମର ଫୁଟ୍‌ଫଲ୍ କମିଛି
- ଖରାଦିନ ବେପାର ପାଇଁ ପ୍ରସ୍ତୁତି

### ସରକାର ସହାୟତା ଦିଅନ୍ତୁ



ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱର, କଟକରେ ଷ୍ଟୋର ଖୋଲିଛି। କଟକଣା ସମ୍ପୂର୍ଣ୍ଣ ଉଠି ନ ଥିବାରୁ ଲୋକେ ଷ୍ଟୋରକୁ ଆସୁନାହାନ୍ତି। ଦୋକାନରେ ବିକ୍ରି ଏତେଟା ନାହିଁ। ଫାଇନାନ୍ସ ସୁବିଧା ଏବେ ଯାଏ ଆରମ୍ଭ ହୋଇନାହିଁ। ଗ୍ରାହକ ଏତେଟା ଆସୁନାହାନ୍ତି। ବର୍ତ୍ତମାନ କାରବାର ବନ୍ଦ ରହିଥିବା ଯୋଗୁ କର୍ମଚାରୀଙ୍କ ସମେତ ବିଭିନ୍ନ ପରିଚାଳନା ଖର୍ଚ୍ଚ କରିବାକୁ ପଡୁଛି। ବ୍ୟାଙ୍କ ଋଣରେ ସୁଧଛାଡ଼ ସହ ବିଭିନ୍ନ ସହାୟତା ହେବାର ଆବଶ୍ୟକତା ରହିଛି। ଏହା ହେଲେ ବ୍ୟବସାୟୀଙ୍କୁ କାରବାର ବଜାୟ ରଖିବା ସହଜ ହେବ। ସରକାର ସନ୍ଧ୍ୟା ୬ ଯାଏ ଅନୁମତି ଦେଇଥିବାରୁ ଖରାବେଳେ ଲୋକମାନେ ଆସୁନାହାନ୍ତି। ଅନ୍ତତଃ ପକ୍ଷେ ୮ଟା ଯାଏ ଷ୍ଟୋର ଖୋଲିବାକୁ ଅନୁମତି ଦେବା ଉଚିତ। ଲକ୍‌ଡାଉନ ସମ୍ପୂର୍ଣ୍ଣ ଉଠିବା ପରେ ବ୍ୟବସାୟରେ ସୁଧାର ଆସିବା ନେଇ ଆଶାବାଦୀ। କ୍ଷୁଦ୍ର ବ୍ୟବସାୟୀମାନେ ବହୁ ସଂଖ୍ୟାରେ ଲୋକଙ୍କୁ ନିଯୁକ୍ତି ଦେଇଥିବାରୁ ସରକାର ଏ କ୍ଷେତ୍ରରେ ସହାୟତା ଦେଲେ ବ୍ୟବସାୟୀଙ୍କ ଲାଗି ଭଲ ହୁଅନ୍ତା।

**– ପ୍ରକାଶ ବିଶ୍ୱାଳ, ସ୍ୱତ୍ୱାଧିକାରୀ, ରାଜ୍ ଇଲେକ୍ଟ୍ରୋନିକ୍ସ**

### ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନ ଦିଆଯାଉଛି



ଲକ୍‌ଡାଉନ ଯୋଗୁ ଷ୍ଟୋରରେ ଗ୍ରାହକଙ୍କ ସଂଖ୍ୟା ପୂର୍ବାପେକ୍ଷା କମିଛି। ଶୁକ୍ରବାରଠାରୁ ବାପୁଜୀନଗର ଶୋ'ରୁମ୍ ଖୋଲାଯାଇଛି। ଖରାଦିନ ଚାଲୁଥିବାରୁ ଗ୍ରାହକଙ୍କ ଚାହିଦାକୁ ବିଚାରକରି ସାମଗ୍ରୀ ଯୋଗାଇଦେବାକୁ ପ୍ରୟାସ ଜାରି ରହିଛି। ବର୍ତ୍ତମାନ ଅର୍ଥ ବ୍ୟବସ୍ଥାର ସ୍ଥିତି ଖରାପ ଆଡ଼କୁ ଗତି କରୁଥିବା ବେଳେ ଆଗାମୀ ଦିନର ବ୍ୟବସାୟ ସମ୍ପର୍କରେ ଏବେଠୁ ଆକଳନ କରିହେବ ନାହିଁ। ହେଲେ ଗ୍ରାହକଙ୍କୁ ସର୍ବଦା ଗୁରୁତ୍ୱ ଦିଆଯାଉଛି। ଗ୍ରାହକ ଯଦି ତାଙ୍କ ପକ୍ଷରୁ ଫୋନ ଦ୍ୱାରା ସମ୍ପର୍କ କରୁଛନ୍ତି ତାଙ୍କୁ ମଧ୍ୟ ହୋମ୍ ଡେଲିଭରି ଦେବାକୁ ପଦକ୍ଷେପ ନିଆଯାଉଛି। ଲୋକଙ୍କୁ ଫାଇନାନ୍ସ ସୁବିଧା ମଧ୍ୟ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ଅତି ଆବଶ୍ୟକ କ୍ଷେତ୍ରରେ ସେବା ଯୋଗାଣ ହେଉଛି।

**– ଦେବରାଜ ରଥ, ଏମ୍‌ଡି, ସ୍ପେକ୍ଟ୍ରାଭିଜନ**

### ଚାହିଦା ଫେରାଇ ଆଣିବାକୁ ଅଭିଜିତଙ୍କ ପରାମର୍ଶ

**ନୂଆଦିଲ୍ଲୀ,୫।୫:** ଚାହିଦା ଫେରାଇ ଆଣିବା ଲାଗି ଭାରତ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ପ୍ୟାକେଜ ପ୍ରଦାନ କରୁ ବୋଲି ନୋବେଲ ବିଜେତା ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ କହିଛନ୍ତି। ଲୋକଙ୍କ ହାତକୁ ଅର୍ଥ ସିଧାସଳଖ ପ୍ରଦାନ କଲେ ଲକ୍‌ଡାଉନ ପରେ ଏହା ଦେଶରେ ଚାହିଦା ବଢ଼ାଇବା ଦିଗରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ସେ ଭିଡିଓ



କନଫରେନ୍ସିଂ ଯୋଗେ ଆଲୋଚନା କରିଛନ୍ତି। ସ୍ୱଚ୍ଛଳ ନ ଥିବା ଦେଶର ୬୦ ଭାଗ ଲୋକଙ୍କୁ ସିଧାସଳଖ ଅର୍ଥ ଯୋଗାଇ ପାରିଲେ ଚାହିଦା ଫେରାଇ ଆଣିବାକୁ ଏହା ସହାୟକ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଆମେରିକା ଭଳି ଭାରତ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ପ୍ୟାକେଜ ଦେଉ। ଏହା ବାଦ୍ ମୋରାଟୋରିୟମ ସୁବିଧାକୁ ଭଲ ଭାବେ ଲାଗୁ କରାଇବା, ରାଶନ ସାମଗ୍ରୀ ପାଇବାକୁ ଅସୁବିଧାର ସାମ୍ନା କରୁଛନ୍ତି ତାଙ୍କୁ ଅସ୍ଥାୟୀ ରାଶନ କାର୍ଡ ପ୍ରଦାନ କରାଯିବା ଉପରେ ସେ ଜୋର ଦେଇଛନ୍ତି।

### ନିରାପତ୍ତା କ୍ଷେତ୍ରରେ ହ୍ୟୁଣ୍ଡାଇର ଉଦ୍ୟମ

**ଭୁବନେଶ୍ୱର,୫।୫:** ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ କର୍ମଚାରୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ଉଦ୍ୟମ ଜାରି ରହିଛି। କମ୍ପାନୀ ପକ୍ଷରୁ ଏହାର ପ୍ରତି ବିତରଣ କେନ୍ଦ୍ରଗୁଡିକରେ ସାନିଟାଇଜ ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ଶୋ'ରୁମ୍ ଏବଂ ୱାର୍କଶପରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି। ଗ୍ରାହକ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଇଥିବା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ କହିଛନ୍ତି।

### ଉତ୍ପାଦନରେ ରେକର୍ଡ କଲା ଜେଏସ୍‌ପିଏଲ୍

**ଭୁବନେଶ୍ୱର,୫।୫:** ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ରେକର୍ଡ ହାସଲ କରିଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ମଧ୍ୟ ଇସ୍ପାତ ରପ୍ତାନି କ୍ଷେତ୍ରରେ ମଧ୍ୟ କମ୍ପାନୀ ରେକର୍ଡ ୧୦୯% ଅଭିବୃଦ୍ଧି କରିଛି। ଏପ୍ରିଲରେ କମ୍ପାନୀ ୫.୫୦ ଲକ୍ଷ ମେଟ୍ରିକ ଟନ୍ ଇସ୍ପାତ ଓ ଗ୍ରାନୁଲେଟେଡ୍ ପିଗ୍ ଆଇରନ ଉତ୍ପାଦନକରି ୫% ଅଭିବୃଦ୍ଧି ହାସଲ କରୁଛି। ଜେଏସ୍‌ପିଏଲ୍ ଗ୍ରୁପ୍ ସମୂହ ୬.୫୫ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ କରିଛି। ଜେଏସ୍‌ପିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଭି.ଆର୍. ଶର୍ମା କହିଛନ୍ତି, ରେଳପଥ ଏବଂ ପୂର୍ବ ଭାରତର ବିଭିନ୍ନ ବନ୍ଦର କର୍ତ୍ତୃପକ୍ଷଙ୍କ ସହଯୋଗ ହେତୁ କମ୍ପାନୀ ଇସ୍ପାତ ଉତ୍ପାଦନ ଜାରି ରଖିଛି।

## ଖେଳ ଖବର

### ମୋହନବାଗାନ, ଇଷ୍ଟବେଙ୍ଗଲ କୋଚ୍ ଓ ଖେଳାଳିଙ୍କ ଘରବାହୁଡ଼ା

**କୋଲକାତା, ୫।୫ (ପି.ଟି.):** ଦେଶବ୍ୟାପୀ ଲକ୍‌ଡାଉନ୍ ଯୋଗୁ ମାସାଧିକ ଅଟକି ରହିଥିବା ମୋହନ ବାଗାନ ଓ ଇଷ୍ଟବେଙ୍ଗଲର କୋଚ୍ ଏବଂ ଖେଳାଳିମାନେ ଶେଷରେ ଘରବାହୁଡ଼ା କରିଛନ୍ତି। ଏଠାରେ ସେମାନଙ୍କୁ ଦୀର୍ଘ ୨୯ ଘଣ୍ଟା ବସ୍ ଯାତ୍ରା କରିବାକୁ ପଡ଼ିଥିଲା। ୧୩ ଜଣିଆ ଗ୍ରୁପ୍‌ର ଅଧିକାଂଶ ହେଉଛନ୍ତି ସ୍ପେନର। ମଙ୍ଗଳବାର ପ୍ରତ୍ୟୁଷରେ ନୂଆଦିଲ୍ଲୀରୁ ଡଚ୍ ଏୟାର ଲାଇନ୍‌ର ଏକ ସ୍ୱତନ୍ତ୍ର ବିମାନ ଯୋଗେ ସେମାନେ ପ୍ରସ୍ଥାନ କରିଛନ୍ତି। ଆମଷ୍ଟରଡାମ୍‌ରେ ପହଞ୍ଚିବା ପରେ ସେମାନେ ସେଠାରୁ ନିଜ ନିଜ ଘରକୁ ଯାତ୍ରା କରିବେ। ମୋହନବାଗାନକୁ ଆଇ-ଲିଗ୍ ଟାଇଟଲ ଜିତାଇଥିବା କିବୁ ଭିକୁନା ସେ ଖୁବ୍ ଶୀଘ୍ର ଫେରିବାକୁ ଚାହାନ୍ତି। କୋଲକାତାରେ ପହଞ୍ଚି ଦଳର ସମର୍ଥକମାନଙ୍କ ସହ ବିଜୟ ଉତ୍ସବ କରିବା ତାଙ୍କର ଆଶା ରହିଛି।

### ୧୯୮୫ର ଭାରତୀୟ ଦଳ କୋହଲିଙ୍କ ଦଳଠାରୁ ଉନ୍ନତ

**ନୂଆଦିଲ୍ଲୀ, ୫।୫ (ପି.ଟି.):** ୧୯୮୫ରେ ଭାରତୀୟ କ୍ରିକେଟ ଦଳ ଖୁବ୍ ଶକ୍ତିଶାଳୀ ଥିଲା। ଏପରି କି ସୀମିତ ଓଭର କ୍ରିକେଟରେ ଏହି ଦଳ ବର୍ତ୍ତମାନର ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳକୁ ଅଡୁଆରେ ପକାଇ ଦେଇପାରେ ବୋଲି ପୂର୍ବତନ ଖେଳାଳି ତଥା ବର୍ତ୍ତମାନ ଭାରତୀୟ ଦଳର କୋଚ୍ ରବି ଶାସ୍ତ୍ରୀ କହିଛନ୍ତି। ୧୯୮୫ରେ ସୁନୀଲ ଗାଭାସ୍କରଙ୍କ ଅଧୀନରେ ଦଳ ଅଷ୍ଟ୍ରେଲିଆରେ ୱାର୍ଲ୍ଡ ଚାମ୍ପିୟନଶିପ୍ ଅଫ୍ କ୍ରିକେଟ ଟାଇଟଲ ହାସଲ କରିଥିଲା। ଏହି ସଫଳତା ପଛରେ ଶାସ୍ତ୍ରୀଙ୍କ ବିଶେଷ ଭୂମିକା ରହିଥିଲା। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସେ ବିଳାସପୂର୍ଣ୍ଣ 'ଅଡି' କାର୍ ପୁରସ୍କାର ପାଇଥିଲେ। ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍କାର ଦେଇ ସେ କହିଛନ୍ତି, ୧୯୮୫ ଦଳ ଏପରି କି ୧୯୮୩ ବିଶ୍ୱକପ୍ ଜିତିଥିବା ଦଳଠାରୁ ଅଧିକ ଶକ୍ତିଶାଳୀ ଥିଲା। କାରଣ ଏହି ଦଳ ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ଉପଯୁକ୍ତ ମିଶ୍ରଣ ଥିଲା। ଦଳରେ ୧୯୮୩ ବିଶ୍ୱକପ୍ ବିଜୟୀଦଳର ୮୦ ପ୍ରତିଶତ ଖେଳାଳି ଥିଲେ। ଶିବରାମକ୍ରିଷ୍ଣନ, ସଦାନନ୍ଦ ବିଶ୍ୱନାଥ, ଆଝାରୁଦ୍ଦିନଙ୍କ ଭଳି ପ୍ରତିଭାବାନ ଯୁବ ଖେଳାଳି ଏଥିରେ ସାମିଲ ଥିଲେ।

# ସ୍ପେନ୍‌ରେ ନିୟମ ଭାଙ୍ଗିଲେ ଜୋକୋଭିଚ୍

**ମାଡ୍ରିଡ୍, ୫।୫**

ବିଶ୍ୱର ନମ୍ବରୱାନ ଟେନିସ ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିଚ୍ ସ୍ପେନରେ ଲକଡାଉନ୍ ନିୟମ ଭଙ୍ଗ କରିଛନ୍ତି। କରୋନା ଭାଇରସ ସଂକ୍ରମଣ କାରଣରୁ ସମ୍ପୂର୍ଣ୍ଣ ଦେଶ ଏବେ ଲକ୍‌ଡାଉନ୍ ଥିବାବେଳେ ଜୋକୋଭିଚ୍ ସୋମବାର ଟେନିସ କୋର୍ଟକୁ ଓହ୍ଲାଇ ଚର୍ଚ୍ଚାକୁ ଆସିଛନ୍ତି। ପେସାଦାର ଆଥଲେଟଙ୍କୁ ନିଜ କୋଚ୍‌ଙ୍କ ସହିତ ଟ୍ରେନିଂ ଆରମ୍ଭ କରିବାକୁ ସ୍ପେନ୍‌ରେ ଅନୁମତି ଦିଆଯାଇଛି। ତେବେ ଏହି ଦେଶରେ ଖେଳାଳିଙ୍କୁ ଖେଳ ଭିତ୍ତିଭୂମି ବ୍ୟବହାର ଉପରେ କଟକଣା ବଳବତ୍ତର ରହିଛି। ଆସନ୍ତା ସପ୍ତାହରୁ ପେସାଦାର ଲିଗ୍‌ର ଫୁଟବଲ ଖେଳାଳିଙ୍କୁ ଟ୍ରେନିଂ ସେଣ୍ଟର ବ୍ୟବହାର ପାଇଁ ଅନୁମତି ମିଳିବା ସମ୍ଭାବନା ରହିଛି। ରିପୋର୍ଟ ଅନୁସାରେ ଜୋକୋଭିଚ୍ ଲକଡାଉନ୍ ସମୟରେ ସ୍ପେନରେ ରହୁଛନ୍ତି। କଟକଣା ସତ୍ତ୍ୱେ ସେ ବର୍ବେଲା ଉପକୂଳବର୍ତ୍ତୀ ସହରରେ ଥିବା ଏକ ଟେନିସ କ୍ଲବର କୋର୍ଟ ବ୍ୟବହାର କରିଛନ୍ତି। ''କ୍ଲେ କୋର୍ଟରେ ଖେଳି ମୁଁ ବହୁତ ଖୁସି'' ବୋଲି ଲେଖି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହା ବ୍ୟତୀତ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଛାଡ଼ିଛନ୍ତି, ଯେଉଁଥିରେ ସେ ପାର୍ଟନରଙ୍କ ସହ ଶଟ୍ ବିନିମୟ କରୁଥିବା ପରିଲକ୍ଷିତ ହେଉଛି। ପେସାଦାର ଖେଳାଳିମାନେ ସେମାନଙ୍କ କୋଚ୍‌ଙ୍କ ସହ ବ୍ୟାୟାମ ଆରମ୍ଭ କରିପାରିବେ ବୋଲି ସ୍ପାନିଶ ଟେନିସ ଫେଡେରେଶନ ପକ୍ଷରୁ ସୋମବାର ଏକ ବିବୃତିରେ ପ୍ରକାଶ କରାଯାଇଛି। ମାତ୍ର ଟେନିସ କୋର୍ଟ ବ୍ୟବହାର କରି ପାରିବେ ନାହିଁ। ଆସନ୍ତା ସପ୍ତାହରୁ ଖେଳାଳିଙ୍କପାଇଁ ନୂଆ ଗାଇଡଲାଇନ୍ ଆସିବ ବୋଲି ସ୍ପଷ୍ଟ କରାଯାଇଛି। ସାମ୍ପ୍ରତିକ ସ୍ଥିତିରେ ଜୋକୋଭିଚ୍‌ଙ୍କ ପ୍ରତି ଜରିମାନା ଦଣ୍ଡାଦେଶ ଲାଗୁ କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ନିଜ ଦେଶ ସର୍ବିୟାରେ ସେ ଶୀଘ୍ର ଟେନିସ ଖେଳିବାକୁ ବ୍ୟଗ୍ରତାର ସହିତ ଅପେକ୍ଷା କରିଛନ୍ତି ବୋଲି ଜୋକୋଭିଚ୍ ପ୍ରକାଶ କରିଛନ୍ତି ।



### ଜାତୀୟ ହକି ଚାମ୍ପିୟନଶିପ୍ ଆୟୋଜନ ପାଇଁ ଆହ୍ୱାନ

**ନୂଆଦିଲ୍ଲୀ, ୫।୫ (ପି.ଟି.):** ଘରୋଇ ସିଜନ ୨୦୨୧ରେ ପୁନର୍ଗଠିତ ବାର୍ଷିକ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ପାଇଁ ଆଗ୍ରହୀ ଥିଲେ ଜଣାଇବା ଲାଗି ହକି ଇଣ୍ଡିଆ ମଙ୍ଗଳବାର ରାଜ୍ୟ ଆସୋସିଏଶନ ସମୂହ, ଏକାଡେମୀ ଓ ଇନଷ୍ଟିଚ୍ୟୁଶନାଲ ମେମ୍ବରମାନଙ୍କୁ ଆମନ୍ତ୍ରଣ କରିଛି। ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ପାଇଁ ପ୍ରଥମଥର ଡିପାର୍ଟମେଣ୍ଟ ଓ ଏକାଡେମୀଗୁଡ଼ିକୁ ଆମନ୍ତ୍ରଣ କରାଯାଇଛି। ତେବେ କେବଳ ରାଜ୍ୟ ଆସୋସିଏଶନଗୁଡ଼ିକ ସିନିୟର ଓ ଜୁନିୟର ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିପାରିବେ। ଆଗ୍ରହୀ ଥିଲେ ମେ ୧୧ ତାରିଖ ସୁଦ୍ଧା ଜଣାଇବା ଲାଗି କୁହାଯାଇଛି। ଇନ୍‌ଷ୍ଟିଚ୍ୟୁଶନାଲ ଏବଂ ଡିପାର୍ଟମେଣ୍ଟାଲ ମେମ୍ବରମାନେ ଉଭୟ ମହିଳା ଓ ପୁରୁଷ ଆନ୍ତଃ ବିଭାଗୀୟ ଜାତୀୟ ଚାମ୍ପିୟନଶିପ୍ ସିନିୟର ଓ ଜୁନିୟରସ୍ତରରେ କରିପାରିବେ। ଆବେଦନର ସମୟସୀମା ଜୁନ୍ ୫ ପର୍ଯ୍ୟନ୍ତ ରଖାଯାଇଛି। ଏକାଡେମୀଗୁଡ଼ିକ କେବଳ ସବ୍ ଜୁନିୟର ଓ ଜୁନିୟର ଆନ୍ତଃ ଏକାଡେମୀ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିପାରିବେ। ଏଥିପାଇଁ ଆବେଦନର ସମୟ ସୀମା ମଧ୍ୟ ଜୁନ୍ ୫ ରଖାଯାଇଛି। ସିନିୟର ମହିଳା ଓ ପୁରୁଷ କାଟେଗୋରି ୨୦୨୧ ଜାନୁୟାରୀ ୧ରୁ ୨୦୨୧ ଏପ୍ରିଲ ୩୦ ମଧ୍ୟରେ କରାଯିବା ଲାଗି ଯୋଜନା ରହିଛି। ସେହିପରି ଜୁନିୟର/ସବ୍‌ଜୁନିୟର ପୁରୁଷ ଏବଂ ମହିଳା କାଟେଗୋରୀ ଜାତୀୟ ଚାମ୍ପିୟନଶିପ୍ ୨୦୨୧ ଫେବୃୟାରୀ ୧୫ରୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ରଖାଯାଇଛି। ପ୍ରତିଯୋଗିତାର ଆୟୋଜକଙ୍କ ସହିତ ଆଲୋଚନା ପରେ ତାରିଖ ନିର୍ଦ୍ଧାରଣ କରାଯିବ ବୋଲି ହକି ଇଣ୍ଡିଆର ସଭାପତି ମୁସ୍ତାକ ମହମ୍ମଦ କହିଛନ୍ତି।

### ଅଲିମ୍ପିଆନଙ୍କୁ ବଶିଷ୍ଟଙ୍କ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୫।୫ (କ୍ରୀଡ଼ା ପ୍ରତିନିଧି):** ଅଲିମ୍ପିକ୍ସରେ ଭାରତର ଅଂଶଗ୍ରହଣକୁ ୧୦୦ ବର୍ଷ ପୂରିଛି। ପ୍ରଥମଥରପାଇଁ ଭାରତର ଏକ ଦଳ ୧୯୨୦ ଆଣ୍ଟୱର୍ପ(ବେଲଜିୟମ) ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲା। ଏହି ଅଲିମ୍ପିକ୍ସରେ ଭାରତ ଗୋଟିଏ ହେଲେ ପଦକ ଜିତି ନ ଥିଲେ ହେଁ କ୍ରୀଡ଼ା ମହାକୁମ୍ଭରେ ପଦାର୍ପଣ କରି ଇତିହାସ ରଚିଥିଲା। କରୋନା ଭାଇରସ୍ ସଂକ୍ରମଣ ପ୍ରଭାବ ଯୋଗୁ ସମଗ୍ର ଭାରତ ଲକ୍‌ଡାଉନ୍‌ରେ ଥିବାବେଳେ କେରଳସ୍ଥିତ ମାଲବାର ଖ୍ରୀଷ୍ଟିଆନ କଲେଜର ଇତିହାସ ବିଭାଗ ପ୍ରଫେସର ବଶିଷ୍ଟ ୧୯୨୦ ଅଲିମ୍ପିକ୍ସରେ ଭାଗନେଇଥିବା ଭାରତୀୟ ଆଥଲେଟ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କିମ୍ବଦନ୍ତୀ ଭାରତୀୟ ଆଥଲେଟଙ୍କ ଫଟୋକୁ ନେଇ ସେ ଏକ ବ୍ରୋଚର ପ୍ରସ୍ତୁତ କରିଛନ୍ତି। ଏଥିରେ ପି.ସି. ବାନାର୍ଜୀ, ପି.ଡି. ଚୁଗୁଲା, କେ.ଟି. ନାଭାଲେ, ଏସ.ଭି. ଦତ୍ତାର, ଡି.ଡି. ସିନ୍ଧେ, ଏଚ୍.ଡି. କାଲକାଲି ପ୍ରମୁଖ ସ୍ଥାନ ପାଇଛନ୍ତି। ୧୯୨୦ ଅଲିମ୍ପିକ୍ସରେ ଭାରତର ଅଂଶଗ୍ରହଣ ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସାର୍ ଦୋରାବଜି ଟାଟାଙ୍କୁ ମଧ୍ୟ ବଶିଷ୍ଟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

**ଅଲିମ୍ପିକ୍ସରେ ଭାରତର ୧୦୦ ବର୍ଷ**




### ଇ-ମେଲ୍ ଜରିଆରେ ନାମାଙ୍କନ

**ନୂଆଦିଲ୍ଲୀ,୫।୫(ପି.ଟି.):** ଚଳିତବର୍ଷ ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ନାମାଙ୍କନ ଆମନ୍ତ୍ରଣ କରିଛି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ। ଲକ୍‌ଡାଉନ କାରଣରୁ ଆଶାୟୀ ପ୍ରାର୍ଥୀମାନେ ଇ-ମେଲ ମାଧ୍ୟମରେ ଆବେଦନ କରିପାରିବେ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ସମେତ ବିଭିନ୍ନ ବର୍ଗର ପୁରସ୍କାର ପାଇଁ ଆବେଦନ ଆହ୍ୱାନ କରାଯାଇଛି।

ଏହି ଆବେଦନ ପ୍ରକ୍ରିୟା ଏପ୍ରିଲ୍‌ରେ ଆରମ୍ଭ ହୋଇଥାଏ। ତେବେ ଲକ୍‌ଡାଉନ୍ କାରଣରୁ ଏହାକୁ ମେ ମାସକୁ ଘୁଞ୍ଚାଇ ଦିଆଯାଇଥିଲା। ମେ ୧୭ରେ ଲକ୍‌ଡାଉନ୍ ଶେଷ ହେବ। ଲକ୍‌ଡାଉନ କାରଣରୁ ନାମାଙ୍କନର ହାର୍ଡ କପି ଆବଶ୍ୟକ ନାହିଁ। ପ୍ରାର୍ଥୀ ଓ ସୁପାରିସ କରିବାକୁ ଥିବା କର୍ତ୍ତୃପକ୍ଷଙ୍କ ସ୍ୱାକ୍ଷର ହୋଇଥିବା ସ୍କାନ କପି ଅନ୍ତିମ ତାରିଖରୁ ପୂର୍ବରୁ ଦାଖଲ କରିବାକୁ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଜୁନ୍ ୩କୁ ଅନ୍ତିମ ତାରିଖ ଧାର୍ଯ୍ୟ କରାଯାଇଛି। ଅନ୍ତିମ ତାରିଖ ପରେ ଦାଖଲ ହୋଇଥିବା ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ।

ବିଭିନ୍ନ ବର୍ଗରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥାଏ। ଆଥଲେଟ୍‌ମାନେ ଅର୍ଜୁନ ପୁରସ୍କାର, ଖେଳ ରତ୍ନ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ସେହିପରି ପ୍ରଶିକ୍ଷଣ ଉତ୍କୃଷ୍ଟତା ଦେଖାଇଥିବା କୋଚ୍‌ମାନଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ। ସେହିପରି ଜୀବନବ୍ୟାପୀ ଅବଦାନ ପାଇଁ ଧ୍ୟାନଚାନ୍ଦ ପୁରସ୍କାର ପ୍ରଦାନ କରାଯାଇଥାଏ।



**ଜାତୀୟ କ୍ରୀଡ଼ା ପୁରସ୍କାର**

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୁଭଦ୍ରା ଜେଜି
Daughter: Rudra Mishra
Cuttack, Dagarpada
ଆବିର୍ଭାବ: ୦୧।୦୪।୧୯୯୯
ତିରୋଧାନ: ୨୪।୦୪।୨୦୨୦
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଅଶ୍ରୁଳ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ରୂପକ ମିଶ୍ର, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୨୭୪



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ